ଡ. ନାରାୟଣ ପାତ୍ର
ପ୍ରତିଷ୍ଠାତା

ଅମୃତ ଦୁନିଆ

The Amruta Dunia

▶ RNI No. ODIODI / 2014 / 56157 ▶ www.amrutadunia.org

■ Vol.13, Issue.139, Monday, 7 September 2026, Puri, Pages - 24, Rs. 9/- ■ ତ୍ରୟୋଦଶ ବର୍ଷ, ସଂଖ୍ୟା-୧୩୯, ସୋମବାର, ୭ ସେପ୍ଟେମ୍ବର ୨୦୨୬, ପୁରୀ, ୨୪ ପୃଷ୍ଠା, ମୂଲ୍ୟ - ୯ ଟଙ୍କା

Wonder world
Water Park & Resort
MONSOON MASTI
PRICE STARTS FROM
₹ 899/
₹ 749/-
Including GST
ONLY ON
ONLINE
BOOKING
Malatipatpur,Puri.Odisha
FOLLOW US -
TOLL FREE : 1800 120 6676

ଅମୃତ ଦୁନିଆ

The Amruta Dunia

▶ RNI No. ODIODI / 2014 / 56157 ▶ www.amrutadunia.org

■ Vol.13, Issue.139, Monday, 7 September 2026, Puri, Pages - 24, Rs. 9/- ■ ତ୍ରୟୋଦଶ ବର୍ଷ, ସଂଖ୍ୟା-୧୩୯, ସୋମବାର, ୭ ସେପ୍ଟେମ୍ବର ୨୦୨୬, ପୁରୀ, ୨୪ ପୃଷ୍ଠା, ମୂଲ୍ୟ - ୯ ଟଙ୍କା

Ambruta™
Pyaas Zaroori Hai

JOIN US AS A
DISTRIBUTOR!
Be the Source of
ODISHA'S
TRUSTED HYDRATION

Call us Tollfree
1800 123 6373

FOLLOW US

CALL US FOR
Business Enquiry and Bulk Order
Toll Free number : 1800 123 6373

ଅମୃତ ଦୁନିଆ

The Amruta Dunia

RNI No. ODIODI / 2014 / 56157 ▶ www.amrutadunia.org

Selfie ଦୁନିଆ

ସେଲ୍ଫି ଦୁନିଆରେ ଆପଣଙ୍କ ଫଟୋ ସ୍ଥାନିତ କରିବା ପାଇଁ ଇମ୍ବୁକ ଥିଲେ
selfiedunia96@gmail.com
କିମ୍ବା ୯୦୪୦୦୭୦୮୪ ହ୍ୱାଟ୍‌ସଆପରେ ନିଜନାମ ଓ ଠିକଣା ସହ ଫଟୋ ପଠାଇବାକୁ ଅନୁରୋଧ

■ Vol.13, Issue.139, Monday, 7 September 2026, Puri, Pages - 24, Rs. 9/- ■ ତ୍ରୟୋଦଶ ବର୍ଷ, ସଂଖ୍ୟା-୧୩୯, ସୋମବାର, ୭ ସେପ୍ଟେମ୍ବର ୨୦୨୬, ପୁରୀ, ୨୪ ପୃଷ୍ଠା, ମୂଲ୍ୟ - ୯ ଟଙ୍କା

ଆଗଉନି ଦିଲ୍ଲୀରେ ଓଡ଼ିଶା ଭବନର କାର୍ଯ୍ୟ

ଭିତ୍ତିପ୍ରସ୍ତର ପରେ ବି କାମ ଶୂନ

- ଉଦ୍‌ଘାଟନୀ ଫଳକ ଭିତରେ ରହିଛି ସୀମିତ
- ୬ ମାସ ହେଲାଣି ପଡ଼ି ପାରିଲାନି ଖଣ୍ଡିଏ ଇଟା

ନୂଆଦିଲ୍ଲୀ

ଦିଲ୍ଲୀରେ ଓଡ଼ିଶା ଭବନର ଭିତି ପ୍ରସ୍ତରକୁ ବିତିଲାଣି ୬ ମାସ। କିନ୍ତୁ ଏଯାଏଁ ପଡ଼ି ପାରିଲାନି ଖଣ୍ଡିଏ ଇଟା। କେବଳ ସାଇନ୍ ବୋର୍ଡ ଆଉ ଉଦଘାଟନୀ ଫଳକ ଭିତରେ ସୀମିତ ରହିଛି ଓଡ଼ିଶା ଭବନ ପ୍ରକଳ୍ପ। ଆଉ ଏପଟେ ରହଣୀ ପାଇଁ ଓଡ଼ିଶାରୁ ଦିଲ୍ଲୀ ଆସୁଥିବା ମନ୍ତ୍ରୀ, ଅଫିସରଙ୍କ ପାଇଁ ଘରୋଇ ହୋଟେଲ ଟାଣୁଛି କୋଟି କୋଟି ଟଙ୍କାର ବିଲ୍। ତେଣୁ ପ୍ରଶ୍ନ ଉଠିଛି, କେବେ ଆରମ୍ଭ ହେବ ଓଡ଼ିଶା ଭବନ। ଆଜିକୁ ପ୍ରାୟ ୨ ବର୍ଷ ତଳେ ନୂଆଦିଲ୍ଲୀର ଚାଣକ୍ୟପୁରୀ ଅଞ୍ଚଳରେ ଥିବା ପୁରୁଣା ଓଡ଼ିଶା ଭବନ କୋଠାକୁ ଅସୁରକ୍ଷିତ ଦର୍ଶାଇ ଭାଙ୍ଗି ଦେଇଥିଲେ ସରକାର। ପ୍ରସ୍ତାବ ଥିଲା ଖୁବଶୀଘ୍ର ସମାନ ସ୍ଥାନରେ ତିଆରି ହେବ ନୂଆ ୭ ମହଲା ବିଶିଷ୍ଟ ଓଡ଼ିଶା ଭବନର ଭବ୍ୟ ବିଲଡିଂ। ସେହି ଅନୁଯାୟୀ ୨୦୨୬ ଫେବ୍ରୁଆରୀରେ ହୋଇଥିଲା ଶିଳାନ୍ୟାସ ଉତ୍ସବ। ଖୋଦ୍ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଓ ପୂର୍ବ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନଙ୍କ କରକମଳରେ ହୋଇଥିଲା ଭିତ୍ତିପ୍ରସ୍ତର ସ୍ଥାପନ। କିନ୍ତୁ ଆଜିକୁ ୬ ମାସ ପରେ ବି ଇଞ୍ଚଟିଏ ଆଗକୁ ଯାଇନି ବିଲଡିଂ ତିଆରି କାମ। କେବଳ ନିର୍ମାଣସ୍ଥଳରେ ଘେରାବନ୍ଦୀ ସହ ଫଳକ ଅଛି। ବିଲଡିଂ ହେବାକୁ ଥିବା ସ୍ଥାନରେ ଘାସ ବି ଉଠିଲାଣି। ଭିତ୍ତିପ୍ରସ୍ତର ପଡ଼ିବା ପରେ ଘୋଷଣା ହୋଇଥିଲା ୨ ବର୍ଷ ଭିତରେ ସରିବ ଓଡ଼ିଶା ଭବନ ନିର୍ମାଣ କାମ।କିନ୍ତୁ ସେହି ଦୁଇ ବର୍ଷର ଟାଇମ୍ ଲାଇନରୁ ୬ ମାସ ସରିଗଲାଣି। କିନ୍ତୁ ନିର୍ମାଣ କାମ ଶୂନ। ପ୍ରଶ୍ନ ଉଠୁଛି, କେଉଁ କାରଣରୁ କାମ ଅଟକିଛି ? ଡିଜାଇନ ପ୍ରସ୍ତୁତିରେ ବିଳମ୍ବ ନା ବଜେଟରେ ନିଅଣ୍ଟ ? ପ୍ରଶାସନିକ ତତ୍ପରତା ନା ସରକାରୀ ଆନ୍ତରିକତାର ଅଭାବ ? ଏପଟେ ଓଡ଼ିଶା ଭବନ ପ୍ରକଳ୍ପ ଯେତିକି ବିଳମ୍ବ ହେଉଛି, ସେପଟେ ରାଜ୍ୟ ରାଜକୋଷରୁ ସେତିକି ଅର୍ଥ ବର୍ବାଦ ହେଉଥିବା ଅଭିଯୋଗ ବି ଉଠିଛି। କଂଗ୍ରେସର ବରିଷ୍ଠ ନେତା ସୁର ରାଉତରାୟ କହିଛନ୍ତି, ଏ ୬ ମାସ ଭିତରେ ମୁଖ୍ୟମନ୍ତ୍ରୀ, ବିଭିନ୍ନ ମନ୍ତ୍ରୀ, ବିଧାୟକ ■ ପୃଷ୍ଠା-୧୫

ସରକାରୀ କାର୍ଯ୍ୟାଳୟର ସାଇନ୍‌ବୋର୍ଡରେ ତ୍ରୁଟି

୭ ଦିନ ଭିତରେ ବନାନ ସୁଧାରିବାକୁ ନିର୍ଦ୍ଦେଶ

ସମସ୍ତ ଜିଲ୍ଲାପାଳଙ୍କୁ ବିଭାଗ ପକ୍ଷରୁ ଚିଠି

ଭୁବନେଶ୍ୱର(ବ୍ୟୁରୋ)

ରାଜ୍ୟ କ୍ୟାବିନେଟ୍‌ର ନିଷ୍ପତ୍ତି ଅନୁଯାୟୀ ଓଡ଼ିଆ ଉଚ୍ଚାରଣ ସହ ସମନ୍ୱୟ ରଖି ସଂଶୋଧିତ ହୋଇଥିବା ବିଭିନ୍ନ ସ୍ଥାନ ନାମର ଇଂରାଜୀ ବନାନକୁ ସମସ୍ତ ସରକାରୀ କାର୍ଯ୍ୟାଳୟ ଓ ପ୍ରତିଷ୍ଠାନରେ ସମାନ ଭାବେ ବ୍ୟବହାର ସୁନିଶ୍ଚିତ କରିବାକୁ ସମସ୍ତ ଜିଲ୍ଲାପାଳଙ୍କୁ ନିର୍ଦ୍ଦେଶ ଦିଆଯାଇଛି। ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ ଡ. ଅରବିନ୍ଦ କୁମାର ପାଢ଼ୀ, ଏ ସମ୍ପର୍କରେ ସମସ୍ତ ଜିଲ୍ଲାପାଳଙ୍କୁ ପତ୍ର ଲେଖି ନିଜ ଜିଲ୍ଲାର ସମସ୍ତ ସରକାରୀ କାର୍ଯ୍ୟାଳୟ ଓ ପ୍ରତିଷ୍ଠାନର ନାମଫଳକ ତଥା ସାଇନ୍‌ବୋର୍ଡ଼ ଗୁଡ଼ିକରେ ସଂଶୋଧିତ ବନାନର ବ୍ୟାପକ ବ୍ୟବହାର ସୁନିଶ୍ଚିତ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି । ପ୍ରକାଶ ଥାଉ ଗତ ୨୨ ଜୁନ, ୨୦୨୬ରେ ଓଡ଼ିଶା ସରକାରଙ୍କ ପ୍ରକାଶିତ ଗେଜେଟ୍ ବିଜ୍ଞପ୍ତି ଅନୁଯାୟୀ, ସଂଶୋଧିତ ବନାନକୁ ସରକାରୀ କାର୍ଯ୍ୟାଳୟ ଓ ପ୍ରତିଷ୍ଠାନଗୁଡ଼ିକର ସାଇନ୍‌ବୋର୍ଡରେ ଏକ ମାସ ମଧ୍ୟରେ ଲାଗୁ କରିବାକୁ ସମୟସୀମା ଧାର୍ଯ୍ୟ କରାଯାଇଥିଲା। ସେହିପରି, ବେସରକାରୀ ଓ ଅଣ-ସରକାରୀ ପ୍ରତିଷ୍ଠାନଗୁଡ଼ିକ ପାଇଁ ଛଅ ମାସର ସମୟସୀମା ରଖାଯାଇଛି । ସରକାରଙ୍କ ଏହି ନିଷ୍ପତ୍ତି ଅନେକ ଜିଲ୍ଲାରେ କାର୍ଯ୍ୟକାରୀ ହୋଇଛି। ଏହାର ଅଂଶସ୍ୱରୂପ Angul କୁ Anugola, Balasore କୁ Baleshwar, Kendrapara କୁ Kendrapada ଏବଂ Cuttack କୁ KATAKA ଭାବେ ସଂଶୋଧିତ ଇଂରାଜୀ ବନାନରେ ବ୍ୟବହାର କରାଯାଉଛି। ତେବେ, କେତେକ ସରକାରୀ କାର୍ଯ୍ୟାଳୟର ସାଇନ୍‌ବୋର୍ଡରେ ଏପର୍ଯ୍ୟନ୍ତ ପୁରୁଣା ଇଂରାଜୀ ବନାନ ବ୍ୟବହୃତ ହେଉଥିବା ରାଜ୍ୟସରକାରଙ୍କ ଦୃଷ୍ଟିଗୋଚର ହୋଇଛି । ଏଥିମଧ୍ୟରେ “Jeypore” ଏବଂ “Soro” ଭଳି ପୁରୁଣା ବନାନ ମଧ୍ୟ ରହିଛି। ରାଜ୍ୟ କ୍ୟାବିନେଟ୍‌ର ନିଷ୍ପତ୍ତି ଅନୁଯାୟୀ ସରକାରୀ ସ୍ଥାନ ନାମରେ ସଂଗତି ବଜାୟ ରଖିବା ଅତ୍ୟାବଶ୍ୟକ। ସରକାରୀ ସାଇନ୍‌ବୋର୍ଡରେ ପୁରୁଣା ବନାନର ବ୍ୟବହାର ଜାରି ରହିଲେ ସରକାରୀ ନାମକରଣରେ ଅସଙ୍ଗତି ସୃଷ୍ଟି ହେବା ସହ କ୍ୟାବିନେଟ ନିଷ୍ପତ୍ତିର ଉଦ୍ଦେଶ୍ୟ ପ୍ରଭାବିତ ହେବ। ଏହି ପରିପ୍ରେକ୍ଷୀରେ ସମସ୍ତ ଜିଲ୍ଲାପାଳଙ୍କୁ ନିଜ ଜିଲ୍ଲାର ସମସ୍ତ ସରକାରୀ କାର୍ଯ୍ୟାଳୟ, ପ୍ରତିଷ୍ଠାନ ଓ ଅନ୍ୟାନ୍ୟ ସରକାରୀ ସାଇନ୍‌ବୋର୍ଡର ସମୀକ୍ଷା କରି ସଂଶୋଧିତ ଇଂରାଜୀ ବନାନର ସମାନ ଓ ସମୁଚିତ ବ୍ୟବହାର ସୁନିଶ୍ଚିତ କରିବାକୁ କୁହାଯାଇଛି। ଏଥିସହ ବେସରକାରୀ ଓ ଅଣ-ସରକାରୀ ପ୍ରତିଷ୍ଠାନଗୁଡ଼ିକ ଦ୍ୱାରା ମଧ୍ୟ ଏହି ପରିବର୍ତ୍ତନକୁ ସକରାତ୍ମକ ଭାବେ ଗ୍ରହଣ କରି ସଂଶୋଧିତ ବନାନର ବ୍ୟାପକ ବ୍ୟବହାର ସୁନିଶ୍ଚିତ କରିବାକୁ ଜିଲ୍ଲାପାଳମାନଙ୍କୁ କୁହାଯାଇଛି। ଏହି କାର୍ଯ୍ୟକୁ ସର୍ବୋଚ୍ଚ ପ୍ରାଥମିକତା ଦେଇ ଆବଶ୍ୟକ ପଦକ୍ଷେପ ଗ୍ରହଣ କରି ସମ୍ପୂର୍ଣ୍ଣ କାର୍ଯ୍ୟକାରିତା ସୁନିଶ୍ଚିତ କରିବା ସହ ଏ ସମ୍ପର୍କରେ ଏକ ସପ୍ତାହ ମଧ୍ୟରେ ଅନୁପାଳନ ରିପୋର୍ଟ ଦାଖଲ କରିବାକୁ ଜିଲ୍ଲାପାଳମାନଙ୍କୁ ନିର୍ଦ୍ଦେଶ ଦିଆଯାଇଛି।

ସୁଭଦ୍ରା ଟଙ୍କା ନଦେବାରୁ ସ୍ତ୍ରୀକୁ ହତ୍ୟା

ଜଗତସିଂହପୁର(ଅମୃତ ମିଡ଼ିଆ)

ଜଗତସିଂହପୁର-ସଦର ଥାନା ଅନ୍ତର୍ଗତ ଜଂକୋଟି ବଳରାମପୁର ଗାଁରେ ସ୍ତ୍ରୀକୁ ତେଣ୍ଟା ଭୁସୀ ହତ୍ୟାକଲା ସ୍ୱାମୀ। ମୃତକ ପତ୍ନୀ ହେଲେ ପୁଷ୍ପଲତା ସ୍ୱାଇଁ। ମୃତଦେହକୁ ପୋଲିସ ଜବତ କରିବା ସହିତ ଅଭିଯୁକ୍ତ ସ୍ୱାମୀ ଦିଗାମ୍ବର ସ୍ୱାଇଁକୁ ଅଟକ ରଖିଛି ପୋଲିସ। ସ୍ତ୍ରୀ ପୁଷ୍ପାଳତା ଙ୍କୁ ମଦ ପିଇବା ପାଇଁ ସୁଭଦ୍ରା ଟଙ୍କା ମାଗିଥିଲା ବାଦଲ । ହେଲେ ସେ ଟଙ୍କା ଦେବାକୁ ରାଜି ନହେବାରୁ ଏଥିରେ ଉତକ୍ଷିପ୍ତ ହୋଇ ସ୍ୱାମୀ ବାଦଲ ତାଙ୍କୁ ତେଣ୍ଟାରେ ଭୁସି ହତ୍ୟା କରିଥିବାର ପୋଲିସ ଆଗରେ ସ୍ୱୀକାର କରିଛି ମଦ୍ୟପ ସ୍ୱାମୀ । ସ୍ତ୍ରୀ ଛଟପଟ ହେଉଥିବା ଦେଖି ବାଦଲ ମଧ୍ୟ ଆତ୍ମହତ୍ୟା କରିବାକୁ ଉଦ୍ୟମ କରିଥିଲେ। ପରେ ପୋଲିସ ଘଟଣା ସ୍ଥଳରେ ପହଂଚି ଉଭୟଙ୍କୁ ଉଦ୍ଧାର କରିଥିଲେ । ମୃତଦେହକୁ ଜବତ କରି ଜଗତସିଂହପୁର ହସ୍ପିଟାଲରେ ରଖିଥିବାର ସୂଚନା ମିଳିଛି ।

ପରିବର୍ଦ୍ଧିତ କାର୍ଯ୍ୟକାରିଣୀରେ ମନ୍ତ୍ର ଦେଲେ ରାଷ୍ଟ୍ରୀୟ ସଂପାଦକ

ଧାଡ଼ିର ଶେଷ ଲୋକଙ୍କ ପାଖରେ ପହଞ୍ଚ

- ବିଧାୟକ, ସାଂସଦ ଓ କାର୍ଯ୍ୟକର୍ତ୍ତାମାନେ ଏକାଠି କାମ କର
- ପଞ୍ଚାୟତ ଓ ପୌର ନିର୍ବାଚନକୁ ନେଇ ବିଜେପିର ମାଷ୍ଟରପ୍ଲାନ
- ବିଜେପି ନେତା ଓ କର୍ମକର୍ତ୍ତାଙ୍କୁ ବୁଷ୍ଟର୍ ଡୋଜ୍
- କେନ୍ଦ୍ରରେ କଂଗ୍ରେସ, ରାଜ୍ୟରେ ବିଜେଡି ବିରୋଧରେ ନିନ୍ଦା ପ୍ରସ୍ତାବ ପାରିତ

କଟକ(ବ୍ୟୁରୋ)

୨୦୨୪ ସାଧାରଣ ନିର୍ବାଚନ ପରେ ଆସନ୍ତା ବର୍ଷ ବିଜେପି ଆଗରେ ଅଗ୍ନି ପରୀକ୍ଷା। ଗୋଟିଏ ବର୍ଷରେ ପଞ୍ଚାୟତ ଓ ପୌର ନିର୍ବାଚନ। ସେଥିପାଇଁ ବିଜେପି କାର୍ଯ୍ୟକାରିଣୀରେ ଆଲୋଚନା ସହ ଦଳୀୟ ନେତାଙ୍କୁ ଟିପ୍ସ ଦେଇଛନ୍ତି ରାଷ୍ଟ୍ରୀୟ ସଂଗଠନ ମହାମନ୍ତ୍ରୀ ବି.ଏଲ୍. ସନ୍ତୋଷ। କହିଛନ୍ତି, ଲୋକଙ୍କ ସହ ଯୋଡ଼ି ହୁଅ। ଧାଡ଼ିର ଶେଷ ଲୋକଙ୍କ ପାଖରେ ପହଞ୍ଚ। ତାହା ସହ ସଂଗଠନ ଓ ସରକାର କିଭଳି ଏକାଠି ହୋଇ ଚାଲିବ ସେନେଇ ମଧ୍ୟ ଅନେକ ପରାମର୍ଶ ଦେଇଛନ୍ତି। କେବଳ ସେତିକି ନୁହଁ ବିଧାୟକ, ସାଂସଦ ଏବଂ କାର୍ଯ୍ୟକର୍ତ୍ତାମାନେ ଏକାଠି କାମ କରିବାକୁ ବି ପରାମର୍ଶ ଦେଇଛନ୍ତି ସାଂଗଠନିକ ମହାମନ୍ତ୍ରୀ। କାର୍ଯ୍ୟକାରିଣୀରେ ଆଗାମୀ ରାଜନୈତିକ କାର୍ଯ୍ୟକ୍ରମ ଏବଂ ରୋଡ୍ ମ୍ୟାପକୁ ନେଇ ପାରିତ ହୋଇଛି ରାଜନୈତିକ ଚିଠା ପ୍ରସ୍ତାବ। ରାଜ୍ୟ ସରକାରଙ୍କ ଉପରେ ଚାପ ବଢ଼ିବାରେ ଲାଗିଛି। ପଞ୍ଚାୟତ ନିର୍ବାଚନ ବିଳମ୍ବ ହେଉଥିବାରୁ ସରକାରଙ୍କ ଉପରେ ବର୍ଷିଛନ୍ତି ବିରୋଧୀ। ତିନି ଥର ପଞ୍ଚାୟତ ନିର୍ବାଚନ ତାରିଖ ଘୁଞ୍ଚିବା ପରେ ସରକାରଙ୍କୁ ଏଭଳି ଟାର୍ଗେଟ୍ କରିଛନ୍ତି ବିଜେଡି ଏବଂ କଂଗ୍ରେସ। ବିଜୁ ଜନତା ଦଳର ବରିଷ୍ଠ ନେତା ପ୍ରସନ୍ନ ସେହିପରି କେନ୍ଦ୍ରରେ କଂଗ୍ରେସ ଏବଂ ରାଜ୍ୟରେ ବିଜେଡି ବିରୋଧରେ ନିନ୍ଦା ପ୍ରସ୍ତାବ ପାରିତ ହୋଇଛି। ଯେଉଁଥିରେ ବିରୋଧୀ ଦଳର ଆଚରଣକୁ ନିନ୍ଦା କରାଯାଇଛି। ଦେଶର ଜିଡିପି ୭.୮ ପ୍ରତିଶତ ଥିଲା ବେଳେ ରାହୁଲ ଗାନ୍ଧି ଓ ବିରୋଧୀ ଦଳ ମନଗଢ଼ା କାହାଣୀ କହି ୨.୬ ପ୍ରତିଶତ ଦେଖାଇଲେ। ପୂର୍ଣ୍ଣାଙ୍ଗ ବନ୍ଦେ ମାତରଂ ଓ ମହିଳା ସଂରକ୍ଷଣ ବିଲକୁ ବିରୋଧ, ଦିମାଗୀ ନକ୍ସଲ ଶବ୍ଦକୁ ନେଇ କଂଗ୍ରେସ ଯେଉଁ ପ୍ରଚାର କରିଛି ସେ ବାବଦରେ ନିନ୍ଦା ପ୍ରସ୍ତାବ ଆସିଥିଲା। ସେହିପରି ଏମଏମଡ଼ିଆର ସଂଶୋଧିତ ଆଇନକୁ ନେଇ ବିଜେଡି ଯେଉଁ ଅପପ୍ରଚାର କରୁଛି ସେନେଇ ବି ଆସିଛି ନିନ୍ଦା ପ୍ରସ୍ତାବ। ଫାଇଲ୍ ଚୋରି ପ୍ରସଙ୍ଗରେ ମଧ୍ୟ ବିଜେଡି ବିରୋଧରେ ନିନ୍ଦା କରାଯାଇଛି। ବିଜେପିର ଏହି ଦୁଇଦିନିଆ ରାଜ୍ୟ କାର୍ଯ୍ୟକାରିଣୀ ବୈଠକରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ, ରାଜ୍ୟ ସଭାପତି ମନମୋହନ ■ ପୃଷ୍ଠା-୧୫

୨୦୨୯ ସୁଦ୍ଧା ଭାରତ ହେବ ନିଶାମୁକ୍ତ

ମୋଦୀ ସରକାରଙ୍କ ଦ୍ୱାରା ରୋଡମ୍ୟାପ ପ୍ରସ୍ତୁତ

ନୂଆଦିଲ୍ଲୀ

୨୦୨୯ ସୁଦ୍ଧା ଭାରତ ହେବ ନିଶାମୁକ୍ତ। କେନ୍ଦ୍ର ଗୃହମନ୍ତ୍ରୀ ଅମିତ ଶାହ ରବିବାର କହିଛନ୍ତି ଯେ, ନରେନ୍ଦ୍ର ମୋଦୀ ସରକାର ୨୦୨୯ ସୁଦ୍ଧା ଭାରତକୁ ନିଶାମୁକ୍ତ କରିବା ପାଇଁ ଏକ ରୋଡମ୍ୟାପ୍ ପ୍ରସ୍ତୁତ କରିଛନ୍ତି, ନିଶାଦ୍ରବ୍ୟ ବିରୋଧରେ ଲଢ଼େଇକୁ ଜାତୀୟ ସୁରକ୍ଷା ପ୍ରାଥମିକତା ବୋଲି କହିଛନ୍ତି । ଗଣମାଧ୍ୟମକୁ ସମ୍ବୋଧିତ କରି ଶାହ କହିଥିଲେ ଯେ, ନିଶା ନିବାରଣ ବିରୋଧରେ ଲଢ଼େଇ ଏବେ ସମନ୍ୱିତ ଜାତୀୟ ଅଭିଯାନରେ ପରିଣତ ହୋଇଛି। ଶାହ କହିଥିଲେ ଯେ, ପ୍ରଧାନମନ୍ତ୍ରୀ ମୋଦୀଙ୍କ ଉଦ୍ଦେଶ୍ୟ, ୨୦୪୭ ସୁଦ୍ଧା ‘ନିଶାମୁକ୍ତ ଯୁବ ଶକ୍ତି’ ଭାରତକୁ ‘ବିକଶିତ ଭାରତ’ ଆଡକୁ ନେଇଯିବ। ସେ କହିଥିଲେ ଯେ, ସରକାର ନକ୍ସଲବାଦ ଓ ଆତଙ୍କବାଦ ବିରୋଧରେ ବ୍ୟବହାର କରିଥିବା ସମାନ ପଦ୍ଧତିରେ ନିଶା ନିବାରଣ ପାଇଁ ପ୍ରତିବଦ୍ଧ। ୨୦୧୪ ପୂର୍ବରୁ ନିଶାଦ୍ରବ୍ୟ ବିରୋଧରେ ଲଢ଼େଇ ମୁଖ୍ୟତଃ ଛୋଟ ୟୁନିଟ୍ ଏବଂ ପୃଥକ୍ ଭାବେ ପରିଚାଳିତ ହେଉଥିଲା ବୋଲି ଶାହ କହିଛନ୍ତି, ଏଜେନ୍ସିଗୁଡ଼ିକ ପ୍ରାୟତଃ ଛୋଟ ଅଭିଯୁକ୍ତମାନଙ୍କୁ ଧରିବା ଉପରେ ଧ୍ୟାନ ଦେଉଥିଲେ। ସେ କହିଛନ୍ତି ଯେ, ସରକାର ଏବେ ନିଶାଦ୍ରବ୍ୟ ବିରୋଧୀ ଲଢ଼େଇକୁ ଜାତୀୟ ସୁରକ୍ଷା ଦୃଷ୍ଟିରୁ ପ୍ରାଥମିକତା ଦେଉଛନ୍ତି। ଶାହ କହିଛନ୍ତି, ସରକାର ଏନ୍‌ସିଓଆରଡି, ରାଜ୍ୟ ନିଶା ନିବାରଣ ଟାସ୍କ ଫୋର୍ସ ଓ ଏଜେନ୍ସିଗୁଡ଼ିକ ମଧ୍ୟରେ ମିଳିତ ସମନ୍ୱୟ ସହିତ ‘ମାନସ୍’ ହେଲ୍ପଲାଇନ୍, ପୁନଃଗଠିତ ନାର୍କୋଟିକ୍ କଣ୍ଟ୍ରୋଲ ବ୍ୟୁରୋ ମାଧ୍ୟମରେ ଏହାର ନିଶା ନିବାରଣ ଅଭିଯାନକୁ ସୁଦୃଢ଼ କରିଛନ୍ତି। ଶାହ କହିଛନ୍ତି, ୩୭୦ ଧାରା ହଟିବା ପରେ ଜମ୍ମୁ-କାଶ୍ମୀରରେ ଆତଙ୍କବାଦ ହ୍ରାସ ପାଇଛି। ବିଚ୍ଛିନ୍ନତାବାଦୀ ଭାବନା ମଧ୍ୟ ହ୍ରାସ ପାଇଛି।

ସେ କହିଲେ...

‘ଦିମାଗୀ ନକ୍ସଲ’ ଶବ୍ଦ ବ୍ୟବହାର କରିବା ପରେ ଜଣଙ୍କ ପରେ ଜଣେ ‘ଦିମାଗୀ ନକ୍ସଲ’ ସାମ୍ନାକୁ ଆସିବା ଆରମ୍ଭ କରିଛନ୍ତି। ଏହାଦ୍ୱାରା ସେମାନଙ୍କର ପ୍ରକୃତ ଚେହେରା ଲୋକଙ୍କ ସାମ୍ନାକୁ ଆସିଛି । ଦେଶର ଉନ୍ନତି ପଛରେ ଥିବା ଚ୍ୟାଲେଞ୍ଜଗୁଡ଼ିକୁ ବୁଝିବା ପାଇଁ ଅତୀତକୁ ଦେଖିବା ଆବଶ୍ୟକ। ୨୦୧୩ର କେଦାରନାଥ ବିପର୍ଯ୍ୟୟ ହୋଇଥିଲା । ସେତେବେଳେ ସରକାର ଘଟଣାର ମୁକାବିଲା ନେଇ ବ୍ୟସ୍ତ ହୋଇପଡ଼ିଥିଲା। ସେହିପରି ୨୦୦୮ର ବିଶ୍ୱ ଆର୍ଥିକ ସଙ୍କଟ ସମୟରେ ଦେଶର ବ୍ୟାଙ୍କିଙ୍ଗ୍ ବ୍ୟବସ୍ଥା ଗୁରୁତର ସଙ୍କଟରେ ପଡ଼ିଥିଲା।

ନରେନ୍ଦ୍ର ମୋଦୀ
ପ୍ରଧାନମନ୍ତ୍ରୀ

ରାଜ୍ୟ ସରକାରଙ୍କୁ ବିରୋଧୀଙ୍କ ଟାର୍ଗେଟ

ପଞ୍ଚାୟତ ଭୋଟ ବିଳମ୍ବ ନହେଉ

ପଞ୍ଚାୟତ ଏବଂ ପୌର ନିର୍ବାଚନ କେବେହେବ, ତାହା ଏପର୍ଯ୍ୟନ୍ତ ଘୋଷଣା କରାଯାଇନାହିଁ। ସମ୍ଭବତଃ ମାର୍ଚ୍ଚ କି ଏପ୍ରିଲରେ ହୋଇପାରେ। ତିନି ଥର ତାରିଖ ଘୁଞ୍ଚିବା ପରେ ଉଠିଛି ଏଭଳି ପ୍ରଶ୍ନ। ସରକାର ଠିକ୍ ସମୟରେ ନିର୍ବାଚନ କରାନ୍ତୁ, ପଞ୍ଚାୟତ ନିର୍ବାଚନ ପାଇଁ ବିଜେଡି ସବୁବେଳେ ପ୍ରସ୍ତୁତ ବୋଲି ବରିଷ୍ଠ ନେତା ପ୍ରସନ୍ନ ଆଚାର୍ଯ୍ୟ କହିଛନ୍ତି। କଂଗ୍ରେସ କହିଛି, ବିଳମ୍ବ ନକରି ପଞ୍ଚାୟତ ପ୍ରତିନିଧିଙ୍କୁ ସେବା କରିବାକୁ ସୁଯୋଗ ଦିଆଯାଉ। କଂଗ୍ରେସର ବରିଷ୍ଠ ନେତା ସୁରେଶ କୁମାର ରାଉତରାୟ ଓ ତାରାପ୍ରସାଦ ବାହିନୀପତି ନିର୍ବାଚନ ଲାଗି କଂଗ୍ରେସ ପୂର୍ଣ୍ଣ ପ୍ରସ୍ତୁତ ଥିବା କହିଛନ୍ତି। ବିଜେପିର ସଜବାଜ ସରିନଥିବା ବେଳେ ଗ୍ରାମ ସମସ୍ୟାକୁ ନେଇ ବିରୋଧୀ ବର୍ଷିବା ଆରମ୍ଭ କରିଛନ୍ତି।

- ସରକାରୀ ଯୋଜନା ଘୋଷଣାରେ ସୀମିତ: ପ୍ରସନ୍ନ
- କଂଗ୍ରେସ ନିର୍ବାଚନ ପାଇଁ ସବୁବେଳେ ପ୍ରସ୍ତୁତ: ସୁରେଶ
- ପଛରେ ପଡ଼ିଛି ବିଜେପି, ଏଯାଏଁ ସରିନି ପ୍ରସ୍ତୁତିପର୍ବ

ଭୁବନେଶ୍ୱର (ବ୍ୟୁରୋ)

ପାଖେଇ ଆସୁଛି ପଞ୍ଚାୟତ ଓ ପୌର ନିର୍ବାଚନ। ବିଭିନ୍ନ ରାଜନୈତିକ ଦଳ ମଧ୍ୟରେ ଆରମ୍ଭ ହୋଇଗଲାଣି ଛକାପଞ୍ଜା। ଏସ୍‌ଆଇଆର୍ ଯୋଗୁଁ ଭୋଟ ତାରିଖ ଘୋଷଣା ହୋଇପାରୁ ନଥିବା ବେଳେ ଆଚାର୍ଯ୍ୟ ଯଥାଶୀଘ୍ର ପଞ୍ଚାୟତ ନିର୍ବଚନ ପାଇଁ ଦାବି କହିଛନ୍ତି। ସେ କହିଛନ୍ତି, ବିଜେଡି ପଞ୍ଚାୟତ ନିର୍ବାଚନ ପାଇଁ ସବୁବେଳେ ପ୍ରସ୍ତୁତ। ସରକାର ଠିକ୍ ସମୟରେ ନିର୍ବାଚନ କରନ୍ତୁ। ଗାଁ ଗଣ୍ଡାର ସମସ୍ୟାକୁ ନେଇ ଆମେ ଲଢେଇ କରିବୁ। ଗାଁ ଗୁଡ଼ିକ ବର୍ତ୍ତମାନ ସମସ୍ୟା ଘେରରେ ରହିଛି। ସେମାନଙ୍କ ସମସ୍ୟାର ସମାଧାନ କରିବାରେ ସରକାର ବିଫଳ ହୋଇଛନ୍ତି। ପଞ୍ଚାୟତ ପ୍ରତିନିଧିମାନଙ୍କୁ ସେବା କରିବାକୁ ଦିଆଯାଉନାହିଁ। ଲୋକେ ହଇରାଣ ହେଉଛନ୍ତି, ସେମାନଙ୍କ ଦୁଃଖ ବୁଝିବାକୁ କେହି ନାହାନ୍ତି। ଗତ ଅଢ଼େଇ ବର୍ଷହେଲା ଖାଲି ଗ୍ରାମବାସୀ ନୁହନ୍ତି, ଗାଁରେ ରହୁଥିବା ସରକାରୀ ଚାକିରିଆମାନେ ଅସନ୍ତୁଷ୍ଟ ଅଛନ୍ତି। ମଧୁବାବୁ ପେନସନ ଯୋଜନାରେ ବୃଦ୍ଧବୃଦ୍ଧାମାନେ ଭତ୍ତା ପାଇପାରୁନାହାନ୍ତି। ସରକାର ଯୋଜନା କେବଳ ଘୋଷଣାରେ ସୀମିତ ରହୁଛି ବୋଲି ଅଭିଯୋଗ କରିଛନ୍ତି ପ୍ରସନ୍ନ ଆଚାର୍ଯ୍ୟ। କେବଳ ଶୁଭାରମ୍ଭ ଓ ଭିତ୍ତିପ୍ରସ୍ତରରେ ସୀମିତ ରହିଛି ବିକାଶ।

ସେପଟେ ପଞ୍ଚାୟତ ନିର୍ବାଚନକୁ ନେଇ କଂଗ୍ରେସ ମଧ୍ୟ ରାଜ୍ୟ ସରକାରଙ୍କୁ ଟାର୍ଗେଟ୍ କରିଛି। ବରିଷ୍ଠ ନେତା ସୁରେଶ ରାଉତରାୟ କହିଛନ୍ତି, ସରକାର ଯଦି ଠିକ୍ ସମୟରେ ନିର୍ବାଚନ କରୁଛନ୍ତି, ତେବେ ତାହା ସ୍ୱାଗତଯୋଗ୍ୟ। ମାତ୍ର ବର୍ତ୍ତମାନ ସ୍ଥିତିକୁ ଦେଖିଲେ ପଞ୍ଚାୟତ ନିର୍ବାଚନ ତାରିଖ ତିନି ଥର ଘୁଞ୍ଚି ସାରିଲାଣି। ସେ ଆହୁରି ମଧ୍ୟ କହିଛନ୍ତି, ପଞ୍ଚାୟତ ଏବଂ ମ୍ୟୁନିସିପାଲିଟି ନିର୍ବାଚନ ସଠିକ୍ ସମୟରେ ହେବା ଦରକାର। ପଞ୍ଚାୟତ ପ୍ରତିନିଧିମାନଙ୍କୁ ସେବା କରିବାକୁ ସୁଯୋଗ ଦିଆ

ইউক্রেন-রুশ যুদ্ধ নিয়ে ভারতের অবস্থান নিয়ে প্রশ্ন তুলেছে আমেরিকা

ଠକେଇ-ବ୍ଲାକ୍‌ମେଲିଂ ଘଟଣାର ପର୍ଦ୍ଦାଫାସ

ଉତ୍ତରାଖଣ୍ଡରୁ ଦୁଇ ଅଭିଯୁକ୍ତ ଗିରଫ

ସମ୍ବଲପୁର(ଅମୃତ ମିଡିଆ): ସମ୍ବଲପୁର ଜିଲାରେ ଘଟିଥିବା ଦୁଇଟି ପୃଥକ୍ ସାଇବର ଅପରାଧ ମାମଲାରେ ସାଇବର ପୋଲିସକୁ ବଡ଼ ସଫଳତା ମିଳିଛି । ଉତ୍ତରାଖଣ୍ଡରୁ ଦୁଇ ଅଭିଯୁକ୍ତଙ୍କୁ ଗିରଫ କରାଯାଇଥିବା ନେଇ ସମ୍ବଲପୁର ଆରକ୍ଷା ଅଧୀକ୍ଷକ(ଏସ୍‌ପି) ମୁକେଶ କୁମାର ଭାମୁ ଗଣମାଧ୍ୟମକୁ ବିସ୍ତୃତ ସୂଚନା ଦେଇଛନ୍ତି। ସମ୍ବଲପୁର ଜିଲା ପୋଲିସ ମୁଖ୍ୟାଳୟରେ ଅନୁଷ୍ଠିତ ଏକ ଖବରଦାତା ସମ୍ମିଳନୀରେ ସେ ସୂଚନା ଦେଇ କହିଛନ୍ତି ଯେ, ପ୍ରଥମ ଘଟଣାରେ ଜଣେ ଅବସରପ୍ରାପ୍ତ ବ୍ୟାଙ୍କ କର୍ମଚାରୀ ଫେସ୍‌ବୁକ୍ ବିଜ୍ଞାପନ ଏବଂ ଫିସିଂ ଲିଙ୍କ ମାଧ୍ୟମରେ ସାଇବର ଠକେଇର ଶିକାର ହୋଇ ପାଖାପାଖି ୭ ଲକ୍ଷ ଟଙ୍କା ହରାଇଥିଲେ। ଅଭିଯୋଗ ମିଳିବା ପରେ ସମ୍ବଲପୁର ସାଇବର ଥାନାରେ କେସ୍ ନମ୍ବର ୨୪/୨୦୨୬ରେ ଏକ ମାମଲା ରୁଜୁ କରି ସାଇବର ଟିମ୍ ତୁରନ୍ତ ତଦନ୍ତ ଆରମ୍ଭ କରି ଉତ୍ତରାଖଣ୍ଡରୁ ମୁଖ୍ୟ ଅଭିଯୁକ୍ତ ଉତ୍ତରାଖଣ୍ଡ ବାଜପୁର ଥାନା ଚକରପୁର ଗ୍ରାମର ଅବ୍ବାସ ଅଲ୍ଲୀ(୩୦)କୁ ଗିରଫ କରିଛି। ତାଙ୍କ ନିକଟରୁ ନଗଦ ୨ ଲକ୍ଷ ଟଙ୍କା ଜବତ କରାଯିବା ସହ ଅନ୍ୟ ୫ ଲକ୍ଷ ୫୬ ହଜାରରୁ ଊର୍ଦ୍ଧ୍ୱ ଟଙ୍କା ବ୍ୟାଙ୍କ ଆକାଉଣ୍ଟରେ ହୋଲ୍ଡ କରାଯାଇଛି, ଯାହା ଫଳରେ ଶତପ୍ରତିଶତ ଅର୍ଥ ଉଦ୍ଧାର ସମ୍ଭବ ହୋଇପାରିଛି । ଏହି ଠକେଇର ମାଷ୍ଟରମାଇଣ୍ଡ ମାଲେସିଆରେ ରହି କାରବାର ଚଳାଉଥିବା ଜଣାପଡ଼ିଛି ଏବଂ ତାକୁ ଧରିବା ପାଇଁ ପୋଲିସ ଉଦ୍ୟମ ଜାରି ରଖିଛି ବୋଲି ଏସପି କହିଛନ୍ତି। ଦ୍ୱିତୀୟ ସମ୍ବେଦନଶୀଳ ମାମଲାରେ ଜଣେ ନବମ ଶ୍ରେଣୀରେ ପଢୁଥିବା ନାବାଳିକା ସ୍କୁଲ ଛାତ୍ରୀଙ୍କୁ ସ୍ନାପଚାଟ ମାଧ୍ୟମରେ ଜାଲରେ ଫସାଇ ଘରୋଇ ଫଟୋ ଓ ଭିଡିଓ ସଂଗ୍ରହ କରାଯାଇଥିଲା। ପରବର୍ତ୍ତୀ ସମୟରେ ଅଭିଯୁକ୍ତ ଜଣକ ଛାତ୍ରୀଙ୍କୁ ବ୍ଲାକମେଲ କରିବା ସହ ତାଙ୍କ ମା'ଙ୍କ ନିକଟକୁ ଅଶ୍ଳୀଳ ଭିଡିଓ ପଠାଇ ଧମକ ଦେଇଥିଲା। ଏହି ଘଟଣାରେ ସାଇବରଥାନାରେ କେସ ନମ୍ବର ୩୦/୨୦୨୬ରେ ଏକ ମାମଲା ରୁଜୁ କରି ତଦନ୍ତ ଆରମ୍ଭକରିଥିଲା। ତଦନ୍ତ ପୂର୍ବକ ସାଇବର ଟିମ ଉତ୍ତରାଖଣ୍ଡ ହରିଦ୍ୱାର ଥାନା ଅନ୍ତର୍ଗତ କାନଖଲ ଗ୍ରାମରୁ ଅଭିଯୁକ୍ତ ଆୟୁଷ ସାଇନି(୨୫)ଙ୍କୁ ଗିରଫ କରି କୋର୍ଟ ରବିବାର ଚାଲାଣ କରିଛି ।

ଏହି ଅବସରରେ ଏସ୍‌ପି ଜନସାଧାରଣ ଓ ଅଭିଭାବକମାନଙ୍କୁ ସଚେତନ ରହିବାକୁ ଅନୁରୋଧ କରିଛନ୍ତି । ସୋସିଆଲ ମିଡିଆରେ ଅଚିହ୍ନା ବ୍ୟକ୍ତିଙ୍କ ସହ ସମ୍ପର୍କ ନ ରଖିବା, ଅଜଣା ଲିଙ୍କ ଉପରେ କ୍ଲିକ ନ କରିବା ଏବଂ ପିଲାମାନଙ୍କ ଅନଲାଇନ୍ କାର୍ଯ୍ୟକଳାପ ଉପରେ ନଜର ରଖିବାକୁ ପରାମର୍ଶ ଦେଇଛନ୍ତି ।

ଉପୁଜୁଛି ଟ୍ରାଫିକ ସମସ୍ୟା ସହ ଦୁର୍ଘଟଣା

ହେଲମେଟ୍ ଚେକିଂରେ ବ୍ୟସ୍ତ ବିଭାଗ

କଳାହାଣ୍ଡି(ଅମୃତ ମିଡିଆ): ମୋଟରଯାନ ଆଇନ ଅନୁଯାୟୀ ଜାତୀୟ ରାଜପଥରେ ବେଆଇନ ଭାବେ ଗାଡ଼ି ପାର୍କିଂ କରିବା ଏକ ଦଣ୍ଡନୀୟ ଅପରାଧ । ଏଥିଯୋଗୁ ଘଟୁଥିବା ଦୁର୍ଘଟଣାକୁ ରୋକିବା ପାଇଁ ପରିବହନ ବିଭାଗ ଓ ପୋଲିସ ମିଳିତ ଭାବେ ଆଇନଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ନିୟମ ରହିଛି। ହେଲେ କଳାହାଣ୍ଡି ଜିଲାରେ ଏହାର ବ୍ୟତିକ୍ରମ ଦେଖିବାକୁ ମିଳିଛି । ପରିବହନ ବିଭାଗ ଏହି ସମସ୍ୟା ପ୍ରତି ସତେ ଯେମିତି ଆଖି ବୁଜି ଦେଇଥିବା ବେଳେ କେବଳ ହେଲମେଟ ଚେକିଂ ଓ ଦ୍ରୁତ ଗାଡି ଚାଳନା ଯାଞ୍ଚରେ ବ୍ୟସ୍ତ ରହିଥିବା ଦେଖିବାକୁ ମିଳିଛି। ଜୁନାଗଡ - ଭବାନୀପାଟଣା ୨୬ ନମ୍ବର ଜାତୀୟ ପଥରେ ବେଆଇନ ଟ୍ରକ୍ ପାର୍କିଂ ଦେଖିବାକୁ ମିଳିଛି। ଏହି ରାସ୍ତାର ହିଞ୍ଜଳିବାହାଲି ଛକଠାରୁ ଚଞ୍ଚରାବାଡ଼ି ଛକ ପର୍ଯ୍ୟନ୍ତ ପ୍ରତ୍ୟହ

ଶତାଧିକ ଟ୍ରକ ରାସ୍ତାର ୨ ପାର୍ଶ୍ୱରେ ଅଟକି ରହୁଛି। ଫଳରେ ଏହି ରାସ୍ତାରେ ଟ୍ରାଫିକ ସମସ୍ୟା ସହ ବିଭିନ୍ନ ସମୟରେ ଏଥିଯୋଗୁ ଦୁର୍ଘଟଣା ଘଟୁଥିବା ନଜିର ରହିଛି। ୨୦୨୫ ମେ ଶେଷରେ ଜୁନାଗଡ଼ ଥାନା ବନମାଳୀପୁର ଛକ ନିକଟରେ ଅଟକି ରହିଥିବା ଟ୍ରକ ପଛ ପଟରେ ପିଟିହୋଇ ପବିତ୍ର ଗୋଲାପୀ (୪୩)ନାମକ ଜଣେ ପୋଲିସ ଏଏସ୍‌ଆଇଙ୍କ ମୃତ୍ୟୁ ହୋଇଥିଲା। ଦୁର୍ଘଟଣା ଏମିତି ହୋଇଥିଲା ଯେ, ମୃତଦେହ ଅର୍ଦ୍ଧଦଗ୍ଧ ଅବସ୍ଥାରେ ମିଳିଥିଲା। କେବଳ ଏହି ଘଟଣା ନୁହେଁ, ବିଭିନ୍ନ ସମୟରେ ଅଟକି ରହିଥିବା ଟ୍ରକ୍ ପଛ ପଟେ ପିଟିହୋଇ ଅନେକ ବାଇକ୍ ଆରୋହୀଙ୍କ ଜୀବନ ଯାଇଛି। ଏହାସତ୍ତ୍ୱେ କଳାହାଣ୍ଡି ପରିବହନ ବିଭାଗ ଏଥିପ୍ରତି ଦୃଷ୍ଟି ନ ଦେବା ସନ୍ଦେହ ସୃଷ୍ଟି କରିଛି। ଅନ୍ୟପକ୍ଷରେ, ଗତ ବର୍ଷେ ହେଲା କୁନାଗଡ଼ ବ୍ଲକ ତଳଜାରିଙ୍ଗଠାରେ ସରକାରଙ୍କ ପକ୍ଷରୁ ଟ୍ରକ୍ ରହିଣ ପାଇଁ ଏକ ଟ୍ରକ୍ ଟର୍ମିନାଲ ନିର୍ମାଣ ହୋଇଥିବାବେଳେ ଏହା ବର୍ତ୍ତମାନ ସୁଦ୍ଧା ମଧ୍ୟ ଲୋକାର୍ପଣ ହୋଇପାରିନାହିଁ। ଏହା କାର୍ଯ୍ୟକାରୀ ହେଲେ ରାସ୍ତାରେ ଟ୍ରକ୍ ନ ଅଟକି ଏଠାରେ ରହିବ ବୋଲି ଜଣାପଡିଛି। ଯଦ୍ଦ୍ୱାରା ଟ୍ରାଫିକ ସମସ୍ୟା ସହ ଏଥିଯୋଗୁ ହେଉଥିବା ଦୁର୍ଘଟଣା ମଧ୍ୟ ହ୍ରାସ ପାଇବ ବୋଲି ସୂଚନା ମିଳିଛି। ସରକାର ଶୀଘ୍ର ଏଥିପ୍ରତି ଦୃଷ୍ଟି ଦେଇ ଟ୍ରକ୍ ଟର୍ମିନାଲର ଲୋକାର୍ପଣ କରିବାକୁ ସାଧାରଣରେ ଦାବି ହୋଇଛି। ଏ ନେଇ କଳାହାଣ୍ଡି ଆଞ୍ଚଳିକ ପରିବହନ ଅଧିକାରୀ (ଆରଟିଓ) କେଶବ ନାଏକଙ୍କୁ ଯୋଗାଯୋଗ କରା ଯାଇଥିଲେ ହେଁ ତାଙ୍କ ଠାରୁ କିଛି ପ୍ରତିକ୍ରିୟା ମିଳିପାରିନାହିଁ ।

ଏମ୍. ରାମପୁର ପୋଲିସକୁ ବଡ଼ ସଫଳତା

୨୦୮୦ କେଜି ଗଞ୍ଜେଇ ସହ ୪ ଗିରଫ

କେସିଙ୍ଗା(ଅମୃତ ମିଡିଆ): କଳାହାଣ୍ଡି ଜିଲ୍ଲା ମ.ରାମପୁର ପୋଲିସକୁ ମିଳିଛି ବଡ଼ ସଫଳତା । ୨୦୮୦ କେଜି ଗଞ୍ଜେଇ ସହ ୪ ଅଭିଯୁକ୍ତଙ୍କୁ ଗିରଫ କରିଛି ମ.ରାମପୁର ପୋଲିସ । ପ୍ରାପ୍ତ ସୂଚନା ଅନୁଯାୟୀ କୌଣସି ବିଶେଷ ସୂତ୍ରରୁ ଖବର ପାଇ ମ.ରାମପୁର ଥାନା ଅଧିକାରୀଙ୍କ ନେତୃତ୍ୱରେ ମ.ରାମପୁର ଥାନା ମୋହନଗିରି ପାଖ ଜାମୁଲି ଗ୍ରାମ ନିକଟ ଜଙ୍ଗଲରେ ଚଢ଼ାଉ କରି ପୋଲିସ ଉକ୍ତ ଜଙ୍ଗଲରୁ ୧୬୦ ବସ୍ତା ଗଞ୍ଜେଇ ଯାହା ୨୦୮୦

କେଜି ବୋଲି ସ୍ପଷ୍ଟ ହୋଇଛି ଏବଂ ଉକ୍ତ ଚୋରା ଗଞ୍ଜେଇ କାରବାରରେ ଲିପ୍ତ ୪ ଜଣ ଅଭିଯୁକ୍ତଙ୍କୁ ମଧ୍ୟ ଗିରଫ କରିଛି । ଅଭିଯୁକ୍ତମାନେ ହେଲେ ମ.ରାମପୁର ଥାନା ଯାମୁଲି ଗ୍ରାମର ଗାଲାନା ମାଝୀ (୩୫) ଓ କିଜୁ ମାଝୀ(୬୨), ଦେଓସୁଲି ଗ୍ରାମର ନାଇବା ହରିଜନ(୨୮) ଓ ଜୀମେନ୍ଦ୍ର ହରିଜନ (୫୬) ବୋଲି ସ୍ପଷ୍ଟ କରିଛି । ଚୋରା ଗଞ୍ଜେଇ ଚୋରା ଚାଲାଣ କାରୀଙ୍କୁ ଏନ୍‌ଡିପିଏସ୍ ଆଇନ ଅନୁଯାୟୀ ମ.ରାମପୁର ପିଏସ୍ କେସ ନଂ ୨୨୧/ ୨୦୨୬ରେ କେସ ପଞ୍ଜୀକୃତ କରି ଅଭିଯୋଗକାରୀ ମାନଙ୍କୁ କୋର୍ଟ ଚାଲାଣ କରାଯାଇଛି ।

ଅଲ୍ ଓଡ଼ିଶା ସିଡୁଲ୍ଡକାଷ୍ଟ ଫେଡେରେସନର ୬ଷ୍ଠ ପ୍ରତିଷ୍ଠା ଦିବସ

କଳାହାଣ୍ଡି(ଅମୃତ ମିଡିଆ) : ରବିବାର ଭବାନୀପାଟଣା ଟାଉନ ହଲ ଠାରେ ରାଜ୍ୟ ସଭାପତି ଧନଞ୍ଜୟ ଦୀପ୍‌ଙ୍କ ସଭାପତିତ୍ୱରେ ସଂଗଠନର ୬ଷ୍ଠ ତମ ପ୍ରତିଷ୍ଠା ଦିବସ ମହାସମାରୋହରେ ପାଳନ କରାଯାଇଛି । ପ୍ରଥମେ ବହୁଜନ ସମାଜର ମହାପୁରୁଷ ମାନଙ୍କ ଫଟୋ ଚିତ୍ରରେ ପୁଷ୍ପ ଦୀପ୍ ଅର୍ପଣ କରି ପଞ୍ଚଶିଳ ତ୍ରିଶରଣ ଗାନ କଲାପରେ ସଭାକାର୍ଯ୍ୟ ଆରମ୍ଭ କରଯାଇଥିଲା । ସମସ୍ତ ବକ୍ତା ମତ ରଖିଥିଲେ ବାବାସାହେବଙ୍କ ବାର୍ତ୍ତା ହିସାବରେ ସମାଜରେ ଶିକ୍ଷାକୁ ପ୍ରାଧାନ୍ୟ ଦେବା ଏବଂ ସଙ୍ଗଠିତ ହୋଇ ରହିବା । ସଂଗଠନ ପ୍ରତ୍ୟେକ ବର୍ଷ ସମାଜ ରତ୍ନ ସମାଜ ପ୍ରତିଭା ସମାଜ ଉଦୀୟମାନ ତାରକା ସମ୍ମାନ ପ୍ରଦାନ କରିଥାଏ । ଏହି ବର୍ଷ ଗୀତ ସଂଗୀତ ଦୁନିଆର ମରଣୋତ୍ତର ପରେ ଶ୍ରୀରାମ ଲୁହାର,ସମୀର ନାଗ, ହ୍ୟୁମାନ୍ ସାଗର, ସମାଜିକ କ୍ଷେତ୍ରରେ ଚାମର ମଙ୍ଗରାଜ, ଧୋବା ନାଗ,

ସଂଖନାଦ ନାଏକକୁ ସମାଜ ରତ୍ନ ସମ୍ମାନ ଦିଆଯାଇଛି । ମେଜର ସୁଧାଂଶୁ ପାଣି, ବଳରାମ ବାଗ, ପୁଣ୍ୟା ହରପାଲ, ସାମ୍ବାଦିକ ନବୀନ ଚାଣ୍ଡି,ଲିଙ୍ଗରାଜ ଆଜାଦ, ଉପେନ୍ଦ୍ର ଦ୍ରାବିଡ଼ ରାଜ କିଶୋର ସୁନାନି, ବୁଲୁ ନାଏକ, ବାବୁଲା ନାଏକ, ପୁଣ୍ୟା ହରପାଲ, ସାମ୍ବାଦିକ ପ୍ୟାରୀଲାଲ ଦୁର୍ଗାୟକୁ ସମାଜ ପ୍ରତିଭା ସମ୍ମାନ ରେ ସମ୍ମାନିତ କରାଯାଉଛି। ଆଜିର ଏହି ସଭାରେ ମଞ୍ଚାସୀନ ଥିଲେ ରାଧାକାନ୍ତ ଛେତ୍ରୀ ଜିଲ୍ଲା ଶିକ୍ଷା ଅଧିକାରୀ, ଜିଲ୍ଲା ସଭାପତି ବୃନ୍ଦାବନ ନାଗ, କାର୍ଯ୍ୟକାରୀ ସଭାପତି ତେଜରାଜ ବେହେରା, ନର୍ଲା ସଭାପତି ରଘୁନାଥ ଦୀପ୍, ଏମ୍ ରାମପୁର ସଭାପତି ଦୟାଦାନ ନାଗ, ଗୋଲାମୁଣ୍ଡା ସଭାପତି ରାମ କୁମାର ସେନାପତି, କେସିଙ୍ଗା ସଭାପତି ବିଷ୍ଣୁ ମଙ୍ଗରାଜ, ଡ.ଦୟାନିଧି ବାଗ,ଡକ୍ଟର ନୀଳମଣି ଦୀପ୍, ଗଙ୍ଗାଧର ଜାଲ ଛଗଚ ରାଜ୍ୟ ସଭାପତି, ନବରଙ୍ଗପୁର ଜିଲ୍ଲାରୁ ପ୍ରକାଶ ଚନ୍ଦ୍ର ନାଗ, କୋରାପୁଟ ଜିଲାରୁ ସୁବାସ ଚନ୍ଦ୍ର ସେଠୀ, ପୁରୀ ଜିଲ୍ଲାରୁ ବିଜୟ ସେଠି, ରାଜ୍ୟ ସଭାପତି ବସନ୍ତସ୍ୱ,ଗଞ୍ଜାମ ଜିଲ୍ଲାରୁ ସଂଗ୍ରାମ ନାଏକ,ଉପଦେଷ୍ଟା ପ୍ରମୋଦ ଚାଣ୍ଡି । ସଭା ପରିଚାଳନା କରିଥିଲେ ଗିରିଜା ବେହେରା ଓ ଶତ୍ରୁଘ୍ନ ନାଏକ । ଆଜିର ଅଲ ଓଡିଶା ସିଡିଲଡ୍ଡ କାଷ୍ଟ ଫେଡେରେସନ ୬ଷ୍ଠ ତମ ପ୍ରତିଷ୍ଠା ଦିବସରେ ପ୍ରାୟ ଏକ ହଜାର ରୁ ଊର୍ଦ୍ଧ ଭାମ ଆର୍ମିର ସଦସ୍ୟ-ସଦସ୍ୟା ଉପସ୍ଥିତ ରହି ପାଳନ କରିବାରେ ମଂତାସୀନ ଅତିଥିଙ୍କୁ ଓ ସମ୍ମାନ ପ୍ରଦାନ କରାଯାଇଥିବା ପ୍ରତିଭା ମାନଂକୁ ଉତ୍ସାହିତ କରି ସଭାକାର୍ଯ୍ୟ ଟିକୁ ଶାନ୍ତି ଶୃଙ୍ଖଳା ସହ ପରିଚାଳନା କରିବାରେ ସହଯୋଗ କରିଥିଲେ ।

ଠିକାଦାରଙ୍କୁ ଅପହରଣ ଘଟଣା

୪୮ ଘଣ୍ଟାରେ ଅଭିଯୁକ୍ତଙ୍କୁ ଗିରଫ ଦାବିକଲା ବିଜେଡି

ବରଗଡ଼(ଅମୃତ ମିଡିଆ): ବରଗଡ଼ ଜିଲା ବିଜେପୁର ନିର୍ବାଚନମଣ୍ଡଳୀରେ ଜଣେ ଠିକାଦାରଙ୍କୁ ଅପହରଣ ଓ ଟେଣ୍ଡର ପ୍ରକ୍ରିୟାକୁ ନେଇ ଉପୁଜିଥିବା ଘଟଣାକୁ ନେଇ ବିଜେଡି ପକ୍ଷରୁ ଶନିବାର ବିଜେପୁର ଥାନା ଅଧିକାରୀଙ୍କୁ ସ୍ମାରକପତ୍ର ପ୍ରଦାନ କରାଯାଇଛି। ସୂଚନାଯୋଗ୍ୟ, ଗତ ୩ ତାରିଖରେ କେତେକ ଦୁର୍ବୃତ୍ତ ଜଣେ ଠିକାଦାରଙ୍କୁ ବନ୍ଧୁକ ମୁନରେ ଖୋଲାଖୋଲିଭାବେ ଅପହରଣ କରି ନେଇଥିଲେ। ଅପହରଣକାରୀମାନେ ତାଙ୍କୁ ବିଜେପୁର NACର ଏକ ଟେଣ୍ଡର ପ୍ରକ୍ରିୟାରୁ ଓହରି

ଯିବା ପାଇଁ ବାଧ କରିବା ସହ ମାଡ଼ ମାରିଥିବା ଅଭିଯୋଗ ହୋଇଛି। ଏହିପରି ଏକ ସମ୍ବେଦନଶୀଳ ମାମଲାରେ ଅଭିଯୁକ୍ତମାନଙ୍କୁ ପୋଲିସ ଏପର୍ଯ୍ୟନ୍ତ ଗିରଫ କରିପାରି ନାହିଁ। ଟେଣ୍ଡର ଫିକ୍ସିଂ ଭଳି ଅଭିଯୋଗକୁ ନେଇ ଜଣେ ଠିକାଦାରଙ୍କୁ ଉଠାଇ ନେବା ଓ ଭୟର ପରିବେଶ ସୃଷ ି କରାଯାଉଥିବା ଘଟଣାକୁ ବିଜେଡି ଦୃଢ଼ ଭାବରେ ନିନ୍ଦା କରିଛି। ଘଟଣାରେ ସମ୍ପୃକ୍ତ ସମସ୍ତ ଅଭିଯୁକ୍ତଙ୍କୁ ତୁରନ୍ତ ଚିହ୍ନଟ କରି ଗିରଫ କରିବାକୁ ବିଜେଡି ଦାବି କରିଛି। ଆସନ୍ତା ୪୮ ଘଣ୍ଟା ମଧ୍ୟରେ ଅଭିଯୁକ୍ତମାନଙ୍କୁ ଗିରଫ କରା ନ ଯାଏ, ତେବେ ବିଜେଡି ପକ୍ଷରୁ ଗଣଆନ୍ଦୋଳନ କରାଯିବ ବୋଲି ଚେତାବନୀ ଦିଆଯାଇଛି।

ହାଇକୋର୍ଟ ସ୍ଥାୟୀ ବେଞ୍ଚ ପ୍ରତିଷ୍ଠା ଦାବି ନେଇ ଜ୍ୟୋତିଯାତ୍ରା

ବଲାଙ୍ଗୀର(ଅମୃତ ମିଡିଆ): ବଲାଙ୍ଗୀର ଜିଲା ଓକିଲ ସଂଘ ପକ୍ଷରୁ ରବିବାର ହାଇକୋର୍ଟ ଜ୍ୟୋତିଯାତ୍ରା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି । ବଲାଙ୍ଗୀରଠାରେ ହାଇକୋର୍ଟ ସ୍ଥାୟୀ ବେଞ୍ଚ ପ୍ରତିଷ୍ଠା କରାଯିବାକୁ ଦାବି କରିଆସୁଛନ୍ତି । ଏହି ଉପଲକ୍ଷେ ପ୍ରତିବର୍ଷ ସେପ୍ଟେମ୍ବର ୬ ତାରିଖରେ ବଲାଙ୍ଗୀରରେ ହାଇକୋର୍ଟ ସ୍ଥାୟୀ ବେଞ୍ଚ ପ୍ରତିଷ୍ଠା ଦାବି ନେଇ ହାଇକୋର୍ଟ ଜ୍ୟୋତିଯାତ୍ରା ସହର ପରିକ୍ରମା କରିଆସୁଛି । ରବିବାର ପାଟଣେଶ୍ୱରୀ ମନ୍ଦିରରେ ପୂଜାର୍ଚ୍ଚନା କରାଯାଇଥିଲା। ଜ୍ୟୋତି ମଶାଲକୁ ବରିଷ୍ଠ ଆଇନଜୀବୀ ଅମରେନ୍ଦ୍ର ମିଶ୍ର ଜ୍ୟୋତି ମଶାଲ ଧରି ପରିକ୍ରମା ଶୁଭାରମ୍ଭ କରିଥିଲେ।

ଏହି ଶୋଭାଯାତ୍ରାରେ ଜିଲା ଓକିଲ ସଂଘ ସଭାପତି ବାସୁଦେବ ରଥ, ସମ୍ପାଦକ ଅସିତ ଷଡ଼ଙ୍ଗୀ, ବରିଷ୍ଠ ଓକିଲ ଭବାନୀ ଶଙ୍କର ଶତପଥୀ, ଡ. ଶ୍ରୀକର ମିଶ୍ର, ସରୋଜ ଗୁପ୍ତା, ରବିନାରାୟଣ ବହିଦାର, ପ୍ରମୋଦ ତ୍ରିପାଠୀ, ଜୟରାମ ମିଶ୍ର, ରତନ ମହାରଣା, ଦୀପ୍ତି ଶର୍ମା, ଦେବେନ୍ଦ୍ର ପାଣିଗ୍ରାହୀ, ସୁଧାଂଶୁ ଶେଖର ଦେଓ, ସଞ୍ଜୟ ପଟେଲ, ଦେବାଶିଷ ବିଶ୍ୱାଳ, ସନ୍ତୋଷ ପାଢ଼ୀ, ବୁଲୁ ଦାନୀ, ଉମାକାନ୍ତ ସାହୁ, ଅର୍ଜୁନ ମୁଗ୍ରୀ ଓ ଅନ୍ୟମାନେ ଉପସ୍ଥିତ ଥିଲେ। ବଲାଙ୍ଗୀର କଚେରି ଛକଠାରେ ଶୋଭାଯାତ୍ରା ପହଞ୍ଚିବା ପରେ ସେଠାରେ ବିକ୍ଷୋଭ ପ୍ରଦର୍ଶନ କରିଥିଲେ। ସେଠାରେ ପୂର୍ବତନ ମନ୍ତ୍ରୀ ନରସିଂହ ମିଶ୍ର ଯୋଗଦେଇ ଓକିଲମାନଙ୍କୁ ଉତ୍ସାହିତ କରିଥିଲେ। ଶୋଭାଯାତ୍ରାଟି ସହର ପରିକ୍ରମା କରି ସିଭିଲ କୋର୍ଟରେ ପହଞ୍ଚିଥିଲା।

ବିକାଶ ନାଁରେ ଲୁହା ପାଇପ୍‌ର ଖେଳ

ଦୁଇ ମାସ ହେଲା ଅଧପନ୍ତରିଆ ବସଷ୍ଟାଣ୍ଡ

■ ନାହିଁ ସୂଚନାଫଳକ; ଟଙ୍କା ନଥିବା ଆଳ ଦେଖାଇ କାମ ବନ୍ଦ

ଖପ୍ରାଖୋଲ(ଅମୃତ ମିଡିଆ)ଅଶୋକ କୁମାର ବାଗ: ସରକାରୀ ଯୋଜନାରେ ବିକାଶର ଚିତ୍ର ଦେଖାଇବାକୁ କାମ ଆରମ୍ଭ ହେଲା। ଲୋକେ ଭାବିଲେ ଏଣିକି ଯାତାୟାତରେ ସୁବିଧା ମିଳିବ, ବର୍ଷା-ଖରାରୁ ଯାତ୍ରୀ ରକ୍ଷା ପାଇବେ। କିନ୍ତୁ ନିର୍ମାଣସ୍ଥଳରେ ପହଞ୍ଚିଲେ ଦେଖାଯାଉଛି ବିକାଶର ବଦଳରେ କେବଳ କିଛି ଲୁହା ପାଇପ! ଦୁଇ ମାସ ହେଲା କାମ ବନ୍ଦ। ଏଭଳି ଢଙ୍ଗରେ ସରକାରୀ କାମ ଚାଲିବାକୁ ନେଇ ଏବେ ସାଧାରଣ ଲୋକଙ୍କ ମଧ୍ୟରେ ତୀବ୍ର ଅସନ୍ତୋଷ ଦେଖାଦେଇଛି। ଖପ୍ରାଖୋଲ ବ୍ଲକ ଘୁନଶର ପଞ୍ଚାୟତ ଅନ୍ତର୍ଗତ ଝାକ୍ରିପାଲି ଗ୍ରାମରେ ଖପ୍ରାଖୋଲ–ଲାଠୋର ମୁଖ୍ୟ ରାସ୍ତା କଡ଼ରେ ନୂତନ ବସଷ୍ଟାଣ୍ଡ ନିର୍ମାଣ ଆରମ୍ଭ ହୋଇଥିଲା। ହେଲେ ନିର୍ମାଣ କାମ ଅଧାରେ ଅଟକି ଯାଇଥିବାରୁ ଏବେ ଏହା ଲୋକଙ୍କ ସୁବିଧାର ପ୍ରକଳ୍ପ ନୁହେଁ, ବରଂ ଅଧାପନ୍ତରିଆ ସରକାରୀ କାମର ଏକ ନମୁନା ପାଲଟିଛି। ସବୁଠାରୁ ବଡ଼ ପ୍ରଶ୍ନ ହେଉଛି କାମର ସୂଚନା ଫଳକ କେଉଁଠି? ନିର୍ମାଣସ୍ଥଳରେ ପ୍ରକଳ୍ପର ଅର୍ଥରାଶି, କାର୍ଯ୍ୟାଦେଶ, କାମ ଆରମ୍ଭ ଓ ଶେଷ ତାରିଖ, ଠିକାଦାରଙ୍କ ନାମ ଏବଂ ଦାୟୀ ଅଧିକାରୀଙ୍କ ସମ୍ପର୍କରେ କୌଣସି ସ୍ପଷ୍ଟ ସୂଚନା ନଥିବା ସାଧାରଣ ଲୋକଙ୍କୁ ସ୍ୱାଭାବିକ ଭାବେ ସନ୍ଦେହରେ ପକାଇଛି। ସ୍ଥାନୀୟ ସୂଚନା ଅନୁସାରେ ଘୁନଶର ସରପଞ୍ଚଙ୍କ ସ୍ୱାମୀ ଜ୍ୟୋତିଷ ପଧାନ ଏହି କାମ କରୁଥିବା କୁହାଯାଉଛି। ପ୍ରାୟ ଦୁଇ ମାସ ହେଲା କାମ ବନ୍ଦ ଥିବା ସ୍ଥାନୀୟ ଲୋକେ କହିଛନ୍ତି। ଦୁଇ ମାସ ଧରି କାମ ବନ୍ଦ ଥିବା ସତ୍ତ୍ୱେ ଦାୟୀ ବିଭାଗ ଓ ଅଧିକାରୀମାନେ କାହିଁକି ନିରବ ? ସରକାରୀ ଅର୍ଥ ମାନେ ଲୋକଙ୍କ ଅର୍ଥ। ତେଣୁ ଲୋକଙ୍କ ଟଙ୍କାରେ ନିର୍ମାଣ ହେଉଥିବା

ପ୍ରକଳ୍ପକୁ ଏଭଳି ଅଧାରେ ଛାଡ଼ି ଦେବା ଏବଂ ନିର୍ମାଣସ୍ଥଳରେ ଆବଶ୍ୟକ ସୂଚନା ନଦେବା ସ୍ୱଚ୍ଛତା ଓ ଦାୟିତ୍ୱବୋଧ ଉପରେ ଗୁରୁତର ପ୍ରଶ୍ନଚିହ୍ନ ଲଗାଉଛି। ବସଷ୍ଟାଣ୍ଡ ନିର୍ମାଣ ନାଁରେ ଯଦି କେବଳ ଲୁହା ପାଇପ ଲଗାଇ ମାସ ମାସ ଧରି କାମ ବନ୍ଦ ରହିବ, ତେବେ ଏହାକୁ ବିକାଶ କୁହାଯିବ ନା ସରକାରୀ ବ୍ୟବସ୍ଥାର ଚରମ ଅବହେଳା ? ଏହାର ଉତ୍ତର ପ୍ରଶାସନକୁ ଦେବାକୁ ପଡ଼ିବ। ସ୍ଥାନୀୟ ଲୋକଙ୍କ ଦାବି, ପ୍ରଶାସନ ତୁରନ୍ତ ଘଟଣାସ୍ଥଳ ଯାଞ୍ଚ କରି କାମର ଅନୁମୋଦନ, ଅର୍ଥରାଶି, ଖର୍ଚ୍ଚ ହୋଇଥିବା ଟଙ୍କା, କାର୍ଯ୍ୟର ମାନ ଏବଂ କାମ ବନ୍ଦ ହେବାର ପ୍ରକୃତ କାରଣ ସାର୍ବଜନୀନ କରୁ। ସହିତ ଅଧାପନ୍ତରିଆ କାମକୁ ତୁରନ୍ତ ସମ୍ପୂର୍ଣ୍ଣ କରିବା ସହ ନିର୍ମାଣସ୍ଥଳରେ ନିୟମ ଅନୁଯାୟୀ ସୂଚନା ଫଳକ ଲଗାଯାଉ। ନଚେତ୍ ଲୋକଙ୍କ ମନରେ ଏହି ପ୍ରଶ୍ନ ଆହୁରି ଗଭୀର ହେବ ଲୋକଙ୍କ ସୁବିଧା ପାଇଁ ଯୋଜନା ହେଉଛି, ନା କାଗଜରେ ବିକାଶ ଦେଖାଇ ସରକାରୀ ଟଙ୍କା ଖର୍ଚ୍ଚ କରିବା ପାଇଁ ?

ଡେଲେନଡିହିକୁ ଭରାନଈ ଯନ୍ତ୍ରଣା

ପୋଲଟିଏ ନିର୍ମାଣ କରିବାକୁ ପ୍ରଶାସନର ପଛଘୁଞ୍ଚା ଦୁର୍ଭାଗ୍ୟଜନକ

ସୁନ୍ଦରଗଡ଼(ଅମୃତ ମିଡିଆ): ଚତୁର୍ଧାରା ନଦୀରେ ପାଣି ଭରିଗଲେ ବାହ୍ୟଜଗତରୁ ଏକପ୍ରକାର ବିଚ୍ଛିନ୍ନ ହୋଇଯାଏ ଡେ

ସମ୍ପାଦକୀୟ...

ମୋଦୀଙ୍କ ବିଦେଶବାର୍ତ୍ତା

ୟୁରୋପିୟାନ ଦେଶ ଭାବରେ ବେଶ୍ ଉନ୍ନତ ଏବଂ ବିକଶିତ ସେମିତି ତ ଅନେକ ଦେଶ ରହିଛନ୍ତି .. ତେବେ ଇଟାଲୀ କଥା କିଛି ଭିନ୍ନ । ଇଟାଲୀ ଯାହାକି ତା'ର ଦେଶ ବହୁ ଉତ୍‌ଥାନ ପତନ ଦେଇ ଗତିକରିଛି ଏବଂ ଶେଷରେ ଛିଡ଼ା ହୋଇଛି ରୋମ୍ ଦ ରୟାଲ୍ ସିଟି । ଏଣୁ ଇଟାଲୀ ସହିତ ଭାରତର ସୁସମ୍ପର୍କ ସ୍ଥାପନ ଭାରତ ପାଇଁ ଯେ ଅନୁକୂଳ ଏବଂ ଲାଭଦାୟକ; ଏ କଥା ଅତି ନିର୍ଦ୍ଦ୍ୱନ୍ଦ୍ୱରେ କୁହାଯାଇପାରେ । ଉଭୟ ଦେଶ ମଧ୍ୟରେ ସମ୍ପର୍କ ବେଶ୍ ପୁରାତନ। ତଥାପି ନିକଟ ଅତୀତରେ ପ୍ରଧାନମନ୍ତ୍ରୀ ମୋଦିଙ୍କ ଇଟାଲୀ ଗସ୍ତ ଯାହା ଭାରତ ପାଇଁ ଥିଲା ସମ୍ପୂର୍ଣ୍ଣ ସକାରାତ୍ମକ ଏବଂ ଲାଭଦାୟକ ଯାହାକି ଉଭୟ ଦେଶ ମଧ୍ୟରେ ଏକ ସୁନ୍ଦର ଏବଂ ସଶକ୍ତ ଦ୍ୱିପାକ୍ଷିକ ସମ୍ପର୍କ ସ୍ଥାପନରେ ଯେ ସହାୟକ ହୋଇପାରେ। ସେହିଭଳି କିଛି ସନ୍ଦେଶ ନେଇ ପ୍ରତ୍ୟାବର୍ତ୍ତନ କରିଛନ୍ତି ମୋଦୀ। ମୋଦିଜୀ ତାଙ୍କର ଇଟାଲୀ ପ୍ରତିପକ୍ଷ ମେଲୋନୀ ଜର୍ଜିଆଙ୍କ ସହିତ ଉଭୟ ଦେଶ ମଧ୍ୟରେ ଏକ ମଜବୁତ ଦ୍ୱିପାକ୍ଷିକ ସମ୍ପର୍କ ସ୍ଥାପନ କ୍ଷେତ୍ରରେ ଯେଉଁସବୁ ବିଷୟ ପ୍ରତିନିଧି ସ୍ତରୀୟ ଆଲୋଚନରେ ସ୍ଥାନ ପାଇଛି, ସେଥିରେ ଅତି ଗୁରୁତ୍ୱପୂର୍ଣ୍ଣ ବିଷୟ ଉପରେ ବିଶେଷ ଧ୍ୟାନ ଦିଆଯାଇଛି। ଉଭୟ ପ୍ରଧାନମନ୍ତ୍ରୀଙ୍କ ମଧ୍ୟରେ ହୋଇଥିବା ସେହି ପ୍ରତିନିଧିସ୍ତରୀୟ ଆଲୋଚନ-ପର୍ଯ୍ୟାଲୋଚନା ଯାହା ଆଗାମୀ ସମୟରେ ଇଟାଲୀ ଏବଂ ଭାରତ ମଧ୍ୟରେ ଅତୀତର ସମ୍ପର୍କ ଠାରୁ ଆହୁରି ମଜବୁତ୍ କରିବାର ସମ୍ଭାବନା ସୃଷ୍ଟି ହୋଇଛି। ଯେମିତି କି ପ୍ରଥମତଃ ଉଭୟ ଦେଶ ମଧ୍ୟରେ ଏକାବେଳକେ ଏକାଧିକ ଏମ୍‌ଓୟୁ ସ୍ୱାକ୍ଷରିତ ହୋଇଛି ଯାହାକି ଉଭୟ ଦେଶ ମଧ୍ୟରେ ଦ୍ୱିପାକ୍ଷିକ ସମ୍ପର୍କକୁ ଅତୀତଠାରୁ ଆହୁରି ମଜବୁତ୍ ଏବଂ ମାର୍ଜିତ କରାଇବାର ଏକ ଉଜ୍ଜ୍ୱଳ ସମ୍ଭାବନା ସୃଷ୍ଟି କରିଛି। ତେବେ କେବଳ ଇଟାଲୀ ନୁହେଁ, ବିଶ୍ୱର ବିଭିନ୍ନ ଦେଶକୁ ବର୍ଷର ବିଭିନ୍ନ ସମୟରେ ଗସ୍ତକରି ମୋଦିଜୀ ବିଶ୍ୱରେ ଭାରତର ଛବିକୁ ଆହୁରି ସଶକ୍ତ ଏବଂ ସୁସ୍ପଷ୍ଟ କରିଛନ୍ତି। ସେ ଆମେରିକା ହେଉ ଅବା ୟୁରୋପ୍, ବିଶ୍ୱର ବିଭିନ୍ନ ଦେଶକୁ ବର୍ଷର ବିଭିନ୍ନ ସମୟରେ ଗସ୍ତ କରି ମୋଦିଜୀ ଭାରତର ସାମାଜିକ , ଅର୍ଥନୈତିକ ଏବଂ ସାମରିକ ଦିଗକୁ ମଜବୁତ୍ କରିବା ପାଇଁ ଯେଉଁସବୁ ପଦକ୍ଷେପ ନେଉଛନ୍ତି, ଭାରତର ଏହିସବୁ ଦିଗକୁ ଅନ୍ତର୍ଜାତୀୟ ସ୍ତରରେ ତୁଳନା କରି ଏବଂ ସେ ସବୁରୁ ଯେଉଁ ଫରକ୍ ଅବା ବିଶେଷତ୍ୱ ବାହାର କରି ତାକୁ ଭାରତର ବିକାଶରେ ଉପଯୋଗ କରିବା ଦିଗରେ ମୋଦିଜୀଙ୍କ ପଦାକ୍ଷପ ଅତି ଗୁରୁତ୍ୱପୂର୍ଣ୍ଣ ସାବ୍ୟସ୍ତ ହେଉଛି। ମୋଦିଜୀଙ୍କ ଏପରି ପଦକ୍ଷେପ ଆଗାମୀ ସମୟରେ ଉଭୟ ଦେଶ ମଧ୍ୟରେ ଏକ ସୁଦୃଢ଼ ତଥା ବିକଶିତସମ୍ପର୍କ ସ୍ଥାପନରେ ଯେ ବେଶ୍ ସହାୟକ ହୋଇପାରିବ,ତାହାର ସ୍ପଷ୍ଟ ସୂଚନା ମିଳୁଛି। ତେବେ ମୋଦିଜୀ ତାଙ୍କର ବର୍ଷର ବିଭିନ୍ନ ସମୟରେ ଯେଉଁ ବିଦେଶ ଗସ୍ତ କରନ୍ତି ତାହା ଦ୍ୱାରା ଅବଶ୍ୟ ବିପୁଳ ଅର୍ଥ ଖର୍ଚ୍ଚର ଆଶଙ୍କା ସୃଷ୍ଟି ହୋଇଥାଏ ଯାହାକି ଭାରତ ସରକାରଙ୍କ ପାଇଁ କିଛି ବୋଝ ସଦୃଶ ହୋଇପାରେ, ତେବେ ମୋଦିଜୀଙ୍କ ବିଦେଶ ଗସ୍ତ ମାଧ୍ୟମରେ ସେ ଭାରତ ପାଇଁ ସଂପୃକ୍ତ ଦେଶମାନଙ୍କ ସହିତ ଯେଉଁ ଦ୍ୱିପାକ୍ଷିକ ସମ୍ପର୍କ ସୃଷ୍ଟି କରୁଛନ୍ତି ତାହା କେବଳ ଇଟାଲୀ ପାଇଁ ନୁହେଁ କିମ୍ବା ଇଟାଲୀ କ୍ଷେତ୍ରରେ ନୁହେଁ.. ବିଶ୍ୱର ବିଭିନ୍ନ ଦେଶ ସହିତ ଏକ ଉତ୍ତମ ଦ୍ୱିପାକ୍ଷିକ ସମ୍ପର୍କ ସୃଷ୍ଟିରେ ଆଜିର ସମୟରେ କେବଳ ମୋଦିଜୀ ଅବଶ୍ୟ ସର୍ବାଧିକ ସଫଳ ହୋଇଛନ୍ତି। ଯାହା କି ମୋଦିଜୀଙ୍କ ବିଦେଶ ଗସ୍ତର ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ପର୍ଯ୍ୟାୟ ବୋଲି କୁହାଯାଇପାରେ। କାରଣ ପୂର୍ବରୁ କୌଣସି ବି ଶାସନ ମୁଖ୍ୟଙ୍କ ଗସ୍ତ କାଳରେ ଏଭଳି କିଛି ସ୍ୱତନ୍ତ୍ରତା ପରିଲକ୍ଷିତ ହୋଇନଥିଲା ଯାହା କି ମୋଦିଜୀଙ୍କ ଗସ୍ତ କାଳରେ ହୋଇଛି। ତେବେ ୨୦୨୫ ଏବଂ ୨୦୨୯ର ମାର୍ଗଦର୍ଶନ ଅନୁଯାୟୀ ଉଭୟ ଦେଶ ମଧ୍ୟରେ ବୈଦେଶିକ ମନ୍ତ୍ରୀସ୍ତରୀୟ ସମୀକ୍ଷା ବୈଠକ ଆୟୋଜନର ଆବଶ୍ୟକତା ଉପରେ ଗୁରୁତ୍ୱ ଦିଆଯାଇଛି। ସବୁଠାରୁ ଗୁରୁତ୍ୱପୂର୍ଣ୍ଣ କଥା ହେଲା ଭାରତ ଏବଂ ୟୁରୋପିଆନ୍ ୟୁନିୟନ ମଧ୍ୟରେ ମୁକ୍ତ ବାଣିଜ୍ୟଚୁକ୍ତି ନିକଟ ଅତୀତରେ ସଫଳତାର ସହିତ ସମ୍ପାଦନ ହୋଇଥିବାରୁ ୨୦୨୯ ସୁଦ୍ଧା ଦ୍ୱିପାକ୍ଷିକ ବ୍ୟବସାୟକୁ ଏକ ଶୀର୍ଷ ସ୍ତରରେ ପହଞ୍ଚାଇବାର ଲକ୍ଷ୍ୟ ରଖାଯାଇଛି। ଯାହାକି ଭାରତକୁ ଏକ ବିଶ୍ୱସ୍ତରୀୟ ବାର୍ତ୍ତା ବୋଲି କୁହାଯାଇପାରେ ।

ଜ୍ଞାନାମୃତ

ସଫଳତା

ଶିକ୍ଷକ ସେହି ପ୍ରଶ୍ନର ଉତ୍ତର ଅତି ସହଜରେ ଏବଂ ସରଳ ଭାଷାରେ ଦେବା ପାଇଁ ଆଗ୍ରହ ପ୍ରକାଶ କଲେ। ଛାତ୍ର-ଛାତ୍ରୀଙ୍କ ପ୍ରଶ୍ନ ଥିଲା ଯେ ଜାପାନୀମାନେ ଏତେ ଆଗରେ କାହିଁକି। ଅତୀତରେ ଦ୍ୱିତୀୟ ବିଶ୍ୱଯୁଦ୍ଧ ପରେ ପରେ ସାରା ବିଶ୍ୱର ଅବସ୍ଥା ପୂରାପୂରି ଖରାପ୍ ହୋଇଯାଇଥିଲା। ବିଶ୍ୱର ବିଭିନ୍ନ ଦେଶ ସମୂହ ଭାରୀ ପରିମାଣରେ କ୍ଷତିଗ୍ରସ୍ତ ହୋଇଯାଇଥିଲେ। ଯାହା ମଧ୍ୟରେ ଜାପାନ୍ ବି ଥିଲା ଯାହାର ଅବସ୍ଥା ପୂରାପୂରି ଖରାପ୍ ହୋଇଯାଇଥିଲା। ପୂରାପୂରି ନଷ୍ଟଭ୍ରଷ୍ଟ ହୋଇଯାଇଥିଲା। ଜାପାନବାସୀ ଯେ ଆଉଥରେ ପୁଣି ଉଠିବେ , ସେମାନେ ଯେ ଆଉଥରେ ପୁଣି ସେମାନଙ୍କ ପୂର୍ବ ଅବସ୍ଥାକୁ ଫେରି ଆସିବେ, ଏହି କଥା ପୃଥିବୀରେ କେହି ବି ଅନୁମାନ କରି ନଥିଲେ। ଅଥଚ ସବୁ କଥା ଓଲଟପାଲଟ ହୋଇଗଲା। ସମସ୍ତଙ୍କ ଅନୁମାନ ପୂରା ଫେଲ ମାରିଗଲା। ଜାପାନ କିନ୍ତୁ ଧୀରେ ଧୀରେ ଉଠିଲା, ଜାପାନ୍ କିନ୍ତୁ ଧୀରେ ଧୀରେ ଅତି ଉପରକୁ ଉଠିଲା। ଏତେ ଉପରକୁ ଉଠିଲା, ଯାହାକି ଦୁନିଆ ପାଇଁ ଗୋଟାଏ ଉଦାହରଣ ପାଲଟିଗଲା। ହେଲେ କେମିତି ? ଏତେ ନଷ୍ଟ ଭ୍ରଷ୍ଟ ପରେ ଏତେ ଉପରକୁ କେମିତି ଉଠିଲା ଜାପାନ୍ ? ଏହି ପ୍ରଶ୍ନର ଉତ୍ତରରେ ଶିକ୍ଷକ ଅତି ସହଜରେ ଏହିଭଳି କିଛି ଉତ୍ତର ଦେଲେ ଯେ ଜାପାନୀମାନେ କେବେ ବି ଏତେ ସହଜରେ ହାର୍ ମାନନ୍ତି ନାହିଁ। ଥରେ ଯାହା କରିବା ପାଇଁ ନିଷ୍ପତ୍ତି ନିଅନ୍ତି, ତାହା କୌଣସି ବି ଉପାୟରେ ପୂରଣ କରିବା ଉପରେ ସେମାନଙ୍କର ଜୀ ଜାନ୍ ଲଗାଇଦିଅନ୍ତି । କଳେ ବଳେ କଉଶଳେ ସେମାନେ ସେହି କାମକୁ ଅତି ସଫଳତାର ସହିତ ସମ୍ପନ୍ନ କରିବା ପାଇଁ ସେମାନଙ୍କ ସମସ୍ତ ବୁଦ୍ଧିବଳ ଲଗାଇଦିଅନ୍ତି ଏବଂ ଯେଯାବତ୍ ସେମାନେ ତାଙ୍କ ଲକ୍ଷ୍ୟ ହାସଲରେ ସଫଳ ହୋଇପାରନ୍ତି ନାହିଁ, ସେ ଯାବତ୍ ସେମାନେ ସେହି କାମରୁ ତାଙ୍କ ମନ ଏବଂ ଶରୀରକୁ କେବେ ବି ହଟାଇ ଦିଅନ୍ତି ନାହିଁ। ଏ ପ୍ରସଙ୍ଗରେ ଶିକ୍ଷକ ଜଣେ ଜାପାନୀ ଛାତ୍ରର ଉଦାହରଣ ଦେଇ କହିଲେ ଯେ ଗୋଟାଏ ଗବେଷଣାଗାରରେ କୌଣସି କାରଣରୁ କାମଟିକୁ ଅଧା ପନ୍ତରିଆ ପକାଇଦେଇ ଜଣେ ଛାତ୍ର ଚାଲିଗଲା ପରେ ସେହି ଅଧାପନ୍ତରିଆ କାମକୁ ପୂରା କରିବା ପାଇଁ କେହି ଆଗଭର ନ ହେବାରୁ ଶେଷରେ ଜଣେ ଜାପାନୀ ଛାତ୍ର କିନ୍ତୁ ଆଗ୍ରହର ସହିତ ସେହି କାମରେ ହାତଦେଲେ। ସେବେ ଅନ୍ୟ ଛାତ୍ରମାନେ କିନ୍ତୁ ତାଙ୍କୁ ସେ କାର୍ଯ୍ୟ ଏକପ୍ରକାର ଅସମ୍ଭବ ବୋଲି କହି ତାଙ୍କ ମନରେ ଗୋଟାଏ ଛନକା ପୂରାଇଦେଇଥିଲେ। ଅର୍ଥାତ ତାଙ୍କୁ ଡରାଇଦେଇଥିଲେ। ତେବେ ଜାପାନୀ ଛାତ୍ରଜଣଙ୍କ କିନ୍ତୁ ସେହି ଅସମ୍ଭବ କଥାଟାକୁ ଧରିନେଲା। କାରଣ ଜାପାନୀମାନେ ଏତେ ସହଜରେ କୌଣସି କଥାରେ ହାର୍ ମାନନ୍ତି ନାହିଁ। ଜାପାନୀ ଛାତ୍ର ବି ସେହି ଗବେଷଣା କାମରେ ହାତଦେଇ ଶେଷରେ ସମ୍ପୂର୍ଣ୍ଣ ସଫଳତା ହାସଲ କଲେ।

ବର୍ଷାଦିନେ ଗର୍ଭବତୀଙ୍କ ସୁସ୍ଥ ରହିବା ନେଇ ସତର୍କତା

ପ୍ରଫେସର ଡାକ୍ତର ଶୁଭଶ୍ରୀ ମିଶ୍ର

ବର୍ଷା ବଢୁଛି, ବର୍ଷା ଜନିତ ଥଣ୍ଡା ସମସ୍ୟା ସବୁଠାରୁ ସ୍ତ୍ରୀଲୋକମାନେ ସାମ୍ନା କରିଥାନ୍ତି। ବିଶେଷକରି କର୍ମଜୀବୀ ମହିଳାଙ୍କ ଏବଂ ଶ୍ରମଜୀବୀଙ୍କ ପାଇଁ ଏହା ଅତ୍ୟନ୍ତ କଷ୍ଟକର ସାବ୍ୟସ୍ତ ହୋଇଥାଏ। ଲଗାଣ ବର୍ଷା କେବଳ ଅନେକ ମେହନତୀ ଶ୍ରମଜୀବୀ ମହିଳାଙ୍କ ପାଇଁ ଶାରୀରିକ କଷ୍ଟକର ହୋଇନଥାଏ ବରଂ ସେମାନଙ୍କର ରୋଜିରୋଟୀ ଛଡ଼ାଇ ନେଇଯାଏ। ବର୍ଷା ଦିନେ ବିଶେଷକରି ଗର୍ଭବତୀ ମହିଳାଙ୍କ କଥା ଦେଖିଲେ ସେମାନଙ୍କ ପାଇଁ ଅନେକ ସ୍ୱାସ୍ଥ୍ୟ ସତର୍କତା ଅତ୍ୟନ୍ତ ଜରୁରୀ। କୌଣସି ପରିସ୍ଥିତିରେ ଜଣେ ଗର୍ଭବତୀ ଅଧିକ ସମୟ ତିନ୍ତିଗଲେ ଏହା ଜ୍ୱର, ମୁଣ୍ଡବିନ୍ଧା ଓ ଘୋଳାବିନ୍ଧା ସମସ୍ୟା ମଧ୍ୟ ଦେଖାଇଥାଏ। ସାଧାରଣତଃ ମୌସୁମୀ ସମୟରେ ଲେପ୍ଟୋସିରୋସିସ୍ ଆଦି ଗମ୍ଭୀର ରୋଗ ହେବାର ଆଶଙ୍କା ବଢ଼ିଯାଏ। ସାଧାରଣତଃ ଏହିଦିନେ ମଣିଷ ଦ୍ୱାରା ହେଉ ଅବା ପଶୁ ଦ୍ୱାରା ଜୀବାଣୁ ଯାଇ ଗର୍ଭବତୀ ମହିଳାଙ୍କ ଠାରେ ପହଞ୍ଚେ। ଏହାର ବିଶେଷ ପ୍ରଭାବ ଗର୍ଭରେ ବଢୁଥିବା ପିଲା ଉପରେ ପଡ଼େ। ଏହିପରି ବି ହୁଏ ପିଲାର ଜୀବନ ନେଇଯାଏ ଏହି ଜୀବାଣୁ। ଏହା ବ୍ୟତୀତ ପେଟ ସଂକ୍ରମଣ, ଡିହାଇଡ୍ରେସନ ଆଦି ଜଳ ଜନିତ ରୋଗ ହୋଇଥାଏ। ଏଥିପାଇଁ ଗର୍ଭବତୀ ମହିଳା ଏହି ମୌସୁମୀରେ ବିଶେଷ ଧ୍ୟାନ ରଖିବା ଦରକାର।

ବର୍ଷାଦିନରେ ଗର୍ଭବତୀ ମାଆ ମାନଙ୍କ ପାଇଁ ଖାଦ୍ୟପେୟ ବ୍ୟବସ୍ଥାରେ ସତର୍କତା ଜରୁରୀ। ବର୍ଷାଦିନେ ଡିହାଇଡ୍ରେସନ ଏକ ବଡ଼ ସମସ୍ୟା। ଏଥିପାଇଁ ଏହିଦିନେ ପ୍ରଚୁର ପାଣି ପିଅନ୍ତୁ। ତରଳ ଯୁକ୍ତ ଖାଦ୍ୟ ଅଧିକ ଖାଆନ୍ତୁ। ଏହା ଶରୀରରେ ଜଳୀୟଅଂଶ ଧରି ରଖିବା ସହ ଚିନ୍ତା ଦୂର କରେ। ଯଦି ଚେତାଶୂନ୍ୟ, ମୁଣ୍ଡ ବୁଲାଇବା, ମୁଣ୍ଡ ବ୍ୟଥା ଅବା ଗରମ ଭଳି କିଛି ସମସ୍ୟା ଦେଖା ଦେଉଥିଲେ ତୁରନ୍ତ ଡାକ୍ତରଙ୍କ ପରାମର୍ଶ ନିଅନ୍ତୁ। ଏହା ସହିତ ତରଳ ଖାଦ୍ୟ ଖାଆନ୍ତୁ। ରାସ୍ତାକଡ଼ରେ ତିଆର ହେଉଥିବା ଖାଦ୍ୟ ଖାଆନ୍ତୁନାହିଁ। ସୂକ୍ଷ୍ମ ଖାଦ୍ୟ ଖାଆନ୍ତୁ, ଯଦି ସେହିଭଳି ଖାଦ୍ୟ ଖାଇବାକୁ ଇଚ୍ଛା ହେଉଥାଏ, ତେବେ ନିଜେ ତିଆରି କରି ଉକ୍ତ ଖାଦ୍ୟ ଖାଆନ୍ତୁ। ବାହାର ଖୋଲା ପାଣି ପିଇବା ଅପେକ୍ଷା ମିନେରାଲ ପାଣି ପିଅନ୍ତୁ। ଖାଦ୍ୟ ପ୍ରସ୍ତୁତ ସମୟରେ ପନିପରିବାକୁ ଭଲ ଭାବରେ ଧୂଅନ୍ତୁ। ବିଶେଷ କରି ସବୁଜ ପନିପରିବାକୁ ରୋଷେଇରେ ସାମିଲ କରନ୍ତୁ। ଏହି ସମୟରେ ପ୍ରାୟତଃ ବିଭିନ୍ନ ପତ୍ରରେ ଛୋଟ ଛୋଟ ପୋକ ଓ ସେମାନଙ୍କର ଡିମ୍ବାଣୁ ଦେଖାଦେଇଥାନ୍ତି ତେଣୁ ଦେଖିଚାହିଁ ଶାଗ ଖାଇପାରିବେ। ତେବେ ଋତୁଜାତୀୟ ଫଳ ସବୁଠାରୁ ଫଳ। ଉତ୍ତମ ପୋଷଣଯୁକ୍ତ ଖାଦ୍ୟ : ଏହା ଉଭୟ ମା' ଓ ପିଲାପାଇଁ ବହୁତ ଭଲ।

ବର୍ଷାଦିନରେ ଗର୍ଭବତୀ ମାଆ ଜଣଙ୍କ ରହୁଥିବା ଘରଟି ଭଲ ଭାବେ ପରିଷ୍କାର ପରିଚ୍ଛନ୍ନ ରହିବା ଉଚିତ। ଘର ଭିତରେକୁ ଯେପରି ଉଜ୍ଜ୍ୱଳ ସୂର୍ଯ୍ୟକିରଣ ଆସିପାରିବ ସେ ଦିଗକୁ ମଧ୍ୟ ଦେଖିବା ଜରୁରୀ। ଗର୍ଭାବସ୍ଥାରେ ଘରର ସଫାସୁତୁରା ଉପରେ ସର୍ବଦା ଧ୍ୟାନ ଦେବା ଦରକାର। ଘରେ କୌଣସି କୀଟାଣୁ ଜୀବାଣୁ ନ ରହିବା ଦରକାର। ଯଦି ଘରେ ମଇଳା ରହେ, ତେବେ କୀଟାଣୁ ତ୍ୱଚା ଓ ପେଟକୁ ସଂକ୍ରମଣ କରିବ। ଘରର ଦ୍ୱାରମୁହଁ ଖୋଲା କରି ରଖ। ଏହାଦ୍ୱାରା ତାଜା ପବନ ଘର ଭିତରକୁ ଆସିବ। ଡେଙ୍ଗୁ ଓ ମ୍ୟାଲେରିଆ ଠାରୁ ରକ୍ଷା ପାଇବା ପାଇଁ ସର୍ବଦା କୁଲର ସଫା ରଖନ୍ତୁ। ଜୋତା ଚପଲ ଘର ଭିତରକୁ ନ ଆଣି ଘର ବାହାରେ ରଖନ୍ତୁ। ଏହାଦ୍ୱାରା ବାହାରରର ଜୀବାଣୁ ଓ କୀଟାଣୁ ଘରକୁ ଆସିବ ନାହିଁ। ଏହି ସମୟରେ ଯେତେ ସମ୍ଭବ ଘର ଲୋକ ଓ ଡାକ୍ତରଙ୍କ ସହିତ ପରାମର୍ଶ ନିଅନ୍ତୁ। ଏହାଦ୍ୱାରା ଜୀବାଣୁ ଓ କୀଟାଣୁ ଠାରୁ ଦୂରେଇ ରହିପାରିବେ ଏବଂ ସୁସ୍ଥ ରହିପାରିବେ।

ବର୍ଷା ଦିନେ ବି ଦେହରୁ ଝାଳ ବାହାରେ। ବର୍ଷାଦିନରେ ସୂର୍ଯ୍ୟ କିରଣ କମ ପଡ଼ିଥାଏ ତେଣୁ ଯେତିକି ସମ୍ଭବ ଖରାରେ ଲୁଗା ଶୁଖାଇବା ଅତ୍ୟନ୍ତ ଭଲ। ଦେହକୁ ଆରାମ ଲାଗୁଥିବା କପଡ଼ା ପିନ୍ଧନ୍ତୁ ଯାହା ଆରାମଦାୟକ ଅନୁଭବ ହେବ। ଏହା ସହିତ ପେଟକୁ ମଧ୍ୟ ଆରାମ ଲାଗିବ। ବର୍ଷାଦିନେ ସର୍ବଦା ଢ଼ିଲା ପୋଷାକ ପିନ୍ଧନ୍ତୁ। କାରଣ ଟାଇଟ୍ ପୋଷାକ ପିନ୍ଧିବା ଦ୍ୱାରା କୁଣ୍ଡାଇ ହେବାପରି ସମସ୍ୟା ଦେଖାଦେଇଥାଏ। ଏମିତିରେ ବି ଟାଇଟ ପୋଷାକ ପିନ୍ଧିଥିଲେ ଶିଶୁ ପାଇଁ କ୍ଷତିକାରକ। ଶିଶୁ ଠିକ୍ ଭାବରେ ବିକାଶ କରିପାରେ ନାହିଁ। ଏଣୁ ଆରାମଦାୟକ ପୋଷାକ ପିନ୍ଧନ୍ତୁ। ସିନ୍ଥେଟିକ୍ ପୋଷାକ ନପିନ୍ଧି ସୂତା ପୋଷାକ ପିନ୍ଧନ୍ତୁ। ସିନ୍ଥେଟିକ ତ୍ୱଚା ଉପରେ ପ୍ରଭାବ ପକାଇପାରେ। ପାଦକୁ ଘୋଡାଇ ରଖିବା ଦରକାର। ଏଣୁ ସର୍ବଦା ମୋଜ ପିନ୍ଧନ୍ତୁ। ଏହାଦ୍ୱାରା ଅଧିକ ଥଣ୍ଡା ହୋଇନଥାଏ।

ବର୍ଷାଦିନରେ ଗର୍ଭବତୀ ମାଆ ମାନଙ୍କ ପାଇଁ ସଫାସୁତୁରା ଦିଗଟି ଅତ୍ୟନ୍ତ ଜରୁରୀ। ଗର୍ଭବତୀ ଅତିକମ୍‌ରେ ଦୁଇଥର ଗାଧୋଇବା ଦରକାର। ପ୍ରତି ଏକ ଘଣ୍ଟା ଅନ୍ତରରେ ଓଦା ଟାଓ୍ୱେଲରେ ଚେହେରା ପୋଛି ଦେବା ଦରକାର। ଯଦି ସମ୍ଭବ ହୁଏ ଗୋଲାପ ଜଳରେ ଚେହେରା ପୋଛି ପାରିବେ। ନଖ ଉଷୁମ ପାଣିରେ ସ୍ନାନ କରିପାରିବେ। ବଗିଚାରେ ବି ଖାଲି ପାଦରେ ଚାଲନ୍ତୁ ନାହିଁ। କାରଣ ବର୍ଷାଦିନିଆ କାଦୁଅରେ ପାଦର ତ୍ୱଚା ସଂକ୍ରମଣ ହୋଇପାରେ। ସଡ଼କ ଉପରେ ଚାଲୁଥିବା ପାଣି ମଧ୍ୟ ଗର୍ଭବତୀଙ୍କ ପାଇଁ କ୍ଷତିକାରକ। ଏଣୁ ଏଥିପ୍ରତି ସାବଧାନ ରହିବା ଦରକାର। ଯେତେଥର ବାହାରକୁ ଯିବେ, ସେତେଥର ହାତ ଓ ଗୋଡ ଉଷୁମ ପାଣି କିମ୍ବା ମେଡିକେଟେଡ ସାବୁନରେ ଧୂଅନ୍ତୁ। ଏହାଦ୍ୱାରା ଜୀବାଣୁ ଆପଣଙ୍କ ପିଲା ପାଖରେ ପହଞ୍ଚିପାରିବ ନାହିଁ। ଏହି ଦିନରେ ଜଳଜନିତ ରୋଗ ଯୋଗୁଁ ପେଟରେ ସଂକ୍ରମଣ ହେବା ଏକ ସାଧାରଣ କଥା। ଏଥିପାଇଁ ଆପଣ ଯେଉଁ ପାଣି ପିଉଛନ୍ତି ତାହା ସଫା ହୋଇଥିବା ସହିତ ଜୀବାଣୁ ମୁକ୍ତ ହେବା ଦରକାର। ଏହା ମଧ୍ୟ ମନେରଖିବେ ଗର୍ଭାବସ୍ଥାରେ ହାଇକେନିକ୍ ଖାଦ୍ୟ ଖାଇବା ସହିତ ଫାଷ୍ଟଫୁଡ୍ ଓ ପକେଟ ଯୁକ୍ତ ଖାଦ୍ୟ ଖାଆନ୍ତୁ ନାହିଁ। କୌଣସି ପରିସ୍ଥିତିରେ ଫ୍ରିଜରେ ଥିବା ଖାଦ୍ୟ ଓ ନିଶାଦ୍ରବ୍ୟ ଆଦୌ ଗ୍ରହଣ କରନ୍ତୁ ନାହିଁ। ବର୍ଷାଦିନରେ ଦୂରସ୍ଥାନକୁ ଏହିପରି ପରିସ୍ଥିତିରେ ଯିବା ନିରାପଦ ନୁହଁ। ଗର୍ଭବତୀଙ୍କ ସହିତ ଘରର ସମସ୍ତ ସଦସ୍ୟ ସଫାସୁତୁରା ରହିବା ଦରକାର। ଏହାଦ୍ୱାରା ପିଲାଟି ସୁସ୍ଥ ଭାବରେ ଜନ୍ମ ହୋଇପାରିବ।

ସ୍ତ୍ରୀ ଓ ପ୍ରସୂତୀ ରୋଗ
ବିଶେଷଜ୍ଞ, ଦି'ବ୍ରେନ୍, ପୁରୀଘାଟ
ରୋଡ଼, କଟକ,ଦୂରଭାଷ :
୯୮୬୧୪୬୩୪୦୬

ଦଳର ସ୍ଥିତି ନାହିଁ ହେଲେ ଚନ୍ଦା ମିଳୁଛି କୋଟି କୋଟି

ଗୋପାଳ ମହାପାତ୍ର

ଭାରତ ଭଳି ବିଶାଳ ଗଣତନ୍ତ୍ରରେ ରାଜନୈତିକ ଦଳ ଜନମତର ବାହକ ବୋଲି କୁହାଯାଏ । ରାଜନୈତିକ ଦଳମାନେ ନିର୍ବାଚନ ଲଢ଼ିଥାନ୍ତି, ଲୋକଙ୍କୁ ସେମାନଙ୍କ ଦଳର ବିଚାରଧାରା ପ୍ରସଙ୍ଗରେ ଅବଗତ କରାଇଥାନ୍ତି ଏବଂ ଜନତାଙ୍କ ସମସ୍ୟା ଲୋକସଭା ବା ବିଧାନସଭାରେ ଉଠାଇଥାନ୍ତି । କିନ୍ତୁ ବିଗତ କିଛି ବର୍ଷ ହେବ ଏକ ବିଚିତ୍ର ପ୍ରବୃତି ଦେଖିବାକୁ ମିଳୁଛି । ଦେଶରେ ଏମିତି ଅନେକ ପଂଜିକୃତ ହୋଇଥିବା ରାଜନୈତିକ ଦଳ ରହିଛନ୍ତି ଯେଉଁମାନଙ୍କର ଜନମତ ବା ଜନତାଙ୍କ ସହ କିଛି ସଂପର୍କ ନାହିଁ କିମ୍ବା ଏମାନେ ନିର୍ବାଚନ ଲଢ଼ି ନାହାନ୍ତି । କାଗଜ କଲମରେ ଥିବା ଏହିଭଳି ରାଜନୈତିକ ଦଳମାନଙ୍କର ସ୍ଥିତିନଥାଇ ମଧ୍ୟ ଏମାନଙ୍କ ବ୍ୟାଙ୍କ ଖାତାକୁ କୋଟି କୋଟି ଟଙ୍କା ଚାନ୍ଦା ଆକାରରେ ଆସୁଛି । ଏହି ଘଟଣା ଯେ ଆଜିର ତାହାନୁହେଁ । ଏହା ଏବେ ଯେ କେବଳ ରାଜନୈତିକ ଅର୍ଥ ବ୍ୟବସ୍ଥା ଉପରେ ପ୍ରଶ୍ନ ଉଠାଇଛି ତାହାନୁହେଁ ବଂର ଗଣତନ୍ତ୍ରର ପାରଦର୍ଶିତା ପାଇଁ ଏକ ଚାଲେ ସୃଷ୍ଟି କରିଛି । ନିର୍ବାଚନ କମିଶନଙ୍କ ତଥ୍ୟ ଅନୁସାରେ ଦେଶରେ ୨୮୦୦ରୁ ଅଧିକ ରାଜନୈତିକ ଦଳ ଅଛନ୍ତି । ଏମାନେ ସବୁ ପଂଜିକୃତ । ଦେଶରେ ରାଷ୍ଟ୍ରିୟ ଏବଂ ଆଂଚଳିକ ଦଳମାନଙ୍କର ସଂଖ୍ୟ ମାତ୍ର ୭୩ ଅଟେ । ବାକି ଅନ୍ୟ ସବୁଦଳ କେବଳ କାଗଜ କଲମରେ ରହିଛି ଓ ଏମାନଙ୍କ ମଧ୍ୟରୁ ଅନେକ କେବେ କୌଣସି ନିର୍ବାଚନରେ ଭାଗ ନେଇ ନାହାନ୍ତି । ୨୦୧୨ ରୁ ୨୦୨୪ ମଧ୍ୟରେ କାଗଜ କଲମରେ ଥିବା ଏହି ଦଳମାନଙ୍କୁ ହଜାର ହଜାର କୋଟି ଟଙ୍କାର ଚାନ୍ଦା ମିଳିଛି । ଏକ ରିପୋର୍ଟ ଅନୁସାରେ ଏହି ଦଳମାନଙ୍କୁ ମିଳିଥିବା ଚାନ୍ଦାର ପରିମାଣ ୧୦ହଜାର କୋଟିରୁ ଅଧିକ ଅଟେ । ଦେଶରେ ଥିବା କେତେକ ପ୍ରମୁଖ ଦଳକୁ ମଧ୍ୟ ଏତେ ପରିମାଣରେ ଚନ୍ଦା ମିଳିନାହିଁ । ବିବିସି ପ୍ରକାଶିତ ଏକ ରିପୋର୍ଟ ଅନୁସାରେ ୬ଟି ଏମିତି କାଗଜ କଲମର ରାଜନୈତିକ ଦଳ ରହିଛି ଯାହାକୁ ୨୦୨୩-୨୪ରେ ଶହ ଶହ କୋଟି ଟଙ୍କାର ଚାନ୍ଦା ମିଳିଥିଲା । ଏହିଭଳି ଏକ ରାଜନୈତିକ

ପୋଲସରା ବ୍ଲକରେ ୪ ଆଞ୍ଚଳିକ ବିଦ୍ୟାଳୟ ସମୂହ କ୍ରୀଡ଼ା ପ୍ରତିଯୋଗିତା

ପୋଲସରା (ଅମୃତ ମିଡିଆ) : ପୋଲସରା ବ୍ଲକରେ ୨ଟି ପର୍ଯ୍ୟାୟରେ ୪ ଗୋଟି ଆଞ୍ଚଳିକ ସ୍ତରୀୟ ବିଦ୍ୟାଳୟ ସମୂହ କ୍ରୀଡ଼ା ପ୍ରତିଯୋଗିତା ବ୍ଲକ କ୍ରୀଡ଼ା ସମ୍ପାଦକ ତଥା ପୋଲସରା ପିଏମଶ୍ରୀ ଗୋପବନ୍ଧୁ ଉଚ୍ଚ ବିଦ୍ୟାଳୟର କ୍ରୀଡା ଶିକ୍ଷକ ଜ୍ଞାନ ରଞ୍ଜନ ଜାଲିଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ସଫଳତା ପୂର୍ବକ ଅନୁଷ୍ଠିତ ହୋଇଯାଇଛି । ପ୍ରଥମ ପର୍ଯ୍ୟାୟରେ ତା.୦୧/୦୯/୨୬ ମଙ୍ଗଳବାର ଦିବସ ହାତିଓଟ ନୋଡାଲ ଉଚ୍ଚ ବିଦ୍ୟାଳୟରେ ଏବଂ ମା' ଭରାଣ୍ଡି ନୋଡାଲ ଉଚ୍ଚ ବିଦ୍ୟାଳୟ ମନ୍ଦାର ଠାରେ ଅନୁଷ୍ଠିତ ହୋଇଥିଲା । ହାତିଓଟ ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଉମା ଶଙ୍କର ଦାସଙ୍କ ସଭାପତିତ୍ୱ ଏବଂ ହାତିଓଟ ଜୋନ୍ କ୍ରୀଡ଼ା ଶିକ୍ଷକ ସମୀର କୁମାର ଦଳାଇଙ୍କ ସମ୍ପାଦନାରେ ଆୟୋଜିତ କ୍ରୀଡ଼ା କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ବରିଷ୍ଠ ଆଇନଜୀବୀ ସୁଶାନ୍ତ କୁମାର ସାହୁ, ମୁଖ୍ୟବକ୍ତା ଭାବେ ବିଶିଷ୍ଟ ଶିକ୍ଷାବିତ୍ ତଥା ସାହିତ୍ୟିକ ମୁରଲୀଧର ନନ୍ଦ ଏବଂ ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ କାହ୍ନୁ ଚରଣ ସାହୁ, ଏସଏମସି ସଭାପତି ସନ୍ତୋଷ କୁମାର ଜେନା, ସମିତି ସଭ୍ୟ କାହୁଁ ଚରଣ ସାହୁଙ୍କ ସମେତ ଅନେକ ମାନ୍ୟଗଣ୍ୟ ବ୍ୟକ୍ତିବୃନ୍ଦ ଯୋଗଦେଇଥିଲେ । ବରିଷ୍ଠ ବିଜ୍ଞାନ ଶିକ୍ଷକ ନିରାନନ୍ଦ ସାହୁଙ୍କ ମଞ୍ଚ ପରିଚାଳନାରେ ଅତିଥିମାନେ ଶିକ୍ଷା ଏବଂ କ୍ରୀଡ଼ା ଉପରେ ନିଜ ନିଜର ସୁଚିନ୍ତିତ ମନ୍ତବ୍ୟ ପ୍ରଦାନ କରିବା ସହିତ ପ୍ରତିଯୋଗି ଛାତ୍ରଛାତ୍ରୀଙ୍କ ସଫଳତା ଶୁଭକାମନା କରିଥିଲେ । ଆୟୋଜିତ ଖୋ-ଖୋ, କବାଡ଼ି, ଫୁଟବଲ୍, କ୍ରିକେଟ୍, ଦୌଡ଼ କୁଦ ଓ ଯୋଗାସନ ପ୍ରତିଯୋଗିତାରେ ହାତିଓଟ (ଜୋନ୍) ର ଓଡ଼ିଶା ଆଦର୍ଶ ବିଦ୍ୟାଳୟ ହାତିଓଟ ସମେତ ହାଇସ୍କୁଲ, ପ୍ରାଇମେରୀ ଓ ଅପରପ୍ରାଇମେରୀ ବିଦ୍ୟାଳୟକୁ ମିଶାଇ ୨୩ ଗୋଟି ବିଦ୍ୟାଳୟ ଗୁଡ଼ିକର ଚଉଦ ବର୍ଷରୁ କମ୍ କନିଷ୍ଠ ବର୍ଗରେ ୫୨ ଜଣ ବାଳକ ଓ ୪୬ ଜଣ ବାଳିକା ଏବଂ ୧୭ ବର୍ଷରୁ କମ୍ ବରିଷ୍ଠ ବର୍ଗରେ ୧୨୧ ଜଣ ବାଳକ ଏବଂ କନିଷ୍ଠ ବର୍ଗରେ ୩୧ ଜଣ ବାଳିକା ଏପରି ମୋଟ ୨୫୦ ଜଣ ଷଷ୍ଠ ଶ୍ରେଣୀରୁ ଦ୍ୱାଦଶ ଶ୍ରେଣୀ ପର୍ଯ୍ୟନ୍ତ ଛାତ୍ରଛାତ୍ରୀମାନେ ଅଂଶଗ୍ରହଣ କରିଥିବା ବେଳେ ମନ୍ଦାର ଉଚ୍ଚ ବିଦ୍ୟାଳୟରେ ମନ୍ଦାର ଆଞ୍ଚଳିକ ସ୍ତରୀୟ (ଜୋନ୍) କ୍ରୀଡା କାର୍ଯ୍ୟକ୍ରମଟି ଶିକ୍ଷାନୁଷ୍ଠାନର ପ୍ରଧାନ ଶିକ୍ଷୟିତ୍ରୀ ସୁଶ୍ରୀ ଜୟକାନ୍ତି ପିଙ୍ଗଙ୍କ ସଭାପତିତ୍ୱ ଏବଂ ମନ୍ଦାର ଜୋନ୍ କ୍ରୀଡ଼ା ସମ୍ପାଦକ ଦେବାଶିଷ ଜେନାଙ୍କ ସମ୍ପାଦନାରେ ଆୟୋଜିତ କ୍ରୀଡା କାର୍ଯ୍ୟକ୍ରମରେ ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ଶରତ ଚନ୍ଦ୍ର ରାଉତ ଏବଂ ସମ୍ମାନିତ ଅତିଥି ଭାବେ ମନ୍ଦାର ପଞ୍ଚାୟତ ସରପଞ୍ଚ କାର୍ତ୍ତିକ ଜେନା ଓ ସମିତି ସଭ୍ୟା ପ୍ରତିନିଧି ସପନ ନାୟକ, ଏସଏମସି ସଭାପତି ପ୍ରଶାନ୍ତ କୁମାର ନାୟକ ଓ ପୂର୍ବତନ ସଭାପତି ଧରଣୀଧର ନାୟକ, ଗୋପୀନାଥ ହାଇସ୍କୁଲ ବର୍ତ୍ତିନୀର ପ୍ରଧାନ ଶିକ୍ଷକ ରଞ୍ଜନ କୁମାର ସାହୁ ପ୍ରମୁଖ ଯୋଗଦେଇ ଉପସ୍ଥିତ ବିଦ୍ୟାର୍ଥୀମାନଙ୍କୁ କ୍ରୀଡା ସମ୍ବନ୍ଧିୟ ଜ୍ଞାନ ଦେବାସହ ପ୍ରତିଯୋଗିମାନଙ୍କ ସଫଳତା କାମନା କରିଥିଲେ । ଏହି ଅବସରରେ ମନ୍ଦାର ଜୋନ୍ ଅନ୍ତର୍ଗତ ୨୧ ଗୋଟି ହାଇସ୍କୁଲ, ପ୍ରାଇମେରୀ ଓ ଅପରପ୍ରାଇମେରୀ ବିଦ୍ୟାଳୟରୁ ବରିଷ୍ଠ ଓ କନିଷ୍ଠ ବିଭାଗରେ ମୋଟ୍ ୧୩୦ ଜଣ ପ୍ରତିଯୋଗି ଛାତ୍ରଛାତ୍ରୀମାନେ କ୍ରୀଡ଼ା ପ୍ରତିଯୋଗିତା ଭାଗ ନେଇଥିଲେ। ସେହିପରି ଦ୍ୱିତୀୟ ପର୍ଯ୍ୟାୟରେ ପିଏମଶ୍ରୀ ଗୋପବନ୍ଧୁ ଉଚ୍ଚ ବିଦ୍ୟାଳୟ ଏବଂ ଲିଙ୍ଗରାଜ ହାଇସ୍କୁଲ ସାନବରଗାଁ ଠାରେ ଏହି ଆଞ୍ଚଳିକ ସାମୁହିକ ବିଦ୍ୟାଳୟ କ୍ରୀଡ଼ା ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ପୋଲସରା ପୌରପରିଷଦ ସ୍ଥିତ ଗୋପବନ୍ଧୁ ଉଚ୍ଚ ବିଦ୍ୟାଳୟର କାର୍ଯ୍ୟକ୍ରମଟି ଭାରପ୍ରାପ୍ତ ପ୍ରଧାନ ଶିକ୍ଷୟିତ୍ରୀ କେ. ମମତା କୁମାରୀ ପାତ୍ରଙ୍କ ସଭାପତିତ୍ୱ ଏବଂ ଆଞ୍ଚଳିକ କ୍ରୀଡ଼ା ସମ୍ପାଦକ ରାଜଦୀପ ଡାଲୁଆ (ଲିଙ୍ଗରାଜ ବାଳିକା ଉଚ୍ଚ ବିଦ୍ୟାଳୟ, ପୋଲସରା)ର କ୍ରୀଡା ଶିକ୍ଷକଙ୍କ ସମ୍ପାଦନାରେ ମୋଟ୍ ୨୩ ଗୋଟି ବିଦ୍ୟାଳୟରୁ ୧୭ ବର୍ଷରୁ କମ୍ ବରିଷ୍ଠ ବିଭାଗରେ ୬୨ ଜଣ ବାଳକ ଓ ୫୩ ଜଣ ବାଳିକା ଏବଂ ୧୪ ବର୍ଷରୁ କମ୍ କନିଷ୍ଠ ବିଭାଗରେ ୮୪ ଜଣ ବାଳକ ଓ ୬୭ ଜଣ ବାଳିକା ଏପରି ମୋଟ୍ ୨୬୬ ଜଣ ପ୍ରତିଯୋଗି ଭାଗ ନେଇଥିଲେ। ଏଥିରେ ମୁଖ୍ୟ ଅତିଥିଭାବେ ପୋଲସରା ବିଇଓ ଶ୍ରୀ ହର୍ଷବାବୁ ଖାଡ଼ଙ୍ଗା, ମୁଖ୍ୟ ବକ୍ତାଭାବେ ଜି.ବି. ଏଚ.ଏସ- ଜୋନର ତଥା ବେଗୁନିଆପଡ଼ା ବି.ଇ.ଓ. ରୁଦ୍ର ନାରାୟଣ ସାହୁ ଏବଂ ସମ୍ମାନୀତ ଅତିଥି ଭାବେ ଉକ୍ତ ଲିଙ୍ଗରାଜ ବାଳିକା ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ସୂର୍ଯ୍ୟନାରାୟଣ ସାହୁ, ଏସ.ଏମ୍.ସି. ସଭାପତି ରବୀନ୍ଦ୍ର କୁମାର ସାହୁ (ଟିକିନା) ଏବଂ ପୋଲସରା ମଣ୍ଡଳ କ୍ରୀଡା ସମ୍ପାଦକ ଜ୍ଞାନ ରଞ୍ଜନ ଜାଲି ପ୍ରମୁଖ ଅନୁଷ୍ଠିତ ବୈଠକରେ ଯୋଗଦେଇ ପ୍ରତିଯୋଗୀ ଛାତ୍ରଛାତ୍ରୀମାନଙ୍କୁ ମାର୍ଗଦର୍ଶନ ଦେବାସହ ସଫଳତା କାମନା କରିଥିଲେ। ଠିକ୍ ସେହିପରି ନିମିନା ଗ୍ରାମ ପଞ୍ଚାୟତ ସ୍ଥିତ ଲିଙ୍ଗରାଜ ହାଇସ୍କୁଲ ସାନବରଗାଁ ଠାରେ ପ୍ରଧାନଶିକ୍ଷକ ଡ଼. ସାହୁଙ୍କ ସଭାପତିତ୍ୱ ଏବଂ ଆଞ୍ଚଳିକ କ୍ରୀଡ଼ା ଶିକ୍ଷକ ସୀତାରାମ ମହାନ୍ତିଙ୍କ ସମ୍ପାଦନାରେ ୧୪ ଗୋଟି ବିଦ୍ୟାଳୟର ବରିଷ୍ଠ ବର୍ଗ ଏବଂ କନିଷ୍ଠ ବର୍ଗକୁ ମିଶାଇ ୧୨୫ ଜଣ ବାଳକ ଓ ୧୪୨ ଜଣ ବାଳିକାମାନେ କ୍ରୀଡ଼ା ପ୍ରତିଯୋଗିତାରେ ଭାଗ ନେଇଥିଲେ। ଏହି ଅବସରରେ ଆୟୋଜିତ ଉଦ୍‌ଘାଟନୀ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥିଭାବେ ସରପଞ୍ଚ ମାମା ସାହୁ, ମୁଖ୍ୟ ବକ୍ତାଭାବେ ଅନୁଷ୍ଠାନର ପ୍ରତିଷ୍ଠାତା ଦଣ୍ଡପାଣି ପ୍ରଧାନ ଏବଂ ସମ୍ମାନିତ ଅତିଥିଭାବେ ଏସ.ଏମ୍.ସି. ସଭାପତି ଦେବରାଜ ସେଠୀ, ମଧୁପଲ୍ଲୀ ଗୋପୀନାଥ ସ୍ୱାମୀ ହାଇସ୍କୁଲର ପ୍ରଧାନ ଶିକ୍ଷକ ଲମ୍ବୋଦର ସାହୁ, ଚଣ୍ଡିରାମପୁର ହାଇସ୍କୁଲ ପ୍ରଧାନ ଶିକ୍ଷକ ଅବନିକାନ୍ତ ପଟ୍ଟନାୟକ, ଚିରିକିପଡ଼ାଶାସନ ହାଇସ୍କୁଲର ପ୍ରଧାନ ଶିକ୍ଷକ ଇଙ୍ଗିତା ମଲ୍ଲିକ, ମା' ସିଂହାସନୀ ୟୁ.ପି ସ୍କୁଲର ପ୍ରଧାନ ଶିକ୍ଷକ ହିମାଂଶୁ ଶେଖର ପାଢ଼ୀ, ସମିତିସଭ୍ୟା ପ୍ରତିନିଧି ନୀଳମଣି ସାହୁ ଓ ପୂର୍ବତନ ଏସଏମସି. ସଭାପତି ରାମଚନ୍ଦ୍ର ଗୌଡ ପ୍ରମୁଖ ଯୋଗଦେଇ ଜଣେ ସୁସ୍ଥ ମଣିଷ ଏବଂ ସୁସ୍ଥ ସମାଜ ପାଇଁ କ୍ରୀଡ଼ାର ଉପଯୋଗିତା ଓ ମହତ୍ୱ କ'ଣ ସେଥିଉପରେ ବୁଝାଇବା ସହ ପ୍ରତିଯୋଗୀ ଛାତ୍ରଛାତ୍ରୀମାନଙ୍କ ସଫଳତା ଓ ଭବିଷ୍ୟତ ଉଜ୍ଜଳ କାମନା କରିଥିଲେ। ସୂଚନା ଯୋଗ୍ୟ ଯେ, ଚଳିତ ମାସ ୧ ତାରିଖ ମଙ୍ଗଳବାର ଓ ୩ ତାରିଖ ଗୁରୁବାର ଦିନ ହୋଇଥିବା ଚାରି ଜୋନ୍ ସ୍ତରୀୟ କ୍ରୀଡ଼ା କାର୍ଯ୍ୟକ୍ରମ ନିର୍ବିଘ୍ନ ଏବଂ ସଫଳତାର ସହିତ ସମାପନ ହୋଇଥିବା ବେଳେ ଏଥିରେ ୪ ଜଣ ଆଞ୍ଚଳିକ କ୍ରୀଡା ସମ୍ପାଦକଙ୍କ ବ୍ୟତୀତ ବିଭିନ୍ନ ବିଦ୍ୟାଳୟର କ୍ରୀଡାଶିକ୍ଷକ, ଶିକ୍ଷକ,ଶିକ୍ଷୟତ୍ରୀ,ଏସଏମସି ସଦସ୍ୟବୃନ୍ଦଙ୍କ ସମେତ ଏନସିସି , ସ୍କାଉଟ, ଗାଇଡ୍ ଓ ଜେ.ଆର.ସି. ଛାତ୍ରଛାତ୍ରୀମାନେ କର୍ମଚାରୀମାନେ ଉପସ୍ଥିତ ରହି ସହଯୋଗ କରିଥିବାରୁ ବ୍ଲକ୍ କ୍ରୀଡା ସଂପାଦକ ଜ୍ଞାନ ରଞ୍ଜନ ଜାଲି ସମସ୍ତଙ୍କୁ ଆନ୍ତରିକ ଧନ୍ୟବାଦ ଜଣାଇଛନ୍ତି ।

ଶ୍ରୀ ଅରବିନ୍ଦ ମହିଳା ପାଠଚକ୍ର ଅନୁଷ୍ଠିତ

ଜୟପୁର (ଅମୃତ ମିଡିଆ) : ସମର୍ପଣ ମଞ୍ଚଲଷ୍ଟରୀୟ ଶ୍ରୀ ଅରବିନ୍ଦ ମହିଳା ପାଠଚକ୍ର ସମ୍ମିଳନୀ, ଶ୍ରୀ ଅରବିନ୍ଦ ପୂର୍ଣ୍ଣାଙ୍ଗ ଶିକ୍ଷାକେନ୍ଦ୍ର ଜଳସେଚନ ବସତି ଜୟପୁର୦ାରେ ରବିବାର ଅନୁଷ୍ଠିତ ହୋଇଯାଇଛି । ଏହି ସମ୍ମିଳନୀରେ ଡାଲିଯୋଡ଼ା ସାଧକ ପ୍ରଭାତ ଭାଇ ଏବଂ କଳାହାଣ୍ଡି ର ସାଧିକା ମାଳବିକା ଅପା ମୁଖ୍ୟ ଅତିଥି ଭାବରେ ଯୋଗଦେଇ ଦିବ୍ୟ ଉପସ୍ଥିତି ଏବଂ ଶ୍ରୀ ଅରବିନ୍ଦଙ୍କ ଯୋଗରେ ନାରୀର ସାଧନା ବିଷୟରେ ଆଲୋକପାତ କରିଥିଲେ। ସର୍ବପ୍ରଥମେ ମାତୃପତାକା ଉତ୍ତୋଳନ କରାଯାଇଥିଲା। ତତ୍ ପରେ ମା ଶ୍ରୀ ଅରବିନ୍ଦଙ୍କ ଚରଣରେ ଦୁଇ ମିନିଟ୍ ନୀରବ ପ୍ରାର୍ଥନା କରାଯାଇଥିଲା। ସସ୍ମିତା ଅପା ଦୁର୍ଗା ସ୍ତୋତ୍ର ପଠନ କରିଥିଲେ, ଧ୍ୟାନ ଓ ପ୍ରାର୍ଥନା ଶାନ୍ତି ଅପା, ମା ବହି ବିଜୟଲକ୍ଷ୍ମୀ ଅପା ପଠନ କରିଥିଲେ । ବିଦ୍ୟାଳୟର ଅପାମାନେ ସମବେତ ମାତୃସଙ୍ଗୀ ତ ଗାନ କରିଥିଲେ। ସଭାକାର୍ଯ୍ୟକୁ ଅସୋମ୍ନିତା ଅପା ପରିଚାଳନା କରିଥିଲେ। ସଂଯୁକ୍ତା ଅପା ସ୍ୱାଗତ ସମ୍ବର୍ଦ୍ଧନା ଜଣାଇଥିଲେ। ମାଳବିକା ଅପା ତାଙ୍କର ବକ୍ତବ୍ୟରେ ଶ୍ରୀ ଅରବିନ୍ଦଙ୍କ ଯୋଗରେ ମହିଳାଙ୍କ ଭୂମିକା ଉପରେ ନିଜର ଓଜସ୍ୱୀ ଅଭିଭାଷଣ ରଖିଥିଲେ। ସଭାସ୍ଥଳକୁ ମୁଖରିତ କରିବା ପାଇଁ ନିହରିକା ଅପା ଏକ ମାତୃ ବନ୍ଦନା ଗାନ କରିଥିଲେ। ତତ୍ ପରେ ପ୍ରଭାତ ଭାଇ ତାଙ୍କର ବକ୍ତବ୍ୟ ରଖିଥିଲେ। ପରିଶେଷରେ ଗାୟତ୍ରୀ ଅପା ଧନ୍ୟବାଦ ଅର୍ପଣ କରିଥିଲେ। ଉକ୍ତ କାର୍ଯ୍ୟକ୍ରମରେ ୨୮୦ରୁ ଊର୍ଦ୍ଧ୍ୱ ସାଧକ ସାଧିକା ଭାଇ ଭଉଣୀ ବିଭିନ୍ନ ଅଞ୍ଚଳରୁ ଆସି ଯୋଗଦାନ କରିଥିଲେ। ଏହି ସଭା କାର୍ଯ୍ୟରେ ସଭାପତି ଶ୍ରୀଯୁକ୍ତ ନିର୍ମଳ ଚନ୍ଦ୍ର ମଲ୍ଲିକ ଭାଇ, ଉପ ସଭାପତି ଶ୍ରୀଯୁକ୍ତ ହରିହର ସାହୁ ଭାଇ, ସମ୍ପାଦକ ଶ୍ରୀଯୁକ୍ତ ଚନ୍ଦ୍ର ଶେଖର ମହାପାତ୍ର ଭାଇ, ଅଧକ୍ଷା ଶ୍ରୀମତୀ ସୁଚିସ୍ମିତା ମହାନ୍ତି ଅପା, ଉପାଧକ୍ଷା ଶ୍ରୀମତୀ ସଂଯୁକ୍ତା ପଟ୍ଟନାୟକ ଅପା, ଅରୁଣା ଅପା, ନିହାରିକା ଅପା, ସସ୍ମିତା ଅପା, ଶୁଭଶ୍ରୀ ଅପା, ଅଭିଲିପ୍ସା ଅପା, କଳ୍ପନା ଅପା, ସରୋଜିନୀ ଅପା, ସୌଦାମିନୀ ଅପା, ମାମାଲି ଅପା, ମନୋରଞ୍ଜନ ଭାଇ, ଓଁ ଭାଇ ଏବଂ ଅଶୋକ ଭାଇ ଉପସ୍ଥିତ ରହିଥିଲେ । ସମସ୍ତଙ୍କର ସହଯୋଗରେ କରୁଣା ମୟୀ ମାଆ ଏବଂ ପରମପ୍ରଭୁ ଶ୍ରୀ ଅରବିନ୍ଦଙ୍କ ଅପାର କୃପାରୁ ସୁଚାରୁ ରୂପେ କାର୍ଯ୍ୟକ୍ରମଟି ସମ୍ପନ୍ନ ହୋଇଥିଲା ।

ଭାରସାମ୍ୟ ହରାଇ ଘର ମଧ୍ୟକୁ ପଶିଗଲା ବୋଲେରୋ, ୨ ଭାଇ ଗୁରୁତର

ବାଲିଅନ୍ତା (ଅମୃତ ମିଡିଆ) : ପୁରୀ-ଭୁବନେଶ୍ୱର ବାଇପାସ ରାସ୍ତା ଧଉଳି ଥାନା ଅଧିନ ଶିଶୁପାଳଗଡ଼ ଦଶହରା ପଡିଆରେ ଥିବା ଏକ ଘର ମଧ୍ୟକୁ ବୋଲେରୋ ଗାଡି ପଶିଯାଇଥିବା ଜଣାପଡିଛି । ଏହି ଘଟଣାରେ ଘରେ ଥିବା ୨ ଭାଇ ଗୁରୁତର ଆହତ ହୋଇଥିବା ବେଳେ ଚାଳକ ସାମାନ୍ୟ ଆହତ ହୋଇଛନ୍ତି । ସେମାନଙ୍କ. ପରିଚୟ ମିଳିପାରିନାହିଁ । ଖବରନେବାରେ ଜଣାପଡିଛି ପୁରୀରୁ ଏହି ବୋଲେରୋ ଭୁବନେଶ୍ୱର ଆଡିମୁଖେ ଯାଉଥିଲା । ଅପରାହ୍ନ ପ୍ରାୟ ସାଢେ ୪ ଟାରେ ଭାରସାମ୍ୟ ହରାଇ ବୋଲେରୋଟି ଶିଶୁପାଳଗଡ଼ ଦୁର୍ଗାମଣ୍ଡପ ନିକଟରେ ଥିବା ଏକ ଆଜବେଷ୍ଟସ ଘରେ ପଶିଯାଇ ଓଲଟି ଯାଇଥିଲା । ଫଳରେ ଘର ଭାଙ୍ଗିଯିବା ସହ ଗାଡିଟି ୨ ଭାଇ ଶୁଭ ଓ ଶଙ୍କରଙ୍କ ଉପରେ ପଡିଯାଇଥିଲା । ଖବରପାଇ ଧଉଳି ଥାନା ପୁଲିସ ଦୁର୍ଘଟଣା ଗ୍ରସ୍ତ ଗାଡିକୁ ଉଦ୍ଧାର କରିବା ସହ ଗାଡି ତଳେ ଚାପି ହୋଇଥିବା ୨ ଭାଇଙ୍କୁ କଟର ସାହାଯ୍ୟରେ ଉଦ୍ଧାର କରି ରାଜଧାନୀ ଚିକିତ୍ସାଳୟରେ ଭର୍ତ୍ତି କରିଥିଲେ। ଏହି ଘଟଣାରେ ଧଉଳି ଥାନା ପୁଲିସ ଚାଳକଙ୍କୁ ଅଟକ ରଖି ତଦନ୍ତ ଚଳାଇଛି ।

ଲିଙ୍ଗରାଜ ପାସେଞ୍ଜରହଲ୍ଟ ଧାରଣାକୁ ପାଞ୍ଚବର୍ଷ ତିନିମାସ

ବାଲିଅନ୍ତା (ଅମୃତ ମିଡିଆ) : ଶାନ୍ତି ପୂର୍ଣ୍ଣ ଧାରଣାରେ ଧାରଣା ଦେଇ ଚାଲିଛନ୍ତି ସେବା ପ୍ରତିନିଧିର ମୁଖ୍ୟ ସଙ୍ଗଠକ ତଥା ମିଳିତ କ୍ରିୟାନୁଷ୍ଠାନ କମିଟିର ମୁଖ୍ୟ ନୀଳମଣି ମିଶ୍ର। ଶ୍ରୀ ମିଶ୍ରଙ୍କ ନେତୃତ୍ୱରେ ଲିଙ୍ଗରାଜ ପାସେଞ୍ଜର ହଲ୍ଟ ନିକଟରେ ପାଞ୍ଚ ବର୍ଷ ତିନି ମାସ ହେବ ଶାନ୍ତି ପୂର୍ଣ୍ଣ ଧାରଣା ଦିଆଚାଲିଛି ।ଧାରଣାର ଦାବି ମହାପ୍ରଭୁ ଲିଙ୍ଗରାଜଙ୍କ ନାମରେ ନାମିତ ଏକ ଟ୍ରେନ ଚାଲୁ ।ତାହା ଅଦ୍ୟାବଧି କାର୍ଯ୍ୟକାରୀ କରାଯାଇନାହିଁ ।ପାସେଞ୍ଜର ହଲ୍ଟକୁ ଷ୍ଟେସନର ମାନ୍ୟତା ମିଳୁ। ଦୂରଗାମୀ ରେଳକୁ ଲିଙ୍ଗରାଜ ପାସେଞ୍ଜର ହଲ୍ଟ ନିକଟରେ ରଖାଯାଉ(ଯେପରି ବଡ଼ବଡ଼ ଷ୍ଟେସନ ପାଖ ଷ୍ଟେସନଗୁଡିକରେ ରଖାଯାଉଅଛି)। ଷ୍ଟେସନ ନିକଟରେ ପାଞ୍ଚ ଟଙ୍କିଆ ଆହାର କେନ୍ଦ୍ର ଖୋଲୁ କାରଣ ପାସେଞ୍ଜର ହଲ୍ଟ ନିକଟରେ ଅନେକ ସ୍କୁଲ, କଲେଜ,ମହତାବ ହାଟ ଓ ଲୋକ ହାଟ ଅବସ୍ଥିତ। ଛୋଟ ପିଲାମାନଙ୍କ ନିମନ୍ତେ ଦୁଗ୍ଧ ପାନ ଗୃହ, ଯାତ୍ରୀମାନଙ୍କ ଯାତାୟତ ନିମନ୍ତେ ରହିଥିବା ଅଟୋ ଷ୍ଟାଣ୍ଡକୁ ସ୍ଥାୟୀତ୍ୱ କରାଯାଉ ।ସୁଲଭ ସୌଚାଳୟ ତଥା ପାନୀୟ ଜଳ ଯୋଗାଣର ବ୍ୟବସ୍ଥା ମଧ୍ୟ କରାଯାଉ। ବୟସ୍କା/ବୟସ୍କ ବ୍ୟକ୍ତି ବିଶେଷଙ୍କ ପାଇଁ ଲିଫ୍ଟରେ ବ୍ୟବସ୍ଥା ରଖାଯାଉ । ଏହି ଶାନ୍ତି ପୂର୍ଣ୍ଣ ଧାରଣାରେ ଉଲ୍ଲାସ ଚନ୍ଦ୍ର ମହାପାତ୍ର, ଗିରିଜା ଶଙ୍କର ମହାପାତ୍ର,ଅଶୋକ କୁମାର ମହାରଣା, ରଙ୍କନିଧି ପଟ୍ଟନାୟକ, ଡକ୍ଟର ସୁଦର୍ଶନ ବଳିଆରସିଂ, ଦାମୋଦର ସାମନ୍ତରାୟ, ପତିତପାବନ ପଣ୍ଡା,ତାରା ଚରଣ ଆଚାର୍ଯ୍ୟ, ପୃଥ୍ୱୀରାଜ ବାରିକ, ବାବୁଲି ନାୟକ, ଗୋବିନ୍ଦ ମଲ୍ଲ ଓ ଅନେକ ଭାଗ ନେଇଥିଲେ।

କୋଟଗଡ ଚୋରି ଡକାୟିତ ମାମଲାରେ ୪ ଗିରଫ
ବନ୍ଧୁକ,ଛୁରୀ,ବୁଲେଟ୍ ମୋଟରସାଇକେଲ ଜବତ

ଫୁଲବାଣୀ (ଅମୃତ ମିଡିଆ) : କୋଟଗଡ ଥାନା ପୋଲିସ୍ କୁ ମିଳିଛି ବଡ ସଫଳତା। ବନ୍ଧୁକ ଛୁରୀ ଦେଖାଇ ଚୋରୀ ଡକାୟତି କରୁଥିବା ମାମଲାରେ କୋଟଗଡ ଥାନା ପୋଲିସ୍ ୪ ଜଣଙ୍କୁ ଗିରଫ କରି ଅଭିଯୁକ୍ତ ମାନଙ୍କ ଠାରୁ ଡକାୟତି କାମରେ ବ୍ୟବହୃତ ବନ୍ଧୁକ ଛୁରୀ,ମୋବାଇଲ୍,ମୋଟର ସାଇକେଲ ଓ ଟଙ୍କା ଜବତ କରିଥିବା କନ୍ଧମାଳ ଏସ୍ ପି ରମେନ୍ଦ୍ର ପ୍ରସାଦ ଗଣମାଧ୍ୟମକୁ ଦେଇଥିବା ପ୍ରେସ୍ ବିଜ୍ଞପ୍ତି ରୁ ଜଣାପଡ଼ିଛି । ସୂଚନାନୁଯାୟୀ ୨୩.୦୮.୨୦୨୬ ରାତିରେ, ଅଭିଯୁକ୍ତ ରାହୁଲ ମାନସେଠ୍ ନିଲିମାଝିଗୁଡ଼ା ଗ୍ରାମର ସମିତ ପାଲାଟାସିଂହ, ହାଟପଦା (କୋଟାଗଡ଼)ର ବିକାଶ କଲିଆରସିଂହ ଏବଂ କାଳିଆ ଓରଫ୍ ରୋହିତ ନାୟକଙ୍କ ସହ ମିଶି ରୋନି ବଲିଆର ସିଂହଙ୍କ ଯୋଜନା ଅନୁଯାୟୀ କୁୟାରସାହିର ମଞ୍ଜୁ ନାୟକଙ୍କ ଘରକୁ ଯାଇଥିଲେ। ସେମାନେ ଏକ ଛୁରୀ ସାହାଯ୍ୟରେ ମଞ୍ଜୁ ନାୟକଙ୍କ ଘରର ପଛପଟ କବାଟର ତାଲା ଭାଙ୍ଗି ଭିତରକୁ ପ୍ରବେଶ କରିଥିଲେ । ଘର ଭିତରେ ପଶିବା ପରେ, ସେମାନେ ମଞ୍ଜୁ ନାୟକଙ୍କୁ ବନ୍ଧୁକ ଦେଖାଇ ଚିତ୍କାର କଲେ ଜୀବନରୁ ମାରିଦେବାର ଧମକ ଦେଇଥିଲେ ଏବଂ ତାଙ୍କ ବେକରେ ଥ?ିବା ସୁନା ଚେନ୍, କାନର ଦୁଇଟି ସୁନା ଫୁଲ ଓ ଗୋଟିଏ ମୋବାଇଲ୍ ଫୋନ୍ ଛଡ଼ାଇ ନେଇଥିଲେ। ଏହାପରେ ଘର ଭିତରେ ଥିବା ବାକ୍ସ ଖୋଜି ସେମାନେ ସୁନା କାନଫୁଲ ଓ ୨୫,୦୦୦ ଟଙ୍କା ନଗଦ ଅର୍ଥ ନେଇଯାଇଥିଲେ। ସେମାନେ ମଞ୍ଜୁ ନାୟକଙ୍କ କୋଠରୀ ପାଖରେ ଥିବା ଅନ୍ୟ ଏକ କୋଠରୀର ତାଲା ଭାଙ୍ଗି ସେଠାରୁ ଦୁଇଟି ମୋବାଇଲ୍ ଫୋନ୍ ଓ ମୋଟିପର୍ସରୁ କିଛି ନଗଦ ଟଙ୍କା ନେଇଯାଇଥିଲେ ଏବଂ ତା'ପରେ କୋଟଗଡ ହାଟପଦା ସ୍ଥିତ କାଳିଆ ଓରଫ୍ ରୋହିତ ନାୟକଙ୍କ ଘର ଆଡ଼କୁ ପଳାଇ ଯାଇଥିଲେ। ଏହି ଚୋରୀ ଅଭିଯୋଗରେ କୋଟଗଡ ଥାନା ଅଧିକାରୀ ଭାବେ ତଦନ୍ତ ଅଧିକାରୀ ଶ୍ରୀ ସମିତ୍ କୁମାର ସ୍ୱାଇଁ ଦାୟିତ୍ୱ ନେଇ କେସ୍ ନଂ ୧୫୮/୨୪.୮.୨୦୨୬ ଇଘଝ ଧାରା ୩୧୦ (୨) ଇଦ୍ଧଜ୍ଞ ବମଶ୍ଚ ଧାରା ଅନୁଯାୟୀ ଏକ ମାମଲା ରୁଜୁ କରି ଚୋରୀ ଘଟଣା ରେ ସମ୍ପୃକ୍ତ ୪ ଜଣ ଅଭିଯକ୍ତଙ୍କୁ ଗିରଫ କରିବା ସହ ତାଙ୍କ ଠାରୁ ଚୋରି ହୋଇଥ?ିବା ଦୁଇଟି ମୋବାଇଲ୍ ଫୋନ୍ ଏବଂ ୧୪,୭୦୦ ଟଙ୍କା ନଗଦ ଅର୍ଥ ଉଦ୍ଧାର ଓ ଜବତ କରାଯାଇଛି । ଅପରାଧ ଘଟାଇବାରେ ବ

ପଶ୍ଚିମ ଓଡ଼ିଶା

ଅମୃତ ଦୁନିଆ
୭ ସେପ୍ଟେମ୍ବର ୨୦୨୬

ଶାରଦୀୟ ଦୁର୍ଗାପୂଜା ପାଇଁ ମୂର୍ତ୍ତିକା ଅନୁକୂଳ ପର୍ବ

ବଲାଙ୍ଗୀର (ଅମୃତ ମିଡିଆ) : ରୁଗୁଡିପଡାରେ ଆରମ୍ଭ ହେଲା ମାଁଙ୍କ ମୃଣ୍ମୟୀ ପ୍ରତିମା ନିର୍ମାଣର ଶୁଭାରମ୍ଭ ବଲାଙ୍ଗିର ରୁଗୁଡିପଡା ଶାରଦୀୟ ଦୁର୍ଗାପୂଜା ପାଇଁ ପବିତ୍ର ମୂର୍ତ୍ତିକା ଅନୁକୂଳ ପର୍ବ ଆଜି ଭକ୍ତି ଓ ଶ୍ରଦ୍ଧାର ସହ ଅନୁଷ୍ଠିତ ହୋଇଯାଇଛି ।ଭାଦ୍ରବ ଶୁକ୍ଳ ନବମୀ ତିଥିରେ ବୈଦିକ ରୀତିନୀତି ଅନୁସାରେ ବେଲ୍ୱବୃକ୍ଷ ମୂଳରୁ ମାଁଙ୍କ ମୃଣ୍ମୟୀ ପ୍ରତିମା ନିର୍ମାଣ ପାଇଁ ପବିତ୍ର ମାଟି ସଂଗ୍ରହ କରାଯାଇଥିଲା । ଏହି ପବିତ୍ର ମୃତ୍ତିକାକୁ ସ୍ଥାନୀୟ ଦୁର୍ଗା ମଣ୍ଡପରେ ବିଧିବିଧାନ ଅନୁଯାୟୀ ପୂଜାର୍ଚ୍ଚନା କରାଯିବା ପରେ ମାଁଙ୍କ ମୃଣ୍ମୟୀ ପ୍ରତିମା ନିର୍ମାଣ କାର୍ଯ୍ୟର ଶୁଭାରମ୍ଭ ହେବ। ଏହି ଅବସରରେ ପୂଜା କମିଟିର କର୍ମକର୍ତ୍ତା ଓ ସଦସ୍ୟମାନେ ଏକ ଶୋଭାଯାତ୍ରାରେ ବାହାରି ବେଲ୍ୱବୃକ୍ଷ ନିକଟରେ ପହଞ୍ଚି ବିଧିବିଧାନ ଅନୁସାରେ ପୂଜାର୍ଚ୍ଚନା କରିଥିଲେ। ମୂର୍ତ୍ତିକା ସଂଗ୍ରହ ସହିତ ଏବେ ଆରମ୍ଭ ହେବ ମାଁଙ୍କ ମନୋମୁଗ୍ଧକର ମୃଣ୍ମୟୀ ପ୍ରତିମା ନିର୍ମାଣର ପବିତ୍ର ପ୍ରକ୍ରିୟା। ଚଳିତ ବର୍ଷ ପୂଜାର କର୍ତ୍ତା ଭାବେ ହଳାୟୁଦ୍ଧ ପୁଝାରୀ ଓ ତାଙ୍କ ଧର୍ମପତ୍ନୀ ଶ୍ରୀମତୀ ରଶ୍ମିତା ପୁଝାରୀ ଦାୟିତ୍ୱ ତୁଲାଉଛନ୍ତି। ପୂଜା କାର୍ଯ୍ୟରେ ନିରଞ୍ଜନ ମହାପାତ୍ର, ସତ୍ୟନାରାୟଣ ପଣ୍ଡା, ସନ୍ତୋଷ ପଣ୍ଡା, ଭାଗୀରଥି ମହାକୁର, ଲକ୍ଷ୍ମୀ ମହାରଣା, ଡମ୍ବରୁ ପଶାୟତ, ଗଣେଶ ସେଠ୍ ପ୍ରମୁଖ ସହଯୋଗ କରିଥିଲେ। କାର୍ଯ୍ୟକ୍ରମରେ ପୂଜା କମିଟିର ସଭାପତି ଚେତନାନନ୍ଦ ପଣ୍ଡା, ସମ୍ପାଦକ ହରିନାରାୟଣ ପୂଜାରୀ, ଉପସଭାପତି ପ୍ରଦୀପ ପଟ୍ଟନାୟକ, ସାଙ୍ଗଠନିକ ସମ୍ପାଦକ ସଞ୍ଜୀବ ଶତପଥୀ, ଦେବବ୍ରତ ବଗର୍ତ୍ତୀ, ବରିଷ୍ଠ ସଦସ୍ୟ ସଞ୍ଜୟ ପୂଜାରୀ, ଶ୍ରୀକାନ୍ତ ରାଉତ, ହୃଷିକେଶ ପଟ୍ଟନାୟକ, କୁଲଦୀପ ପଣ୍ଡା, ଗୋପୀନାଥ ଚନ୍ଦନ, ତାପସ ମହାନ୍ତି, ରାମ ଦୀପ, ଗଗନ ସେଠ୍, ନୂତନ ଛତ୍ରିଆ ପ୍ରମୁଖ ଉପସ୍ଥିତ ଥିଲେ।

ଗୁରୁଦିବସ ପାଳିତ

ବଲାଙ୍ଗୀର (ଅମୃତ ମିଡିଆ) : ନିଖିଳ ଉତ୍କଳ ପ୍ରାଥମିକ ଶିକ୍ଷକ ସଂଘ, ବଲାଙ୍ଗିର ଜିଲ୍ଲା ଶାଖା ତରଫରୁ ବଲାଙ୍ଗିର ସହର ସ୍ଥିତ ମିଶନ କମ୍ପାଉଣ୍ଡ ର "ଦି ଲାଇଫ କନଫରେନ୍ସ ହଲ" ଠାରେ ଜିଲ୍ଲା ସଭାନେତ୍ରୀ ଶାନ୍ତିଲତା ସାହୁଙ୍କ ଅଧ୍ୟକ୍ଷତା ରେ, ସହ-ସଂପାଦିକା ଅନୁପମା ପ୍ରହରାଜଙ୍କ ଆବାହନ କ୍ରମେ ଜିଲ୍ଲା ମହିଳା ମଣ୍ଡଳ ସଭାନେତ୍ରୀ ଲକ୍ଷ୍ମୀପ୍ରିୟା ପଟେଲ ଓ ସମ୍ପାଦିକା କୁମୁଦିନୀ ମେହେର, ବିଦୁସ୍ମିତା ଦାସ, ହରେକୃଷ୍ଣ ମାଝି ପ୍ରମୁଖ ବ୍ୟକ୍ତି ଗୁରୁ ଦିବସ ର ସଭା କାର୍ଯ୍ୟକୁ ସଫଳ କରିଥିଲେ । ମୁଖ୍ୟ ଅତିଥି ସୁଧାଂଶୁ ଶେଖର ମିଶ୍ର, ଜିଲ୍ଲା ଶିକ୍ଷା ଅଧିକାରୀ ବଲାଙ୍ଗିର, ଅତିରିକ୍ତ ଶିକ୍ଷା ଅଧିକାରୀ ପ୍ରବୀର ପଣ୍ଡା, ରାଜ୍ୟପାଳ ପୁରସ୍କୃତ ଶିକ୍ଷକ ହରେକୃଷ୍ଣ ତ୍ରିପାଠି, ରାଜ୍ୟ ଫେଡେରେସନ ସମ୍ପାଦକ ସନ୍ତୋଷ କୁମାର ସାହୁ, ବଉଦ ଜିଲ୍ଲା ସଭାପତି ଲୋକନାଥ ପାଢୀ, ରାଜ୍ୟ ଫେଡରେସନ ପରାମର୍ଶଦାତା ଦିଲ୍ଲୀପ ବୈଦାର, ବଲାଙ୍ଗିର ଜିଲ୍ଲା କାର୍ଯ୍ୟକାରି ସଭାପତି ତୁଷାର କର୍ମୀ ଓ କମିଟିର ଅଧ୍ୟକ୍ଷ ଆଚାର୍ଯ୍ୟ ସୁଚିତ୍ର ସୁନା ମଂଚରେ ଉପସ୍ଥିତ ଥିଲେ । ଅବସରପ୍ରାପ୍ତ ଶିକ୍ଷକ କୁଳମଣି ବକୁଳ, ବସନ୍ତ ବୁଡେକ ଓ କୈଳାସ କର୍ଦ୍ଦ କୁ ସମ୍ବର୍ଦ୍ଧନା ଦିଆଯାଇଥିଲେ । ଆଲୋଚନା ଚକ୍ରରେ ଦୁର୍ଯ୍ୟୋଧନ ପଶାୟତ, ମନ ମୋହନ ଲିଙ୍ଗା ମଂଚ ପରିଚାଳନା କରିଥିଲେ । ଶିକ୍ଷା ଏକ ମହତ ବ୍ରତ ଏହା ଏକ ସାଧାରଣ ବୃତ୍ତି ନୁହେଁ । ଶିକ୍ଷା ବିଭାଗ, ଛାତ୍ର, ଅଭିଭାବକ, ଅନୁଷ୍ଠାନ ର ଉନ୍ନତି ଶିକ୍ଷକ ସନ୍ନିଧାନ ର ମୂଳ ସୁତ୍ର, ତାର ପରେ ଯାଇ ଶିକ୍ଷକ ସ୍ୱାର୍ଥି ବିଭୁର କରାଯାଏ । ଶେଷରେ ସଭାନେତ୍ରୀ ଶ୍ରୀମତୀ ସାହୁ ଧନ୍ୟବାଦ ଅର୍ପଣ କରିଥିଲେ ।

ଓଡ଼ିଶା ପ୍ରଦେଶ କଂଗ୍ରେସର ନୂତନ କମିଟି ଘୋଷଣା
କାର୍ଯ୍ୟକାରୀ କମିଟିରେ ଯୁବନେତା ତୁଲେଶ୍ୱର

କଳାହାଣ୍ଡି (ଅମୃତ ମିଡ଼ିଆ) : ଓଡ଼ିଶା ପ୍ରଦେଶ କଂଗ୍ରେସ କମିଟି ର ସାଂଗଠନିକ କ୍ଷେତ୍ରରେ ଏକ ବଡ଼ ଧରଣର ଅଦଳବଦଳ କରାଯାଇଛି । ରାଜ୍ୟରେ ଦଳୀୟ ସଂଗଠନକୁ ଅଧିକ କ୍ରିୟାଶୀଳ ଏବଂ ଶକ୍ତିଶାଳୀ କରିବା ଲକ୍ଷ୍ୟରେ କଂଗ୍ରେସର ରାଷ୍ଟ୍ରୀୟ ସଭାପତି ମଲ୍ଲିକାର୍ଜୁନ ଖଡ଼ଗେ ଓଡ଼ିଶା କଂଗ୍ରେସର ନୂତନ କାର୍ଯ୍ୟକାରୀ କମିଟି, ପରାମର୍ଶଦାତା କମିଟି ସମେତ ଉପସଭାପତି, ସାଧାରଣ ସମ୍ପାଦକ ଏବଂ ସମ୍ପାଦକ ପଦବୀ ପାଇଁ ଆସିଥିବା ପ୍ରସ୍ତାବକୁ ଅନୁମୋଦନ କରିଛନ୍ତି। ଏହି ନୂତନ ବ୍ୟବସ୍ଥାରେ ଓଡ଼ିଶାର ଜଣେ ଆଗଧାଡ଼ିର ଯୁବନେତା ତୁଲେଶ୍ୱର ନାଏକଙ୍କୁ ପ୍ରଦେଶ କଂଗ୍ରେସ କାର୍ଯ୍ୟକାରୀ କମିଟିର ସଦସ୍ୟ ଭାବେ ମନୋନୀତ କରାଯାଇଛି। ଅଖିଳ ଭାରତୀୟ କଂଗ୍ରେସ କମିଟି ର ସାଧାରଣ ସମ୍ପାଦକ କେ. ସି. ବେଣୁଗୋପାଳଙ୍କ ଦ୍ୱାରା ଜାରି ଆଧିକାରିକ ତାଲିକାର ୭୧ ନମ୍ବର କ୍ରମରେ ତୁଲେଶ୍ୱର ନାଏକଙ୍କ ନାମ ପ୍ରକାଶ ପାଇଛି। ଏହି ନୂତନ ଗଠିତ ଟିମ୍?ରେ ରାଜ୍ୟର ଅନେକ ବରିଷ୍ଠ ଏବଂ ଯୁବ ଚେହେରାଙ୍କୁ ଗୁରୁତ୍ୱପୂର୍ଣ୍ଣ ଦାୟିତ୍ୱ ଦିଆଯାଇଛି । ସାଂଗଠନିକ ସମ୍ପାଦକ ତାଲିକାରେ ଶାସମିତା ପଣ୍ଡା, ଶିଳ୍ପୀଶ୍ରୀ ହରିଚନ୍ଦନ ଏବଂ ଦେବସ୍ମିତା ଶର୍ମାଙ୍କ ଭଳି ପ୍ରମୁଖ ନେତ୍ରୀମାନଙ୍କୁ ସମ୍ପାଦକ ଭାବେ ନିଯୁକ୍ତି ମିଳିଛି। ଏହି ସଫଳତା ଏବଂ ଗୁରୁ ଦାୟିତ୍ୱ ପାଇବା ପରେ ତୁଲେଶ୍ୱର ନାଏକ ସୋସିଆଲ ମିଡିଆ ଜରିଆରେ କଂଗ୍ରେସର କେନ୍ଦ୍ରୀୟ ଓ ରାଜ୍ୟ ନେତୃତ୍ୱଙ୍କୁ ଗଭୀର କୃତଜ୍ଞତା ଜଣାଇଛନ୍ତି। ସେ କଂଗ୍ରେସ ସଭାପତି ମଲ୍ଲିକାର୍ଜୁନ ଖଡ଼ଗେ, ଲୋକସଭା ବିରୋଧୀ ଦଳ ନେତା ରାହୁଲ ଗାନ୍ଧୀ, ସଂଗଠନ ମହାସଚିବ କେ. ସି. ବେଣୁଗୋପାଳ, ଓଡ଼ିଶା ପ୍ରଭାରୀ ଲାଲଜୀ ଦେଶାଇ ଏବଂ ଓଡ଼ିଶା ପ୍ରଦେଶ କଂଗ୍ରେସ କମିଟି ସଭାପତି ଭକ୍ତ ଚରଣ ଦାସଙ୍କୁ ଧନ୍ୟବାଦ ଅର୍ପଣ କରିଛନ୍ତି। ସେ କହିଛନ୍ତି ଯେ, କାର୍ଯ୍ୟକାରୀ କମିଟିର ସଦସ୍ୟ ଭାବେ ଦଳ ତାଙ୍କ ଉପରେ ଯେଉଁ ଆସ୍ଥା ପ୍ରକଟ କରିଛି, ସେ ତାହାକୁ ନିଷ୍ଠାର ସହ ପାଳନ କରିବେ ଏବଂ କଂଗ୍ରେସ ଦଳ ପ୍ରତି କାମ କରିବା ପାଇଁ ଏହି ସୁଯୋଗକୁ ଏକ ବଡ଼ ଦାୟିତ୍ୱ ଭାବେ ଗ୍ରହଣ କରିବେ ।ଅଖିଳ ଭାରତୀୟ କଂଗ୍ରେସ କମିଟିପକ୍ଷରୁ ଜାରି ହୋଇଥିବା ଏହି ନୂତନ ତାଲିକା ତତ୍କାଳ ପ୍ରଭାବରୁ ଲାଗୁ ହୋଇଛି ଏବଂ ଏହି ନୂଆ ଟିମ୍ ଆଗାମୀ ଦିନରେ ଓଡ଼ିଶାରେ କଂଗ୍ରେସର ଭବିଷ୍ୟତକୁ ଏକ ନୂଆ ଦିଗ ଦେବ ବୋଲି ରାଜନୈତିକ ମହଲରେ ଚର୍ଚ୍ଚା ହେଉଛି ।

ଜିଲା ସାମ୍ବାଦିକ ସଙ୍ଘ ନୂତନ କର୍ମକର୍ତ୍ତା
ହରି ନାରାୟଣ ସଭାପତି, ଦୀପକ ସାଧାରଣ ସମ୍ପାଦକ

ବଲାଙ୍ଗୀର (ଅମୃତ ମିଡିଆ) : ବଲାଙ୍ଗିର ଜିଲା ସାମ୍ବାଦିକ ଭବନ ସନ୍ନିଳନୀ କକ୍ଷରେ ଜିଲା ସାମ୍ବାଦିକ ସଙ୍ଘ ପକ୍ଷରୁ ଦ୍ୱିବାର୍ଷିକ ସାଧାରଣ ପରିଷଦ ବୈଠକ ଅନୁଷ୍ଠିତ ହୋଇଯାଇଛି । ସଙ୍ଘ ସଭାପତି ଶିବ ପ୍ରସାଦ ପରିଡ଼ାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ବୈଠକରେ ବଲାଙ୍ଗିର ବିଧାୟକ କଳିକେଶ ନାରାୟଣ ସିଂହଦେଓ ମୁଖ୍ୟ ଅତିଥି ଭାବେ ଯୋଗଦେଇ ସାମ୍ବାଦିକଙ୍କୁ ଉତ୍ସାହିତ କରିଥିଲେ। ସାଧାରଣ ସମ୍ପାଦକ ଶିଶିରକାନ୍ତ ଶତପଥୀ, ବରିଷ୍ଠ ସଦସ୍ୟ ସୁବାସ କୁମାର ପଣ୍ଡା, ସୁଧୀର କୁମାର ପଣ୍ଡା, ନବୀନ ପଶାୟତ ପ୍ରମୁଖ ମଞ୍ଚାସୀନ ଥିଲେ। ବରିଷ୍ଠ ସାମ୍ବାଦିକ ଆନନ୍ଦ ଚନ୍ଦ୍ର ସାହୁ ସଭା ସଂଯୋଜନା କରିଥିଲେ। ପରେ ସଭାପତି ଶ୍ରୀ ପରିଡ଼ାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ସାଧାରଣ ସମ୍ପାଦକ ସଙ୍ଘର ବାର୍ଷିକ ବିବରଣୀ ସହ ଆୟ ବ୍ୟୟ ରିପୋର୍ଟ ଉପସ୍ଥାପନ କରିଥିଲେ। ବରିଷ୍ଠ ସଦସ୍ୟ ଗୋପବନ୍ଧୁ ଶତପଥୀ, ପୂର୍ଣ୍ଣଚନ୍ଦ୍ର ପଣ୍ଡା, ବୀରେନ୍ଦ୍ର କୁମାର ଝାଙ୍କର ସାଧାରଣ ପରିଷଦ ବୈଠକ ରେ ନିଜ ବକ୍ତବ୍ୟ ରଖିଥିଲେ। ଉପସଭାପତି ବଳରାମ ମିଶ୍ର ସଭା ସଂଯୋଜନା କରିଥିଲେ। ଏହି ଅବସରରେ ସଙ୍ଘ କର୍ମକର୍ତ୍ତା ନିର୍ବାଚନ ଅନୁଷ୍ଠିତ ହୋଇଥିଲା। ହରିନାରାୟଣ ପୂଜାରୀ ନିର୍ଦ୍ଦ୍ୱନ୍ଦ୍ୱରେ ସଭାପତି ଭାବେ ମନୋନୀତ ହୋଇଥିଲେ। ବଲାଙ୍ଗିର ଉପଖଣ୍ଡ ଉପସଭାପତି ଭାବେ ଆନନ୍ଦ ଚନ୍ଦ୍ର ସାହୁ, ପାଟଣାଗଡ଼ ଉପଖଣ୍ଡ ଉପସଭାପତି ସୁବୋଧ ମେହେର ଓ ଟିଟିଲାଗଡ଼ ଉପଖଣ୍ଡ ଉପସଭାପତି ଭାବେ ଦୀପକ ସମାଦ୍ଦାର ମନୋନୀତ ହୋଇଥିଲେ। ଦୀପକ ପୁରୋହିତ ସାଧାରଣ ସମ୍ପାଦକ ଭାବେ ଓ ଶରତ କୁମାର ମହାକୁର କୋଷାଧ୍ୟକ୍ଷ ଭାବେ ନିର୍ବାଚିତ ହୋଇଥିଲେ। ବଲାଙ୍ଗିର ଉପଖଣ୍ଡ ସମ୍ପାଦକ ଭାବେ ରଞ୍ଜିତ ବେହେରା, ପାଟଣାଗଡ଼ ଉପଖଣ୍ଡ ମନୋଜ କୁମାର ମିଶ୍ର ଓ ଟିଟିଲାଗଡ଼ ଉପଖଣ୍ଡ ସମ୍ପାଦକ ଭାବେ ସଞ୍ଜୟ କୁମାର ବେହେରା ମନୋନୀତ ହୋଇଥିଲେ। ଶରତ ଚନ୍ଦ୍ର ମିଶ୍ର ସାଂଗଠନିକ ସମ୍ପାଦକ ଭାବେ ମନୋନୀତ ହୋଇଥିଲେ। ବରିଷ୍ଠ ସାମ୍ବାଦିକ ସୁବାସ ଚନ୍ଦ୍ର ପଣ୍ଡା ନିର୍ବାଚନ ଅଧିକାରୀ ଓ ବରିଷ୍ଠ ସାମ୍ବାଦିକ ନବୀନ କୁମାର ପଶାୟତ ସହକାରୀ ନିର୍ବାଚନ ଅଧିକାରୀ ଭାବେ ନିର୍ବାଚନ ପରିଚାଳନା କରିଥିଲେ।

ଡୁମ୍ବେରବାହାଲ ବିଦ୍ୟାଳୟରେ ଗୁରୁ ଦିବସ ପାଳିତ

ବରଗଡ (ଅମୃତ ମିଡ଼ିଆ) : ବରଗଡ଼ ଜିଲ୍ଲା ଡୁମ୍ବେରବାହାଲସ୍ଥିତ ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ଶନିବାର ପବିତ୍ର ଗୁରୁ ଦିବସ ଉତ୍ସାହ ଓ ଶ୍ରଦ୍ଧାର ସହ ପାଳିତ ହୋଇଯାଇଛି । ବିଦ୍ୟାଳୟର ପ୍ରଧାନଶିକ୍ଷକ ଶ୍ରୀ ହୃଷୀକେଶ ବାଗଙ୍କ ସଭାପତିତ୍ୱରେ ଆୟୋଜିତ ଏହି ଉତ୍ସବରେ ଗୁରୁ-ଶିଷ୍ୟ ସମ୍ପର୍କର ମହତ୍ତ୍ୱ ଓ ଶିକ୍ଷକଙ୍କ ଭୂମିକା ସମ୍ପର୍କରେ ଆଲୋଚନା କରାଯାଇଥିଲା। ଏହି ଅବସରରେ ଅବସରପ୍ରାପ୍ତ ଶିକ୍ଷକ ପ୍ରଶାନ୍ତ ସାହୁ, ସମ୍ପଦ ନାୟକ ଓ ପୂର୍ଣ୍ଣଚନ୍ଦ୍ର ବରିହାଙ୍କୁ ବିଦ୍ୟାଳୟ ପକ୍ଷରୁ ସମ୍ବର୍ଦ୍ଧିତ କରାଯାଇଥିଲା। ଅବସରପ୍ରାପ୍ତ ଶିକ୍ଷକମାନଙ୍କ ଶିକ୍ଷାଦାନ ଓ ସମାଜ ପ୍ରତି ଅବଦାନକୁ ଉପସ୍ଥିତ ଅତିଥି ଓ ଶିକ୍ଷକମାନେ ସ୍ମରଣ କରିଥିଲେ। କାର୍ଯ୍ୟକ୍ରମକୁ ସହକାରୀ ଶିକ୍ଷକ ବାବୁଲାଲ ଧରୁଆ, ସୁଦାମ କଛର, ସୌତମ ଛତର, ମୌସୁମୀ ପ୍ରଧାନ ଓ ସୁଶ୍ରୀ କୌଶଲ୍ୟା ପ୍ରଧାନ ସହଯୋଗ କରିଥିଲେ। ଶିକ୍ଷକ ଓ ଛାତ୍ରଛାତ୍ରୀଙ୍କ ଉପସ୍ଥିତିରେ ସମଗ୍ର କାର୍ଯ୍ୟକ୍ରମ ଉତ୍ସବମୁଖର ହୋଇଉଠିଥିଲା।

କଫ୍‌ସିରପ୍ ଚୋରାଚାଲାଣ ବେଳେ ୩ ଜଣଙ୍କୁ ମାଡ଼ିବସିଲା ପୋଲିସ

ସୁବର୍ଣ୍ଣପୁର (ଅମୃତ ମିଡିଆ) : ସୁବର୍ଣ୍ଣପୁର ଜିଲ୍ଲାରେ ପୁଣି ସକ୍ରିୟ ହୋଇଛି ନିଶା କାରବାର, ହେଲେ ଖସିପାରିଲେନି ଅଭିଯୁକ୍ତମାନେ ତୁଙ୍ଗୁରିପାଲି ପୋଲିସ ଏକ ବଡ଼ ଧରଣର କଫସିରପ୍ ଚୋରାଚାଲାଣ ରାକେଟର ପର୍ଦ୍ଦାଫାସ କରି ୩ ଜଣଙ୍କୁ ଗିରଫ କରିବାରେ ସଫଳ ହୋଇଛି । ଗୁଇନ୍ଦା ସୂଚନା ଆଧାରରେ ତୁଙ୍ଗୁରିପାଲି ଥାନା ଅନ୍ତର୍ଗତ ରାମପୁର ରୋଡ୍ ରେଳ ଫାଟକ ନିକଟରେ ପୋଲିସ ଅଚାନକ ଚଢ଼ାଉ କରିଥିଲା । ଚୋରାଚାଲାଣ ଚାଲିଥିବା ସମୟରେ ହିଁ ପୋଲିସ ଅଭିଯୁକ୍ତମାନଙ୍କୁ କାବୁ କରିନେଇଥିଲା । ଜବତ ସାମଗ୍ରୀ ଗୁଡିକ ହେଲା ୧ କାର୍ଟୁନ୍ ନିଶାଯୁକ୍ତ କଫସିରପ୍, ୪ ଲିଟର ଅପମିଶ୍ରିତ କଫସିରପ୍, ୧ଟି ବାଇକ୍, ୩ଟି ମୋବାଇଲ୍ ଫୋନ୍, ନଗଦ ୮,୦୦୦ ଟଙ୍କା, ଗିରଫ ଅଭିଯୁକ୍ତ ମାନେ ହେଲେ ରିଜେ ସେଠ୍ (ତୁଙ୍ଗୁରିପାଲି), ସରୋଜ ଅନାପତି (ତୁଙ୍ଗୁରିପାଲି), ଶାନ୍ତନୁ ଭୋଇ (ବନ୍ଦପାଲି) ପୋଲିସ ପକ୍ଷରୁ ମାମଲା ରୁଜୁ କରାଯାଇ ସମସ୍ତ ୩ ଅଭିଯୁକ୍ତଙ୍କୁ କୋର୍ଟ ଚାଲାଣ କରାଯାଇଛି । ଅଞ୍ଚଳରେ ନିଶା କାରବାର ବିରୋଧରେ ପୋଲିସର ଏହି ଦୃଢ଼ କାର୍ଯ୍ୟାନୁଷ୍ଠାନକୁ ସ୍ଥାନୀୟ ଲୋକେ ପ୍ରଶଂସା କରିଛନ୍ତି। ପୋଲିସ ଏହି ଭଳି କାର୍ଯ୍ୟାନୁଷ୍ଠାନ ପାଇଁ ଧରାପଡ଼ିଲେ ଏହି ୩ ଅଭିଯୁକ୍ତ ଯା ଏହିଭଳି ନିଶା କାରବାର କରୁଥିବା ମାଫିଆମାନଙ୍କ ପାଇଁ ସତର୍କ ଘଣ୍ଟି ହୋଇଛି ।

ପ୍ରତିଭାକୁ ସମ୍ମାନ ଦେଲେ ପୂର୍ବତନ ଜିଲ୍ଲାପାଳ

ସୁବର୍ଣ୍ଣପୁର (ଅମୃତ ମିଡିଆ) : ପ୍ରତିଭାର କେବେ ହେଲେ ଅନ୍ତ ନ ଥାଏ ଯେତେ ଆର୍ଥିକ ଅନାଟନ ହଉ କି ଅସୁବିଧା ହଉ ହେଲେ ପ୍ରତିଭା ବଞ୍ଚି ରହେ। ଏହାର ଏକ ଉଦାହରଣ ଦେଖିବାକୁ ମିଳିଛି ସୁବର୍ଣ୍ଣପୁର ଜିଲ୍ଲାରେ। ଘୋର ଆର୍ଥିକ ଅନାଟନ ଅସୁବିଧା ସତ୍ତ୍ୱେ ମଧ୍ୟ କମ ବୟସ ରୁ ଖୁବ୍ ସଂଘର୍ଷ କରି ନିଜର ସାରସ୍ୱତ ପ୍ରତିଭାକୁ ଜାଗ୍ରତ କରି ରଖିଥିବା ସୋନପୁରର କଳା ସଂସ୍କୃତି ପ୍ରେମୀ, ଗବେଷକ, ଐତିହାସିକ ତଥା ବାସ୍ତୁ ସୁଦାମ ନାଏକଙ୍କ ଅସ୍ଥାୟୀ ବାସଭବନରେ ପହଞ୍ଚିଲେ ସୁବର୍ଣ୍ଣପୁରର ପ୍ରାକ୍ତନ ଜିଲ୍ଲାପାଳ ତଥା ସୂସାହିତ୍ୟିକ ଡ଼. ନୃପ ରାଜ ସାହୁ। ସହର ର ବୁଦ୍ଧିଜୀବି ସାମ୍ବାଦିକ ସମାଜ ସେବୀ ଙ୍କ ଗହଣ ରେ ଦୀର୍ଘ ଘଣ୍ଟାଏ ସମୟ ଧରି ଶ୍ରୀ ନାଏକ ଓ ତାଙ୍କ ପରିବାର ସହ ଆଲୋଚନା କରି ତାଙ୍କୁ ପ୍ରୋତ୍ସାହିତ କଲେ। ଶ୍ରୀ ନାଏକଙ୍କୁ ଉପଢ଼ୌକନ କିଛି ଅଙ୍ଗ ବସ୍ତ୍ର ସହିତ ଜିଲ୍ଲାପାଳ ଡ଼ ସାହୁ ସମ୍ବର୍ଦ୍ଧିତ କରିଥିବା ବେଳେ ଓଡ଼ିଶା ସାମ୍ବାଦିକ ସଂଘ ସୁବର୍ଣ୍ଣପୁର ଜିଲ୍ଲା ଶାଖା ପକ୍ଷରୁ ଡ଼. ସାହୁଙ୍କ ଦ୍ୱାରା ପାଞ୍ଚ ହଜାର ଟଙ୍କା ଆର୍ଥିକ ସହାୟତା ପ୍ରଦାନ କରାଯାଇଛି। ଏତିକି ପ୍ରତିକୂଳ ପରିସ୍ଥିତି ସତ୍ତ୍ୱେ ସୋନପୁରର ସାହିତ୍ୟ ସଂସ୍କୃତିକୁ ଉଜ୍ଜୀବିତ କରିବା ପ୍ରୟାସ ଜାରି ରଖି ଥିବା ଏହି ମହାନ ପ୍ରତିଭା ଶ୍ରୀ ନାଏକଙ୍କୁ ଆଗାମୀ ଦିନରେ ଆହୁରି ପ୍ରୋତ୍ସାହିତ କରିବା ର ଜିଲ୍ଲାପାଳଙ୍କ ଏହି ସାହସ ଦୃଢ଼ ପ୍ରତିଶ୍ରୁତି ଓ ପ୍ରୟାସ ପ୍ରଶଂସନୀୟ।

ଧର୍ମଗଡ଼ ଉପଖଣ୍ଡ ପୋଲିସ୍ ଅଧିକାରୀଙ୍କୁ ଭେଟିଲେ ବ୍ୟବସାୟୀ ସଙ୍ଘ
ପାର୍ବଣ ଋତୁରେ ସହରରେ ଆଇନ ଶୃଙ୍ଖଳା ବ୍ୟବସ୍ଥାକୁ କଡ଼ାକଡି କରିବା ପାଇଁ ଦାବି

କଳାହାଣ୍ଡି (ଅମୃତ ମିଡ଼ିଆ) : ପଶ୍ଚିମ ଓଡ଼ିଶାର ଗଣପର୍ବ ନୂଆଖାଇ ଓ ପାର୍ବଣ ଋତୁରେ ଧର୍ମଗଡ ସହରରେ ସମ୍ଭାବ ଭିଡ଼କୁ ଆଇନ ଶୃଙ୍ଖଳା ବ୍ୟବସ୍ଥା କଡ଼ାକଡି କରିବା ପାଇଁ ଧର୍ମଗଡ ଚେମ୍ବର ଅଫ କମର୍ସ ପକ୍ଷରୁ ଦାବି କରାଯାଇଛି। ଏନେଇ ବ୍ୟବସାୟୀ ସଙ୍ଘର ସଭାପତି ବିଦ୍ୟାଧର ସାହୁଙ୍କ ନେତୃତ୍ୱରେ ଏକ ପ୍ରତିନିଧି ଦଳ ଧର୍ମଗଡ ଉପଖଣ୍ଡ ପୋଲିସ୍ ଅଧିକାରୀ ଭର୍ଷିତା ଅଡେପୁ ଙ୍କୁ ଭେଟି ପାଞ୍ଚ ଦଫା ସମ୍ବଳିତ ଏକ ଦାବିପତ୍ର ପ୍ରଦାନ କରିଛନ୍ତି। ଗଣେଶ ପୂଜା ଓ ନୂଆଖାଇ ପାଇଁ ସହରରେ ଏବେ ଗହଳି ଲାଗି ରହିଛି। ଆଗକୁ ଦଶହରା ମଧ୍ୟ ଅଛି ତେଣୁ ସହରର ମୁଖ୍ୟ ଛକମାନଙ୍କରେ ପୋଲିସ ପହରା ବ୍ୟବସ୍ଥା ସହ ଟ୍ରାଫିକ ନିୟନ୍ତ୍ରଣ ଓ ଯାନବାହାନ ଚୋରି ଓ ପକେଟ ମାର୍ ଭଳି ଘଟଣାକୁ ରୋକିବା ଭଳି ପଦକ୍ଷେପ ନେବା, ମୁଖ୍ୟ ଛକ ମାନଙ୍କରେ ଲାଗିଥିବା ସିସିଟିଭି କ୍ୟାମେରାର ଫୁଟେଜକୁ ଆଧାର କରି ଅସାମାଜିକ କାର୍ଯ୍ୟ କଳାପ ଉପରେ ଦୃଷ୍ଟି ରଖିବା, ସହର ମଧ୍ୟରେ ଅସ୍ଥାୟୀ ଭାବେ ଦୋକାନ କରୁଥିବା ଓ ମଟର ସାଇକେଲରେ ବୁଲୁଥିବା ବୁଲା ବେପାରୀଙ୍କ ପରିଚୟ ଯାଞ୍ଚ କରି ସେମାନଙ୍କର ତଥ୍ୟ ରଖିବା, ଧର୍ମଗଡର ପୁରୁଣା ଥାନା କୋଠାକୁ ଏକ ଟାଉନ ଥାନା ହେଉ କି ଫାଣ୍ଡିରେ ପରିଣତ କରି ସେଠାରେ ଜଣେ ଅଧିକାରୀଙ୍କୁ ରଖି ସହର ଓ ବସ୍ତି ବାସିନ୍ଦାଙ୍କ ଅଭିଯୋଗ ଗ୍ରହଣ କରିବାର ଦିଗରେ ପଦକ୍ଷେପ ନେବା, ପାର୍ବଣ ଋତୁରେ ଭାରି ଯାନ ଗୁଡିକକୁ ସହରରେ ପ୍ରବେଶ ଉପରେ ରୋକ ଲଗାଇବା ଓ ପୋଲିସ ପବ୍ଲିକ ବୈଠକ ନିୟମିତ ଭାବେ ଆୟୋଜନ ପାଇଁ ଉକ୍ତ ଦାବୀ ପତ୍ରରେ ଉଲ୍ଲେଖ କରାଯାଇଛି। ଦାବିପତ୍ର ପ୍ରଦାନ ସମୟରେ ବ୍ୟବସାୟୀ ସଙ୍ଘର ସଂପାଦକ ଅରୁଣ କୁମାର ଡାୟଲ, ବରିଷ୍ଠ ସଦସ୍ୟ ସୁକଲାଲ ଅଗ୍ରୱାଲ, ବୈଦ୍ୟନାଥ ବେହେରା, ଶ୍ରବଣ କୁମାର ଅଗ୍ରୱାଲ, ସରୋଜ କୁମାର ସାହୁ, ହରେଶ କୁମାର ଅଗ୍ରୱାଲ ପ୍ରମୁଖ ଉପସ୍ଥିତ ଥିଲେ।

୫ମ ଦିନରେ ଜିଲ୍ଲା ସିନିୟର ନକ୍ ଆଉଟ୍ ଫୁଟ୍‌ବଲ ଟୁର୍ଣ୍ଣାମେଣ୍ଟ

**ବଲାଙ୍ଗୀର (ଅମୃତ ମିଡ

ଗୁରୁ ଦିବସରେ ଗୁରୁଙ୍କୁ ସମ୍ମାନ ଜଣାଇଲା ଜାଗ ମୟୂରଭଞ୍ଜ ଜାଗ

୧୦୦ରୁ ଊର୍ଦ୍ଧ୍ୱ ଶିକ୍ଷକଙ୍କ ସହ ଗଣମାଧ୍ୟମ ପ୍ରତିନିଧିଙ୍କୁ ସମ୍ବର୍ଦ୍ଧନା

ବାରିପଦା(ଅମୃତମିଡିଆ): ଗୁରୁ ଦିବସ ଅବସରରେ ଜାଗ ମୟୂରଭଞ୍ଜ ଜାଗ ପକ୍ଷରୁ ଗୁରୁ ପୂଜନ ଓ ସମ୍ବର୍ଦ୍ଧନା ଉତ୍ସବ ବାରିପଦା ଷ୍ଟାଡିୟମ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ହୋଇଯାଇଛି । ଜାଗ ମୟୂରଭଞ୍ଜ ଜାଗର ଅଧ୍ୟକ୍ଷ ଅରୁଣ କୁମାର ବେହେରାଙ୍କ ସଭାପତିତ୍ୱରେ ଆୟୋଜିତ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ନଗରପାଳ କୃଷ୍ଣାନନ୍ଦ ମହାନ୍ତି, ସମ୍ମାନିତ ଅତିଥି ଭାବେ ଭଞ୍ଜସେନା ପ୍ରତିଷ୍ଠାତା କଳିଙ୍ଗ କେଶରୀ ଜେନା, ଶିକ୍ଷାବିତ ହିମାଂଶୁ ଶେଖର ଦାସ, ସମାଜସେବୀ ଅମର ସେଠୀ ଓ ସୁକୁମାର ରାଉତ ଉପସ୍ଥିତ ରହି ସମାଜ ଗଠନରେ ଗୁରୁମାନଙ୍କ ଅମୂଲ୍ୟ ଅବଦାନକୁ ସମ୍ମାନ ଜଣାଇଥିଲେ । ଶିକ୍ଷାଦାନ କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ଓ ନିଷ୍ଠାପର ସେବା ପାଇଁ ଜିଲ୍ଲାର ୧୦୦ରୁ ଊର୍ଦ୍ଧ୍ୱ ବରିଷ୍ଠ ଓ ପ୍ରତିଭାବାନ ଶିକ୍ଷକ-ଶିକ୍ଷୟିତ୍ରୀଙ୍କୁ ଉତ୍ତରୀୟ, ପୁଷ୍ପଗୁଚ୍ଛ ଓ ମାନପତ୍ର ପ୍ରଦାନ କରି ସମ୍ବର୍ଦ୍ଧିତ କରାଯିବା ସହ ମୟୂରଭଞ୍ଜ ଜିଲ୍ଲାର ବିଭିନ୍ନ ଗଣମାଧ୍ୟମର ଜିଲ୍ଲା ପ୍ରତିନିଧିମାନଙ୍କୁ ମଧ୍ୟ ସମାଜ ଓ ସଙ୍ଗଠନର ଗୁରୁ ଭାବେ ସମ୍ବର୍ଦ୍ଧିତ କରାଯାଇଥିଲା । ଜାତୀୟ ପୁରସ୍କାର ପ୍ରାପ୍ତ ଶିକ୍ଷକ ଡ଼. ଶଶିଧର ବିଶ୍ୱାଳ ଓ ତପସ୍ୱିନୀ ରଣା କାର୍ଯ୍ୟକ୍ରମ ପରିଚାଳନା କରିଥିବା ବେଳେ ଅନୁଷ୍ଠାନର ଶକୁନ୍ତଳା ନାଏକ, ସାବିତ୍ରୀ ସିଂ, ବ୍ରହ୍ମାନନ୍ଦ ନାଏକ, ସୁଶାନ୍ତ ନାଏକ, ଚୁମକି ବେହେରା ପ୍ରମୁଖ ସଦସ୍ୟ ସହଯୋଗ କରିଥିଲେ । ଶେଷରେ ସୋମନାଥ ସିଂହ ଧନ୍ୟବାଦ ଅର୍ପଣ କରିଥିଲେ।

ବୁଢ଼ାମରା–ଚାକୁଳିଆ ନୂଆ ରେଳଲାଇନ୍ ପ୍ରକଳ୍ପର ବଡ଼ ଅଗ୍ରଗତି

ଜମି ଅଧିଗ୍ରହଣ ନିମନ୍ତେ ସରକାରୀ ଅଧିସୂଚନା ଜାରି

ଜିଲ୍ଲାପାଳଙ୍କୁ ଧନ୍ୟବାଦ ଜଣାଇଲେ ପୂର୍ବତନ ବିଧାୟକ

ବାରିପଦା(ଅମୃତମିଡିଆ): ମୟୂରଭଞ୍ଜ ଜିଲ୍ଲାବାସୀଙ୍କ ଦୀର୍ଘଦିନର ଆଶା ଓ ଦାବି ଥିବା ବୁଢ଼ାମରା–ଚାକୁଳିଆ ନୂଆ ରେଳଲାଇନ୍ ସଂଯୋଗୀକରଣ ପ୍ରକଳ୍ପରେ ଏକ ଗୁରୁତ୍ୱପୂର୍ଣ୍ଣ ଅଗ୍ରଗତି ହୋଇଛି । ପ୍ରକଳ୍ପ ପାଇଁ ଜମି-ଅଧିଗ୍ରହଣ ନିମନ୍ତେ ଭାରତ ସରକାର ଙ୍କର ରେଳ ମନ୍ତ୍ରାଳୟ ଦ୍ୱାରା ଦକ୍ଷିଣ-ପୂର୍ବ ରେଳବାଇ ପକ୍ଷରୁ ସରକାରୀ ଅଧିସୂଚନା-ଜାରି ହୋଇଥିବାରୁ ଅଞ୍ଚଳବାସୀଙ୍କ ମଧ୍ୟରେ ଆଶା ଓ ଉତ୍ସାହ ପ୍ରକାଶ ପାଇଛି। ଏହି ପ୍ରକ୍ରିୟାକୁ ଆଗେଇ ନେବାରେ ସହଯୋଗ ଓ ପ୍ରଶାସନିକ ତତ୍ପରତା ପ୍ରଦର୍ଶନ କରିଥିବାରୁ ମୟୂରଭଞ୍ଜ ଜିଲ୍ଲାପାଳ ହେମକାନ୍ତ ସୟଙ୍କୁ ପୂର୍ବତନ ବିଧାୟକ ପ୍ରହ୍ଲାଦ ପୂର୍ତ୍ତି, ବଧାଇ, ଅଭିନନ୍ଦନ, ଧନ୍ୟବାଦ ଓ ସାଧୁବାଦ ଜଣାଇଛନ୍ତି। ଶ୍ରୀ ପୂର୍ତ୍ତି କହିଛନ୍ତି ଯେ, ପୂର୍ବରେ ମୟୂରଭଞ୍ଜ ଜିଲାପାଳଙ୍କୁ ସାକ୍ଷାତ କରି ଅତିଶୀଘ୍ର ଜମି-ଅଧିଗ୍ରହଣ ଆଗେଇବାକୁ ଦାବୀ କରିଥିଲେ। ବର୍ତମାନ ବୁଢ଼ାମରା–ଚାକୁଳିଆ ରେଳଲାଇନ୍ କେବଳ ଏକ ରେଳ ପ୍ରକଳ୍ପ ନୁହେଁ; ଏହା ମୟୂରଭଞ୍ଜର ଯୋଗାଯୋଗ, ଶିଳ୍ପ, ବାଣିଜ୍ୟ, ପର୍ଯ୍ୟଟନ ଓ ଆର୍ଥିକ ବିକାଶ ପାଇଁ ଏକ ନୂଆ ସମ୍ଭାବନାର ଦ୍ୱାର ଖୋଲିବ। ସେ ଆହୁରି କହିଛନ୍ତି ଯେ, ଜମି ଅଧିଗ୍ରହଣ ପ୍ରକ୍ରିୟାରେ ଆଜିର ଏହି ଅଗ୍ରଗତି ପ୍ରକଳ୍ପର ନିର୍ମାଣ କାର୍ଯ୍ୟକୁ ଆଗକୁ ବଢ଼ାଇବାରେ ଏକ ଆଶାଜନକ ପଦକ୍ଷେପ। ଆଗାମୀ ଦିନରେ ଜମି ଅଧିଗ୍ରହଣ ପ୍ରକ୍ରିୟାକୁ ଶୀଘ୍ର ସମାପ୍ତ କରି ରେଳଲାଇନ୍ ନିର୍ମାଣ କାର୍ଯ୍ୟକୁ ତ୍ୱରାନ୍ୱିତ କରିବା ପାଇଁ ସେ ଆଶା ପ୍ରକାଶ କରିଛନ୍ତି। ଏହି ଅବସରରେ କେନ୍ଦ୍ର ରେଳ-ମନ୍ତ୍ରାଳୟ, ମୟୂରଭଞ୍ଜ ଜିଲ୍ଲା ପ୍ରଶାସନ, ଦକ୍ଷିଣ ପୂର୍ବ ରେଳବାଇର ସମ୍ପୃକ୍ତ ଅଧିକାରୀବୃନ୍ଦ ଏବଂ ପ୍ରକଳ୍ପ ପାଇଁ ସହଯୋଗ କରିଥିବା ସମସ୍ତ ଜନପ୍ରତିନିଧି ଓ ଅଞ୍ଚଳବାସୀଙ୍କୁ ମଧ୍ୟ ଶ୍ରୀ ପୂର୍ତ୍ତି ଧନ୍ୟବାଦ ଓ ସାଧୁବାଦ ସହିତ ଜୁହାର ଜଣାଇଛନ୍ତି। ବୁଢ଼ାମରା–ଚାକୁଳିଆ ରେଳଲାଇନ୍ — ମୟୂରଭଞ୍ଜର ବିକାଶର ନୂଆ ଦିଗ ଓ ବିକାଶର ମୁଖ୍ୟ-ଧାରାରେ ଯୋଡି ହେବ ।" ଏହି ରେଳ ପ୍ରକଳ୍ପ ସହିତ ବାକି ଆଉ ଦୁଇଟି ପ୍ରକଳ୍ପ ବାଦାମପହାଡ଼ ଠାରୁ କେନ୍ଦୁଝରଗଡ଼ ଓ ଗୋରୁମାହିଷାଣି ଠାରୁ ବାଙ୍ଗିରିପୋଷୀ ନୂତନ ରେଳପଥ ସଂଯୋଗୀକରଣ କୁ ଅତିଶୀଘ୍ର ଜମି-ଅଧିଗ୍ରହଣ ତଥା ନିର୍ମାଣ କାର୍ଯ୍ୟ ପାଇଁ ଜିଲ୍ଲା ପ୍ରଶାସନ ଓ ଭୂ-ରାଜସ୍ୱ ଅଧିକାରୀ ଓ ରେଳ ପ୍ରଶାସନର ଅଧିକାରୀ ମାନଙ୍କୁ ସହଯୋଗ ପାଇଁ ସମ୍ବନ୍ଧୀତ ଜମି-ମାଲିକ ଓ ସ୍ଥାନୀୟ ପ୍ରଶାସନ ଓ ସ୍ଥାନୀୟ ନେତା ପ୍ରତିନିଧି ମାନେ ସହଯୋଗ ପାଇଁ ଆଗେଇ ଆସି ସହଯୋଗ କଲେ ମୟୂରଭଞ୍ଜ ଜିଲାର ଜନସାଧାରଣଙ୍କ ନିଶ୍ଚୟ ବିକାଶ ଧାରାରେ ରାଜଧାନୀ ଭୁବନେଶ୍ୱର ସହିତ ଶୀଘ୍ର ଯୋଡି ହେବାର ଆଶା ଉଜ୍ଜଳ ରହୁଛି ।

ଗୁରୁତର ରୋଗୀଙ୍କୁ ଚିକିତ୍ସା ସହାୟତା ଯୋଗାଇଲା ଶକ୍ତିମାନ ଜିମ୍ନାସିୟମ

ବାରିପଦା(ଅମୃତମିଡିଆ): ବାରିପଦା ଲଇଳ କଟା ଠାରେ ଥିବା ପ୍ରସିଦ୍ଧ ଶକ୍ତିମାନ ଜିମ୍ନାସିୟମ ଜଣେ ଗୁରୁତର ରୋଗୀଙ୍କୁ ଚିକିତ୍ସା ସହାୟତା ଯୋଗାଇ ଅନ୍ୟମାନଙ୍କ ପାଇଁ ଉଦାହରଣ ସାଜିଛି। ସୂଚନା ମୁତାବକ କିଛି ଦିନ ପୂର୍ବରୁ ବାଲିଆମୁହାଁ ଗ୍ରାମପଞ୍ଚାୟତ ଅନ୍ତର୍ଗତ ଗରୁଡ଼ବସା ଗ୍ରାମର ଚିକାୟତ ମହାନ୍ତ (୪୦) ପେଟ ଜନିତ ରୋଗରେ ଆକ୍ରାନ୍ତ ହୋଇ ଚିକିତ୍ସିତ ହେଉଥିଲେ। ହଠାତ୍‌ତାଙ୍କର ଶରୀର ଭୀଷଣ ଅସୁସ୍ଥ ହୋଇପଡ଼ିବାରୁ ପ୍ରଥମେ ତାଙ୍କୁ ବାରିପଦା ଫିଆଉମ୍ସ ମେଡିକାଲ କଲେଜରେ ଭର୍ତ୍ତି କରାଯାଇଥିଲା । ସେଠାରେ ଅବସ୍ଥା ଅଧିକ ଗୁରୁତର ହେବାରୁ ତାଙ୍କୁ ବାରିପଦାର ସାଇ ହସ୍ପିଟାଲକୁ ସ୍ଥାନାନ୍ତର କରାଯାଇଥିଲା। ଖବର ପାଇଁ ଶକ୍ତିମାନ ଜିମ୍ନାସିୟମର ପ୍ରତିଷ୍ଠାତା ତଥା ବିଶିଷ୍ଟ ସମାଜସେବୀ ପରେଶ ଚନ୍ଦ୍ର ମହାନ୍ତଙ୍କ ନେତୃତ୍ୱରେ ଜିମ୍ନାସିୟମର ଏକ ଟିମ୍ ହସ୍ପିଟାଲରେ ପହଞ୍ଚି ଚିକିତ୍ସିତ ହେଉଥିବା ଚିକାୟତ ମହାନ୍ତଙ୍କୁ ଚିକିତ୍ସା ପାଇଁ ଆର୍ଥିକ ସହାୟତା ପ୍ରଦାନ କରିଛନ୍ତି । ଟିମରେ ଅନ୍ୟ ମାନଙ୍କ ମଧ୍ୟରେ ସକ୍ରିୟ ସଦସ୍ୟ ବିପ୍ଳବ ଭଞ୍ଜନ ବୁଗୁଡେଇ, ସଂଗ୍ରାମ କେଶରୀ ଦେଓ, ସୁକୁଲ ମୁର୍ମୁ, ସୂରଜ ଲୋହାର, କାଳିଚରଣ ନାଏକ, ଜିତେନ୍ଦ୍ର ବେହେରା, ଜନାର୍ଦ୍ଦନ ମହାନ୍ତ, ରତିକାନ୍ତ ମହାନ୍ତ, ମନୋରଞ୍ଜନ ମହାନ୍ତ, ମନୋଜ ମହାନ୍ତ, ଶରତ ମହାନ୍ତ, ରାଜୁ ସାହା, ଶିଶିର ବେହେରା, କୁନା ମହାନ୍ତ, ଅମୂଲ୍ୟ ଦାସ, ହରିନାରାୟଣ ମହାନ୍ତ, ଅଜୟ ଜେନା, ନରହରି ମହାନ୍ତ, କରମଚାନ୍ଦ କାଳନ୍ଦୀ, ସୁବ୍ରତ ମୁଖୀ, ଚିକିତ୍ସାକୁ ମହାନ୍ତ, ବିପୁ ମହାନ୍ତ, ରତିକାନ୍ତ ଦାସ, ସୁରୋଜ ଧଳ, ଲୋକନାଥ ପାତ୍ର ପ୍ରମୁଖ ସାମିଲ ଥିଲେ।

ବିଶ୍ୱବିଦ୍ୟାଳୟ ପୋଷ୍ୟ ଗ୍ରାମରେ ସ୍ୱାସ୍ଥ୍ୟ ସଚେତନତା କାର୍ଯ୍ୟକ୍ରମ

ବାରିପଦା(ଅମୃତମିଡିଆ): ମହାରାଜା ଶ୍ରୀରାମଚନ୍ଦ୍ର ଭଞ୍ଜଦେଓ ବିଶ୍ୱବିଦ୍ୟାଳୟର ପୋଷ୍ୟ ଗ୍ରାମଗୁଡ଼ିକରେ ଗ୍ରାମୀଣ ଜନସାଧାରଣଙ୍କ ମଧ୍ୟରେ ସ୍ୱାସ୍ଥ୍ୟ ସଚେତନତା ବୃଦ୍ଧି କରିବା ଉଦ୍ଦେଶ୍ୟରେ ସୁସ୍ଥ ଗ୍ରାମୀଣ ସମୁଦାୟ ପାଇଁ କୃତ୍ରିମ ବୁଦ୍ଧିମତା ଆଧାରିତ ସ୍ୱାସ୍ଥ୍ୟସେବା ବିଷୟବସ୍ତୁ ଉପରେ ଏକ ସଚେତନତା କାର୍ଯ୍ୟକ୍ରମ ଆୟୋଜିତ ହୋଇଯାଇଛି । ପିଏମ୍-ଉଷା, ଉନ୍ନତ ଭାରତ ଅଭିଯାନ ଓ ତୋଷାଳୀ ଇ-କ୍ଲିନିକ ସହଯୋଗରେ ଆୟୋଜିତ କାର୍ଯ୍ୟକ୍ରମରେ ଏ ଆଇ ଆଧାରିତ ସ୍ୱାସ୍ଥ୍ୟ ପରୀକ୍ଷା, ରୋଗର ପ୍ରାରମ୍ଭିକ ଚିହ୍ନଟ, ଡିଜିଟାଲ ସ୍ୱାସ୍ଥ୍ୟ ପରାମର୍ଶ ଏବଂ ସ୍ୱାସ୍ଥ୍ୟ ସମ୍ବନ୍ଧୀୟ ସୂଚନାର ସଠିକ ବ୍ୟବହାର ବିଷୟରେ ଆଲୋଚନା କରାଯାଇଥିଲା । ମହାରାଜା ଶ୍ରୀରାମଚନ୍ଦ୍ର ଭଞ୍ଜଦେଓ ବିଶ୍ୱବିଦ୍ୟାଳୟର ବାରିପଦା ବ୍ଲକ ଅନ୍ତର୍ଗତ ପୋଷ୍ୟ ଗ୍ରାମ ଲକ୍ଷ୍ମୀପୋଷି ପଞ୍ଚାୟତର ହଦହଦୀ, ରଜାବସା ପଞ୍ଚାୟତର ନଦୀ ଗାଁ ଓ ବୃଦ୍ଧିଖମାରୀ ପଞ୍ଚାୟତର ବୃଦ୍ଧିଖମାରୀ ଗାଁରେ ଏକ ସ୍ୱାସ୍ଥ୍ୟ ସଚେତନତା କାର୍ଯ୍ୟକ୍ରମ ଆୟୋଜିତ ହୋଇଯାଇଛି । ଏହି କାର୍ଯ୍ୟକ୍ରମକୁ ବିଶ୍ୱବିଦ୍ୟାଳୟର କୁଳପତି ପ୍ରଫେସର ମହେନ୍ଦ୍ର କୁମାର ମହାନ୍ତି ଉଦଘାଟନ କରିଥିବା ବେଳେ, ଟେକ ଏଆଇର ତଥା ତୋଷାଳୀ ଇ-କ୍ଲିନିକର ପ୍ରତିଷ୍ଠାତା ଡକ୍ଟର ଶେଷ କିଷନ ଏବଂ ବିଶ୍ୱବିଦ୍ୟାଳୟର ଉନ୍ନତ ଭାରତ ଅଭିଯାନର ସଂଯୋଜକ ପ୍ରଫେସର ସୁକାନ୍ତ କୁମାର ନାୟକ ଓ ସହ ସଂଯୋଜକ ଡକ୍ଟର ସୁଜୟ କୁଣ୍ଡୁ ଯୋଗ ଦେଇଥିଲେ । ପଞ୍ଚାୟତର ସରପଞ୍ଚ, ୱାର୍ଡ଼ ମେମ୍ବର, ଗ୍ରାମବାସୀ ବିଶ୍ୱବିଦ୍ୟାଳୟର ଦୂର ଓ ଅନଲାଇନ ଶିକ୍ଷା କେନ୍ଦ୍ରର ଅଧ୍ୟାପକ-ଅଧ୍ୟାପିକା ମାନେ ସହଯୋଗ କରିଥିଲେ. ଶେଷରେ ଲକ୍ଷ୍ମୀପୋଷି ପଞ୍ଚାୟତର ସରପଞ୍ଚ ଧନ୍ୟବାଦ ଅର୍ପଣ କରିଥିଲେ ।

ହାତୀ ଖେଳିଲା ଫୁଟବଲ

ବାରିପଦା(ଅମୃତମିଡିଆ): ରାସଗୋବିନ୍ଦପୁର ବନାଞ୍ଚଳରେ ଥମୁନି ହାତୀଙ୍କ ଉପଦ୍ରବ। ଦିନକୁ ଦିନ ହାତୀ ଜନବସତି ମୁହାଁ ହେଉଥିବା ବେଳେ ଗତ ରାତିରେ ହାତୀପଲ ଖୁଣ୍ଟାପାଳ ଓ ମାଣିଦା ପଞ୍ଚାୟତର ବିଭିନ୍ନ ଗ୍ରାମରେ ପଶି ଘର ଭାଙ୍ଗିବା ସହ ଚାଷଜମିରେ ବ୍ୟାପକ କ୍ଷୟକ୍ଷତି ଘଟାଇଛନ୍ତି। ହାତୀଙ୍କ ଗର୍ଜନ ଓ ଘର ଭାଙ୍ଗିବା ଶବ୍ଦରେ ରାତିରେ ଗ୍ରାମବାସୀ ଭୟଭୀତ ହୋଇପଡ଼ିଥିଲେ । ରାତିରେ ହାତୀପଲ ଚାଷଜମିରେ ପଶି ଧାନ ଓ ଅନ୍ୟାନ୍ୟ ଫସଲ ଦଳିଚକଟି ନଷ୍ଟ କରିଥିବାରୁ ଚାଷୀ ମାନେ ଚିନ୍ତାରେ ପଡ଼ିଛନ୍ତି । ତେବେ ମୃଷାମାରିର ଡାହିସାହି ଠାରେ ଟ୍ରାକ୍ଟର ଯୋଗେ ବାଉଁଶକୁ ଟାଣୁଥିବା ବେଳେ ହଠାତ୍ ହାତୀ ଆସି ଆକ୍ରମଣ କରିଥିଲା । ଭୟରେ ଡ୍ରାଇଭର ଗାଡ଼ି ଛାଡି ପଳାଇଥିଲେ । ହାତୀଟି ଦୀର୍ଘ ସମୟଧରି ରହି ଟ୍ରାକ୍ଟରଟି ଠେଲିବାକୁ ଓ ଟାଣିବାକୁ ପ୍ରୟାସ କରୁଥିବା ଦେଖିବାକୁ ମିଳିଥିଲା । ପରେ ଟ୍ରାକ୍ଟରରେ ଲାଗିଥିବା ରଶି କୁ ଶୁଣ୍ଢ ଧରି ଟାଣିବାକୁ ଲାଗିଥିଲା । ତେବେ ଆଜି ଅମରଦା ପଞ୍ଚାୟତ ବାଉଶୁଳି ଠାରେ ପିଲାମାନେ ଫୁଟବଲ ଖେଳୁଥିବା ବେଳେ ହଠାତ୍ ଏକ ହାତୀ ପଡିଆକୁ ପ୍ରବେଶ କରିଥିଲା । ପିଲାମାନେ ଫୁଟବଲ ଛାଡି ଦୂରକୁ ପଳାଇଥିଲେ । ହାତୀଟି କିଛି ସମୟ ଧରି ଫୁଟବଲ ଖେଳୁଥିଲା। ପରେ ଗୋଡ଼ରେ ଫୁଟବଲକୁ ମାଡି ଦେବାରୁ ଫୁଟବଲଟି ଫାଟିଯାଇଥିଲା । ବଲଟି ଫାଟିବା ପରେ ହାତୀ ଟି ପଳାଇଯାଇଥିଲା ।



ଯୌତୁକ ନିଷେଧ ଆଇନ ଉପରେ ଜିଲ୍ଲାସ୍ତରୀୟ ପ୍ରଶିକ୍ଷଣ କାର୍ଯ୍ୟକ୍ରମ

ବାରିପଦା(ଅମୃତମିଡିଆ): ଯୌତୁକ ପ୍ରଥାର ନିରାକରଣ, ଯୌତୁକ ନିଷେଧ ଆଇନ, ୧୯୬୧ର ପ୍ରଭାବଶାଳୀ କାର୍ଯ୍ୟାନ୍ୱୟନ ଏବଂ ଏ ସମ୍ପର୍କରେ ଆଇନଗତ ସଚେତନତା ସୃଷ୍ଟି ଲକ୍ଷ୍ୟରେ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟସ୍ଥିତ ସମ୍ମିଳନୀ କକ୍ଷଠାରେ ଏକ ଜିଲ୍ଲାସ୍ତରୀୟ ପ୍ରଶିକ୍ଷଣ କାର୍ଯ୍ୟକ୍ରମ ଅତିରିକ୍ତ ଜିଲ୍ଲାପାଳ ଦୁଃଖବନ୍ଧୁ ନାୟକଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି । ପ୍ରଶିକ୍ଷଣରେ ଯୌତୁକ ପ୍ରଥାର ନିରାକରଣ ଓ ଆଇନର ପ୍ରଭାବଶାଳୀ ପ୍ରୟୋଗ ବାବଦରେ ବିସ୍ତୃତ ଭାବରେ ଆଲୋଚନା କରାଯାଇଛି । ବିଷୟ ବିଶାରଦ ଭାବରେ ବିଭୁ ପ୍ରସାଦ ଦାସ ପିପିଟି ପ୍ରେଜେଣ୍ଟେସନ ମାଧ୍ୟମରେ ଯୌତୁକ ନିଷେଧ ଆଇନ, ୧୯୬୧ର ବିଭିନ୍ନ ଆଇନଗତ ବ୍ୟବସ୍ଥା ଉପରେ ବିସ୍ତୃତ ଓ ସୂଚନାପୂର୍ଣ୍ଣ ଆଲୋଚନା କରିଥିଲେ । ଯୌତୁକ ପ୍ରଥା ନାରୀଙ୍କ ସମ୍ମାନ, ସମାନତା ଓ ଅଧିକାରକୁ ପ୍ରଭାବିତ କରୁଥିବାରୁ ଏହାର ନିରାକରଣ ପାଇଁ ଆଇନର କଡ଼ା କାର୍ଯ୍ୟାନ୍ୱୟନ ସହିତ ସାମାଜିକ ସଚେତନତା, ସମନ୍ୱିତ ପଦକ୍ଷେପର ଆବଶ୍ୟକତା ଉପରେ ଗୁରୁତ୍ୱ ଦିଆଯାଇଥିଲା । ପ୍ରଶିକ୍ଷଣରେ ଅତିରିକ୍ତ ଆରକ୍ଷୀ ଅଧୀକ୍ଷକ ଗୌତମ କିଷାନ, ଉପ-ଜିଲ୍ଲାପାଳ କସ୍ତୁରୀ ପଣ୍ଡା, ଜିଲ୍ଲା ସମାଜ ମଙ୍ଗଳ ଅଧିକାରୀ ସଂଯୁକ୍ତା ମହାରଣା, ଜିଲ୍ଲା ସୁରକ୍ଷା ଅଧିକାରିଣୀ ସସ୍ମିତା ମହାନ୍ତି ଉପସ୍ଥିତ ରହି ଯୌତୁକ ପ୍ରଥାର ନିରାକରଣ, ମହିଳାଙ୍କ ସୁରକ୍ଷା ଓ ଆଇନର କାର୍ଯ୍ୟାନ୍ୱୟନ ସମ୍ପର୍କରେ ନିଜ ନିଜର ମତ ରଖିଥିଲେ ।ଏଥିରେ ବିଭିନ୍ନ ବିଭାଗର ଅଧିକାରୀ, ୱାନ ଷ୍ଟପ ସେଣ୍ଟର, ଶକ୍ତି ସଦନ ଓ ଏଫ.ସି.ସି. ସହ ଜଡ଼ିତ କର୍ମଚାରୀ, ଜାତୀୟ ସେବା ଯୋଜନାର କାର୍ଯ୍ୟକ୍ରମ ଅଧିକାରୀ ଏବଂ ବିଭିନ୍ନ ମହାବିଦ୍ୟାଳୟର ଛାତ୍ରଛାତ୍ରୀ ମାନେ ଯୋଗଦେଇ ପ୍ରଶିକ୍ଷଣରେ ସକ୍ରିୟ ଅଂଶଗ୍ରହଣ କରିଥିଲେ ।

ଜୀବନକୁ ବାଜି ଲଗାଇ କର୍ତବ୍ୟ କରୁଛନ୍ତି ଅଙ୍ଗନଓ୍ୱାଡ଼ି ଦିଦି

ବାରିପଦା /ଉଦଳା (ଅମୃତମିଡିଆ): ଉଦଳା ବ୍ଲକର କୁଷାବାଇ ଫଂଚାୟତ ଅନ୍ତର୍ଗତ ଜାମଡ଼ିହା ଗ୍ରାମରେ କାର୍ଯ୍ୟରତ ଅଙ୍ଗନଓ୍ୱାଡ଼ି ଦିଦି ମାଇନ ବାସ୍କେ ନିଜ ଜୀବନକୁ ବାଜି ଲଗାଇ ଲୋକଙ୍କୁ ସେବା ଯୋଗାଇ ଦେଉଥିବାର କଥା ଏବେ ବିଭିନ୍ନ ମହଲରେ ଚର୍ଚ୍ଚାର ବିଷୟ ପାଲଟି ଯାଇଛି । ଅଙ୍ଗନଓ୍ୱାଡ଼ିକେନ୍ଦ୍ରକୁ ଆସିବାକୁ ହେଲେ ଦିଦିଙ୍କୁ ନଦୀ ପାରି ହେବାକୁ ପଡ଼ିଥାଏ। ବର୍ଷା ଦିନ ହେଲେ ଦିର୍ଘ ୪ ମାସ ଏପରି ଦୃଶ୍ୟ ଦେଖିବାକୁ ମିଳେ । ଶିମିଳିପାଳରୁ ବାହାରିଥିବା ଏହି ନଦୀର ନାମ 'ଦେଓ'ଅଟେ । ପ୍ରଖର ସ୍ରୋତ ଯୋଗୁଁ ପାଦରେ ଚାଲି ଏହି ନଦୀ ପାରିହେବା ଖୁବ୍ ବିପଦପୁର୍ଣ୍ଣ ଅଟେ । ତେବେ ବିପଦକୁ ଖାତିର ନକରି ଆଜକୁ ୩୦ ବର୍ଷ ଧରି ଅଙ୍ଗନଓ୍ୱାଡ଼ି ଦିଦି ଲୋକଙ୍କୁ ସେବା ଯୋଗାଇ ଦେବା ପାଇଁ ନିୟମିତ ନଦୀ ପାରି ହେଉଛନ୍ତି । କେତେବେଳେ ଆଣ୍ଠୁଏ ତ ପୁଣି କେତେବେଳେ ଅଂଟାଏ ପାଣିରେ ନଦୀ ପାରି ହେବାକୁ ପଡୁଥିବାର ଦେଖିବାକୁ ମିଳେ । ନଦୀ ପାରିହେବା ପାଇଁ ତାଙ୍କୁ ତାଙ୍କର ସ୍ୱାମୀ ସାଗରାମ ହାଁସଦା ସାହାଯ୍ୟ କରିଥାନ୍ତି । ଦିବିଙ୍କର ଦୃଢ଼ ମନୋବଳ ଓ ସାହସ ଦେଖି ଲୋକେ ଖୁବ୍ ଆଶ୍ଚର୍ଯ୍ୟ ହେବା ସହ ପ୍ରଶଂସା କରିବାକୁ କେହି ପଛାଉ ନାହାଁନ୍ତି । ବହୁ ସ୍ୱେଚ୍ଛାସେବୀ ସଂଗଠନ ଅଙ୍ଗନଓ୍ୱାଡ଼ି ଦିଦି ମାଇନ ବାସ୍କେ ଏବେ ଅନ୍ୟମାନଙ୍କ ପାଇଁ ଦୃଷ୍ଟାନ୍ତ ପାଲଟିଛନ୍ତି ବୋଲି କହି ତାଙ୍କୁ ପୁରସ୍କୃତ କରିବାର ଆବଶ୍ୟକତା ରହିଛି ମତ ଦେଇଛନ୍ତି । କର୍ତବ୍ୟରେ ନିଷ୍ଠା, ଦୃଢ ମନୋବଳ ଓ ସାହସ ଆଗରେ କିପରି ସବୁପ୍ରକାର ପ୍ରତିକୂଳ ପରିସ୍ଥିତି ହାର ମାନିଥାଏ, ଏହା ହେଉଛି ତା'ର ଜ୍ୱଳନ୍ତ ଉଦାହରଣ ବୋଲି ଅନେକ କହିଛନ୍ତି । ବର୍ଷା ଦିନରେ ଚାରି ମାସ ପାଇଁ ଦିବିଙ୍କୁ ଏକ ଲାଇଫ୍ ଜାକେଟ୍ ପ୍ରଦାନ କରାଯାଉ ବୋଲି ସ୍ୱେଚ୍ଛାସେବୀମାନେ ଅନୁରୋଧ ଜଣାଇଛନ୍ତି ।

ବ୍ଲକସ୍ତରୀୟ 'ଉଡ଼ାନ-୩' କାର୍ଯ୍ୟକ୍ରମ ସମ୍ପନ୍ନ

ବାରିପଦା(ଅମୃତମିଡିଆ): ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟ, ଠାକୁରମୁଣ୍ଡା ଠାରେ ବ୍ଲକସ୍ତରୀୟ ଭାଷା ଓ ଗଣିତ ଭିତ୍ତିକ କାର୍ଯ୍ୟକ୍ରମ 'ଉଡ଼ାନ-୩' ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ସଭାପତିତ୍ୱ କରିଥିଲେ ସହକାରୀ ଗୋଷ୍ଠୀ ଶିକ୍ଷା ଅଧିକାରିଣୀ ଶ୍ରୀମତୀ ସଂଯୁକ୍ତା ନାୟକ। ଏହି ପ୍ରତିଯୋଗିତାରେ ବ୍ଲକର ୧୬ ଟି କ୍ଲଷ୍ଟରରୁ ମନୋନୀତ ପ୍ରଥମ, ଦ୍ୱିତୀୟ ଓ ତୃତୀୟ ସ୍ଥାନ ଅଧିକାର କରିଥିବା ଛାତ୍ରଛାତ୍ରୀମାନେ ଅଂଶଗ୍ରହଣ କରିଥିଲେ। କୃତୀ ଛାତ୍ରଛାତ୍ରୀମାନଙ୍କୁ ପ୍ରମାଣପତ୍ର ଏବଂ ବହି ପୁରସ୍କାର ପ୍ରଦାନ କରାଯାଇଥିଲା। ଇଂରାଜୀ ରାଇମ ପାଇଁ ଅଞ୍ଜଳି ପ୍ରିୟଦର୍ଶିନୀ ସ୍ୱାଇଁ, କୌତୁକ ଗଣିତ ପାଇଁ ଏଲିନା ନାଏକ, ଗପ କହିବାରେ ପ୍ରତ୍ୟୁଷ କୁମାର ମଢେଇ, କୁଇଜ ରେ ପ୍ରିୟଙ୍କା ପ୍ରିୟଦର୍ଶିନୀ ବେହେରା, ଚିତ୍ର ଆବୃତ୍ତି ପାଇଁ ଅଂଶୁମାନ ମଲିକ, ଶବ୍ଦ ଭଣ୍ଡାର (ଇଂରାଜୀ ଓ ଓଡ଼ିଆ) ପାଇଁ ଦୀପ୍ତି ଦେହୁରୀ ପ୍ରଥମ ସ୍ଥାନ ଅଧିକାର କରି ପୁରସ୍କୃତ ହୋଇଥିଲେ ।



ମଞ୍ଚ ପରିଚାଳନା ସିଆରସିସି ତପନ କୁମାର ପଣ୍ଡା କରିଥିବା ବେ

ଅସହାୟ ପରିବାରକୁ ଶୁଦ୍ଧିକ୍ରିୟା ପାଇଁ ସହଯୋଗର ହାତ ବଢ଼ାଇଲା ମାନବପ୍ରେମୀ ସେବା ଟ୍ରଷ୍ଟ

ଯୋଡ଼ା (ଅମୃତ ମିଡିଆ): ଦୁଃଖର ସମୟରେ ଅସହାୟ ପରିବାର ପାଖରେ ଠିଆ ହୋଇ ମାନବିକତାର ପରିଚୟ ଦେଇଛି ସ୍ୱେଚ୍ଛାସେବୀ ସଂଗଠନ ମାନବ ପ୍ରେମୀ ସେବା ଟ୍ରଷ୍ଟ । ଶୁଦ୍ଧିକ୍ରିୟା ପାଇଁ ଅସମର୍ଥ ଥିବା ଏକ ଅସହାୟ ପରିବାରକୁ ରାସନ ସାମଗ୍ରୀ ସହ ଆର୍ଥିକ ସହାୟତା ପ୍ରଦାନ ପୂର୍ବକ ଟ୍ରଷ୍ଟ ପକ୍ଷରୁ ସହଯୋଗର ହାତ ବଢ଼ାଯାଇଛି ।

ସୂଚନା ଅନୁଯାୟୀ, ଚମ୍ପୁଆ ବ୍ଲକ୍ ? ଅନ୍ତର୍ଗତ ମଙ୍ଗଳପୁର ଗ୍ରାମର ସୁବାସ ଗିରି ଏକ ବାଇକ୍ ଦୁର୍ଘଟଣାରେ ପ୍ରାଣ ହରାଇଥିଲେ । ଅକାଳରେ ସ୍ୱାମୀଙ୍କୁ ହରାଇବା ପରେ ତାଙ୍କ ସ୍ତ୍ରୀ ମେନକା ଗିରି ଗଭୀର ଦୁଃଖରେ ଭାଙ୍ଗି ପଡ଼ିଥିବା ବେଳେ ପରିବାରର ଆର୍ଥିକ ସ୍ଥିତି ମଧ୍ୟ ତାଙ୍କ ପାଇଁ ଚିନ୍ତାର କାରଣ ପାଲଟିଥିଲା । ସ୍ୱାମୀଙ୍କ ଶୁଦ୍ଧିକ୍ରିୟା ସମ୍ପନ୍ନ କରିବା ପାଇଁ ଆବଶ୍ୟକ ଆର୍ଥିକ ସମ୍ବଳ ନଥିବାରୁ ମେନକା ଏହା କରିବାକୁ ଅସମର୍ଥ ଥିବା ଜଣାଇଥିଲେ । ତାଙ୍କର ଏକ ୭ ବର୍ଷର ଝିଅ ଥିବା ବେଳେ ସେ ବର୍ତ୍ତମାନ ଗର୍ଭବତୀ ମଧ୍ୟ ଅଛନ୍ତି । ସ୍ୱାମୀଙ୍କୁ ହରାଇବା ପରେ ଏଭଳି ସ୍ଥିତିରେ ପରିବାର ଚଳାଇବା ସହ ଆଗାମୀ ଦିନର ଜୀବନକୁ ନେଇ ମେନକାଙ୍କ ସମ୍ମୁଖରେ ଅନେକ ଚ୍ୟାଲେଞ୍ଜ ଉଭା ହୋଇଛି । ପରିବାରର ଏହି ଦୁଃଖଦ ଓ ଅସହାୟ ପରିସ୍ଥିତି ସମ୍ପର୍କରେ ମାନବ ପ୍ରେମୀ ସେବା ଟ୍ରଷ୍ଟର କର୍ମକର୍ତ୍ତାମାନେ ଜାଣିବା ପରେ ତୁରନ୍ତ ସହଯୋଗ ପାଇଁ ଆଗେଇ ଆସିଥିଲେ । ଟ୍ରଷ୍ଟ ପକ୍ଷରୁ ପରିବାରକୁ ଶୁଦ୍ଧିକ୍ରିୟାରେ ଆବଶ୍ୟକ ହେଉଥିବା ରାସନ ସାମଗ୍ରୀ ସହ ଆର୍ଥିକ ସହାୟତା ପ୍ରଦାନ କରାଯାଇଥିଲା । ଦୁଃଖର ଏହି କଠିନ ସମୟରେ ସହାୟତା ପାଇ ଅସହାୟ ପରିବାର ଟ୍ରଷ୍ଟ ପ୍ରତି କୃତଜ୍ଞତା ଜଣାଇଥିବା ଜଣାପଡ଼ିଛି । ଟ୍ରଷ୍ଟର ଏଭଳି ମାନବିକ ପଦକ୍ଷେପକୁ ନେଇ ଗ୍ରାମବାସୀମାନେ ଉଚ୍ଚ ପ୍ରଶଂସା କରିଛନ୍ତି । ଏହି ସହଯୋଗ କାର୍ଯ୍ୟକ୍ରମରେ ମାନବ ପ୍ରେମୀ ସେବା ଟ୍ରଷ୍ଟର ସଭାପତି ବିଚିତ୍ରାନନ୍ଦ ଦାସ, ସମ୍ପାଦକ ପ୍ରମୋଦ କୁମାର ମହାନ୍ତ, ଉଦିତ ନାରାୟଣ ଗିରି ଓ ପ୍ରଭାସିନୀ ନାଏକ ପ୍ରମୁଖ ଉପସ୍ଥିତ ରହି ପରିବାରକୁ ସହଯୋଗ ପ୍ରଦାନ କରିଥିଲେ । ଅସହାୟ ଓ ଆବଶ୍ୟକତାରେ ଥିବା ଲୋକଙ୍କ ଦୁଃଖଦ ସମୟରେ ସହଯୋଗର ହାତ ବଢ଼ାଇବା ହିଁ ପ୍ରକୃତ ମାନବିକତାର ପରିଚୟ । ମାନବ ପ୍ରେମୀ ସେବା ଟ୍ରଷ୍ଟର ଏହି ପଦକ୍ଷେପ ତାହାର ଏକ ଉଦାହରଣ ସୃଷ୍ଟି କରିଛି ।

ଷୋହଳଖଣ୍ଡ ଗୋପାଳ ସମାଜ ପକ୍ଷରୁ ପବିତ୍ର ଜନ୍ମାଷ୍ଟମୀ ଓ ନନ୍ଦଉତ୍ସବ

ବେଗୁନିଆପଡା (ଅମୃତ ମିଡିଆ): ଖଲ୍ଲିକୋଟ ତାଲୁକା ପଙ୍କାଳମୁଠା ଷୋହଳଖଣ୍ଡ ଗୋପାଳ ସମାଜର ପବିତ୍ର ନନ୍ଦ ଉତ୍ସବ ଗଞ୍ଜାମ ଜିଲ୍ଲା ବେଗୁନିଆପଡା ବ୍ଲକର ଏସ. ଛଚିନା ସ୍ଥିତ ଶ୍ରୀ ଶ୍ରୀ ଗୁପ୍ତେଶ୍ୱର ମନ୍ଦିର ଏବଂ ଷୋହଳଖଣ୍ଡ ଗୋପାଳ ସମାଜ ବାରଙ୍ଗ ମୁଠା ର ବେଗୁନିଆପଡା ସ୍ଥିତ ଶ୍ରୀ ଶ୍ରୀ ଶୀଧେଶ୍ୱର ମନ୍ଦିର ପରିସରରେ ପବିତ୍ର ଜନ୍ମାଷ୍ଟମୀ ଓ ନନ୍ଦଉତ୍ସବ ପାଳିତ ହୋଇଯାଇଛି । ଏସ. ଛଚିନା ସ୍ଥିତ ନନ୍ଦ ଉତ୍ସବରେ ପୂର୍ବତନ ବିଧାୟିକା ଲତିକା ପ୍ରଧାନ ବରିଷ୍ଠ ନେତା ସୀତାରାମ ପାଣିଗ୍ରାହୀ ଯୋଗ ଦେଇଥିବା ବେଳେ ବେଗୁନିଆପଡା ଉତ୍ସବ ରେ ସାଂସଦ ପ୍ରତିନିଧି ଆଲୋକ କୁମାର ଶତପଥି ଯୋଗଦେଇ ଥିଲେ । ଉଭୟ ଉତ୍ସବରେ କବିସୂର୍ଯ୍ୟନଗର ବିଧାୟକଙ୍କ ଧର୍ମପତ୍ନୀ ରିତା ନାୟକ, ଡି ଏସ ପି କ୍ରାଇମବ୍ରାଞ୍ଚ ସନ୍ତୋଷ କୁମାର ଗୌଡ଼, ଓଡିଶା ସରକାର ଙ୍କ ଯୁଗ୍ମ ଶାସନ ସଚିବ ଅଶୋକ କୁମାର ଗୌଡ଼, ଚଳଚିତ୍ର ପ୍ରଯୋଜକ ସୂର୍ଯ୍ୟ ନାରାୟଣ ଗୌଡ଼, ଶିକ୍ଷାବିତ ସୋମ ରାୟ ଅତିଥି ଭାବେ ଯୋଗଦେଇ ଥିଲେ । ନନ୍ଦ ଉତ୍ସବର ମହତ୍ୱ, ଗୋପାଳ ସମାଜର ଉନ୍ନତି ତଥା ଐତିହ ଓ ପରମ୍ପରା କୁ ବଜାଇ ରଖିଥିବା ରୁ ଗୋପାଳ ସମାଜକୁ ଅତିଥି ମାନେ ଧନ୍ୟବାଦ ଦେଇଥିଲେ । ଏସ. ଛଚିନା ଠାରେ ଗୋପାଳ ପଂକାଳମୁଠା ସମାଜର ସଭାପତି ଶରତ ଚନ୍ଦ୍ର ଗୌଡ଼, ଉପ ସଭାପତି ବିଦୁର ଗୌଡ଼, ସମ୍ପାଦକ ବସନ୍ତ କୁମାର ଗୌଡ଼, ସହ ସମ୍ପାଦକ ଭଗବାନ ଗୌଡ଼, କୋଷାଧକ୍ଷ ସୁରେନ୍ଦ୍ର ନାଥ ଗୌଡ଼ ପରିଚାଳନା କରିଥିବା ବେଳେ ବେଗୁନିଆପଡା ଠାରେ ବାରଙ୍ଗ ମୁଠା ସଭାପତି ଗୋପୀନାଥ ଗୌଡ଼, ଉପସଭାପତି ରବୀନ୍ଦ୍ର ଗୌଡ଼, ସମ୍ପାଦକ ସାରଥି ଗୌଡ଼ କୋଷାଧକ୍ଷ ବିଜୟ ଗୌଡ଼, ସହ ସମ୍ପାଦକ ବ୍ରଜ ସୁନ୍ଦର ମହାଙ୍କୁଡ ପରିଚାଳନା କରିଥିଲେ। ଏହି ଉତ୍ସବ ଶୁକ୍ରବାର ଜନ୍ମାଷ୍ଟମୀ ଓ ଶନିବାର ନନ୍ଦ ଉତ୍ସବ ଦୁଇ ଦିନ ଧରି ଚାଲିଥିଲା । ସମସ୍ତ ଗ୍ରାମର ଗୋପାଳ ସମାଜର ସମସ୍ତ ବ୍ୟକ୍ତି ଉପସ୍ଥିତ ରହି ସହଯୋଗ କରିଥିଲେ ।

ମା' ବାଗ୍‌ଦେବୀଙ୍କ ଆଶୀର୍ବାଦ ନେଲେ ବିକ୍ରମ

ଭଞ୍ଜନଗର (ଅମୃତ ମିଡିଆ): ଭଞ୍ଜନଗର ନିକଟ କୁଲାଡ଼ ସ୍ଥିତ ମା' ବାଗଦେବୀଙ୍କ ଦର୍ଶନ କଲେ ବ୍ରହ୍ମପୁର ପୂର୍ବତନ ବିଧାୟକ ବିକ୍ରମ ପଣ୍ଡା । ବିଜେପି ନେତା ପିତବାସ ପଣ୍ଡା ହତ୍ୟା ମାମଲାରେ ସେ ଗିରଫ ହୋଇ ଜେଲ୍ ରେ ଥିଲେ । ଦୀର୍ଘ ୧୦ ମାସରୁ ଉର୍ଦ୍ଧ୍ୱ ସମୟ ଜେଲ୍ ରେ ରହିବା ପରେ, ସେ ଜାମିନ୍ ରେ ଆସିଛନ୍ତି । ମିଥ୍ୟା କେସରେ ଛନ୍ଦି ତାଙ୍କୁ ଜେଲ୍ ପଠାଇଥିବା ସେ, ନିଜ ପ୍ରତିକ୍ରିୟାରେ କହିଥିଲେ । ଏହା ପରେ ପରେ ସେ ବିଭିନ୍ନ ଦେବାଳୟ ଏବଂ ଶକ୍ତିପୀଠକୁ ଯାଇ ଆଶୀର୍ବାଦ ଲୋଡୁଛନ୍ତି । ଏହି କ୍ରମରେ ରବିବାର ଦିନ କୁଲାଡ ସ୍ଥିତ ମା' ବାଗଦେବୀ ପୀଠରେ ପହଞ୍ଚି ମା' ଙ୍କ ପୂଜାର୍ଚ୍ଚନା କରିଥିଲେ । ବିକ୍ରମ ଙ୍କ ସହ, ସୋରଡା ପୂର୍ବତନ ବିଧାୟକ ପୂର୍ଣ୍ଣଚନ୍ଦ୍ର ସ୍ୱାଇଁ, ଭଞ୍ଜନଗର ପୌରପରିଷଦ ଅଧ୍ୟକ୍ଷ ଗୋପବନ୍ଧୁ ମହାପାତ୍ର, ବ୍ରହ୍ମପୁରର ବହୁ ସଂଖ୍ୟକ କର୍ପୋରେଟର, କୁଲାଡ ସରପଞ୍ଚଙ୍କ ପ୍ରତିନିଧି ଭି. ରାଜିବ ଲୋଚନ ରାଜୁ, ପୂର୍ବତନ ସରପଞ୍ଚ ପ୍ରକାଶ ଚନ୍ଦ୍ର ପାଣିଗ୍ରାହୀ, ପୂର୍ବତନ ସମିତି ସଭ୍ୟ ପ୍ରତିନିଧି ଗୋବିନ୍ଦ ସାହୁ, ଭଞ୍ଜନଗର ପୌରପାଳିକାର ବହୁ ୱାର୍ଡସଭ୍ୟଙ୍କ ସମେତ ଜିଲ୍ଲାର ଛାମୁଆ ନେତା ପ୍ରମୁଖ ଉପସ୍ଥିତ ଥିଲେ । ଅନ୍ୟପକ୍ଷରେ ବିକ୍ରମ ଜେଲ ଯିବାପରେ ଗଞ୍ଜାମ ବିଜୁ ଜନତାଦଳ ଏକପ୍ରକାର ମୁରବୀ ବିହୀନ ଅବସ୍ଥାକୁ ଚାଲିଆସିଥିବା ବେଳେ ଏବେ ବିକ୍ରମ ଜେଲରୁ ମୁକୁଳିବା ପରେ ପୁଣି ଦଳୀୟ ଉତ୍ସାହକୁ ସଂଜୀବନୀ ମିଳିଛି । ଏବେ ସେ ଜିଲ୍ଲାର ବିଭିନ୍ନ ଶକ୍ତିପୀଠକୁ ଯାଇ ଆଶୀର୍ବାଦ ନେବା ସହ ଦଳକୁ ମଜୁବୁତ୍ କରିବା ପାଇଁ ଆଗାମୀ ଦିନରେ ଦଳୀୟ ଶକ୍ତି ବୃଦ୍ଧି କରିବାର ସହାୟକ ହୋଇପାରେ ବୋଲି, ରାଜନୈତିକ ସମୀକ୍ଷକ ମହଲରେ, ଆଲୋଚନା ଜୋର୍ ଧରିଛି ।

ହିନ୍ଦୋଳ ବିଜେପିରେ ଗୋଷ୍ଠୀକନ୍ଦଳ

ହିନ୍ଦୋଳ (ଅମୃତ ମିଡିଆ): ହିନ୍ଦୋଳ ବିଜେପିରେ ଏପରି ତୀବ୍ର ଗୋଷ୍ଠୀ କନ୍ଦଳ ହୋଇଛି ଯେ ତାହାଯାଇ ରାଜ୍ୟ ଦଳୀୟ କାର୍ଯ୍ୟାଳୟରେ ପହଂଚିଗଲାଣି । ହିନ୍ଦୋଳ ଏନ୍‌ଏସି ମଣ୍ଡଳର ସଭାପତିଙ୍କୁ ତାଙ୍କ ବିଶୃଙ୍ଖଳା ଓ ଅସହଯୋଗ କାରଣରୁ ତାଙ୍କୁ ସାତଦିନ ଭିତରେ ଉତ୍ତର ରଖିବାକୁ ରାଜ୍ୟ ଶୃଙ୍ଖଳା କମିଟି ପକ୍ଷରୁ ତାଙ୍କୁ ଲିଖିତ ଜବାବ ମଗାଯାଇଛି। ଘଟଣାକୁ ଆହୁରି ରୋଚକ କରିଛି ସଭାପତିଙ୍କ ଲିଖିତ ଉତ୍ତର। ତାଙ୍କ ବିରୁଦ୍ଧରେ ଆସିଥିବା ସମସ୍ତ ଅଭିଯୋଗକୁ ସେ ମିଥ୍ୟା ଓ ଭିତ୍ତିହୀନ ବୋଲି ଲିଖିତ ଭାବେ ଜବାବ। ରଖିଛନ୍ତି। ଏବଂ ଗତ ସାଧାରଣ ନିର୍ବାଚନ ପୂର୍ବରୁ ଦଳକୁ ଆସିଥିବା ଆମଦାନୀ ନେତା ଓ କର୍ମୀଙ୍କ ମାତ୍ରାଧିକ ହସ୍ତକ୍ଷେପ ଏବଂ ଦଳର ମୂଳ କର୍ମୀଙ୍କୁ ଅଣଦେଖା କାରଣରୁ ମୂଳ ବିଜେପି କର୍ମୀ ଅସନ୍ତୁଷ୍ଟ ଥିବା ମଧ୍ୟ ଉଲ୍ଲେଖ କରିଛନ୍ତି। ଏତଦବ୍ୟତିତ ସାଙ୍ଗଠନିକ କାର୍ଯ୍ୟରେ ସ୍ଥାନୀୟ ବିଧାୟିକା ଏବଂ ସାଂସଦ ଆଦୌ ସହଯୋଗ କରୁନଥିବା ମଧ୍ୟ ସଭାପତି ଉଲ୍ଲେଖ କରିଛନ୍ତି।

ସେପ୍ଟେମ୍ବର ୧୧ ତାରିଖ ରେ ଘୁମୁସର ଦିବସ ପାଳନ ପାଇଁ ପ୍ରସ୍ତୁତି ଆଲୋଚନା

ଭଞ୍ଜନଗର (ଅମୃତ ମିଡିଆ): ଶନିବାର ଅପରାହ୍ନ ରେ ଘୁମସର ବିକାଶ ପରଷ୍ଦର ଏକ ବୈଠକ ନାୟକ ଭବନ ଠାରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ପରିଚାଳନା ନ୍ୟାସୀ ସୋମନାଥ ନାୟକ ଅଧ୍ୟକ୍ଷତା କରିଥିଲେ । ସାରା ଓଡ଼ିଶାରେ ସେପ୍ଟେମ୍ବର ୧୧ ତାରିଖରେ ଘୁମୁସର ଦିବସ ପାଳନ କରିବାକୁ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଏକ ସ୍ମାରକପତ୍ର ଗଞ୍ଜାମ ଜିଲ୍ଲାପାଳଙ୍କ ଜରିଆରେ ପ୍ରଦାନ କରାଯିବାକୁ ବୈଠକରେସର୍ବସମ୍ମତି ନିଷ୍ପତ୍ତି ନିଆଯାଇଥିଲା। ଏହି ଦିବସକୁ ସାରା ଘୁମୁସର ପାଳନ କରିବାପାଇଁ ଘୁମୁସର ର ପ୍ରତ୍ୟେକ ସାଂସ୍କୃତିକ, ସାହିତ୍ୟ, ଐତିହାସିକ, ସ୍ୱେଚ୍ଛାସେବୀ ଓ ଜାତିଆଣ ସଂଗଠନ ମାନଙ୍କୁ ନିବେଦନ କରାଯାଇଛି । ୧୧ ତାରିଖ ଘୁମୁସର ଦିବସ ପୂର୍ବରୁ ଆସନ୍ତା ୯'ତାରିଖ ଅପରାହ୍ନରେ ପରିଷଦ ତରଫରୁ ଏକ ସାମ୍ବାଦିକ ସମ୍ମିଳନୀ ଫରେଷ୍ଟ ବଙ୍ଗଳା ସଭାଗୃହରେ ଅନୁଷ୍ଠିତ କରାଯିବା ପାଇଁ ମଧ୍ୟ ସ୍ଥିର ହୋଇଛି । ଏହି ଆଲୋଚନା ବୈଠକରେ ସର୍ବଶ୍ରୀ ପ୍ରକାଶ ଚନ୍ଦ୍ର ସାହୁ, ସୁଶାନ୍ତ ପାତ୍ର, ରବିନାରାୟଣ ସାମନ୍ତ, ଗୋପାଳ ଚନ୍ଦ୍ର ଲେଙ୍କା, ଓ ସୁରେନ୍ଦ୍ର ବେହେରା ପ୍ରମୁଖ ଭାଗ ନେଇ ସେପ୍ଟେମ୍ବର ୧୧ ତାରିଖକୁ କାହିଁକି ଘୁମୁସର ଦିବସ ଭାବେ ପାଳନ କରାଯିବ ସେ ସଂପର୍କରେ ସବିଶେଷ ତଥ୍ୟ ଉପସ୍ଥାପନ କରିଥିଲେ।

ଗୁରୁ ପୂଜନ ଉତ୍ସବ ସହ ୧୦୧ତମ ମାସିକ ଭଞ୍ଜ ସଙ୍ଗୀତ ଆସର

ଭଞ୍ଜନଗର (ଅମୃତ ମିଡିଆ): ସ୍ଥାନୀୟ ଡିଫେନ୍ସ କଲୋନୀ ସ୍ଥିତ ଲାବାଣ୍ୟବତୀ କଳା ମଣ୍ଡପ ଠାରେ ଆନନ୍ଦ ସଙ୍ଗୀତାୟନ ଅନୁଷ୍ଠାନ ର ଗୁରୁ ପୂଜନ ଓ ୧୦୧ତମ ଭଞ୍ଜ ସଙ୍ଗୀତ ଆସର ଅନୁଷ୍ଠିତ ହୋଇଯାଇଛି। ଅନୁଷ୍ଠାନ ର ସଭାପତି ପ୍ରଶାନ୍ତ ମହାନ୍ତି ଙ୍କ ଅଧକ୍ଷତାରେ ଆୟୋଜିତ ଉକ୍ତ କାର୍ଯ୍ୟକ୍ରମରେ ଗୁରୁଚରଣ ପ୍ରଧାନ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ପ୍ରଦୀପ ପ୍ରଜ୍ୱଳନ କରିଥିଲେ। ସମ୍ମାନିତ ଅତିଥି ଭାବେ ପି ରାବଣାମ୍ବା ମଞ୍ଚାସୀନ ରହିଥିଲେ।

ପ୍ରାରମ୍ଭ ରେ ଅନୁଷ୍ଠାନ ର ଗୁରୁ ସ୍ୱର୍ଗତ ଆନନ୍ଦ ପ୍ରଧାନ ଙ୍କ ଫଟୋ ଚିତ୍ରରେ ପୁଷ୍ପ ଗୁଚ୍ଛ ପ୍ରଦାନ କରାଯିବା ସହ ପ୍ରଦୀପ ପ୍ରଜ୍ୱଳନ କାର୍ଯ୍ୟ ଶେଷ ହୋଇଥିଲା। ପରେ କଣ୍ଠଶିଳ୍ପୀ ମାନେ ଗୋଟିଏ ପରେ ଗୋଟିଏ ଭଞ୍ଜ ସଙ୍ଗୀତ ଯଥା ଭଜନ, ଜଣାଣ, ଚମ୍ପୁ ଆଦି ଗାନ କରିଥିଲେ। ଅନୁଷ୍ଠାନର ପୁରୋଧା ଗୁରୁଶ୍ରୀ ଅଶୋକ ମହାପାତ୍ର କିଭଳି ନିରବଚ୍ଛିନ୍ନ ଭାବେ ତାଙ୍କ ଅନୁଷ୍ଠାନ ୧୦୧ ତମ ମାସିକ ଭଞ୍ଜ ସଙ୍ଗୀତ ଆସର ଆୟୋଜନ କରି ଆସିଛି ସେ ସମ୍ପର୍କରେ ଉଲ୍ଲେଖ କରିଥିଲେ। ପରେ ପରେ କବିସମ୍ରାଟ ଙ୍କ କାଳଜୟୀ ଜଗନ୍ନାଥ ଜଣାଣ ରୁ ଏହି ସଙ୍ଗୀତ ସନ୍ଧ୍ୟା ଆରମ୍ଭ ହୋଇଥିଲା। ସମବେତ କଣ୍ଠ ସଙ୍ଗୀତ ରେ ବୈଦେହୀଶ ବିଳାସ ର ବିତଲକୁ ଆଲିଙ୍ଗନ, କରି ଜାହ୍ନବୀ ଶୋଭନ ଗାନ କରାଯାଇଥିଲା। ତାପରେ 'କଳା ଶ୍ରୀମୁଖ ହେ ନଗଲା ମୋହର ଦୁଃଖ', 'କାନ୍ତ ବିନା ଦିବା ରଜନୀ ସଜନୀ', 'କୁଞ୍ଜ ବନେ କଳା ନିଧି କଳା ନିଧି' ଓ 'ପ୍ରାଣ ମିତଣୀ ଗୋ ଯାହା ମୁଁ ଦେଖିଲି ଆଜ' ଆଦି ଗୋଟିଏ ପରେ ଗୋଟିଏ ଭଞ୍ଜ ସଙ୍ଗୀତ ଗାନ କରାଯାଇଥିଲା। ତେବେ ଗୁରୁଦିବସ ଅବସରରେ ଆୟୋଜିତ ଏହି ସଙ୍ଗୀତ ସନ୍ଧ୍ୟା କୁ ସମସ୍ତ କଣ୍ଠଶିଳ୍ପୀ ନିଜ ଗୁରୁଙ୍କ ଉଦ୍ଦେଶ୍ୟରେ ସମର୍ପିତ କରିଥିଲେ। ଅନୁଷ୍ଠାନର କଣ୍ଠ ଶିଳ୍ପୀ ରଶ୍ମିତା, ଶୁଭସ୍ମିତା, ଅଭିଷେକ, ଅଶୋକ ପ୍ରମୁଖ ସଂଗୀତ ପରିବେଷଣ କରିଥିଲେ। ଶେଷରେ ଅନୁରାଧା ମହାପାତ୍ର ଉପସ୍ଥିତ ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ।

ଅବସରପ୍ରାପ୍ତ ସାମ୍ବାଦିକଙ୍କ ପାଇଁ ଶୀଘ୍ର ପେନସନ୍ ଯୋଜନା ଦାବି

ବ୍ରହ୍ମପୁର (ଅମୃତ ମିଡିଆ): ରାଜ୍ୟର ଅବସରପ୍ରାପ୍ତ ଓ ଅବସର ନେବାକୁ ଥିବା ସାମ୍ବାଦିକମାନଙ୍କ ପାଇଁ ତୁରନ୍ତ ପେନସନ୍ ଯୋଜନା ଲାଗୁ କରିବାକୁ ସିନିୟର ଜର୍ନାଲିଷ୍ଟସ୍ ଆସୋସିଏସନ୍ ଅଫ୍ ଓଡ଼ିଶା (ଏସ୍ଓଇଜ) ପୁଣିଥରେ ଦାବି କରିଛି। ଏଥିସହ ଓଡ଼ିଶା ହାଇକୋର୍ଟଙ୍କ ଅନୁକୂଳ ନିର୍ଦ୍ଦେଶ ଅନୁଯାୟୀ ଆଉ ବିଳମ୍ବ ନକରି ଆବଶ୍ୟକ ପଦକ୍ଷେପ ନେବାକୁ ରାଜ୍ୟ ସରକାରଙ୍କୁ ସଂଘ ଅନୁରୋଧ କରିଛି। ଦେଶର ପ୍ରାୟ ୧୯ଟି ରାଜ୍ୟ ଓ କେନ୍ଦ୍ରଶାସିତ ଅଞ୍ଚଳରେ ଅବସରପ୍ରାପ୍ତ ଗଣମାଧ୍ୟମ କର୍ମୀଙ୍କ ପାଇଁ ପେନସନ୍ ଯୋଜନା କିମ୍ବା ଅନୁରୂପ ଆର୍ଥିକ ସହାୟତା ପ୍ରଚଳିତ ରହିଛି। ଦୀର୍ଘ ବର୍ଷ ଧରି ସେବା ପ୍ରଦାନ କରିଥିବା ସାମ୍ବାଦିକମାନଙ୍କ ଅବସର ପରବର୍ତ୍ତୀ ସାମାଜିକ ସୁରକ୍ଷାର ଆବଶ୍ୟକତାକୁ ସ୍ୱୀକାର କରି ଏହି ବ୍ୟବସ୍ଥା କରାଯାଇଛି। ତେବେ ଓଡ଼ିଶାରେ ଏଯାବତ୍ ସାମ୍ବାଦିକମାନଙ୍କ ପାଇଁ ସ୍ୱତନ୍ତ୍ର ଅବସରକାଳୀନ ପେନସନ୍ ଯୋଜନା ଲାଗୁ ହୋଇନାହିଁ। ଏସ୍ଓଇଜ ସଭାପତି କାହ୍ନୁ ଚରଣ ନନ୍ଦ କହିଛନ୍ତି ଯେ, ସାମ୍ବାଦିକମାନେ ନିଜ ଜୀବନର ଉତ୍ପାଦନଶୀଳ ସମୟକୁ ଜନସାଧାରଣଙ୍କୁ ସୂଚନା ପ୍ରଦାନ, ନାଗରିକ ସମସ୍ୟାକୁ ସାମ୍ନାକୁ ଆଣିବା ଏବଂ ଗଣତାନ୍ତ୍ରିକ ଅନୁଷ୍ଠାନକୁ ସୁଦୃଢ଼ କରିବାରେ ନିୟୋଜିତ କରିଥାନ୍ତି। ଅବସର ପରେ ସେମାନଙ୍କୁ ଆର୍ଥିକ ଅନିଶ୍ଚିତତା ମଧ୍ୟରେ ଛାଡ଼ି ଦିଆଯିବା ଉଚିତ ନୁହେଁ। ୨୦୨୨ ମସିହାରୁ ଏହି ଦାବି ନେଇ ସଂଘ ରାଜ୍ୟ ସରକାରଙ୍କ ସହ ଆଲୋଚନା ଓ ଯୋଗାଯୋଗ ଜାରି ରଖିଥିବା ବେଳେ ପରେ ବରିଷ୍ଠ ସାମ୍ବାଦିକମାନଙ୍କୁ ପେନସନ୍ ସୁବିଧା ପ୍ରଦାନ ପାଇଁ ଓଡ଼ିଶା ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲା। ଚଳିତ ବର୍ଷ ଜୁନ୍ ମାସରେ ହାଇକୋର୍ଟ ରାଜ୍ୟ ସରକାରଙ୍କୁ ତିନି ମାସ ମଧ୍ୟରେ ଏ ସମ୍ପର୍କରେ ନୀତିଗତ ନିଷ୍ପତ୍ତି ନେବାକୁ କହିଥିଲେ। ୬୦ ବର୍ଷ ଓ ତଦୁର୍ଦ୍ଧ୍ୱ ବୟସର ସାମ୍ବାଦିକମାନଙ୍କୁ ମାସିକ ପେନସନ୍ ପ୍ରଦାନ ନେଇ ପ୍ରସ୍ତାବ ସରକାରଙ୍କ ସକ୍ରିୟ ବିଚାରାଧୀନ ଥିବା ହାଇକୋର୍ଟ ଦର୍ଶାଇଥିଲେ ବୋଲି କାହ୍ନୁ ଚରଣ ନନ୍ଦ କହିଛନ୍ତି। ହାଇକୋର୍ଟଙ୍କ ନିର୍ଦ୍ଦେଶ ପରେ ଏସ୍ଓଇଜ ସୂଚନା ଓ ଲୋକସମ୍ପର୍କ ବିଭାଗକୁ ଆବଶ୍ୟକ ପ୍ରଶାସନିକ ପ୍ରକ୍ରିୟା ଆରମ୍ଭ କରିବା ସହ ଯୋଗ୍ୟ ଅବସରପ୍ରାପ୍ତ ସାମ୍ବାଦିକମାନଙ୍କୁ ଏହି ସୁବିଧା ପ୍ରଦାନ ପାଇଁ ଏକ ବ୍ୟବସ୍ଥା ପ୍ରସ୍ତୁତ କରିବାକୁ ଦାବି କରିଛି। ଏହି ଦାବି କେବଳ ଆର୍ଥିକ ସହାୟତା ପାଇଁ ନୁହେଁ, ବରଂ ଜନସ୍ୱାର୍ଥ ଓ ଗଣତନ୍ତ୍ରର ସୁଚାରୁ କାର୍ଯ୍ୟକାରିତା ପାଇଁ ନିଜର କର୍ମଜୀବନ ଉତ୍ସର୍ଗ କରିଥିବା ସାମ୍ବାଦିକମାନଙ୍କ ପ୍ରତି ସମ୍ମାନ, ମର୍ଯ୍ୟାଦା ଓ ସାମାଜିକ ସୁରକ୍ଷାର ପ୍ରଶ୍ନ ବୋଲି ସଂଘ କହିଛି। ବ୍ରହ୍ମପୁର ଠାରେ ଆୟୋଜିତ ସଭାରେ ସୁନୀଲ ମୋହନ ପଟ୍ଟନାୟକ ସଭାପତିତ୍ୱ କରିଥିଲେ। କେନ୍ଦ୍ରୀୟ ନେତୃତ୍ୱ ମଧ୍ୟରେ ଉପସଭାପତି ପ୍ରଦୀପ୍ତ ଚୌଧୁରୀ, ଉପଦେଷ୍ଟା ଦେବେନ୍ଦ୍ର ସିଂହ, କାର୍ଯ୍ୟକାରୀ ସଦସ୍ୟା ଦୀପ୍ତିମୟୀ କର, ସାଧାରଣ ସମ୍ପାଦକ ଆଶୁତୋଷ ବେହେରା, ସଂଗଠନ ସମ୍ପାଦକ ବିପ୍ଳବ ମହାନ୍ତି, ଶରତ ବେହେରା, ଅଜିତ ପଣ୍ଡା, ରବିନାରାୟଣ ମିଶ୍ର, ଜ୍ୟୋତିରଞ୍ଜନ ଦାସ, ଗରୁଡଧ୍ୱଜ ଚୌଧୁରୀ, ସ୍ୱରୂପ ଦାସ ପ୍ରମୁଖ ଉଦ୍ ?ବୋଧନ ଦେଇଥିଲେ। ପାଞ୍ଚଟି ଜିଲ୍ଲାରୁ ବରିଷ୍ଠ ସାମ୍ବାଦିକମାନେ ଏହି ବୈଠକରେ ଯୋଗ ଦେଇଥିଲେ। ପ୍ରଶାନ୍ତ କୁମାର ଦାସ ଅତିଥିମାନଙ୍କ ପରିଚୟ ପ୍ରଦାନ କରିଥିବା ବେଳେ ଅଭୟ କୁମାର ପାଢ଼ୀ ଧନ୍ୟବାଦ ଅର୍ପଣ କରିଥିଲେ। ଅନୀଲ ପାଢ଼ୀ କାର୍ଯ୍ୟକ୍ରମର ଆୟୋଜନ କରିଥିଲେ। ଅବସରପ୍ରାପ୍ତ ସାମ୍ବାଦିକମାନଙ୍କ ପାଇଁ ପେନସନ୍ ଯୋଜନା ଶୀଘ୍ର ଲାଗୁ କରିବା ଦିଗରେ ରାଜ୍ୟ ସରକାର ସକାରାତ୍ମକ ପଦକ୍ଷେପ ନେବେ ବୋଲି ଏସ୍ଓଇଜ ପ୍ରତିନିଧିମାନେ ଆଶା ପ୍ରକାଶ କରିଛନ୍ତି। ଓଡ଼ିଶାର ଅବସରପ୍ରାପ୍ତ ସାମ୍ବାଦିକମାନଙ୍କ ପାଇଁ ଏକ ପ୍ରଭାବୀ ସାମାଜିକ ସୁରକ୍ଷା ବ୍ୟବସ୍ଥା ପ୍ରତିଷ୍ଠା ନହେବା ପର୍ଯ୍ୟନ୍ତ ଏହି ଦାବି ଜାରି ରଖିବ ବୋଲି ସଂଘ ସ୍ପଷ୍

୧୫୯ ଦିନରେ ନୀରବ ପଦଯାତ୍ରା

ଦର୍ଶନ ଅଧିକାର ପାଇଁ ଦୃଢ଼ ସଂକଳ୍ପ

ପୁରୀ (ବ୍ୟୁରୋ): ଏକ ଦାବି, ଏକ ସଂକଳ୍ପ ଏବଂ ଅହିଂସାକୁ ଅସ୍ତ୍ର କରି ନିରନ୍ତର ଆଗକୁ ବଢୁଛି ପୁରୀବାସୀଙ୍କ ସଚେତନତା ପଦଯାତ୍ରା। ଆଜି ଏହି ଶାନ୍ତିପୂର୍ଣ୍ଣ ଅଭିଯାନ ୧୫୯ତମ ଦିନରେ ପହଞ୍ଚିଛି। ଶ୍ରୀମନ୍ଦିରରେ ପୁରୀବାସୀଙ୍କ ପାଇଁ ପୂର୍ବପରି ମହାପ୍ରଭୁଙ୍କ ଦର୍ଶନର ସୁବିଧା ସହ ଏକ ସ୍ଥାୟୀ, ସ୍ୱତନ୍ତ୍ର ଓ ସମ୍ମାନଜନକ ବ୍ୟବସ୍ଥା କରାଯିବା ଦାବିରେ ଏହି ଯାତ୍ରା ଜାରି ରହିଛି। ଗତ ୧ ଏପ୍ରିଲରୁ ଭକ୍ତ ସାଲବେଗ ପାଠରୁ ଆରମ୍ଭ ହୋଇଥିବା ଏହି ପଦଯାତ୍ରା ଏବେ ପୁରୀର ଜନମାନସରେ ଏକ ନିରନ୍ତର ଦାବିର ସ୍ୱର ହୋଇଛି। ଶ୍ରୀଜଗନ୍ନାଥଙ୍କ ସହ ପୁରୀବାସୀଙ୍କ ସମ୍ପର୍କ କେବଳ ଦୈନନ୍ଦିନ ଦର୍ଶନରେ ସୀମିତ ନୁହେଁ; ଏହା ସହରର ପରମ୍ପରା, ଜୀବନଚର୍ଯ୍ୟା ଓ ଭାବାବେଗ ସହ ଗଭୀର ଭାବେ ଜଡ଼ିତ। ତେଣୁ ଏହି ଦାବିକୁ ନେଇ ସତ୍ୟାଗ୍ରହୀମାନେ ଦୀର୍ଘ ସମୟ ଧରି ଶାନ୍ତିପୂର୍ଣ୍ଣ ଭାବେ ନିଜ ସ୍ୱର ଉଠାଇ ଆସୁଛନ୍ତି। ଆଜି ମଧ୍ୟ ଭକ୍ତ ସାଲବେଗ ପୀଠରେ ସତ୍ୟାଗ୍ରହୀମାନେ ଏକତ୍ରିତ ହୋଇଥିଲେ। ସେଠାରୁ ପଦଯାତ୍ରାରେ ଶ୍ରୀମନ୍ଦିର ଅଭିମୁଖେ ଯାଇ ପତିତପାବନଙ୍କ ଦର୍ଶନ କରିଥିଲେ। ମହାପ୍ରଭୁଙ୍କ ଚରଣରେ ପ୍ରାର୍ଥନା କରି ପୁରୀବାସୀଙ୍କ ଦାବିର ଶୀଘ୍ର ସମାଧାନ ପାଇଁ ଆଶୀର୍ବାଦ ଲୋଡ଼ାଯାଇଥିଲା। ସତ୍ୟାଗ୍ରହୀ ପଦଯାତ୍ରୀମାନେ ସ୍ପଷ୍ଟ କରିଛନ୍ତି ଯେ ଏହି ସଂଘର୍ଷ କୌଣସି ଦଳ, ନେତା କିମ୍ବା ବ୍ୟକ୍ତି ବିରୋଧୀ ଅଭିଯାନ ନୁହେଁ। ଗଣତନ୍ତ୍ରର ମର୍ଯ୍ୟାଦା ରକ୍ଷା କରି ନିଜ ଅଧିକାର ପାଇଁ ସ୍ୱର ଉଠାଇବା ହିଁ ଏହାର ଉଦ୍ଦେଶ୍ୟ। ସତ୍ୟ, ଅହିଂସା ଓ ଧୈର୍ଯ୍ୟକୁ ଆଧାର କରି ଦାବି ପୂରଣ ନହେବା ପର୍ଯ୍ୟନ୍ତ ଯାତ୍ରା ଜାରି ରଖିବାକୁ ସତ୍ୟାଗ୍ରହୀମାନେ ସଂକଳ୍ପବଦ୍ଧ। ପଦଯାତ୍ରାର ଆବାହକ ସ୍ୱାଧୀନ କୁମାର ପଣ୍ଡା କହିଛନ୍ତି, “୧୫୯ ଦିନ ଧରି ଆମେ ଶାନ୍ତିର ସହିତ ଆମର କଥା ସରକାର ଓ ସମାଜ ସମ୍ମୁଖରେ ରଖୁଛୁ। ଆମେ କାହାର ବିରୋଧୀ ନୁହେଁ। ପୁରୀବାସୀଙ୍କ ନ୍ୟାୟସଙ୍ଗତ ଦାବି ପ୍ରତି ସରକାର ସମ୍ବେଦନଶୀଳ ହୋଇ ସ୍ଥାୟୀ ସମାଧାନର ବାଟ ଖୋଲନ୍ତୁ। ସମାଧାନ ନ ଆସିବା ପର୍ଯ୍ୟନ୍ତ ଆମର ଅହିଂସାପୂର୍ଣ୍ଣ ପଦଯାତ୍ରା ଅବ୍ୟାହତ ରହିବ।” ଆଜିର କାର୍ଯ୍ୟକ୍ରମରେ ସର୍ବଶ୍ରୀ ହରିଶଙ୍କର ମିଶ୍ର, ଚକ୍ରଧର ମହାପାତ୍ର, ଶ୍ରୀକାନ୍ତ ମହାନ୍ତି, ସୁକାନ୍ତ ପଣ୍ଡା, ବିଶ୍ୱନାଥ ମିଶ୍ର, ନୃସିଂହନାଥ ନାୟକ, ମନୋରଞ୍ଜନ ରଣସିଂହ, ଅରୁଣା ପଟ୍ଟନାୟକ, ଭାରତୀ ମହାନ୍ତି, ମମତା ସ୍ୱାଇଁ, ରମେଶ ଚନ୍ଦ୍ର ମହାନ୍ତି, ଯାଦବାନନ୍ଦ ରାୟ, ସନ୍ତୋଷ ସେନାପତି, ବାପିନା ସାମନ୍ତରାୟ, ସୁବାଷ ପଟ୍ଟନାୟକ ଓ ମାନସ ପଟ୍ଟନାୟକଙ୍କ ସମେତ ବହୁ ସତ୍ୟାଗ୍ରହୀ ଯୋଗ ଦେଇଥିଲେ। ୧୫୯ ଦିନର ଏହି ଯାତ୍ରା ଏବେ ଏକ ଦୃଢ଼ ସଂକଳ୍ପର ପ୍ରତୀକ। ପାଦ ଥକିପାରେ, ସମୟ ଲମ୍ବିପାରେ, କିନ୍ତୁ ଅଧିକାର ଓ ସମ୍ମାନ ପାଇଁ ଉଠିଥିବା ସ୍ୱର ଥମିବ ନାହିଁ। ପୁରୀବାସୀଙ୍କ ଦାବିର ସ୍ଥାୟୀ ସମାଧାନ ନ ହେବା ପର୍ଯ୍ୟନ୍ତ ଏହି ଅହିଂସାର ଯାତ୍ରା ଚାଲିଥିବ। ୧୫୯ ଦିନର ସଂକଳ୍ପ; ଅଧିକାର ପାଇଁ ଅହିଂସା, ସମ୍ମାନ ପାଇଁ ସତ୍ୟାଗ୍ରହ।

ପୁରୀ ଯୋଗଜିଲ୍ଲାର ନୂତନ କର୍ମକର୍ତ୍ତା ଚୟନ

ପୁରୀ (ବ୍ୟୁରୋ): ଭାରତୀୟ ଯୋଗ ସଂସ୍ଥାନ ଓଡିଶା ପ୍ରାନ୍ତ ପୁରୀ ଯୋଗଜିଲ୍ଲାର ନୂତନ କର୍ମକର୍ତା ଚୟନ କରାଯାଇଛି । ଜିଲ୍ଲାପ୍ରଧାନ ଭାବେ ମନମୋହନ ମହାପାତ୍ର, ଉପଦେଷ୍ଟା ଭାବେ ବିବିରାମ ସ୍ୱାଇଁ, ଦ୍ୱିତୀୟ ଉପଦେଷ୍ଟା ଦେବଦତ୍ତ ଷଡଙ୍ଗୀ, ଜିଲ୍ଲାମନ୍ତ୍ରୀ ସଦାଶିବ ଦାସ, ଜିଲ୍ଲା ସଂଗଠନ ମନ୍ତ୍ରୀ ନିରଞ୍ଜନ ରାଉତ, ଗୁଣ୍ଡିଚା ବିହାର ଉପଦେଷ୍ଟା ଉମାକାନ୍ତ ମଲ୍ଲିକ, କ୍ଷେତ୍ରପ୍ରଧାନ ଅନନ୍ତ ମଲ୍ଲିକ, କ୍ଷେତ୍ରମନ୍ତ୍ରୀ ପ୍ରଦୀପ୍ତ ମହାନ୍ତି, କ୍ଷେତ୍ର ସଂଗଠନ ମନ୍ତ୍ରୀ ରବିନାରାୟଣ ମହାନ୍ତି ସେହିପରି ଜଗନ୍ନାଥ କ୍ଷେତ୍ରର କ୍ଷେତ୍ରପ୍ରଧାନ ପଞ୍ଚାନନ ବେହେରା, କ୍ଷେତ୍ରମନ୍ତ୍ରୀ ଭାବେ ସୁକାନ୍ତ କୁମାର ସ୍ୱାଇଁ, ସଂଗଠନ ମନ୍ତ୍ରୀ ପ୍ରକାଶ ଜେନାଙ୍କୁ ଚୟନ କରାଯାଇଛି । ଓଡିଶା ପ୍ରାନ୍ତପ୍ରଧାନ ସୁରେଶ ମହାପାତ୍ର ପ୍ରାନ୍ତମନ୍ତ୍ରୀ ଅକ୍ଷୟ ସ୍ୱାଇଁ,ପ୍ରାନ୍ତସଂଗଠନ ମନ୍ତ୍ରୀ ରାମୟା ରେଡ୍ଡୀ, କୋଷାଧ୍ୟକ୍ଷ ରଘୁନାଥ ରେଡ୍ଡୀଙ୍କ ଉପସ୍ଥିତରେ ଓ ପୁରୀ ଯୋଗଜିଲ୍ଲାର ସମସ୍ତ ଅଧିକାରୀଙ୍କ ଉପସ୍ଥିତ ରେ ପିକେଆରଟି କଲୋନୀଠାରେ ଏକ ବୈଠକରେ ସର୍ବସମ୍ମତି କ୍ରମେ ଚୟନ ପ୍ରକିୟା କରାଯାଇଛି। କିଭଳି ଭଣ୍ଡ ପୁରୀ ଯୋଗଜିଲ୍ଲାର ଲୋକେ ସୁଫଳ ପାଇପାରିବେ ଏବଂ ଭାରତୀୟ ଯୋଗ ସଂସ୍ଥାନରେ ଅଧିକରୁ ଅଧିକ ଲୋକ ଯୋଡିହେଇ ପାରନ୍ତି ସେନେଇ ଏକ୍ସିସ୍ଥତ ଆଲୋଚନା କରାଯାଇଥିଲା।

ଜନବସତିରେ ମଦ ଦୋକାନକୁ ବିରୋଧ

ପୁରୀ (ବ୍ୟୁରୋ): ଗୌଡ଼ବାଡ଼ ସାହିରେ ଥିବା ବିଦେଶୀ ମଦ ଦୋକାନକୁ ବନ୍ଦ କିମ୍ବା ଅନ୍ୟତ୍ର ସ୍ଥାନାନ୍ତର କରିବା ପାଇଁ ସ୍ଥାନୀୟ ବାସିନ୍ଦା ଅବକାରୀ ଅଧୀକ୍ଷକଙ୍କ ନିକଟରେ ଆଜି (ରବିବାର) ଲିଖିତ ଦାବି କରିଛନ୍ତି। ଏ ନେଇ ସାହି ବାସିନ୍ଦାମାନେ ଅଗଷ୍ଟ ମାସ ୧୨ ତାରିଖରେ ଗୋବର୍ଦ୍ଧନ ପୀଠର ଜଗଦ୍ଗୁରୁ ଶଙ୍କରାଚାର୍ଯ୍ୟଙ୍କୁ ମଧ୍ୟ ଏକ ବିସ୍ତୃତ ଲିଖିତ ଆବେଦନ ପ୍ରଦାନ କରିଥିଲେ। ଏ ସମ୍ପର୍କରେ ଆଜି ମଧ୍ୟ ଅବକାରୀ ବିଭାଗ ନିକଟରେ ଆବେଦନ ଦିଆଯାଇଛି। ଉକ୍ତ ଆବେଦନରେ ସ୍ଥାନୀୟ ବାସିନ୍ଦା ଦର୍ଶାଇଛନ୍ତି ଯେ, ପୁରୀ ହେଉଛି ଏକ ପବିତ୍ର ଧାମ ଏବଂ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ଭୂମି ଭାବେ ସାରା ବିଶ୍ୱରେ ପ୍ରସିଦ୍ଧ। ଏହି ଧାମର ପବିତ୍ରତା ଓ ଆଧ୍ୟାତ୍ମିକ ପରିବେଶକୁ ବଜାୟ ରଖିବା ଆବଶ୍ୟକ। ଉକ୍ତ ବିଦେଶୀ ମଦ ଦୋକାନଟି ଏକ ଘନ ଜନବସତି ଅଞ୍ଚଳରେ ଅବସ୍ଥିତ। ଯେଉଁଠି ପରିବାର, ମହିଳା, ବୟସ୍କ ବ୍ୟକ୍ତି ଏବଂ ସ୍କୁଲ କଲେଜ ଛାତ୍ରଛାତ୍ରୀ ରହୁଛନ୍ତି। ଏହାର ଉପସ୍ଥିତି ଯୋଗୁ ସାହିର ଶାନ୍ତିପୂର୍ଣ୍ଣ ଓ ନୈତିକ ପରିବେଶ ନଷ୍ଟ ହେଉଛି।

ସୁରକ୍ଷିତ ନୁହେଁ ତୀର୍ଥସ୍ନାନ

ପୁରୀ (ବ୍ୟୁରୋ): ବିପଜ୍ଜନକ ହେଉଛି ତୀର୍ଥ ସ୍ନାନ। ନରେନ୍ଦ୍ରରୁ ନେଇ ଶ୍ୱେତଗଙ୍ଗା, ମାର୍କଣ୍ଡରୁ ନେଇ ଇନ୍ଦ୍ରଦ୍ୟୁମ୍ନ। ସୁରକ୍ଷିତ ସ୍ନାନ ପାଇଁ ନା ଭିତ୍ତିଭୂମି ବ୍ୟବସ୍ଥା। ଅଛି, ନା ଗାଧୋଇବା ପାଇଁ ସୁରକ୍ଷିତ ବାଥିଙ୍ଗ ଜୋନ (ଗାଧୋଇବା ସ୍ଥାନ) ଚିହ୍ନଟ ହୋଇଛି। ଏଣେ ପାହାଡରେ ଶିଉଳି ଯୋଗୁଁ ଗୋଡ଼ ଦେଉଦେଉ ଗଭୀର ପାଣିକୁ ଚାଲି ଯାଉଛନ୍ତି ଭକ୍ତ, ସଲିଳ ସମାଧି ନେଲାଣି ବହୁ ନିରୀହ ଜୀବନ। ପୁରୀକୁ ଆସୁଥିବା ବହୁ ତୀର୍ଥଯାତ୍ରୀ ପଞ୍ଚତୀର୍ଥ ଅନ୍ତର୍ଗତ ପୁଷ୍କରିଣୀରେ ସ୍ନାନ କରି ମହାପ୍ରଭୁଙ୍କ ଦର୍ଶନ କରି ପୁଣ୍ୟ ଲଭନ୍ତି ବୋଲି ବିଶ୍ୱାସ ରହିଛି ମାତ୍ର ଏଯାଏଁ ପୁରୀର ତିନି ତୀର୍ଥ ପୁଷ୍କରିଣୀ ଏବଂ ପବିତ୍ର ନରେନ୍ଦ୍ର ପୁଷ୍କରିଣୀରେ ସୁରକ୍ଷିତ ସ୍ନାନ ବ୍ୟବସ୍ଥା ଆପଣାଗଲା ନାହିଁ। ୨୦୨୫ ମସିହା ମାର୍ଚ୍ଚ ୨୭, ମେ ୧୪, ଚଳିତ ବର୍ଷ ଏପ୍ରିଲ ୨ ଏବଂ ଗତ ଜୁନ ୨୦ ତାରିଖରେ ୨ ଜଣ, ଏହିଭଳି ୧୩ ମାସ ମଧ୍ୟରେ ମୋଟ ୫ ଜଣ କେବଳ ନରେନ୍ଦ୍ରରେ

ସ୍ନାନ କରିବା ବେଳେ ମୃତ୍ୟୁବରଣ କରିଛନ୍ତି। ନିକଟରେ ଗତ ଅଗଷ୍ଟ ୮ ତାରିଖରେ ଖୋର୍ଦ୍ଧା ସତ୍ୟଭାମାପୁରର ୧୮ ବର୍ଷୀୟ ଯୁବକ ସମ୍ବିତ ପ୍ରଧାନ ଶ୍ୱେତଗଙ୍ଗାରେ ବୁଡ଼ି ପ୍ରାଣ ହରାଇଥିଲେ। ସମ୍ଭବତଃ ସେଠାରେ ଲାଇଫ ଗାର୍ଡ ମୁତୟନ ଥିଲେ, କିଛି ଜୀବନ ବଞ୍ଚିଯାଇପାରିଥାଆନ୍ତା ମାତ୍ର ଏ ଦିଗରେ ଏଯାଏଁ ପଦକ୍ଷେପ ନିଆଯାଇନାହିଁ। ପର୍ଯ୍ୟଟନ ପରିସଂଖ୍ୟାନ ବୁଲେଟିନ୍ ?ର ତଥ୍ୟ ମୁତାବକ କେବଳ ପୁରୀ ସହରକୁ ବାର୍ଷିକ ୨କୋଟି ୪୩ଲକ୍ଷ ୧୪ହଜାର ୪୨୫ ଜଣ ପର୍ଯ୍ୟଟକ ଆସୁଛନ୍ତି। ଅର୍ଥାତ ଦୈନିକ ହାରାହାରି ୬୬,୬୧୪ ଜଣ ପର୍ଯ୍ୟଟକ ପ୍ରତିଦିନ ଆସୁଛନ୍ତି। ସେମାନଙ୍କ ମଧ୍ୟରୁ ଅର୍ଦ୍ଧାଧିକ ପର୍ଯ୍ୟଟକ ସମୁଦ୍ର ସ୍ନାନ କରୁଛନ୍ତି। ମାତ୍ର ଏଯାଏଁ ସମୁଦ୍ରରେ ବୁଡ଼ି ଉଦ୍ଧାର ହେଉଥିବା ପର୍ଯ୍ୟଟକକୁ ମେଡିକାଲରେ ପହଞ୍ଚାଇବା ପାଇଁ ଆମ୍ବୁଲାନ୍ସଟିଏ ବେଳାଭୂମିରେ ରହୁନାହିଁ।କାର୍ତ୍ତିକ ମାସ ଓ ରଥଯାତ୍ରା ବେଳେ ତୀର୍ଥ ପୁଷ୍କରିଣୀ ମାନଙ୍କରେ ଲାଇଫଗାର୍ଡ ନିୟୋଜିତ ହୁଅନ୍ତି । ମାତ୍ର ଅନ୍ୟ ଦିନରେ ତୀର୍ଥ ପୁଷ୍କରିଣୀରେ ଲାଇପ୍ ଗାର୍ଡଙ୍କୁ ନିୟୋଜିତ କରାଯାଉ ନାହିଁ। ପର୍ଯ୍ୟଟନ କ୍ଷେତ୍ରକୁ ସମୃଦ୍ଧ କରିବା ପାଇଁ ପୁରୀରେ ନୂଆ ପ୍ରକଳ୍ପର ନକ୍ସା ଅଙ୍କାଯାଉଛି। ପର୍ଯ୍ୟଟକଙ୍କ ପାଇଁ ମାଳମାଳ ତାରକା ହୋଟେଲ ଖୋଲିବାକୁ ଅନୁମତି ଦିଆଯାଉଛି। ମାତ୍ର ସେଇ ତୁଳନାରେ ପର୍ଯ୍ୟଟକଙ୍କ ସୁରକ୍ଷାକୁ ଗୁରୁତ୍ୱ ଦିଆଯାଉନାହିଁ। ଏନେଇ ଅଗ୍ନିଶମ ବିଭାଗର ବରିଷ୍ଠ ଅଧିକାରୀଙ୍କୁ ପଚାରିବାରେ କହିଛନ୍ତି,ନିକଟରେ ୧୩୫ଟି ଜଳାଶୟ ନିକଟରେ ନିୟମିତ ଲାଇଫ ଗାର୍ଡ ନିୟୋଜିତ ହେବା ନେଇ ସରକାର ନିଷ୍ପତ୍ତି ନେଇଥିବା ବେଳେ ଶ୍ୱେତଗଙ୍ଗା, ନରେନ୍ଦ୍ର, ଇନ୍ଦ୍ରଦ୍ୟୁମ୍ନ ଓ ମାର୍କଣ୍ଡ ପୁଷ୍କରିଣୀ ମଧ୍ୟ ଏହି ତାଲିକାରେ ରହିଛି ବୋଲି ବିଭାଗୀୟ ଅଧିକାରୀଙ୍କ ପକ୍ଷରୁ ସୂଚନା ଦିଆଯାଇଛି। ଓସ୍ୱାଲି ପ୍ରଶିକ୍ଷଣ କେନ୍ଦ୍ରରେ ତାଲିମପ୍ରାପ୍ତ ଲାଇଫଗାର୍ଡଙ୍କୁ ନିଯୁକ୍ତି ଦେବାର ବ୍ୟବସ୍ଥା କରାଯାଉଛି। କିଛି ବର୍ଷ ହେବ ସମୁଦ୍ରରୁ ବହୁ ପର୍ଯ୍ୟଟକଙ୍କୁ ବୁଡ଼ି ଯାଉଥିବା ବେଳେ ଉଦ୍ଧାର କରାଯାଇଛି। ମାତ୍ର ପୁରୀର ତୀର୍ଥ ପୁଷ୍କରିଣୀରେ ବୁଡ଼ି ଯାଉଥିବା ଅବସ୍ଥାରେ ଜଣେ ବି ପର୍ଯ୍ୟଟକଙ୍କୁ ଉଦ୍ଧାର କରାଯାଇପାରି ନାହିଁ।

ପ୍ରିମିୟମ୍ ସ୍ନାନଗୃହ ‘ମୋହୋ’ର ଶୁଭାରମ୍ଭ

ଗୃହରେ ଲକ୍‌ଜରୀ ସ୍ନାନର ଅନୁଭୂତି ପହଞ୍ଚାଇବ ସୁପ୍ରିମ୍

ପୁରୀ (ବ୍ୟୁରୋ): ପୁରୀରେ ପ୍ରିମିୟମ୍ ସ୍ନାନଗୃହ ସାମଗ୍ରୀ କ୍ଷେତ୍ରରେ ନୂଆ ପଦକ୍ଷେପ ନେଇଛି ସୁପ୍ରିମ୍ ଇଣ୍ଡଷ୍ଟ୍ରିଜ୍ । ତୋଷାଳି ସ୍ୟାଣ୍ଡସ୍‌ରେ ଆୟୋଜିତ ଏକ ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ ସୁପ୍ରିମ୍ ଆକ୍ୱାକ୍ରାଫ୍ଟ ଅଧୀନରେ ଏହାର ପ୍ରିମିୟମ୍ ସ୍ନାନ ଝରଣା ଶୃଙ୍ଖଳା ‘ମୋହୋ’ର ଶୁଭାରମ୍ଭ କରାଯାଇଛି । ୧୯୪୨ରୁ ଗୁଣବତ୍ତା ଓ ନବସୃଜନକୁ ନେଇ ଆଗକୁ ବଢ଼ି ଆସୁଥିବା ସୁପ୍ରିମ୍ ଏବେ ପ୍ରିମିୟମ୍ ସ୍ନାନଗୃହ ବଜାରରେ ନୂଆ ପରିଚୟ ସୃଷ୍ଟି କରିବା ଲକ୍ଷ୍ୟରେ ‘ମୋହୋ’କୁ ଆଣିଛି । ଆଧୁନିକ ଡିଜାଇନ୍, ଆରାମ ଓ ବିଳାସପୂର୍ଣ୍ଣ ସ୍ନାନ ଅନୁଭୂତିକୁ ଏହି ନୂଆ ଶୃଙ୍ଖଳାରେ ଗୁରୁତ୍ୱ ଦିଆଯାଇଛି । ବର୍ଷା ଝରଣା, ଉପରି ସ୍ନାନ ଝରଣା, ହାତ ସ୍ନାନ ଝରଣା, ସମ୍ପୂର୍ଣ୍ଣ ସ୍ନାନ ବ୍ୟବସ୍ଥା ସହ ବିଭିନ୍ନ ପ୍ରିମିୟମ୍ ସାମଗ୍ରୀ ଏହି ଶୃଙ୍ଖଳାରେ ସ୍ଥାନ ପାଇଛି । ‘ମୋହୋ ହେଉଛି ପରିବର୍ତ୍ତନର ଏକ ଧାରା’—ଏହାକୁ କେବଳ ଏକ ନୂଆ ଉତ୍ପାଦ ନୁହେଁ, ବରଂ ପ୍ରତିଦିନର ସ୍ନାନ ଅନୁଭୂତିକୁ ବଦଳାଇବାର ଏକ ପ୍ରୟାସ ଭାବେ ଦେଖୁଛି ସୁପ୍ରିମ୍ । କମ୍ପାନୀର ସହଯୋଗୀ ଉପସଭାପତି ଡାକ୍ତର ଅଂଶୁମାନ ଚୌଧୁରୀ କହିଛନ୍ତି, ଦେଶକୁ ପ୍ରାଥମିକତା ଦେଇ ଭାରତରେ ତିଆରି ଏକ ପ୍ରିମିୟମ୍ ବ୍ରାଣ୍ଡକୁ ବିଶ୍ୱସ୍ତରରେ ପରିଚିତ କରାଇବା ହେଉଛି ‘ମୋହୋ’ ପଛର ମୁଖ୍ୟ ଚିନ୍ତାଧାରା । ବର୍ତ୍ତମାନ ପ୍ରିମିୟମ୍ ସ୍ନାନ ସାମଗ୍ରୀର ଏକ ବଡ଼ ଅଂଶ ବିଦେଶରୁ ଆସୁଥିବାବେଳେ, ଭାରତରେ ତିଆରି

ଏକ ଉଚ୍ଚମାନର ବିକଳ୍ପ ଦେବାକୁ ଚାହୁଁଛି ସୁପ୍ରିମ୍ । ଆଗକୁ ‘ମୋହୋ’ର ଉତ୍ପାଦ ପରିସରକୁ ଆହୁରି ବ୍ୟାପକ କରାଯିବ ବୋଲି କହିଛନ୍ତି ସୁପ୍ରିମ୍ ବାଥ୍ ଫିଟିଙ୍ଗ୍‌ର ମହାପ୍ରବନ୍ଧକ ତଥା ଭାରତ ବ୍ୟବସାୟ ମୁଖ୍ୟ ଶ୍ରୀ ଅନେଶ ଡେମୋଲି । କାର୍ଯ୍ୟକ୍ରମରେ ଡାକ୍ତର ଅଂଶୁମାନ ଚୌଧୁରୀ, ସହଯୋଗୀ ଉପସଭାପତି; ଶ୍ରୀ ଅନେଶ ଡେମୋଲି, ମହାପ୍ରବନ୍ଧକ ତଥା ବ୍ୟବସାୟ ମୁଖ୍ୟ, ସୁପ୍ରିମ୍ ବାଥ୍ ଫିଟିଙ୍ଗ୍, ଭାରତ; ଶ୍ରୀ ସୁବ୍ରତ ମହାପାତ୍ର, ଉପମହାପ୍ରବନ୍ଧକ, ପିଭିସି, ଓଡ଼ିଶା; ଶ୍ରୀ ରଜନୀକାନ୍ତ ମହାନ୍ତି, ପ୍ରବନ୍ଧକ, ସୁପ୍ରିମ୍ ବାଥ୍ ଫିଟିଙ୍ଗ୍, ଓଡ଼ିଶା; ଏବଂ ଶ୍ରୀ ରାଜାରାମ ପାଲେଇ, ସହକାରୀ ପ୍ରବନ୍ଧକ, ସୁପ୍ରିମ୍ ଉପସ୍ଥିତ ଥିଲେ ।

ଶ୍ରୀକ୍ଷେତ୍ର ନାଟ୍ୟଶାଳା ଓ ରୁପା ଆଣ୍ଡ ଟୁପ୍‌ର ଗୁରୁପୂଜନ ଉତ୍ସବ

ପୁରୀ (ବ୍ୟୁରୋ): ପବିତ୍ର ଗୁରୁ ଦିବସ ଅବସରରେ କୁଣ୍ଢେଇବେଣ୍ଡ ସାହି ସ୍ଥିତ ପଥର ଆଖଡ଼ା ପ୍ରାଙ୍ଗଣରେ ତଥା ବିଶେଷ ସହଯୋଗରେ ଶ୍ରୀକ୍ଷେତ୍ର ନାଟ୍ୟଶାଳା ଏବଂ ରୁପା ଆଣ୍ଡ ଟୁପ ପକ୍ଷରୁ ଗୁରୁ ପୂଜନ ଉତ୍ସବ ଶ୍ରଦ୍ଧା ଓ ଭକ୍ତିର ସହ ମହା ସମାରୋହରେ ପାଳିତ ହୋଇଯାଇଛି । ଦୁଇ ଅନୁଷ୍ଠାନର ସମସ୍ତ ଶିକ୍ଷାନବିଶ ଏବଂ ଗୁରୁମାନେ ଉପସ୍ଥିତ ହୋଇଥିଲେ। ପ୍ରାରମ୍ଭରେ ଆଖଡାରେ ପ୍ରତିଷ୍ଠିତ ମହାବୀରଙ୍କ ସମୁଖରେ ପ୍ରଦୀପ ପ୍ରଜ୍ୱଳନ କରାଯାଇଥିଲା । ସମସ୍ତଙ୍କ ମିଳିତ କଣ୍ଠରେ ଓଁକାର ଧ୍ୱନି ଏବଂ ଗୁରୁ ପ୍ରାର୍ଥନାରେ ପ୍ରକମ୍ପିତ

ହୋଇଥିଲା ଆଖଡା ପରିସର । ଏଥିରେ ମୁଖ୍ୟ ଅତିଥି ଭାବେ ଆଖେଡାର ସହ ସମ୍ପାଦକ ତଥା ଆଇନଜୀବୀ ରାମଚନ୍ଦ୍ର ମହାପାତ୍ର ଯୋଗଦେଇ କହିଲେ ଗୁରୁ ହିଁ ଇଶ୍ୱର । ଗୁରୁ ହେଉଛନ୍ତି ଶିକ୍ଷାଦାତା, ପ୍ରେରଣାଦାତା ଓ ସତ୍ୟମାର୍ଗ ପ୍ରଦର୍ଶକ । ଗୁରୁ ହେଉଛନ୍ତି ଶାଶ୍ୱତ । ଏକ ଆଦର୍ଶ ସମାଜ ଗଠନରେ ଗୁରୁଙ୍କ ଭୂମିକା ଅତୁଳନୀୟ । ଗୁରୁଙ୍କ ଆଶୀର୍ବାଦରେ ଶିଷ୍ୟ ଶୀର୍ଷ ସ୍ଥାନରେ ପହଞ୍ଚିଥାଏ । ଶ୍ରୀ ମହାପାତ୍ରଙ୍କୁ ଉପଢୌକନ ପ୍ରଦାନ ସହ ପୁଷ୍ପଗୁଚ୍ଛ ଦେଇ ସମ୍ମାନିତ କରାଯାଇଥିଲା । ଦୁଇ ଅନୁଷ୍ଠାନର ଗୁରୁ ଲକ୍ଷ୍ମୀଧର ପୂଜାପଣ୍ଡା ,ସୁଶ୍ରୀ ରୂପଲତା ମହାନ୍ତି ଓ ପ୍ରଖ୍ୟାତ ନୃତ୍ୟ ଗୁରୁ ବିଜୟୀ ଲକ୍ଷ୍ମୀ ଦାସଙ୍କୁ ପୁଷ୍ପଗୁଚ୍ଛ ଓ ଉପଢୌକନ ପ୍ରଦାନ ସହ ମାନପତ୍ର ,ବିଭିନ୍ନ ଉପହାର ଦେଇ ସମ୍ବର୍ଦ୍ଧିତ କରାଯାଇଥିଲା । ଏହି ଅବସରରେ ଅନୁଷ୍ଠାନର ସମସ୍ତ କଳାକାର ମାନେ ଗୁରୁମାନଙ୍କୁ ପୁଷ୍ପ, ଚନ୍ଦନ ଓ ସିନ୍ଦୁର ଲଗାଇ ପୂଜାର୍ଚ୍ଚନା କରି ଗୁରୁ ପୂଜନ କରିଥିଲେ । ଗୁରୁ ଏବଂ ଅତିଥି ମାନଙ୍କର ଆଶୀର୍ବଚନ ପରେ ରୁପା ଆଣ୍ଡ ଟୁପର ଆଠଜଣ ନୃତ୍ୟ ଶିକ୍ଷୀ ଓଡିଶୀ ନୃତ୍ୟ ଛନ୍ଦରେ ଗଣେଶ ବନ୍ଦନା ନୃତ୍ୟ ପରିବେଷଣ କରିଥିଲେ । ଶେଷରେ ଧନ୍ୟବାଦ ଅର୍ପଣ କରାଯାଇ କାର୍ଯ୍ୟକ୍ରମ ଶେଷ କରାଯାଇଥିଲା । ଏହି କାର୍ଯ୍ୟକ୍ରମରେ ଉଭୟ ଅନୁଷ୍ଠାନର ପ୍ରାୟ ଷାଠିଏ ଜଣ କଳାକାର ଉପସ୍ଥିତ ରହିଥିଲେ।

ଶ୍ରୀକ୍ଷେତ୍ର ତେଲେଗା କ୍ଷତ୍ରିୟ ଦୋରା ସମାଜର ଏକତ୍ରୀକରଣ ସାଧାରଣ ସଭା

ପୁରୀ (ବ୍ୟୁରୋ): ଶ୍ରୀକ୍ଷେତ୍ର ତେଲେଗା କ୍ଷତ୍ରୀୟ ଦୋରା ସମାଜ ପକ୍ଷରୁ ରବିବାର ଷ୍ଟେସନ ରୋଡ ସ୍ଥିତ ରାମମନ୍ଦିର ପରିସରରେ ଏକତ୍ରୀକରଣ ସାଧାରଣ ସଭା ଅନୁଷ୍ଠିତ ହୋଇଯାଇଛି । ଏଥିରେ ମୁଖ୍ୟ ଅତିଥି ଭାବେ ରାଜ୍ୟ ସଭା ସାଂସଦ ଶୁଭାଶିଷ ଖୁଣ୍ଟିଆ ଯୋଗଦେଇ ଆନୁଷ୍ଠାନିକ ପୂର୍ବକ ଶୁଭାରମ୍ଭ କରିଥିଲେ। ପୁରୀରେ ତେଲେଗା ସମାଜର ଏକ ଭବ୍ୟ ଧର୍ମଶାଳା ହେବ।ଏହି ଧର୍ମଶାଳାରେ ଓଡ଼ିଶା ତଥା ଓଡ଼ିଶା ବାହାରୁ ଆସୁଥିବା ତେଲେଗା ସମାଜର ସଦସ୍ୟ ମାନେ ମାଗଣାରେ ରହିବା ସହ ମହାପ୍ରଭୁଙ୍କ ଦର୍ଶନ କରିପାରିବେ ।ଏଥିପାଇଁ ରାଜ୍ୟସଭା ସାଂସଦ ଶୁଭାଶିଷ ଖୁଣ୍ଟିଆ ନିଜ ସାଂସଦ ପାଣ୍ଠିରୁ ୫ ଲକ୍ଷ ଟଙ୍କା ଯୋଗାଇଛନ୍ତି । ପୁରୀରେ ତେଲେଗା ସମାଜର କମ୍ୟୁନିଟି ହଲ୍ ତଥା ଧର୍ମଶାଳା ପାଇଁ ଅର୍ଥର ଅଭାବ ରହିବ ନାହିଁ ବୋଲି ଶ୍ରୀକ୍ଷେତ୍ର ତେଲେଗା କ୍ଷତ୍ରୀୟ ଦୋରା ସମାଜର

ଫ୍ରିଜ୍‌ରେ କେଉଁ ଫଳ କେତେ ଦିନ ସୁରକ୍ଷିତ?

ଫଳ ଖାଇବା ସ୍ୱାସ୍ଥ୍ୟ ପାଇଁ ଭଲ। ତେଣୁ ଅଧିକାଂଶ ଲୋକ ପରେ ଫଳ କିଣି ରଖନ୍ତି। ଅନେକ ପରିବାର ଫଳକୁ ଫ୍ରିଜ୍‌ରେ ସଂରକ୍ଷଣ କରନ୍ତି। ଏହାଦ୍ୱାରା ଫଳ ଅଧିକ ସମୟ ସତେଜ ରହେ। ତେବେ ଫଳକୁ ଫ୍ରିଜ୍‌ରେ ରଖିଲେ ଏହାର ଭିଟାମିନ୍ ଓ ଖଣିଜ ପଦାର୍ଥ କମିଯାଏ କି? ଏହାକୁ ନେଇ ଅନେକଙ୍କ ମନରେ ପ୍ରଶ୍ନ ରହିଛି। ତେବେ ସାଧାରଣତଃ ଫ୍ରିଜ୍‌ରେ ରଖିବା ଦ୍ୱାରା ଫଳର ପୋଷକତତ୍ତ୍ୱ ନଷ୍ଟ ହୁଏ ନାହିଁ। ବରଂ, ଠିକ୍ ତାପମାତ୍ରାରେ ରଖିଲେ ଫଳ ଅଧିକ ସମୟ ଭଲ ରହିପାରେ। ଏହା ପୋଷକତତ୍ତ୍ୱ ସଂରକ୍ଷଣରେ ମଧ୍ୟ ସହାୟକ ହୋଇପାରେ।

କେଉଁ ଫଳକୁ କେଉଁଠି ରଖିବେ?

ସେଓ, କମଳା ଓ ଗ୍ୱାଆ
ଏହି ଫଳକୁ ଫ୍ରିଜ୍‌ରେ ରଖାଯାଇପାରେ। ଏଗୁଡିକୁ ପ୍ରାୟ ୧ରୁ ୨ ସପ୍ତାହ ପର୍ଯ୍ୟନ୍ତ ସଂରକ୍ଷଣ କରାଯାଇପାରେ।
୨ରୁ ୩ ସପ୍ତାହ

ଅଙ୍ଗୁର, ନାସପାତି ଓ ପିଚ୍
ଏହି ଫଳକୁ ଫ୍ରିଜ୍‌ରେ ରଖିଲେ କିଛି ଦିନ ମଧ୍ୟରେ ଖାଇବା ଭଲ।
୪–୦ ଦିନ

କଦଳୀ ଓ ଆମ୍ବ
ଏଗୁଡିକୁ ଅଧିକ ଥଣ୍ଡାରେ ରଖିବା ଠିକ୍ ନୁହେଁ। ସାଧାରଣ କୋଠରୀ ତାପମାତ୍ରାରେ ରଖିବା ଭଲ।
କୋଠରୀ ତାପମାତ୍ରାରେ

କଟା ଫଳ
ଅଧିକ ସମୟ ରଖିବା ଠିକ୍ ନୁହେଁ। ତରଭୁଜ, ଖରବୁଜ ଓ ଅମୃତଭଣ୍ଡା ଭଳି ଫଳ କାଟିବା ପରେ ଶୀଘ୍ର ଖାଇବା ଭଲ।
ଯଥାଶୀଘ୍ର

ତରଭୁଜ, ଖରବୁଜ ଓ ଅମୃତଭଣ୍ଡା
କାଟିବା ପରେ ଶୀଘ୍ର ଖାଇବା ଭଲ। କଟା ଫଳକୁ ଫ୍ରିଜ୍‌ରେ ରଖିଲେ ମଧ୍ୟ ଦୀର୍ଘ ସମୟ ରଖନ୍ତୁ ନାହିଁ।
୧–୨ ଦିନ

ଫ୍ରିଜ୍‌ରେ ରଖିବା ସମୟରେ
ଯଦି ରଖୁଛନ୍ତି ତେବେ ସଫା ଓ ଢାଙ୍କୁଣିଥିବା ପାତ୍ରରେ ରଖନ୍ତୁ।
ସଫା ପାତ୍ର ଓ ଢାଙ୍କୁଣି ସହିତ

ମନେ ରଖନ୍ତୁ

- ଫ୍ରିଜ୍‌ରେ ରଖିବା ଦ୍ୱାରା ଫଳର ପୋଷକତତ୍ତ୍ୱ ନଷ୍ଟ ହୁଏ ନାହିଁ।
- କିନ୍ତୁ ଫଳକୁ ଅଧିକ ସମୟ ରଖନ୍ତୁ ନାହିଁ।
- କଟା ଫଳ ଶୀଘ୍ର ଖାଇବା ଭଲ।
- ସଫା ଓ ଢାଙ୍କୁଣିଥିବା ପାତ୍ରରେ ରଖନ୍ତୁ।
- ଫଳ ଆହାର ଶରୀର ପାଇଁ ଉପକାରୀ, ଫ୍ରିଜ୍ ତାହାକୁ ଅଧିକ ଦିନ ସତେଜ ରଖିବାରେ ସାହାଯ୍ୟ କରେ।

ଭାରତରେ ବଢୁଛି ମେଟାବୋଲିକ୍ ରୋଗ

ଦେଶରେ ୨.୧ କୋଟିରୁ ଅଧିକ ଟାଇପ୍-୨ ମଧୁମେହ ମାମଲା ସହ ପ୍ରାୟ ୫.୮ ଲକ୍ଷ ମୃତ୍ୟୁ ରେକର୍ଡ କରାଯାଇଛି। ମଧୁମେହ, ସ୍ଥୂଳତା, ଉଚ୍ଚ ରକ୍ତଚାପ, ଅସ୍ୱାଭାବିକ କୋଲେଷ୍ଟ୍ରଲ୍ ଓ ଫ୍ୟାଟି ଲିଭର ପରସ୍ପର ସହ ଜଡ଼ିତ, ଯାହା ମୁଖ୍ୟତଃ ଖରାପ ଖାଦ୍ୟପେୟ ଓ ଶାରୀରିକ କାର୍ଯ୍ୟକଳାପର ଅଭାବ ଯୋଗୁଁ ବୃଦ୍ଧି ପାଉଥିବା ଅଧ୍ୟୟନରୁ ଜଣାପଡ଼ିଛି।

ଭାରତରେ ମେଟାବୋଲିକ୍ ରୋଗର ହାର ଦ୍ରୁତ ଗତିରେ ବୃଦ୍ଧି ପାଉଛି। ଏହା ଏକ ଗମ୍ଭୀର ସ୍ୱାସ୍ଥ୍ୟ ସମସ୍ୟା ଭାବେ ମୁଣ୍ଡ ଚେକିଛି। ଉଚ୍ଚ ରକ୍ତଚାପ, ମଧୁମେହ ଓ ମେଦବହୁଳତା ଆଦି ଏହି ବର୍ଗରେ ପରିଗଣିତ ହୋଇଥାଏ। ଏକ ଅଧ୍ୟୟନ ଅନୁଯାୟୀ, ଟାଇପ୍-୨ ମଧୁମେହ ଜନିତ ମୃତ୍ୟୁ କ୍ଷେତ୍ରରେ ଭାରତ ଏସିଆ-ପ୍ରଶାନ୍ତ ମହାସାଗରୀୟ ଅଞ୍ଚଳରେ ପ୍ରଥମ ସ୍ଥାନ ଦଖଲ କରିଛି। ୧୧ଟି ଦେଶର ବିଶେଷଜ୍ଞଙ୍କ ଦ୍ୱାରା କରାଯାଇଥିବା ଏହି ଅଧ୍ୟୟନରୁ ଜଣାପଡ଼ିଛି ଯେ, ୧୯୯୦ ମସିହାରେ ଚୀନରେ ସର୍ବାଧିକ ଟାଇପ୍-୨ ମଧୁମେହ ମାମଲା ଥିଲା। ଚୀନ ପଛକୁ ଭାରତ, ଇଣ୍ଡୋନେସିଆ, ଜାପାନ ଓ ପାକିସ୍ତାନର ନାମ ତାଲିକାରେ ରହିଥିଲା। ତେବେ ୨୦୨୩ ବେଳକୁ ଏହି ସ୍ଥିତି ବଦଳି ଆମ ଦେଶ ଚୀନକୁ ପଛରେ ପକାଇ ତାଲିକାରେ ଏକ ନମ୍ବର ସ୍ଥାନ ଅଧିକାର କଲା। ଏହି ତଥ୍ୟ ଗ୍ଲୋବାଲ୍ ବର୍ଡନ୍ ଅଫ୍ ଡିଜିଜ୍‌ର ତଥ୍ୟ ଉପରେ ଆଧାରିତ। ଅଧ୍ୟୟନରୁ ଏହା ମଧ୍ୟ ଜଣାପଡ଼ିଛି ଯେ, ଭାରତ ଓ ଚୀନରେ ଏସିଆ-ପ୍ରଶାନ୍ତ ମହାସାଗରୀୟ ଅଞ୍ଚଳର ସବୁଠାରୁ ଅଧିକ ମେଟାବୋଲିକ୍ ରୋଗୀ ଅଛନ୍ତି। ଏହି ବର୍ଗର ପ୍ରମୁଖ ୫ ରୋଗ ହେଉଛି ଟାଇପ୍-୨ ମଧୁମେହ, ଉଚ୍ଚ ରକ୍ତଚାପ, ଖରାପ କୋଲେଷ୍ଟ୍ରଲ୍ ଓ ଫ୍ୟାଟି ଲିଭର। ଏହି ଅଧ୍ୟୟନ ସହ ସମ୍ପୃକ୍ତ ଅନୁପ ମିଶ୍ରଙ୍କ ଅନୁଯାୟୀ, ଟାଇପ୍-୨ ମଧୁମେହ ଓ ଏଥିଯୋଗୁଁ ହେଉଥିବା ମୃତ୍ୟୁ କ୍ଷେତ୍ରରେ ଭାରତ ଓ ଚୀନ୍ ଶୀର୍ଷ ସ୍ଥାନରେ ଅଛନ୍ତି। ସେ ଆହୁରି ଉଲ୍ଲେଖ କରିଛନ୍ତି ଯେ, ୨୦୨୩ ବର୍ଷର ତଥ୍ୟ ଅନୁଯାୟୀ ଭାରତୀୟମାନେ ଏସିଆ-ପ୍ରଶାନ୍ତ ମହାସାଗରୀୟ ଅଞ୍ଚଳରେ ସର୍ବାଧିକ ମେଟାବୋଲିକ୍ ରୋଗର ସମ୍ମୁଖୀନ ହୋଇଛନ୍ତି। ଦେଶରେ ୨.୧ କୋଟିରୁ ଅଧିକ ଟାଇପ୍-୨ ମଧୁମେହ ମାମଲା ସହ ପ୍ରାୟ ୫.୮ ଲକ୍ଷ ମୃତ୍ୟୁ ରେକର୍ଡ କରାଯାଇଛି। ମଧୁମେହ, ସ୍ଥୂଳତା, ଉଚ୍ଚ ରକ୍ତଚାପ, ଅସ୍ୱାଭାବିକ କୋଲେଷ୍ଟ୍ରଲ୍ ଓ ଫ୍ୟାଟି ଲିଭର ପରସ୍ପର ସହ ଜଡ଼ିତ, ଯାହା ମୁଖ୍ୟତଃ ଖରାପ ଖାଦ୍ୟପେୟ ଓ ଶାରୀରିକ କାର୍ଯ୍ୟକଳାପର ଅଭାବ ଯୋଗୁଁ ବୃଦ୍ଧି ପାଉଥିବା ଅଧ୍ୟୟନରୁ ଜଣାପଡ଼ିଛି। ଅଧ୍ୟୟନ ଅନୁସାରେ, ୨୦୨୩ରେ ଭାରତରେ ୨,୧୩,୧୧୮ ଟାଇପ୍-୨ ଡାଇବେଟିସ୍ ମାମଲା ଓ ତଜ୍ଜନିତ ୫,୭୮,୩୬୭ ମୃତ୍ୟୁ ରେକର୍ଡ ହୋଇଥିଲା। ଏହି ସଂଖ୍ୟା ଚୀନ୍‌ରେ ଯଥାକ୍ରମେ ୧,୦୯,୪୦,୩୮୨ ଓ ୧,୭୨,୯୧୧ ଥିଲା। କେବଳ ମଧୁମେହ ନୁହେଁ, ଏହି ଅଞ୍ଚଳରେ ଉଚ୍ଚ ରକ୍ତଚାପ ମଧ୍ୟ ଚିନ୍ତାଜନକ।

ପ୍ରାୟ ୧୩.୮ କୋଟି ଲୋକ କେବଳ ଉଚ୍ଚ ରକ୍ତଚାପରେ ଆକ୍ରାନ୍ତ ଥିବା ବେଳେ ଏଥିରେ ୬୨.୬ ଲକ୍ଷଙ୍କର ମୃତ୍ୟୁ ଘଟିଥିଲା। ଏହା ପରେ ପରେ ଶରୀରର ଅତ୍ୟଧିକ ଓଜନ ବୃଦ୍ଧି, ଖରାପ କୋଲେଷ୍ଟ୍ରଲ୍, ଟାଇପ୍-୨ ଡାଇବେଟିସ୍ ଓ ଫ୍ୟାଟି ଲିଭର୍ ସମ୍ପର୍କିତ ରୋଗ ତାଲିକାରେ ରହିଛି। ୧୯୯୦ରୁ ୨୦୨୩ ମଧ୍ୟରେ ରୋଗୀ ସଂଖ୍ୟା ୧.୭ରୁ ୩.୭ ଗୁଣା ପର୍ଯ୍ୟନ୍ତ ବୃଦ୍ଧି ପାଇଥିବା ରେକର୍ଡ ହୋଇଛି। ଅନୁମାନ କରାଯାଉଛି ଯେ, ୨୦୩୦ ବେଳକୁ ମେଟାବୋଲିକ୍ ରୋଗର ବୋଝ ଆହୁରି ବଢ଼ିଯାଇଥିବ, ଯେଉଁଥିରେ ଉଚ୍ଚ ରକ୍ତଚାପ ସବୁଠାରୁ ବଡ଼ ରୋଗ ପାଲଟି ଯାଇଥିବ।



ପ୍ରତିଦିନ ଖାଆନ୍ତୁ ଅଦା

ଭାରତୀୟ ରୋଷେଇ ଘରେ ଅଦା ଏକ ପରିଚିତ ମସଲା। ଚା', ତରକାରୀ କିମ୍ବା ଘରୋଇ ଉପଚାର ବିଭିନ୍ନ ଭାବରେ ଏହାକୁ ବ୍ୟବହାର କରାଯାଏ। ଅଦାରେ ଥିବା ଜିଞ୍ଜେରଲ୍ ଭଳି ଜୈବ ସକ୍ରିୟ ଉପାଦାନ ଯୋଗୁଁ ଏହା ଶରୀରରେ ଆଣ୍ଟି-ଇନ୍‌ଫ୍ଲାମେଟୋରି ଓ ଆଣ୍ଟିଅକ୍ସିଡାଣ୍ଟ ପ୍ରଭାବ ପକାଇପାରେ। ବିଭିନ୍ନ ଅଧ୍ୟୟନର ସମୀକ୍ଷାରେ ଅଦାର କିଛି ସ୍ୱାସ୍ଥ୍ୟ ଲାଭ ପାଇଁ ପ୍ରମାଣ ମିଳିଛି, ଯଦିଓ ସବୁ କ୍ଷେତ୍ରରେ ପ୍ରମାଣ ସମାନ ପ୍ରଭାବଶାଳୀ ନୁହେଁ।

ହଜମ ଓ ବାନ୍ତିରେ ସହାୟକ

ପ୍ରତିଦିନ ଅଦା ଖାଇବାର ଏକ ମୁଖ୍ୟ ସମ୍ଭାବ୍ୟ ଲାଭ ହେଉଛି ହଜମ ପ୍ରକ୍ରିୟାକୁ ସଶକ୍ତ କରିଥାଏ ଓ ବାନ୍ତି ଭାବରେ ସହାୟତା କରିଥାଏ। ବିଶେଷକରି ଗର୍ଭାବସ୍ଥାରେ ହେଉଥିବା ବାନ୍ତି ଭାବ କମାଇବାରେ ଅଦାର ତୁଳନାମୂଳକ ଭଲ ପ୍ରମାଣ ରହିଛି। କିଛି କ୍ଲିନିକାଲ୍ ଅଧ୍ୟୟନରେ ଜଣାପଡିଛି ଯେ, ଅଦା ଖାଇବା ଦ୍ୱାରା କଣ୍ଠ ସଫା ରହିବା ସହ ମନ ହାଲୁକା ଲାଗିଥାଏ।

ପ୍ରଦାହ ଓ ଅକ୍ସିଡେଟିଭ୍ ଷ୍ଟ୍ରେସ୍

ଅଦାରେ ଥିବା ସକ୍ରିୟ ଉପାଦାନ ଶରୀରର ପ୍ରଦାହ ଓ ଅକ୍ସିଡେଟିଭ୍ ଷ୍ଟ୍ରେସ୍ ସହ ଜଡ଼ିତ କିଛି ସୂଚକକୁ ପ୍ରଭାବିତ କରିପାରେ। ଏହା ସହିତ ଅଦା ସେବନ ଦ୍ୱାରା ରକ୍ତରେ ଶର୍କରା ନିୟନ୍ତ୍ରଣ ମଧ୍ୟରେ ସମ୍ଭାବ୍ୟ ସମ୍ପର୍କ ନେଇ ଗବେଷଣା ହୋଇଛି। ତେବେ ଏହି ଫଳାଫଳକୁ ଦେଖି ଅଦାକୁ ମଧୁମେହ କିମ୍ବା ଅନ୍ୟ କୌଣସି ରୋଗର ଔଷଧର ବିକଳ୍ପ ଭାବେ ନେବା ଠିକ୍ ନୁହେଁ।

ବେଦନା କମାଇବାରେ ଭଲ ପ୍ରମାଣ

କିଛି ଗବେଷଣାରେ ଅଦାର ସେବନ ଓ ମେଟାବଲିକ୍ ସ୍ୱାସ୍ଥ୍ୟ ସହିତ ଜଡ଼ିତ ସମ୍ଭାବ୍ୟ ଲାଭ ମଧ୍ୟ ଦେଖାଯାଇଛି। ଏକ ବଡ଼ ସମୀକ୍ଷାରେ ଅଷ୍ଟିଓଆର୍ଥ୍ରାଇଟିସ୍‌ର ବେଦନା କମାଇବାରେ ଅଦା ପାଇଁ ଭଲ ପ୍ରମାଣ ମିଳିଥିବାବେଳେ, ଓଜନ ଓ ରକ୍ତଚାପ ଭଳି କ୍ଷେତ୍ରରେ ପ୍ରମାଣର ନିଶ୍ଚିତତା ତୁଳନାମୂଳକ କମ୍ ରହିଛି। ତେଣୁ ମାତ୍ର ଅଦା ଖାଇଲେ ଓଜନ କମିବ କିମ୍ବା ରକ୍ତଚାପ ନିୟନ୍ତ୍ରଣ ହୋଇଯିବ ବୋଲି ଧରିନେବା ଉଚିତ ନୁହେଁ। ତେବେ ଅଦାକୁ ଅତ୍ୟଧିକ ପରିମାଣରେ ଖାଇବା ମଧ୍ୟ ଠିକ୍ ନୁହେଁ। କେତେକ ଲୋକଙ୍କଠାରେ ଅଧିକ ଅଦା ସେବନରେ ଛାତିଜ୍ୱଳା, ଏସିଡିଟି, ପେଟ ଅସୁବିଧା କିମ୍ବା ଡାଇରିଆ ଭଳି ସାମାନ୍ୟ ପାର୍ଶ୍ୱପ୍ରତିକ୍ରିୟା ହୋଇପାରେ।

ଅଧିକ ସେବନରେ ସମସ୍ୟା

ଅଦାର ସପ୍ଲିମେଣ୍ଟ ନେଉଥିବା ବ୍ୟକ୍ତି, ବିଶେଷକରି ନିୟମିତ ଔଷଧ ଖାଉଥିଲେ, ଡାକ୍ତରଙ୍କ ପରାମର୍ଶ ନେବା ଭଲ। ମାସେ ଧରି ନିୟମିତ ଓ ମାପଯୋଗ୍ୟ ପରିମାଣରେ ଅଦା ଖାଇବା ଏକ ସୁସ୍ଥ ଖାଦ୍ୟାଭ୍ୟାସର ଅଂଶ ହୋଇପାରେ। ଏହା ହଜମ ଓ ବାନ୍ତି ଭଳି କିଛି ସମସ୍ୟାରେ ସହାୟକ ହୋଇପାରେ ଏବଂ ଏହାର ଆଣ୍ଟିଅକ୍ସିଡାଣ୍ଟ ଓ ଆଣ୍ଟି-ଇନ୍‌ଫ୍ଲାମେଟୋରି ଗୁଣ ନେଇ ଗବେଷଣା ଜାରି ରହିଛି। କିନ୍ତୁ ଅଦାକୁ କୌଣସି ରୋଗର ଚିକିତ୍ସା ବା ଔଷଧର ବିକଳ୍ପ ଭାବେ ବ୍ୟବହାର କରିବା ଉଚିତ ନୁହେଁ।

କଳ୍ପନା ଛକରେ ହେବ ଫ୍ଲାଏଓଭର

ଭୁବନେଶ୍ୱର(ବ୍ୟୁରୋ): କଳ୍ପନା ଛକରେ ଫ୍ଲାଏଓଭର ନିର୍ମାଣ ହେବ। ପୁରାକୁ ଯାତାୟତ ସୁବିଧା ପାଇଁ ନୂଆ ଏଲିଭେଟେଡ୍ ରାସ୍ତା ନିର୍ମାଣ ହେବ। ଆଜି ପୂର୍ତ୍ତ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସମୀକ୍ଷା ବୈଠକରେ ଏ ସମ୍ପର୍କରେ ଆଲୋଚନା କରାଯାଇଛି। ଭୁବନେଶ୍ୱର ଓ ପାରିପାର୍ଶ୍ୱିକ ଅଞ୍ଚଳରେ ଅନେକ ରାସ୍ତାକୁ ମଞ୍ଜୁରି ମିଳିଛି ଓ ଅନେକ ପ୍ରସ୍ତାବରେ ରହିଛି। ଆଜି ପୂର୍ତ୍ତ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ ଏସବୁର ସମୀକ୍ଷା କରିଛନ୍ତି। ମନ୍ତ୍ରୀ ଶ୍ରୀ ହରିଚନ୍ଦନ ଅଧ୍ୟକ୍ଷତାରେ ଲୋକସେବା ଭବନ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ଏହି ସମୀକ୍ଷା ବୈଠକରେ ଭୁବନେଶ୍ୱର ଭିଡ଼ ନିୟନ୍ତ୍ରଣ ଉପରେ ବିସ୍ତୃତ ଆଲୋଚନା ହୋଇଥିଲା। ମନ୍ତ୍ରୀ ରଘୁନାଥପୁର-ତ୍ରିଶୁଳିଆ ଏଲିଭେଟେଡ୍ କରିଡର ରାସ୍ତା ଓ ଝୁଡିଓ ଛକ-ନୂଆଗାଁକୁ ଏଲିଭେଟେଡ୍ ରାସ୍ତା ନିର୍ମାଣ ନେଇ ଆଲୋଚନା କରିଥିଲେ। ଏଥିସହିତ ପିପିଲି-କୋଣାର୍କ ରାସ୍ତା ନିର୍ମାଣ, ଦୟା ଓ୍ୱେଷ୍ଟର ପ୍ରଥମ ଓ ତୃତୀୟ ଫେଜ୍ କାର୍ଯ୍ୟର ସମୀକ୍ଷା କରିଥିଲେ। ବୈଠକରେ ଭୁବନେଶ୍ୱର ଇନର ରିଂ ରୋଡ୍ ସହ ଆଉଟର ରିଂ ରୋଡ୍‌ର ସଂଯୋଗୀକରଣ ଉପରେ ଆଲୋଚନା ହୋଇଥିଲା। ମନ୍ତ୍ରୀ କହିଛନ୍ତି, ରାସ୍ତା, ସେତୁ ଓ କୋଠାବାଡ଼ି କ୍ଷେତ୍ରରେ ଅନେକ ଗୁରୁତ୍ୱପୂର୍ଣ୍ଣ ପ୍ରକଳ୍ପ ଅନୁମୋଦନ ପାଇଛି। ଆଗାମୀ ଦିନରେ ଆହୁରି ଅଧିକ ପ୍ରକଳ୍ପ ଅନୁମୋଦନ ଅପେକ୍ଷାରେ ରହିଛି। ନିର୍ମାଣ ବିଭାଗ ପ୍ରମୁଖ ଶାସନ ସଚିବ ସଂଜୟ କୁମାର ସିଂହ ସବୁ ରାସ୍ତା ପ୍ରକଳ୍ପଗୁଡ଼ିକର ଅଗ୍ରଗତି ନେଇ ଥିବା ପ୍ରତିବନ୍ଧକକୁ ଦୂର କରିବା, ଜମି ଅଧିଗ୍ରହଣ ଓ ଡିପିଆର ପ୍ରସ୍ତୁତି ନେଇ ବିଭାଗୀୟ ଅଧିକାରୀ ଓ ମୁଖ୍ୟଯନ୍ତ୍ରୀଙ୍କୁ ଆବଶ୍ୟକ ପରାମର୍ଶ ଦେଇଥିଲେ। ବୈଠକରେ ନିର୍ମାଣ ବିଭାଗ ମୁଖ୍ୟଯନ୍ତ୍ରୀ ଇଂ. ସମୀର ହୋତା, ମୁଖ୍ୟଯନ୍ତ୍ରୀ(ସିଭିଲ୍) ଇଂ. ସତ୍ୟବ୍ରତ ବେହେରା, ଅତିରିକ୍ତ ଶାସନ ସଚିବ ପ୍ରଦୀପ କୁମାର ସାହୁ, ମୁଖ୍ୟ ନିର୍ମାଣ ଯନ୍ତ୍ରୀ ଇଂ. ମନୋଜ ମହାନନ୍ଦ, ମୁଖ୍ୟଯନ୍ତ୍ରୀ ଇଂ. ଶିବବ୍ରତ ତରିଆ, ଓବିସିସିର ମୁଖ୍ୟ ପରିଚାଳକ ଶ୍ରୀଧର ରାଉତ ପ୍ରମୁଖ ଉପସ୍ଥିତ ଥିଲେ।

ବଞ୍ଜାରା ଗ୍ୟାଙ୍ଗର ୫ ମହିଳା ଗିରଫ

ଭୁବନେଶ୍ୱର(ବ୍ୟୁରୋ): ନୟାପଲ୍ଲୀ ପୋଲିସ ଶନିବାର ବଞ୍ଜାରା ଲୁଟେରା ଗ୍ୟାଙ୍ଗର ୫ଜଣ ମହିଳାଙ୍କୁ ଧରିବାରେ ସକ୍ଷମ ହୋଇଛି। ଗିରଫ ସମସ୍ତ ମହିଳା ମହାରାଷ୍ଟ୍ରର ବୋଲି ସୂଚନା ମିଳିଛି। ପୋଲିସ ଗିରଫ ଅଭିଯୁକ୍ତଙ୍କ ନିକଟରୁ ୧୦ଟି ଚୋରା ମୋବାଇଲ ଫୋନ୍, ୨ଟି ଦାମୀ ବ୍ୟାଗ ଜବତ କରିଛି। ଚୋରି ମୋବାଇଲ ଫୋନ ବିକ୍ରି ଉଦ୍ୟମ ବେଳେ ନୟାପଲ୍ଲୀ ପୋଲିସ ଜୟଦେବ ବିହାର ଅଞ୍ଚଳରେ ଚଢାଉ କରି ବଞ୍ଜାରା ଗ୍ୟାଙ୍ଗର ୫ ମହିଳାଙ୍କୁ କାବୁ କରିବାରେ ସକ୍ଷମ ହୋଇଥିଲା। ଅନ୍ୟପକ୍ଷେ ବଞ୍ଜାରା ଗ୍ୟାଙ୍ଗର ମହିଳାମାନେ ରାଜଧାନୀ ଭୁବନେଶ୍ୱରରେ 'ଆମ ବସ'ରେ ଯାଉଥିବା ଯାତ୍ରୀଙ୍କୁ ଟାର୍ଗେଟ କରୁଥିଲେ। ଏପରିକି ଆମ ବସ୍‌ରୁ ହୋଇଥିବା ଏକ ଲୁଟ୍ ଘଟଣାରେ ପୋଲିସ ଏକ ମାମଲା ରୁଜୁ କରି ପୋଲିସ ୫ ମହିଳା ଅଭିଯୁକ୍ତଙ୍କୁ ଗିରଫ କରି ପଚରାଉଚରା କରୁଛି।

ଘରେ ପଶିଲା ବୋଲେରୋ, ୨ ଜଣଙ୍କ ଉପରେ ମାଡିଗଲା

ଭୁବନେଶ୍ୱର(ବ୍ୟୁରୋ): ଭୁବନେଶ୍ୱର ଶିଶୁପାଳଗଡ ଛକ ନିକଟରେ ଦୁର୍ଘଟଣା। ଭାରସାମ୍ୟ ହରାଇ ଘରେ ପଶିଗଲା ବୋଲେରୋ। ଘର ନିକଟରେ ଥିବା ୨ ଜଣଙ୍କ ଉପରେ ମାଡିଗଲା ବୋଲେରୋ। ଗୁରୁତର ଅବସ୍ଥାରେ ଜଣଙ୍କୁ ଉଦ୍ଧାର କରାଯାଇଛି। ଅନ୍ୟ ଜଣେ ବୋଲେରୋ ତଳେ ଚାପି ହୋଇ ରହିଛନ୍ତି। ଭୁବନେଶ୍ୱର ଶିଶୁପାଳଗଡ ନିକଟରେ ଏକ ବୋଲେରୋ ଭାରସାମ୍ୟ ହରାଇ ରାସ୍ତା କଡରେ ଥିବା ଏକ ଘରେ ପଶିଯାଇଛି। ଘର ନିକଟରେ ଥିବା ୨ ଜଣଙ୍କ ଉପରେ ମାଡି ଯାଇଥିଲା। ଖବର ପାଇ ଅଗ୍ନିଶମ ବାହିନୀ ପହଞ୍ଚି ଜଣଙ୍କୁ ଉଦ୍ଧାର କରିଥିବା ବେଳେ ଅନ୍ୟ ଜଣେ ଗାଡି ତଳେ ଚାପି ହୋଇ ରହିଛନ୍ତି। ବୋଲେରୋକୁ କଟର ମେସିନରେ ଅଗ୍ନିଶମ ବାହିନୀ କାଟି ଗୁରୁତର ବ୍ୟକ୍ତିଙ୍କୁ ଉଦ୍ଧାର ପାଇଁ ପ୍ରୟାସ କରୁଛନ୍ତି। ଦୁର୍ଘଟଣା ପରେ ବୋଲେରୋ ଡ୍ରାଇଭର ଘଟଣାସ୍ଥଳରୁ ଫେରାର ହୋଇଯାଇଛି। ପୁଲିସ ପହଞ୍ଚି ଘଟଣାର ତଦନ୍ତ କରୁଛି।

ଆମ୍ବୁଲାନ୍ସ କରିଡର ଭେଳିକି : ବୋଲାର୍ଡକୁ ଗାଡ଼ି ଚଢ଼ାଇ ପଳାଉଛନ୍ତି

ଭୁବନେଶ୍ୱର (ବ୍ୟୁରେ.): ଜରୁରୀକାଳୀନ ପରିସ୍ଥିତିରେ ଆମ୍ବୁଲାନ୍ସ ସେବା ଯେଭଳି ପ୍ରଭାବିତ ହେବନି, ତାକୁ ଆଖିଆଗରେ ରଖି ପ୍ରତି ଟ୍ରାଫିକ ପୋଷ୍ଟରେ ଆମ୍ବୁଲାନ୍ସ କରିଡର କରାଯାଇଛି। କିନ୍ତୁ ଅମାନିଆ ଚାଳକମାନେ ଏହି ଆମ୍ବୁଲାନ୍ସ କରିଡରକୁ ମାଡ଼ି ବସୁଛନ୍ତି। ଯାହା ରୋଗୀଙ୍କ ଜୀବନକୁ ବିପଦ ଭିତରକୁ ଠେଲିଦେଉଛି। ଗୁରୁତର ରୋଗୀ ଆମ୍ବୁଲାନ୍ସରେ ଥିଲେ ବି ଆମ୍ବୁଲାନ୍ସ ଭିଡ଼ ଭିତରୁ ବାହାରି ପାରୁନି। ଅମାନିଆ ଚାଳକମାନେ ଏଭଳି ରାସ୍ତାକୁ ଅକ୍ତିଆରକୁ ନେଇଯାଉଛନ୍ତି ଯେ ଭିଡ଼ କମିବା ପର୍ଯ୍ୟନ୍ତ ଆମ୍ବୁଲାନ୍ସକୁ ଅପେକ୍ଷା କରିବାକୁ ପଡୁଛି। ବେଳେ ଘଣ୍ଟାଘଣ୍ଟା ଭିଡ଼ ଭିତରେ ଅଟକିବାକୁ ପଡୁଛି। କେବଳ ଆମ୍ବୁଲାନ୍ସ ଯା'ଆସ ପାଇଁ ନୁହେଁ, ବାମ ପାର୍ଶ୍ୱକୁ ଯିବାକୁ ଚାହୁଥିବା ଗାଡ଼ିଚାଳକ ଟ୍ରାଫିକ୍‌ରେ ଅଟକି ଅଯଥା ଭିଡ଼ ବଢ଼ାଇବା ଅପେକ୍ଷା ଏହି ବାଟ ଦେଇ ସହଜରେ

ଯାଇପାରିବାର ବ୍ୟବସ୍ଥା ବି ହୋଇଥିଲା। କିନ୍ତୁ ଅମାନିଆ ଚାଳକମାନେ ରାସ୍ତାକୁ ବିଭକ୍ତ କରିଥିବା ଏହି ପ୍ଲାଷ୍ଟିକ୍ ବୋଲାର୍ଡ ସବୁକୁ ଚଢ଼ାଇ ପଳାଉଛନ୍ତି। ସ୍ଥିତି ଏପରି ଯେ ଏକାଧିକ ସ୍ଥାନାରେ ବୋଲାର୍ଡ ରାସ୍ତା ସହ ମିଶିଗଲାଣି। ଏହି ସମସ୍ୟା ବଢ଼ି ଚାଲିଥିବାବେଳେ କମିସନରେଟ୍ ପୁଲିସ କି ଟ୍ରାଫିକ୍ ପୁଲିସ ଏଥିପ୍ରତି ଦୃଷ୍ଟି ଦେଉନି। ଆପାତକାଳୀନ ପରିସ୍ଥିତିରେ ଆମ୍ବୁଲାନ୍ସକୁ ବାଟ ଛାଡ଼ିବା ପାଇଁ ପ୍ରତି ଟ୍ରାଫିକ ପୋଷ୍ଟ ବାମପାର୍ଶ୍ୱରେ ସ୍ଥାନ ସଂରକ୍ଷିତ ରହୁଛି। ସ୍ଥାନ ଚିହ୍ନଟ ଓ ସଂରକ୍ଷଣ ପାଇଁ ଟ୍ରାଫିକ୍ ଛକରେ ବିଭିନ୍ନ ପାର୍ଶ୍ୱରେ କମଳା ରଙ୍ଗର ପ୍ଲାଷ୍ଟିକ ବୋଲାର୍ଡ ଲଗାଯାଇଛି। କେବଳ ସେତିକି ନୁହେଁ, ଫ୍ଲାଏଓଭର ଓ ଅନ୍ୟାନ୍ୟ ସ୍ଥାନରେ ବି ଏଭଳି ବୋଲାର୍ଡ ଲଗାଇ ଟ୍ରାଫିକ୍ ନିୟନ୍ତ୍ରଣ ଓ ଆମ୍ବୁଲାନ୍ସ ରାସ୍ତା ତିଆରି କରାଯାଇଛି। ୫ ମାସ ତଳେ ଲକ୍ଷାଧିକ ଟଙ୍କା ବ୍ୟୟରେ ପ୍ରତି ଟ୍ରାଫିକ୍ ଛକରେ ଏହି ନୂଆ ବୋଲାର୍ଡ ସବୁ ଲଗାଯାଇଥିଲା। ଯଦ୍ଦ୍ୱାରା ଯେଉଁ ଚାଳକମାନେ ସିଧାଯିବେ, ସେମାନେ ଟ୍ରାଫିକ୍‌ରେ ଅଟକିବା ବେଳେ ବୋଲାର୍ଡ ଭିତରେ ରହିବେ। ବୋଲାର୍ଡ ତେଣିଁ ବାମପାର୍ଶ୍ୱରେ ସଂରକ୍ଷିତ ସ୍ଥାନରେ ଗାଡ଼ି ପାର୍କିଂ କରିପାରିବେନି। ଯଦି ଏହା କେହି କରନ୍ତି, ସେମାନଙ୍କୁ ଟ୍ରାଫିକ୍ ନିୟମ ଉଲ୍ଲଂଘନରେ ଦଣ୍ଡିତ କରାଯିବ। ଯଦି ବା କେହି ଏହି ଜାଗାରେ ଗାଡ଼ି ଅଟକାଇଛନ୍ତି, ଦାୟିତ୍ୱରେ ଥିବା ଟ୍ରାଫିକ୍ ପୁଲିସଙ୍କର କାମ ହେଉଛି, ଏହି ସ୍ଥାନରୁ ଗାଡ଼ି ଓ ଚାଳକଙ୍କୁ ହଟାଇବେ। କିନ୍ତୁ ଚାଳକ ସେମାନଙ୍କ ବାଟରେ, ପୁଲିସ ତାଙ୍କ ବାଟରେ। ଫଳସ୍ୱରୂପ ଅମାନିଆ ଅଳିଆ ଗାଡ଼ି, ଚାରିଚକିଆ ଓ ବସ୍ କିଛି ଏକାଧିକ ଛକରେ ଏହି ବୋଲାର୍ଡ ସବୁକୁ ମଡ଼ାଇ ଭାଙ୍ଗି ଦେଇଛନ୍ତି। ଏଣୁ ପୂର୍ବଭଳି ଚାଳକମାନେ ଟ୍ରାଫିକ୍ ପୋଷ୍ଟରେ ଅଟକିବାବେଳେ ବାମରୁ ଡାହାଣ ସଂପୂର୍ଣ୍ଣ ରାସ୍ତାକୁ ମାଡ଼ି ବସୁଛନ୍ତି। ଆମ୍ବୁଲାନ୍ସ ଆଉ ସହଜରେ ଯାଇପାରୁନି। ସେପଟେ ବାମପାର୍ଶ୍ୱକୁ ଯାଉଥିବା ଚାଳକମାନେ ବି ଅକାରଣରେ ଟ୍ରାଫିକ୍‌ରେ ଅଟକୁଛନ୍ତି ଓ ଅଯଥା ରାସ୍ତାରେ ଭିଡ଼ ବଢୁଛି। ଆମ୍ବୁଲାନ୍ସ ଚଳପ୍ରଚଳର ପ୍ରମୁଖ ଛକ ହେଉଛି ଏଜି ଛକ। କାରଣ ନିକଟରେ କ୍ୟାପିଟାଲ ହସ୍ପିଟାଲ୍ ରହିଛି। ଏଠି ଚାରିଦିଗରେ କେହି ବି ନିୟମ ମାନୁନାହାନ୍ତି। ସମାନ ସ୍ଥିତି ଜୟଦେବବିହାର, ଆଚାର୍ଯ୍ୟବିହାର ଓ ଅନ୍ୟ ସ୍ଥାନରେ ଦେଖିବାକୁ ମିଳୁଛି।

ଫ୍ଲାଟ୍ ସ୍ୱପ୍ନ ଦେଖାଇ କୋଟି କୋଟି ଟଙ୍କାର ଠକେଇ

ରିୟଲ ଇଷ୍ଟେଟ୍ କମ୍ପାନୀର ପୂର୍ବତନ ଡାଇରେକ୍ଟର ଗିରଫ

ଭୁବନେଶ୍ୱର(ବ୍ୟୁରୋ) : ଫ୍ଲାଟ୍ ସ୍ୱପ୍ନ ଦେଖାଇ କୋଟି କୋଟି ଟଙ୍କାର ଠକେଇ!। ଭୁବନେଶ୍ୱରରେ ରଡ଼ରେ ବଡ଼ ଆହ୍ୱାନ୍। ଜାଲରେ ରିୟଲ ଇଷ୍ଟେଟ୍ କମ୍ପାନୀର ପୂର୍ବତନ ଡାଇରେକ୍ଟର । ଫ୍ଲାଟ୍ ଦେବାର ସ୍ୱପ୍ନ ଦେଖାଇ ଚାଲିଥିଲା କୋଟି କୋଟି ଟଙ୍କାର କାରବାର! । ନିବେଶକଙ୍କଠାରୁ ଟଙ୍କା ନେଇ ନା ଦେଲେ ଫ୍ଲାଟ୍, ନା ଫେରାଇଲେ ଟଙ୍କା। ୧୫ କୋଟିରୁ ଅଧିକ ଟଙ୍କା ଠକେଇ ଅଭିଯୋଗରେ ଏବେ ଇଓଡବ୍ଲୁ ଜାଲରେ ମିଶ୍ର କ୍ରିଏଟିଭ୍ ପ୍ରାଇଭେଟ୍ ଲିଃର ପୂର୍ବତନ ଡାଇରେକ୍ଟର ପ୍ରମୋଦ କୁମାର ସାହୁ। ପ୍ରମୋଦଙ୍କୁ ଗିରଫ କରିଛି ଇଓଡ । ଟଞ୍ଚଙ୍ଗ-ଚଓଇ ହାଉସିଂ ପ୍ରୋଜେକ୍ଟ ନାଁରେ ନିବେଶକଙ୍କୁ ଫ୍ଲାଟ୍ ଦେବାର ପ୍ରତିଶ୍ରୁତି ଦେଇ ବଡ଼ ଧରଣର ଠକେଇ ହୋଇଥିବା ଅଭିଯୋଗ ରହିଛି। ରସୁଲଗଡ଼ର ସ୍ୱଦେଶ ରାୟ ଚୌଧୁରୀଙ୍କ ଅଭିଯୋଗରୁ ଏହି ଠକେଇର ପର୍ଦ୍ଦାଫାସ ହୋଇଥିଲା। ୨୦୧୬ ମସିହାରେ ଚନ୍ଦକାର ଅନଳପାଟଣାରେ ଥିବା ଅଟୋପାଇ ପ୍ରୋଜେକ୍ଟରେ ଏକ ଫ୍ଲାଟ୍ ବୁକ୍ କରିଥିଲେ ସ୍ୱଦେଶ। ଫ୍ଲାଟ୍ ପାଇବା ଆଶାରେ କମ୍ପାନୀକୁ ୧୬ ଲକ୍ଷ ଟଙ୍କା ଅଗ୍ରିମ ଦେଇଥିଲେ। ଏଥିପାଇଁ ବ୍ୟାଙ୍କରୁ ଋଣ ମଧ୍ୟ ନେଇଥିଲେ। ଚୁକ୍ତି ଅନୁସାରେ ୩୦ ମାସ ମଧ୍ୟରେ ଫ୍ଲାଟ୍ ହସ୍ତାନ୍ତର ହେବାର ଥିଲା। କିନ୍ତୁ ସମୟ ଗଡ଼ିଚାଲିଲା, ଫ୍ଲାଟ୍ ମିଳିଲାନି। ଏପଟେ ନିବେଶ କରିଥିବା ଟଙ୍କା ମଧ୍ୟ ଫେରିଲାନି। ଏଭଳି ଭାବେ କେବଳ ଜଣେ ନୁହେଁ, ଅନେକ ନିବେଶକ ଠକେଇର ଶିକାର ହୋଇଥିବା ଅଭିଯୋଗ ରହିଛି। ଇଓଡବ୍ଲୁ ତଦନ୍ତରେ ପ୍ରମୋଦ କୁମାର ସାହୁଙ୍କ ଭୂମିକାକୁ ନେଇ ମିଳିଛି ଗୁରୁତ୍ୱପୂର୍ଣ୍ଣ ସୁରାକ। ଅଟୋପିଆ ପ୍ରୋଜେକ୍ଟର ପ୍ରଚାରଠାରୁ ଆରମ୍ଭ କରି ଗ୍ରାହକଙ୍କୁ ପ୍ରୋଜେକ୍ଟ ଦେଖାଇବା, ଫ୍ଲାଟ୍ ବୁକିଂ କରାଇବା ଓ ହାଉସିଂ ଲୋନ୍ ପ୍ରକ୍ରିୟାରେ ସେ ସକ୍ରିୟ ଥିବା ତଦନ୍ତରୁ ଜଣାପଡ଼ିଛି। ତଦନ୍ତରେ ଆହୁରି ଚାଞ୍ଚଲ୍ୟକର ତଥ୍ୟ ସାମ୍ନାକୁ ଆସିଛି। କମ୍ପାନୀ ଆକାଉଣ୍ଟରୁ ୧୬ ଲକ୍ଷ ୫୧ ହଜାର ୪୦୦ ଟଙ୍କା

ପ୍ରମୋଦ କୁମାର ସାହୁଙ୍କ ବ୍ୟକ୍ତିଗତ ଏସବିଆଇ ଆକାଉଣ୍ଟକୁ ଯାଇଥିବା ଇଓଡବ୍ଲୁ ତଦନ୍ତରୁ ଜଣାପଡ଼ିଛି। ଏହି ଟଙ୍କା କାରବାର ଓ ଅନ୍ୟାନ୍ୟ ପ୍ରମାଣ ଆଧାରରେ ଠକେଇ ମାମଲାରେ ତାଙ୍କ ସମ୍ପୃକ୍ତିକୁ ନେଇ ତଦନ୍ତ କରାଯାଇଛି। ଗିରଫ ପରେ ପ୍ରମୋଦଙ୍କ ନିକଟରୁ ଅନେକ ଗୁରୁତ୍ୱପୂର୍ଣ୍ଣ ଓ ଆପତ୍ତିଜନକ ଦସ୍ତାବିଜ ଜବତ କରିଛି ଇଓଡବ୍ଲୁ। ଏହି ମାମଲାରେ ପୂର୍ବରୁ ମିଶ୍ର କ୍ରିଏସନସର ଜ୍ୟୋତି ରଞ୍ଜନ ମିଶ୍ର ଓ ଆଡିସନାଲ ଡାଇରେକ୍ଟର ସନ୍ତୋଷ କୁମାର ରଥଙ୍କୁ ମଧ୍ୟ ଗିରଫ କରାଯାଇଥିଲା। ଫ୍ଲାଟ୍ ଦେବାର ପ୍ରତିଶ୍ରୁତି ପଛରେ କେମିତି ଚାଲିଥିଲା କୋଟି କୋଟି ଟଙ୍କାର ଖେଳ? କେତେ ନିବେଶକ ଏହି ଠକେଇର ଶିକାର ହୋଇଛନ୍ତି? ଏହି ଠକେଇ ଚକ୍ରରେ ଆଉ କିଏ କିଏ ସାମିଲ ଅଛନ୍ତି? ତାହାର ଖୋଳତାଡ଼ ଜାରି ରଖିଛି ଇଓଡବ୍ଲୁ।

କୁଆଖାଇ ନଦୀରେ ଯୁବକ ନିଖୋଜ ଘଟଣା

୧୩ ଘଣ୍ଟା ପରେ ମୃତଦେହ ଉଦ୍ଧାର

ଭୁବନେଶ୍ୱର(ବ୍ୟୁରୋ): ସ୍କୁଟିରେ ଆସି ଟଙ୍କପାଣି ବ୍ରିଜ ଉପରେ ରଖିଦେଇ ହଠାତ କୁଆଖାଇ ନଦୀକୁ ଡେଇଁ ପଡ଼ି ଯୁବକ ନିଖୋଜ ହେବାର ପ୍ରାୟ ୧୩ ଘଣ୍ଟା ପରେ ତାଙ୍କ ମୃତଦେହ ଉଦ୍ଧାର କରାଯାଇଛି। ମୃତକ ହେଲେ ଓଲ୍ଡ ଟାଉନ୍ ଅଞ୍ଚଳର ଭବାନୀ ଶଙ୍କର ଖଟେଇ । ସେ ଫ୍ଲିପକାର୍ଟରେ ଡେଲିଭରି ବୟ ଭାବେ କାମ କରୁଥିଲେ । ସୂଚନା ଅନୁସାରେ, ଗତକାଲି ପରିବାର ସହ ଭବାନୀଙ୍କର ଝଗଡ଼ା ହୋଇଥିଲା । ଏହାପରେ ସେ ଘରୁ ବାହାରି ଯାଇଥିଲେ । ପରବର୍ତ୍ତୀ ସମୟରେ ତାଙ୍କ ସାଙ୍ଗମାନେ ବାଙ୍କୁଆଳ ବ୍ରିଜ୍ ନିକଟରେ ତାଙ୍କୁ ଦେଖିଥିଲେ । ଘଟଣା ସମ୍ପର୍କରେ ଖବର ପାଇବା ପରେ ବାଲିଅନ୍ତା ଓ ଭୁବନେଶ୍ୱର ଅଗ୍ନିଶମ ବାହିନୀର ଟିମ୍ ଘଟଣାସ୍ଥଳରେ ପହଞ୍ଚି ଖୋଜାଖୋଜି ଆରମ୍ଭ କରିଥିଲେ । ଦୀର୍ଘ ସମୟ ଧରି ସର୍ଚ୍ଚ ଅପରେସନ୍ ଚାଲିଥିଲେ ମଧ୍ୟ ଭବାନୀଙ୍କ ସନ୍ଧାନ ମିଳିନଥିଲା । ଆଜି ଭବାନୀ ଶଙ୍କର ଖଟେଇଙ୍କ ମୃତଦେହ ଉଦ୍ଧାର ହୋଇଛି।

ଆଜି ସରିବ ଖରିଫ ଧାନ ବିକ୍ରି ପାଇଁ ଚାଷୀ ପଞ୍ଜୀକରଣ

ଭୁବନେଶ୍ୱର(ବ୍ୟୁରୋ): ଆସନ୍ତା ସୋମବାର (୭ ତାରିଖ) ଖରିଫ ଧାନ ସଂଗ୍ରହ ପାଇଁ ଚାଷୀ ପଞ୍ଜୀକରଣର ଶେଷ ଦିବସ ରହିଛି । ଅଗଷ୍ଟ ମାସ ୮ ତାରିଖରୁ ଆରମ୍ଭ ହୋଇଥିବା ଏହି ପ୍ରକ୍ରିୟାରେ ସେପ୍ଟେମ୍ବର ୫ ତାରିଖ ରାତି ୧୧ଟା ସୁଦ୍ଧା ମୋଟ ୨୧ ଲକ୍ଷ ୪୦ ହଜାର ୬୮୨ ଚାଷୀ ନାମ ପଞ୍ଜୀକରଣ କରିଛନ୍ତି । ରାଜ୍ୟ ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ବିଭାଗର ଫୁଡ୍ ଓଡ଼ିଶା ପୋର୍ଟାଲରେ ଏହି ସୂଚନା ଦିଆଯାଇଛି । ପ୍ରାଥମିକ କୃଷି ସମବାୟ ସମିତି(ପାକ୍ସ), ବୃହତ୍ ଆଦିବାସୀ ବହୁମୁଖୀ ସମବାୟ ସମିତି (ଲ୍ୟାମ୍ପସ) ଓ ପାଣି ପଞ୍ଚାୟତରେ ପଞ୍ଜୀକରଣ କରାଯାଉଛି ଧାନ ବିକ୍ରି ପାଇଁ ଚାଷୀ ପଞ୍ଜୀକରଣ । ତେବେ ମିଳିଥିବା ସୂଚନା ମୁତାବକ ବରଗଡ଼ ଜିଲ୍ଲାରେ ସର୍ବାଧିକ ୧ ଲକ୍ଷ ୮୩ ହଜାର, ଗଞ୍ଜାମରେ ୧ ଲକ୍ଷ ୭୪ ହଜାର,

ବାଲେଶ୍ୱରରେ ୧ଲକ୍ଷ ୨୦ ହଜାର, କଳାହାଣ୍ଡିରେ ୧ଲକ୍ଷ ୩୪ ହଜାର, ବଲାଙ୍ଗୀରରେ ୧ଲକ୍ଷ ୧୮ ହଜାର ଚାଷୀ ପଞ୍ଜୀକରଣ କରିଛନ୍ତି । ରାଜ୍ୟର ୨୯୬୧ଟି ପାକ୍ସ ଓ ୪ଟି ପାଣି ପଞ୍ଚାୟତରେ ଏହି ପଞ୍ଜିକରଣ କାର୍ଯ୍ୟ ଚାଲିଛି । ତେବେ କନ୍ଧମାଳ ଜିଲ୍ଲାରେ ମାତ୍ର ୪୩୫୩ ଜଣ ଚାଷୀ ପଞ୍ଜୀକରଣ କରିଥିବା ବେଳେ ଗଜପତିରେ ୧୫ ହଜାର ୭୭୨ଜଣ ଚାଷୀ ପଞ୍ଜୀକରଣ କରିଥିବା ବିଭାଗୀୟ ପୋର୍ଟାଲରୁ ସୂଚନା ମିଳିଛି ।

ପଞ୍ଚାୟତ ଓ ପୌର ନିର୍ବାଚନକୁ ନେଇ ସରକାରଙ୍କୁ ଘେରିଲେ ଉଭୟ ବିଜେଡି ଓ କଂଗ୍ରେସ

ଭୁବନେଶ୍ୱର(ବ୍ୟୁରୋ): କେବେ ହେବ ପଞ୍ଚାୟତ ଏବଂ ପୌର ନିର୍ବାଚନ ? ତିନି ଥର ତାରିଖ ଘୁଞ୍ଚିବା ପରେ ଉଠିଲା ପ୍ରଶ୍ନ । ସରକାର ଠିକ୍ ସମୟରେ ଇଲେକ୍ସନ କରାନ୍ତୁ । ପଞ୍ଚାୟତ ନିର୍ବାଚନ ପାଇଁ ବିଜେଡି ସବୁବେଳେ ପ୍ରସ୍ତୁତ । କଂଗ୍ରେସ କହିଲା ପଞ୍ଚାୟତ ପ୍ରତିନିଧିଙ୍କୁ ସେବା କରିବାକୁ ସୁଯୋଗ ଦିଆଯାଉ । ତିନି ଥର ପଞ୍ଚାୟତ ନିର୍ବାଚନ ତାରିଖ ଘୁଞ୍ଚିବା ପରେ ସରକାରଙ୍କୁ ଏଭଳି ଟାର୍ଗେଟ୍ କରିଛନ୍ତି ବିଜେଡି ଏବଂ କଂଗ୍ରେସ । ବିଜୁ ଜନତା ଦଳର ବରିଷ୍ଠ ନେତା ପ୍ରସନ୍ନ ଆଚାର୍ଯ୍ୟ ଯଥାଶୀଘ୍ର ପଞ୍ଚାୟତ ନିର୍ବାଚନ ପାଇଁ ଦାବି କହିଛନ୍ତି । ସେ କହିଛନ୍ତି, ବିଜେଡି ପଂଚାୟତ ନିର୍ବାଚନ ପାଇଁ ସବୁବେଳେ ପ୍ରସ୍ତୁତ। ସରକାର ଠିକ୍ ସମୟରେ ନିର୍ବାଚନ କରନ୍ତୁ। ଗାଁ ଗଣ୍ଡାର ସମସ୍ୟାକୁ ନେଇ ଆମେ ଲଢେଇ କରିବୁ । ଗାଁ ଗୁଡ଼ିକ ବର୍ତ୍ତମାନ ସମସ୍ୟା ଘେରରେ ରହିଛି । ସେମାନଙ୍କ ସମସ୍ୟା ସମାଧାନ କରିବାରେ ସରକାର ବିଫଳ ହୋଇଛନ୍ତି । ପଞ୍ଚାୟତ ପ୍ରତିନିଧିମାନଙ୍କୁ ସେବା କରିବାକୁ ଦିଆଯାଉନାହିଁ । ଲୋକେ ହଇରାଣ ହେଉଛନ୍ତି, ସେମାନଙ୍କ ଦୁଃଖ ବୁଝିବାକୁ କେହି ନାହାନ୍ତି । ଖାଲି ଗ୍ରାମବାସୀ ନୁହନ୍ତି, ଗାଁରେ ରହୁଥିବା ସରକାରୀ ଚାକିରିଆମାନେ ଅସନ୍ତୁଷ୍ଟ ଅଛନ୍ତି । ମଧୁବାବୁ ପେନସନ ଯୋଜନାରେ ବୃଦ୍ଧବୃଦ୍ଧାମାନେ ଭତ୍ତା ପାଉପାରୁନାହାନ୍ତି । ସରକାର ଯୋଜନା କେବଳ ଘୋଷଣାରେ ସୀମିତ ରହୁଛି ବୋଲି ଅଭିଯୋଗ କରିଛନ୍ତି ପ୍ରସନ୍ନ ଆଚାର୍ଯ୍ୟ । ସେପଟେ ପଞ୍ଚାୟତ ନିର୍ବାଚନକୁ ନେଇ କଂଗ୍ରେସ ମଧ୍ୟ ଟାର୍ଗେଟ୍ କରିଛି । ବରିଷ୍ଠ ନେତା ସୁରେଶ ରାଉତରାୟ କହିଛନ୍ତି, ସରକାର ଯଦି ଠିକ୍ ସମୟରେ ନିର୍ବାଚନ କରୁଛନ୍ତି, ତେବେ ତାହା ସ୍ୱାଗତ ଯୋଗ୍ୟ । ମାତ୍ର ବର୍ତ୍ତମାନ ସ୍ଥିତିକୁ ଦେଖିଲେ ପଞ୍ଚାୟତ ନିର୍ବାଚନ ତାରିଖ ତିନି ଥର ଘୁଞ୍ଚି ସାରିଲାଣି । ସେ ଆହୁରି ମଧ୍ୟ କହିଛନ୍ତି, ପଞ୍ଚାୟତ ଏବଂ

ଦିଲ୍ଲୀରେ ଭୁଶୁଡ଼ିଲା ପିଜି ହଷ୍ଟେଲ କୋଠା

- ୩ ମୃତ, ୫ ଗୁରୁତର
- ଘଟଣାସ୍ଥଳରେ ପହଞ୍ଚି ସମୀକ୍ଷା କଲେ ମୁଖ୍ୟମନ୍ତ୍ରୀ
- ଦୁଃଖ ପ୍ରକାଶ ସହ ଗୋଆ ଗସ୍ତ ବାତିଲ କଲେ ଅମିତ ଶାହ
- ୪୦ରୁ ୫୦ ଛାତ୍ର ଚାପିହୋଇ ରହିଥିବା ଆଶଙ୍କା
- ଯୁଦ୍ଧକାଳୀନ ଭିତ୍ତିରେ ଚାଲିଛି ଉଦ୍ଧାର

ନୂଆଦିଲ୍ଲୀ,୬।୯: ରବିବାର ଦିନ ଦକ୍ଷିଣ-ପଶ୍ଚିମ ଦିଲ୍ଲୀର ସତ୍ୟ ନିକେତନ ନିକଟରେ ଏକ ଚାରି ମହଲା କୋଠା ହଠାତ୍ ଭୁଶୁଡ଼ି ପଡ଼ିଛି। ୪୦ରୁ ୫୦ ଜଣ ଛାତ୍ର ଚାପି ହୋଇ ରହିଥିବା ଆଶଙ୍କା କରାଯାଉଛି। ଏପର୍ଯ୍ୟନ୍ତ ୬ ଜଣଙ୍କୁ ଉଦ୍ଧାର କରାଯାଇ ହସ୍ପିଟାଲକୁ ପଠାଯାଇଛି। ସୂତ୍ର ଅନୁଯାୟୀ ମୃତ୍ୟୁ ସଂଖ୍ୟା ୩ କୁ ବୃଦ୍ଧି ପାଇଛି, ଅନ୍ୟ ଦୁଇଜଣଙ୍କ ଅବସ୍ଥା ଗୁରୁତର ଅଛି। ପୋଲିସ ଅନୁଯାୟୀ, କୋଠା ମାଲିକଙ୍କୁ ଗୁରୁଗ୍ରାମର ବାସିନ୍ଦା ଆନନ୍ଦ ବଂଶଲ ଭାବରେ ଚିହ୍ନଟ କରାଯାଇଛି। ତାଙ୍କ ବିରୋଧରେ ଏକ ମାମଲା ରୁଜୁ କରାଯାଇଛି। ପୋଲିସ କହିଛି ଯେ ଆନନ୍ଦ ବଂଶଲ ତିନିରୁ ଚାରୋଟି ପିଜି ଚଳାଉଛନ୍ତି। ଦୁର୍ଘଟଣା ଘଟିଥିବା କୋଠାରେ ପ୍ରାୟ ୧୦ କୋଠରୀ

ବିଶିଷ୍ଟ ଏକ ପିଜି ଚାଲୁଥିଲା। ଶକ୍ତିଶାଳୀ ଭୂମିକମ୍ପ ଯୋଗୁଁ ପଡ଼ୋଶୀ କୋଠାଟି ଗୋଟିଏ ପାର୍ଶ୍ୱକୁ ଢଳି ପଡ଼ିଥିଲା, ଯାହା ଫଳରେ ସୁରକ୍ଷା ପାଇଁ ସମଗ୍ର ଆଖପାଖ ଅଞ୍ଚଳ ଏବଂ କୋଠାଗୁଡ଼ିକୁ ତୁରନ୍ତ ଖାଲି କରାଯାଇଥିଲା। ଦୁର୍ଘଟଣାର ଗମ୍ଭୀରତାକୁ ଦୃଷ୍ଟିରେ ରଖି ଦିଲ୍ଲୀ ମୁଖ୍ୟମନ୍ତ୍ରୀ ରେଖା ଗୁପ୍ତା ଏବଂ ଲେଫ୍ଟନାଣ୍ଟ ଗଭର୍ଣ୍ଣର ତରନଜିତ ସିଂହ ସାନ୍ଧୁ ମଧ୍ୟ ଘଟଣାସ୍ଥଳରେ ପହଞ୍ଚିଥିଲେ। ସେମାନେ ଚାଲିଥିବା ରିଲିଫ୍ ଏବଂ ଉଦ୍ଧାର କାର୍ଯ୍ୟର ସମୀକ୍ଷା କରିଥିଲେ। ପୂର୍ବରୁ, ମୁଖ୍ୟମନ୍ତ୍ରୀ ଘଟଣା ଉପରେ ଚିନ୍ତା ପ୍ରକାଶ କରିଥିଲେ ଏବଂ କହିଥିଲେ ଯେ ସମ୍ପୃକ୍ତ ସଂସ୍ଥାଗୁଡ଼ିକ ଯୁଦ୍ଧକାଳୀନ ଭିତ୍ତିରେ ଉଦ୍ଧାର କାର୍ଯ୍ୟରେ ନିୟୋଜିତ ଅଛନ୍ତି। ପ୍ରଶାସନର ପ୍ରାଥମିକତା ହେଉଛି ଭଗ୍ନାବଶେଷ ତଳେ ଫସି ରହିଥିବା ଲୋକଙ୍କୁ ସୁରକ୍ଷିତ ଭାବରେ ବାହାର କରିବା ଏବଂ ପ୍ରଭାବିତ ଲୋକଙ୍କୁ ତୁରନ୍ତ ସହାୟତା ଯୋଗାଇବା।

ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ ଶାହ ଇନଷ୍ଟାଗ୍ରାମରେ ଏକ ପୋଷ୍ଟରେ କହିଛନ୍ତି, 'ଦିଲ୍ଲୀର ସତ୍ୟ ନିକେତନରେ ଏକ କୋଠା ଭୁଶୁଡ଼ିବା ଘଟଣା ନେଇ ମୁଁ ଗଭୀର ଦୁଃଖିତ। ମୁଁ ମୁଖ୍ୟମନ୍ତ୍ରୀ, ଦିଲ୍ଲୀ ପୋଲିସ କମିଶନର ଏବଂ ଏନଡିଆରଏଫର ମହାନିର୍ଦ୍ଦେଶକଙ୍କ ସହ କଥା ହୋଇ ପରିସ୍ଥିତି ସମୀକ୍ଷା କରିଛି। ସ୍ଥାନୀୟ ପ୍ରଶାସନ ଏବଂ ଏନଡିଆରଏଫ ମିଳିତ ଭାବରେ ଉଦ୍ଧାର କାର୍ଯ୍ୟ ଦ୍ରୁତ ଗତିରେ ଚଳାଇବା ପାଇଁ କାର୍ଯ୍ୟ କରୁଛନ୍ତି। ଆହତମାନଙ୍କୁ ସମସ୍ତ ଆବଶ୍ୟକୀୟ ଚିକିତ୍ସା ସହାୟତା ଯୋଗାଇ ଦିଆଯାଉଛି। ମୁଁ ସମସ୍ତ ଆହତଙ୍କ ଶୀଘ୍ର ଆରୋଗ୍ୟ ପାଇଁ ପ୍ରାର୍ଥନା କରୁଛି।' ଦୁର୍ଘଟଣାର ଗମ୍ଭୀରତାକୁ ଦୃଷ୍ଟିରେ ରଖି ଅମିତ ଶାହ ଗୋଆରେ ତାଙ୍କର କାର୍ଯ୍ୟକ୍ରମ ବାତିଲ କରିଛନ୍ତି।

ଜାତିସଂଘର ନୂଆ ମ୍ୟାପ୍‌କୁ ନେଇ ଭାରତର ବିରୋଧ

ଜମ୍ମୁ-କାଶ୍ମୀର ଓ ଲଦାଖକୁ କରାଯାଇଛି 'ଭୁଲ୍ ଚିତ୍ରଣ'

ନୂଆଦିଲ୍ଲୀ,୬।୯: ଜାତିସଂଘ ମହାସଭାରେ 'ଇକ୍ୱାଲ୍ ଆର୍ଥ ପ୍ରୋଜେକ୍ସନ୍' ଆଧାରିତ ବିଶ୍ୱ ମାନଚିତ୍ର ସମ୍ପର୍କିତ ପ୍ରସ୍ତାବ ଉପରେ ଭାରତ ନିଜ ଆଭିମୁଖ୍ୟ ସ୍ପଷ୍ଟ କରିଛି। ବୈଦେଶିକ ମନ୍ତ୍ରଣାଳୟ ସ୍ପଷ୍ଟ କରିଛି ଯେ, ନୂଆ ନକ୍ସା ଉପରେ ଜାତିସଂଘର ପ୍ରସ୍ତାବ ସପକ୍ଷରେ ଭାରତ ଭୋଟ୍ ଦେଇଥିଲେ ବି ଆମେ ଏହାକୁ ସମର୍ଥନ କରୁନାହୁଁ। ବୈଦେଶିକ ମନ୍ତ୍ରଣାଳୟ (MEA) କହିଛି ଯେ ଜମ୍ମୁ ଏବଂ କାଶ୍ମୀର ଏବଂ ଲଦାଖ କେନ୍ଦ୍ରଶାସିତ ଅଞ୍ଚଳ ସମେତ ଏହାର ସାର୍ବଭୌମ ଅଞ୍ଚଳଗୁଡ଼ିକୁ ଭାରତର ସରକାରୀ ମାନଚିତ୍ର ଅନୁସାରେ ନୂତନ ମାନଚିତ୍ରରେ ଚିତ୍ରିତ କରାଯିବା ଉଚିତ। ଏହାର ଲକ୍ଷ୍ୟ ହେଉଛି ମହାଦେଶ ଏବଂ ଭୂମିର ପ୍ରକୃତ କ୍ଷେତ୍ରଫଳକୁ ସଠିକ୍ ଭାବରେ ଦେଖାଇବା।

ବିଦେଶ ମନ୍ତ୍ରଣାଳୟର ମୁଖପାତ୍ର ରଣଧୀର ଜୟସୱାଲ୍ କହିଛନ୍ତି ଯେ, ଜାତିସଂଘ ମହାସଭା 'କରେକ୍ଟ ଦ ମ୍ୟାପ୍: ରିବାଲାନ୍ସିଂ ଗ୍ଲୋବାଲ୍ କାର୍ଟୋଗ୍ରାଫିକ୍ ରିପ୍ରେଜେଣ୍ଟେସନ୍, ଆଣ୍ଡ ପ୍ରମୋଟିଂ ଇକ୍ୱିଟେବଲ୍ ରିପ୍ରେଜେଣ୍ଟେସନ୍ ଅଫ୍ ଦ

ୱାର୍ଲ୍ଡସ୍ ରିଜିଅନ୍, ପାର୍ଟିକୁଲାର୍ଲି ଆଫ୍ରିକା' ଶୀର୍ଷକ ପ୍ରସ୍ତାବକୁ ଗ୍ରହଣ କରିଛି। ଏହି ପ୍ରସ୍ତାବର ମୁଖ୍ୟ ଉଦ୍ଦେଶ୍ୟ ହେଉଛି, ବିଶ୍ୱର ବିଭିନ୍ନ ମହାଦେଶ ଓ ଭୂଭାଗର ପ୍ରକୃତ ଆକାରକୁ ଅଧିକ ସଠିକ୍ ଏବଂ ନ୍ୟାୟସଙ୍ଗତ ଅନୁପାତରେ ଦର୍ଶାଉଥିବା ମାନଚିତ୍ରର ବ୍ୟବହାରକୁ ପ୍ରୋତ୍ସାହନ ଦେବା। ଭାରତ ସ୍ପଷ୍ଟ କରିଛି ଯେ, ଜାତିସଂଘର ଏହି ପ୍ରସ୍ତାବ କୌଣସି ନିର୍ଦ୍ଦିଷ୍ଟ ବିଶ୍ୱ ମାନଚିତ୍ର, ପ୍ରୋଜେକ୍ସନ୍ କିମ୍ବା ଦେଶର ସୀମାର କୌଣସି ବିଶେଷ ଚିତ୍ରଣକୁ ଆଧିକାରିକ ମାନ୍ୟତା ଦେଉନାହିଁ। ଏଥିରେ ଅନ୍ତର୍ଜାତୀୟ ସୀମା, ବିବାଦୀୟ ଅଞ୍ଚଳ କିମ୍ବା ସ୍ଥାନର ନାମ ଭଳି ରାଜନୈତିକ ମାନଚିତ୍ର ସମ୍ପର୍କିତ ବିଷୟ ଉପରେ ମଧ୍ୟ କୌଣସି ଆଲୋଚନା ହୋଇନାହିଁ। ଭାରତ କହିଛି ଯେ, ପ୍ରସ୍ତାବ ସପକ୍ଷରେ ଭୋଟ୍ ଦେବାର ଅର୍ଥ ହେଉଛି ବିଶ୍ୱର ବିଭିନ୍ନ ଅଞ୍ଚଳର ପ୍ରକୃତ ଆକାରକୁ ଅଧିକ ନିରପେକ୍ଷ ଭାବରେ ଦର୍ଶାଉଥିବା ମାନଚିତ୍ରକୁ ସମର୍ଥନ କରିବା। କୌଣସି ନିର୍ଦ୍ଦିଷ୍ଟ ମାନଚିତ୍ରକୁ ଅନୁମୋଦନ କରିବା ନୁହେଁ। ଗରଇ ମୁଖପାତ୍ର କହିଛନ୍ତି ଯେ ଏହି ପ୍ରସ୍ତାବ କୌଣସି ନିର୍ଦ୍ଦିଷ୍ଟ ବିଶ୍ୱ ମାନଚିତ୍ରକୁ ଗ୍ରହଣ କରେ ନାହିଁ କିମ୍ବା ଆନୁଷ୍ଠାନିକ ଭାବରେ ସ୍ୱୀକୃତି ଦିଏ ନାହିଁ। ଏହା ବ୍ୟତୀତ, ଏହା ରାଜନୈତିକ ମାନଚିତ୍ର ସହିତ ଜଡିତ ପ୍ରସଙ୍ଗ, ଯେପରିକି ଅନ୍ତର୍ଜାତୀୟ ସୀମା, ବିବାଦୀୟ ଅଞ୍ଚଳ କିମ୍ବା ସ୍ଥାନ ନାମ ଉପରେ ଆଲୋଚନା କରେ ନାହିଁ। ବୈଦେଶିକ ବ୍ୟାପାର ମନ୍ତ୍ରଣାଳୟ କହିଛି ଯେ ଭାରତ ଏହି ପ୍ରସ୍ତାବ ସପକ୍ଷରେ ଭୋଟ ଦେଇଛି। ଭୋଟ ପରେ ଭାରତ ନିଜ ମତର ବ୍ୟାଖ୍ୟା କରି ଏଭଳି ମାନଚିତ୍ର ସମର୍ଥନରେ ରହିଛି, ଯାହାକି ଦୁନିଆର ବିଭିନ୍ନ କ୍ଷେତ୍ରର ବାସ୍ତବିକ ଆକାରକୁ ଅଧିକ ନିରପେକ୍ଷ ଭାବରେ ଦେଖାଇଥାଏ। ସେହିପରି ଭାରତ ନିଜ ସାର୍ବଭୌମ ଅଞ୍ଚଳକୁ ନେଇ ମଧ୍ୟ ନିଜ ଆଭିମୁଖ୍ୟ ସ୍ପଷ୍ଟ କରିଛି।

ବିଷାକ୍ତ ମଦ ପିଇ ୧୨ ଜଣଙ୍କ ମୃତ୍ୟୁ

ମଧ୍ୟପ୍ରଦେଶ,୬।୯: ବିଷାକ୍ତ ମଦ ପିଇ ୧୨ ଜଣଙ୍କର ମୃତ୍ୟୁ ଅନେକ ଗୁରୁତର। ଏଭଳି ଘଟଣା ଘଟିଛି ମଧ୍ୟପ୍ରଦେଶର ସାଗର ଜିଲ୍ଲାର ବାଣ୍ଡାରେ। ଗୁରୁତରଙ୍କୁ ସାଗରର ବୁନ୍ଦେଲଖଣ୍ଡ ମେଡିକାଲ୍ କଲେଜ (BMC)କୁ ପଠାଯାଇଛି। ସୂଚନା ଅନୁସାରେ, ଶନିବାର ରାତିରେ ମଧ୍ୟପ୍ରଦେଶର ସାଗର ଜିଲ୍ଲାର ବାଣ୍ଡାରେ ବିଷାକ୍ତ ମଦ ପିଇ ୧୨ ଜଣଙ୍କର ମୃତ୍ୟୁ ହୋଇଛି। ୧୨ ଜଣଙ୍କ ସ୍ୱାସ୍ଥ୍ୟାବସ୍ଥା ଖରାପ ହେବା ପରେ ସେମାନଙ୍କୁ ରାତାରାତି ବାଣ୍ଡା ସିଭିଲ୍ ହସ୍ପିଟାଲରେ ଭର୍ତ୍ତି କରା ଯାଇଥିଲା। ଚିକିତ୍ସା ସମୟରେ ହିଁ ୧୨ ଜଣଙ୍କ ମୃତ୍ୟୁ ହୋଇଥିଲା। ବାଣ୍ଡା ହସ୍ପିଟାଲରେ ସେମାନଙ୍କ ପୋଷ୍ଟମର୍ଟମ୍ କରା ଯାଉଛି। ଅନ୍ୟ ଗୁରୁତର ୫ ଜଣ ରୋଗୀଙ୍କୁ ଚିକିତ୍ସା ପାଇଁ ବିଏମସି ସାଗରକୁ ପଠାଯାଇଛି। ମୃତ୍ୟୁ ସଂଖ୍ୟା ଆହୁରି ବୃଦ୍ଧି ପାଇବାର ଆଶଙ୍କା କରାଯାଉଛି। ପ୍ରଭାବିତ ଗାଁ ଗୁଡ଼ିକରେ ସ୍କ୍ରିନିଂ କରାଯାଉଛି। ଯେଉଁମାନେ ମଦ୍ୟପାନ କରିଥିଲେ ସେମାନଙ୍କୁ ଯାଞ୍ଚ ପାଇଁ ହସ୍ପିଟାଲକୁ ଅଣାଯାଉଛି। ଘଟଣା ସମ୍ପର୍କରେ ଜାଣିବା ପରେ, କଲେକ୍ଟର ପ୍ରତିଭା ପାଲ ଏବଂ ପୋଲିସ ଅଧୀକ୍ଷକ ଅନୁରାଗ ସୁଜାନିଆଙ୍କ ସମେତ ବରିଷ୍ଠ ପ୍ରଶାସନିକ ଏବଂ ପୋଲିସ ଅଧିକାରୀମାନେ ବାଣ୍ଡାରେ ପହଞ୍ଚି ଥିଲେ। ଅଧିକାରୀମାନେ ହସ୍ପିଟାଲ ପରିଦର୍ଶନ କରି ପରିସ୍ଥିତିକୁ ଦେଖି ତଦନ୍ତ ଆରମ୍ଭ କରିଛନ୍ତି। ଆଇନ ଶୃଙ୍ଖଳା ବଜାୟ ରଖିବା ପାଇଁ ବାଣ୍ଡାରେ ଅତିରିକ୍ତ ପୋଲିସ ଫୋର୍ସ ମୁତୟନ କରାଯାଇଛି।

ଜେଏନ୍‌ୟୁ ପ୍ରଫେସରଙ୍କ ବଢ଼ିଲା ଅଡୁଆ

୧୦ରୁ ଅଧିକ ଛାତ୍ରୀ ଆଣିଲେ ଯୌନ ନିର୍ଯ୍ୟାତନା

ନୂଆଦିଲ୍ଲୀ,୬।୯: ଜବାହରଲାଲ ନେହରୁ ବିଶ୍ୱବିଦ୍ୟାଳୟ (JNU)ର ଜଣେ ପ୍ରଫେସରଙ୍କ ବିରୋଧରେ ୧୦ରୁ ଅଧିକ ଛାତ୍ରୀ ଯୌନ ଉତ୍ପୀଡ଼ନର ଅଭିଯୋଗ ଆଣିଛନ୍ତି। ଏବେ ଏହି ଅଭିଯୋଗ ଉପରେ ବିଶ୍ୱବିଦ୍ୟାଳୟର ଆଭ୍ୟନ୍ତରୀଣ ଅଭିଯୋଗ କମିଟି (ICC) ପକ୍ଷରୁ ତଦନ୍ତ କରାଯାଉଛି। ଅଧିକାରୀଙ୍କ ସୂଚନା ଅନୁସାରେ, ପ୍ରାୟ ଏକ ମାସ ପୂର୍ବରୁ ଏହି ଅଭିଯୋଗଗୁଡ଼ିକ ଦାଖଲ ହୋଇଥିଲା। 'ଟାଇମ୍ସ ଅଫ୍ ଇଣ୍ଡିଆ'ର ରିପୋର୍ଟ ଅନୁସାରେ, JNU କ୍ୟାମ୍ପସରେ ରହୁଥିବା ଏହି ପ୍ରଫେସର କିଛି ଛାତ୍ରୀଙ୍କୁ ନିଜ

ଘରେ ଆୟୋଜିତ ବୈଠକକୁ ଡାକୁଥିଲେ ବୋଲି ଅଭିଯୋଗ ହୋଇଛି। ସେଠାରେ ତାଙ୍କୁ କଥିତ ଭାବେ ଅସଦାଚରଣ କିମ୍ବା ଅନୁଚିତ ପ୍ରସ୍ତାବ ଦେଇଥିବାର ମଧ୍ୟ ଅଭିଯୋଗ ରହିଛି। କ୍ଲାସ୍‌ରୁମ୍‌ରେ ମଧ୍ୟ ପ୍ରଫେସରଙ୍କ ପକ୍ଷରୁ ଅଶ୍ଳୀଳ ଏବଂ ଆପତ୍ତିଜନକ ଟିପ୍ପଣୀ କରାଯାଇଥିବାର କେତେକ ଛାତ୍ରୀ ଅଭିଯୋଗ ଆଣିଛନ୍ତି। ଅଧିକାରୀଙ୍କ କହିବା ଅନୁସାରେ, ପ୍ରଫେସରଙ୍କ ବିରୋଧରେ ନିକଟରେ ଏକ ଅଭିଯୋଗ ଆସିବା ପରେ କିଛି ସିନିୟର ଛାତ୍ରୀ ମଧ୍ୟ ସାମ୍ନାକୁ ଆସିଥିଲେ। ସେମାନେ ମଧ୍ୟ ସମାନ ପ୍ରକାରର ଅଭିଯୋଗ କରିଥିବା ଜଣାପଡ଼ିଛି। ବର୍ତ୍ତମାନ ଆଇସିସି ପକ୍ଷରୁ ସମସ୍ତ ଅଭିଯୋଗର ତଦନ୍ତ କରାଯାଉଛି। ତଦନ୍ତର ପରିସର ବଢ଼ିବା ସହ ଆଗକୁ ଆହୁରି ଅଭିଯୋଗ ସାମ୍ନାକୁ ଆସିପାରେ ବୋଲି ରିପୋର୍ଟରେ କୁହାଯାଇଛି।

ୟୁରୋପରେ ଡିଜେଲ ସଙ୍କଟ, ରୁଷ୍-ଆମେରିକାର ଯୋଗାଣ ହ୍ରାସ

ଭାରତ ସାଜିଲା ବଡ଼ ସପ୍ଲାୟର

ନୂଆଦିଲ୍ଲୀ,୬।୯: ୟୁରୋପର ଇନ୍ଧନ ବଜାରରେ ଭାରତର ଗୁରୁତ୍ୱ ଏବେ ଆହୁରି ବଢୁଥିବା ଦେଖିବାକୁ ମିଳୁଛି। ରୁଷରୁ ୟୁରୋପକୁ ଡିଜେଲ୍ ଏବଂ ଗ୍ୟାସ ଅଏଲ୍ ରପ୍ତାନି ଦୀର୍ଘ ସମୟ ଧରି ଦୁର୍ବଳ ରହିଥିବା ବେଳେ, ଆମେରିକାରୁ ୟୁରୋପକୁ ଯାଉଥିବା ଇନ୍ଧନ ସପ୍ଲାଇରେ ମଧ୍ୟ ନିକଟ ଦିନଗୁଡ଼ିକରେ ହ୍ରାସ ଦେଖାଯାଇଛି। ଏଭଳି ସମୟରେ ଭାରତୀୟ ରିଫାଇନରୀ ଗୁଡ଼ିକ ୟୁରୋପର ଇନ୍ଧନ ଆବଶ୍ୟକତା ପୂରଣରେ ଏକ ବଡ଼ ଭୂମିକା ନେଉଛନ୍ତି। ଏନର୍ଜି ଆନାଲିଟିକ୍ସ ଫର୍ମ 'ଭୋର୍ଟେକ୍ସା' ର ତଥ୍ୟ ଅନୁସାରେ, ଅଗଷ୍ଟ ମାସରେ ୟୁରୋପ ଅଭିମୁଖେ ଯାଉଥିବା ଜାହାଜଗୁଡ଼ିକ ମାଧ୍ୟମରେ ବାବ୍-ଅଲ୍-ମନ୍ଦେବ୍ ସମୁଦ୍ର ମାର୍ଗରୁ ପ୍ରତିଦିନ ପ୍ରାୟ ୨ ଲକ୍ଷ ବ୍ୟାରେଲ୍ ଡିଜେଲ୍ ଓ ଗ୍ୟାସ ଅଏଲ୍ ପରିବହନ ହୋଇଛି। ବଡ଼ କଥା ହେଉଛି, ମାର୍ଚ୍ଚ ଏବଂ ଏପ୍ରିଲ୍ ମାସରେ ଏହି ସମୁଦ୍ର ମାର୍ଗରେ ଇନ୍ଧନ ବାଣିଜ୍ୟ ପ୍ରାୟ ଠପ୍ ହୋଇଯାଇଥିଲା। କିନ୍ତୁ ଅଗଷ୍ଟରେ ଏହି ବ୍ୟବସାୟ ପୁଣି ଥରେ ପ୍ରାୟ ଏକ ବର୍ଷ ପୂର୍ବର ସ୍ତରକୁ ଫେରିଛି। ସବୁଠାରୁ ବଡ଼ କଥା ହେଉଛି ଏହି ଯୋଗାଣର ପ୍ରାୟ ୬୦ ପ୍ରତିଶତ ଭାରତୀୟ ରିଫାଇନେରୀରୁ ଆସିଛି। ଅର୍ଥାତ୍ ୟୁରୋପର ଡିଜେଲ୍ ଚାହିଦା ପୂରଣରେ ଭାରତର ଭୂମିକା ଏବେ ଆହୁରି ବଢିଛି।

ଭାରତରେ ବିଶ୍ୱର ଚତୁର୍ଥ ବଡ ରିଫାଇନିଂ ହବ୍। ଦେଶର ମୋଟ ସ୍ଥାପିତ ରିଫାଇନିଂ କ୍ଷମତା ପ୍ରାୟ ଏହା ୨୫୮.୧ ନିୟୁତ ଟନ୍, ଅର୍ଥାତ୍ ବାର୍ଷିକ ୨୫.୮୨ କୋଟି ଟନ୍ ବାର୍ଷିକ।ଏହା ଘରୋଇ ଇନ୍ଧନ ବ୍ୟବହାରଠାରୁ ଯଥେଷ୍ଟ ଅଧିକ। ୨୦୨୫-୨୬ ଆର୍ଥିକ ବର୍ଷରେ, ଭାରତ ପ୍ରାୟ ୬.୧୫ କୋଟି ଟନ୍ ପେଟ୍ରୋଲିୟମ୍ ଉତ୍ପାଦ ରପ୍ତାନି କରିଥିଲା। ଏହା ବିଶ୍ୱ ବିଶୋଧିତ ଇନ୍ଧନ ବଜାରରେ ଭାରତର ଗୁରୁତ୍ୱପୂର୍ଣ୍ଣ ଭୂମିକାକୁ ପ୍ରତିଫଳିତ କରେ।

ଟିଭିକେ ନେତାଙ୍କୁ ବୀଭତ୍ସ ହତ୍ୟା

ଚେନ୍ନାଇ,୬।୯: ତାମିଲନାଡୁର ଚେନ୍ନାଇରେ ଜଣେ ବ୍ୟକ୍ତିଙ୍କୁ ବୀଭତ୍ସ ଭାବେ ହତ୍ୟା କରାଯାଇଛି। ମୃତକଙ୍କ ନାମ କନ୍ନନ ବୋଲି ଜଣାପଡ଼ିଛି। ସୂଚନା ଅନୁସାରେ, କନ୍ନନ

ନିକଟରେ ଶାସକ TVK ପାର୍ଟିରେ ଯୋଗ ଦେଇଥିଲେ। ଶନିବାର ରାତିରେ ବନ୍ନନଦୁରାଇ ଅଞ୍ଚଳରେ ତାଙ୍କୁ ୬ ଜଣଙ୍କ ଏକ ଗ୍ୟାଙ୍ଗ ଆକ୍ରମଣ କରି ହତ୍ୟା କରିଥିବା ଅଭିଯୋଗ ହୋଇଛି। ପୋଲିସ ସୂଚନା ଅନୁସାରେ, କନ୍ନନ ଘରୁ ବାହାରି ରାମାସ୍ୱାମୀ ଆଭେନ୍ୟୁରେ ଥିବା ନିଜ କାର୍ଯ୍ୟାଳୟକୁ ଯାଉଥିବା ବେଳେ ଅଭିଯୁକ୍ତମାନେ ତାଙ୍କ ଉପରେ ଆକ୍ରମଣ କରିଥିଲେ। ଧାରୁଆ ଅସ୍ତ୍ରରେ ତାଙ୍କୁ ଏକାଧିକ ଥର ଆକ୍ରମଣ କରାଯାଇଥିଲା। ଫଳରେ ଘଟଣାସ୍ଥଳରେ ହିଁ କନ୍ନନଙ୍କ ମୃତ୍ୟୁ ହୋଇଥିଲା। ଏହି ଘଟଣା ସେଠାରେ ଲାଗିଥିବା CCTV କ୍ୟାମେରାରେ କଏଦ ହୋଇଛି। ଘଟଣାର ସୂଚନା ପାଇ ଶାସ୍ତ୍ରୀ ନଗର ପୁଲିସ ଘଟଣାସ୍ଥଳରେ ପହଞ୍ଚିଥିଲା। ପୋଲିସ ମୃତଦେହକୁ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇଛି। ଘଟଣାକୁ ନେଇ ମାମଲା ରୁଜୁ ହୋଇଥିବା ବେଳେ ହତ୍ୟାକାରୀଙ୍କୁ ଧରିବା ପାଇଁ ୫ଟି ସ୍ୱତନ୍ତ୍ର ଟିମ୍ ଗଠନ କରାଯାଇଛି। ବର୍ତ୍ତମାନ ୫ ଜଣ ସନ୍ଦିହ୍ନଙ୍କୁ ପୁଲିସ ପଚରାଉଚରା କରୁଛି। CCTV ଫୁଟେଜ୍ ଆଧାରରେ ଅନ୍ୟ ଅଭିଯୁକ୍ତଙ୍କୁ ଖୋଜା ଚାଲିଛି।

ଆକ୍ରମଣ ପ୍ରତିଆକ୍ରମଣରେ ଥରୁଛି ମଧ୍ୟପ୍ରାଚ୍ୟ

ଇରାନର କ୍ଷେପଣାସ୍ତ୍ର ମାଡ଼କୁ କାଉଣ୍ଟର କଲା ଆମେରିକା

ନୂଆଦିଲ୍ଲୀ,୬।୯: ଆମେରିକୀୟ ଯୁଦ୍ଧ ଜାହାଜକୁ ଇରାନର କ୍ଷେପଣାସ୍ତ୍ର ମାଡ଼ । ୩ ତୈଳ ଟ୍ୟାଙ୍କର ଉପରେ ଆମେରିକାର ପ୍ରତିଆକ୍ରମଣ । ଦୁଇଟି ଟ୍ୟାଙ୍କର ଅଚଳ, ଖାଲି ଥିବା ତୃତୀୟ ଜାହାଜ ସମ୍ପୂର୍ଣ୍ଣ ଧ୍ୱଂସ ହୋଇଥିବା ସେଣ୍ଟକମ୍ ର ଦାବି । ଆଇଆରଜିସି ଦୁଇଟି ଆମେରିକୀୟ ଯୁଦ୍ଧଜାହାଜକୁ ବାଲିଷ୍ଟିକ୍ କ୍ଷେପଣାସ୍ତ୍ର ମାଡ଼ କରିବା ପରେ ପାଲଟା ଆକ୍ରମଣ କରିଛି ଆମେରିକା । ଆଇଆରଜିସି ସହ ସମ୍ପୃକ୍ତ ତିନିଟି ଇରାନୀ ଅଶୋଧିତ ତୈଳବାହୀ ଟ୍ୟାଙ୍କରକୁ ଟାର୍ଗେଟ୍ କରାଯାଇଥିବା ଆମେରିକାର ସେଣ୍ଟ୍ରାଲ କମାଣ୍ଡ ବା ସେଣ୍ଟକମ୍ କହିଛି । ଇରାନର ଆକ୍ରମଣ ବେଳେ ଆମେରିକାର ଗୋଟିଏ ବିମାନବାହୀ ଯୁଦ୍ଧଜାହାଜ ଓ ଗୋଟିଏ ଗାଇଡେଡ୍ ମିସାଇଲ୍ ଡେଷ୍ଟ୍ରୟର ଆକ୍ରମଣକୁ ଏଡ଼ାଇବାରେ ସଫଳ ହୋଇଥିଲେ । ଏହି ଘଟଣାରେ କୌଣସି ଆମେରିକୀୟ ସୈନିକ ଆହତ ହୋଇନଥିବା ଜଣାପଡିଛି । ଏହାପରେ ଆମେରିକୀୟ ସେନା ଇରାନର ତିନିଟି ଟ୍ୟାଙ୍କର ଉପରେ ଆକ୍ରମଣ କରିଥିଲା । ଆମେରିକା ଟାର୍ଗେଟ୍ କରିଥିବା ପ୍ରଥମ ଜାହାଜ 'ଏମ୍ /ଟି ଡାଉନି' । ଇରାନର ପ୍ରମୁଖ ତୈଳ ରପ୍ତାନି କେନ୍ଦ୍ର ଖାର୍ଗ ଦ୍ୱୀପ ନିକଟରେ ଏହାକୁ ଆକ୍ରମଣ କରାଯାଇଥିଲା । ଆକ୍ରମଣ ପରେ

ଜାହାଜଟି ସ୍ଥାୟୀ ଭାବେ ଅଚଳ ହୋଇଥିବା ସେଣ୍ଟକମ୍ ଦାବି କରିଛି। ଦ୍ୱିତୀୟ ଟ୍ୟାଙ୍କର 'ଏମ୍/ଟି ଷ୍ଟାର୍କ–୧'କୁ ହର୍ମୁଜ୍ ନିକଟସ୍ଥ ଜାସ୍କ ଅଞ୍ଚଳରେ ଟାର୍ଗେଟ୍ କରାଯାଇଥିଲା । ଆକ୍ରମଣ ପୂର୍ବରୁ ଆମେରିକୀୟ ସାମରିକ ବିମାନ ପକ୍ଷରୁ ଜରୁରୀକାଳୀନ ରେଡିଓ ଚ୍ୟାନେଲ୍‌ରେ ଜାହାଜକୁ ସତର୍କ କରାଯାଇଥିଲା । ଜାହାଜର ପଛପାର୍ଶ୍ୱ ଖାଲି କରିବା ପାଇଁ କର୍ମଚାରୀଙ୍କୁ ୧୦ ମିନିଟ୍ ସମୟ ଦିଆଯାଇଥିଲା । ପରବର୍ତ୍ତୀ ଆକ୍ରମଣରେ ଏହି ଟ୍ୟାଙ୍କର ମଧ୍ୟ ଅଚଳ ହୋଇଥିବା ଆମେରିକା କହିଛି। ତୃତୀୟ ଟ୍ୟାଙ୍କର 'ଏମ୍ /ଟି କାଇଲୋ', ଯାହା 'ନକ୍ସେନ୍' ନାମରେ ମଧ୍ୟ ପରିଚିତ । ଓମାନ ଉପସାଗରରେ ଏହାକୁ ଏକାଧିକ ଥର ଆକ୍ରମଣ କରାଯାଇଥିଲା। ଟ୍ୟାଙ୍କରଟି ସେତେବେଳେ ଖାଲି ଥିଲା । ଆକ୍ରମଣ ପୂର୍ବରୁ କର୍ମଚାରୀଙ୍କୁ ଜାହାଜ ଛାଡ଼ିବାକୁ ନିର୍ଦ୍ଦେଶ ଦିଆଯାଇଥିଲା । ଏହାପରେ ଜାହାଜର ଗୁରୁତ୍ୱପୂର୍ଣ୍ଣ ସ୍ଥାନକୁ ଟାର୍ଗେଟ୍ କରି ସମ୍ପୂର୍ଣ୍ଣ ଧ୍ୱଂସ କରାଯାଇଥିବା କହିଛି ସେଣ୍ଟକମ୍ । ଦୁଇଟି ଜାହାଜ ଅଚଳ ଏବଂ ତୃତୀୟଟି ଧ୍ୱଂସ ହୋଇଥିବା କଥା ଆମେରିକୀୟ ସେନା ଦାବି କରିଛି । କିନ୍ତୁ ଇରାନ ପକ୍ଷରୁ କୌଣସି ସରକାରୀ ସ୍ୱୀକାରଣ ଆସିନାହିଁ। ସେଣ୍ଟକମ୍ ମୁଖ୍ୟ ଆଡମିରାଲ୍ ବ୍ରାଡ୍ କୁପରଙ୍କ କହିବା ଅନୁସାରେ

ଯୁବନେତା ମାନସଙ୍କୁ ପିସିସି ସାଧାରଣ ସମ୍ପାଦକ ଦାୟିତ୍ୱ

ପିପିଲି(ଅମୃତ ମିଡିଆ): ପିପିଲି-ଡେଲାଙ୍ଗ ଅଞ୍ଚଳର ଯୁବ ନେତା ଶ୍ରୀ ମାନସ ରଞ୍ଜନ ଆଚାର୍ଯ୍ୟଙ୍କୁ ଓଡ଼ିଶା ପ୍ରଦେଶ କଂଗ୍ରେସ କମିଟି (ପିସିସି)ର ସାଧାରଣ ସମ୍ପାଦକ ଭାବେ ନିଯୁକ୍ତି ମିଳିଛି। କ୍ରମାଗତ ଭାବେ ତୃତୀୟ ଥର ପାଇଁ ମାନସଙ୍କୁ ଏହି ଦାୟିତ୍ୱ ମିଳିଥିବାରୁ ପିପିଲି-ଡେଲାଙ୍ଗ କଂଗ୍ରେସ ମହଲରେ ଉତ୍ସାହ ପ୍ରକାଶ ପାଇଛି। ଏହି ନିଯୁକ୍ତି ପାଇଁ ମାନସ ରଞ୍ଜନ ଆଚାର୍ଯ୍ୟ ପ୍ରଦେଶ କଂଗ୍ରେସ କମିଟି ସଭାପତି ଭକ୍ତ ଚରଣ ଦାସ, ଓଡ଼ିଶା ପ୍ରଭାରୀ ଲାଲଜୀ ଦେଶାଇ, ଅଖିଳ ଭାରତୀୟ କଂଗ୍ରେସ କମିଟି ସଭାପତି ମଲ୍ଲିକାର୍ଜୁନ ଖଡ଼ଗେ, ୟୁପିଏ ଅଧ୍ୟକ୍ଷା ସୋନିଆ ଗାନ୍ଧୀ ଏବଂ ବିରୋଧୀ ଦଳ ନେତା ରାହୁଲ ଗାନ୍ଧୀଙ୍କୁ କୃତଜ୍ଞତା ଜଣାଇଛନ୍ତି। ଛାତ୍ର ଜୀବନରୁ ରାଜନୀତିରେ ପାଦ

ଥାପିଥିବା ମାନସ ପିପିଲି ମହାବିଦ୍ୟାଳୟର ଛାତ୍ରସଂସଦ ସାଧାରଣ ସମ୍ପାଦକ ଏବଂ ରାଜୀବ ଗାନ୍ଧୀ ମେମୋରିଆଲ ୟୁଥ୍ ଆସୋସିଏସନ୍ ?ର ସମ୍ପାଦକ ଭାବେ ନିଜ ରାଜନୈତିକ ଯାତ୍ରା ଆରମ୍ଭ କରିଥିଲେ। ପରବର୍ତ୍ତୀ ସମୟରେ ସେ ରାଜ୍ୟ ଛାତ୍ର କଂଗ୍ରେସର ଉପସଭାପତି, ରାଜ୍ୟ ଯୁବ କଂଗ୍ରେସର ଉପସଭାପତି, ପିସିସି ସଦସ୍ୟ, ଏଆଇସିସି ସଦସ୍ୟ ଏବଂ ଓଡ଼ିଶା ପ୍ରଦେଶ କଂଗ୍ରେସ କମିଟିର ସମ୍ପାଦକ ଭାବେ ଦାୟିତ୍ୱ ତୁଲାଇଛନ୍ତି। ଦଳୀୟ ସଂଗଠନକୁ ମଜବୁତ କରିବା ସହ ଯୁବବର୍ଗଙ୍କୁ କଂଗ୍ରେସ ସହ ଯୋଡ଼ିବା ଦିଗରେ ମାନସଙ୍କ ସକ୍ରିୟ ଭୂମିକା ରହିଆସିଛି। ଦୀର୍ଘ ରାଜନୈତିକ ଅଭିଜ୍ଞତା ଓ ସାଙ୍ଗଠନିକ ଦକ୍ଷତାକୁ ଦୃଷ୍ଟିରେ ରଖି ପୁଣିଥରେ ତାଙ୍କୁ ପିସିସି ସାଧାରଣ ସମ୍ପାଦକ ଦାୟିତ୍ୱ ମିଳିଥିବା କୁହାଯାଉଛି। ମାନସଙ୍କ ନିଯୁକ୍ତିକୁ ନେଇ ପିପିଲି-ଡେଲାଙ୍ଗ ଅଞ୍ଚଳର କଂଗ୍ରେସ କର୍ମୀ ଓ ସମର୍ଥକମାନେ ତାଙ୍କୁ ଶୁଭେଚ୍ଛା ଜଣାଇବା ସହ ଦଳୀୟ ସଂଗଠନ ଆହୁରି ସୁଦୃଢ଼ ହେବ ବୋଲି ଆଶା ପ୍ରକାଶ କରିଛନ୍ତି।

ସର୍ବଭାରତୀୟ ମୂଳନିବାସୀ ସଂଘ ପକ୍ଷରୁ କ୍ରାନ୍ତି ପଦଯାତ୍ରା ଓ ଆଲୋଚନାଚକ୍ର

- ‘ଜୟ ଭୀମ’ ଧ୍ୱନିରେ କମ୍ପିଲା ପିପିଲି
- ସମ୍ବିଧାନ ସୁରକ୍ଷା ପାଇଁ ଏକାଠି ହେଲେ ୨୨ ଜିଲ୍ଲାର ହଜାର ହଜାର ମହିଳା-ପୁରୁଷ

ପିପିଲି(ଅମୃତ ମିଡିଆ): ସମ୍ବିଧାନର ସୁରକ୍ଷା, ସାମାଜିକ ନ୍ୟାୟ ଓ ମୂଳନିବାସୀଙ୍କ ଅଧିକାର ସୁରକ୍ଷା ଦାବିରେ ପିପିଲିରେ ସର୍ବ ଭାରତୀୟ ମୂଳନିବାସୀ ସଂଘ ପକ୍ଷରୁ ଆଜି ‘କ୍ରାନ୍ତି ପଦଯାତ୍ରା’ ଓ ଆଲୋଚନା ଚକ୍ର ଅନୁଷ୍ଠିତ ହୋଇଯାଇଛି। ସଂଘର ରାଜ୍ୟ ସଭାପତି ବିଜୟ ସେଠୀଙ୍କ ନେତୃତ୍ୱରେ ଓଡ଼ିଶାର ୨୨ଟି ଜିଲ୍ଲାରୁ ହଜାର ହଜାର ମହିଳା ଓ ପୁରୁଷ ଏଥିରେ ସାମିଲ ହୋଇଥିଲେ। ପିପିଲି ଓଭରବ୍ରିଜ ସ୍ଥିତ ଡ. ବି.ଆର୍. ଆମ୍ବେଦକରଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ ପରେ ପଦଯାତ୍ରା ପିପିଲି ବଜାର ଅଭିମୁଖେ ଯାତ୍ରା ଆରମ୍ଭ ହୋଇଥିଲା। ହାତରେ ଆମ୍ବେଦକରଙ୍କ ପତାକା ଧରି ଶତାଧିକ ମହିଳା ଓ ପୁରୁଷ ‘ଜୟ ଭୀମ’ ଧ୍ୱନି ଦେଇ ପିପିଲି ବଜାର ଦେଇ ବ୍ଲକ ଛକ ଅଭିମୁଖେ ଯାଇଥିଲେ। ପରେ ନିକଟସ୍ଥ କ୍ରିଷ୍ଣା ମଣ୍ଡପଠାରେ ବିଶାଳ ସଭା ଓ ଆଲୋଚନା ଚକ୍ର ଅନୁଷ୍ଠିତ ହୋଇଥିଲା। କାର୍ଯ୍ୟକ୍ରମରେ ପୂର୍ବତନ କେନ୍ଦ୍ରମନ୍ତ୍ରୀ ଭଜମନ ବେହେରା ମୁଖ୍ୟ ଅତିଥି ଭାବେ ଯୋଗଦେଇ ଦେଶରେ ଚାଲିଥିବା ଅନ୍ୟାୟ, ଅତ୍ୟାଚାର, କୁସଂସ୍କାର ଓ ଜାତିଗତ ମତଭେଦ ବିରୋଧରେ ମତପ୍ରକାଶ କରିଥିଲେ। ମୁଖ୍ୟ ବକ୍ତା ଭାବେ ବରିଷ୍ଠ ହାଇକୋର୍ଟ ଆଇନଜୀବୀ କବିରାଜ ପ୍ରଧାନ, ନେତା ସର୍ବେଶ୍ୱର ଭାରତୀ ଓ ଧର୍ମଗୁରୁ ବନ୍ତେ ସୁମଙ୍ଗଲ ବୁଦ୍ଧି ଯୋଗ ଦେଇଥିଲେ। ସମ୍ମାନିତ ଅତିଥି ଭାବେ ଅବସରପ୍ରାପ୍ତ ସେନା ଅଧିକାରୀ ଦେବରାଜ ମଲ୍ଲିକ ଓ ସଂଘର ରାଜ୍ୟ ଉପସଭାପତି ସନ୍ତୋଷ ମଲ୍ଲିକ ପ୍ରମୁଖ ଯୋଗ ଦେଇ ମୂଳନିବାସୀଙ୍କ ଅଧିକାର ଓ ସମ୍ବିଧାନ ସୁରକ୍ଷା ସମ୍ପର୍କରେ ଆଲୋକପାତ କରିଥିଲେ। ବକ୍ତାମାନେ ଅଭିଯୋଗ କରିଥିଲେ ଯେ, ଓଡ଼ିଶାରେ ଆଜି ମଧ୍ୟ ଲକ୍ଷ ଲକ୍ଷ ମୂଳନିବାସୀ ଭୂମିହୀନ ଅବସ୍ଥାରେ ରହିଛନ୍ତି। ଅନ୍ୟପଟେ ବିଦେଶୀ କମ୍ପାନୀମାନଙ୍କୁ ଲକ୍ଷ ଲକ୍ଷ ଏକର ଜଙ୍ଗଲ ଜମି ବେଆଇନ ଭାବେ ବିକ୍ରି କରାଯାଉଥିବା ସେମାନେ ଅଭିଯୋଗ କରିଥିଲେ। ଶିକ୍ଷା ବ୍ୟବସ୍ଥାକୁ ଦୁର୍ବଳ କରିବା ପାଇଁ ଷଡଯନ୍ତ୍ର ଚାଲିଥିବା ଏବଂ ଜାତିପ୍ରଥାର କୁପ୍ରଭାବ ଦିନକୁ ଦିନ ବଢୁଥିବା ନେଇ ମଧ୍ୟ ମତପ୍ରକାଶ କରାଯାଇଥିଲା। ଏହାସହ ସମାଜରେ ନ୍ୟାୟ ଓ ସମାନତା ପ୍ରତିଷ୍ଠା କ୍ଷେତ୍ରରେ ସାମ୍ବାଦିକ ଓ ରାଜନେତାଙ୍କ ଭୂମିକା ଉପରେ ବକ୍ତାମାନେ ଗୁରୁତ୍ୱାରୋପ କରିଥିଲେ। ସଂଘର ରାଜ୍ୟ ସମ୍ପାଦିକା ସୋନୀଲତା ସେଠୀ କାର୍ଯ୍ୟକ୍ରମର ସଂଯୋଜନା କରିଥିଲେ। ବିଭିନ୍ନ ଜିଲ୍ଲାର ସଂଗଠନ ସଭାପତିମାନେ ଯୋଗଦେଇ ମୂଳନିବାସୀଙ୍କ ସମସ୍ୟା ଓ ସାମାଜିକ ନ୍ୟାୟ ସମ୍ପର୍କରେ ନିଜ ନିଜ ମତ ରଖିଥିଲେ। ଶେଷରେ ଅତିଥିମାନଙ୍କୁ ସଂଘ ପକ୍ଷରୁ ସମ୍ବର୍ଦ୍ଧିତ

ବନ ବିଭାଗ ନା ଲୁଟ୍ ବିଭାଗ !

- ନିଜ ଦୁର୍ନୀତିକୁ ନିଜେ ତଦନ୍ତ କରି ନିଜକୁ କ୍ଲିନଚିଟ୍
- ବଡ଼ଚାରା ପୋତି ଦୁର୍ନୀତି ଘୋଡାଇବା ଅଭିଯୋଗ
- ଚାରାଦୁର୍ନୀତିକୁ ସାମ୍ନାକୁ ଆଣିବାକୁ ଭିଜିଲାନ୍ସ ତଦନ୍ତ ଦାବି

କାକଟପୁର/ଅଷ୍ଟରଙ୍ଗ(ଅମୃତ ମିଡିଆ): ସବୁଜ ମହାନଦୀ ମିଶନରେ ସବୁଜ ବଦଳରେ କଳା ଦାଗ! ପୁରୀ ଜିଲ୍ଲା ଅଷ୍ଟରଙ୍ଗ ବନ୍ୟପ୍ରାଣୀ ବନାଞ୍ଚଳ ରେ ୩୨ ହେକ୍ଟର ଝାଉଁ ବନୀକରଣ ଦୁର୍ନୀତି ଅଭିଯୋଗ ଏବେ ନୂଆ ମୋଡ ନେଇଛି। ଜନଶୁଣାଣି ଅଭିଯୋଗ ପରେ ପୁରୀ ବନଖଣ୍ଡ ଅଧିକାରୀ ଯେଉଁ ତଦନ୍ତ ରିପୋର୍ଟ ଦେଇଛନ୍ତି, ତାହା ସନ୍ଦେହ ଘେରରେ। ବନଖଣ୍ଡ ଙ୍କ ଚିଠି ନଂ ୫୮୬୩/ , ତା ୩୧ ଅଗଷ୍ଟ ୨୦୨୬ ଅନୁସାରେ, ଏସିଏଫ ଙ୍କ ନେତୃତ୍ୱରେ ୨୩ ଜଣ ବନ କର୍ମଚାରୀ, ୧ ରେଞ୍ଜ ଅଫିସର, ୩ ଫରେଷ୍ଟର, ୧୧ ଗାର୍ଡ, ୮ ପ୍ରୋଟେକ୍ସନ ସ୍କ୍ୱାଡକୁ ନେଇ ୨୧ରୁ ୨୩ ଅଗଷ୍ଟ ୩ ଦିନ ଧରି ତଦନ୍ତ ହୋଇଛି। ଡ୍ରୋନ ସର୍ଭେ, ୩୪ ପିଲରର ଜିପିଏସ , ଫଟୋ, ଭିଡିଓ ପେନଡ୍ରାଇଭରେ ଯାଞ୍ଚ ହୋଇଛି। ସହନ ଅଂଚଳ ରେ ୩୨ ହେକ୍ଟରରେ ୮୦,୦୦୦ ଗାଛ ମଧ୍ୟରୁ ୬୬,୬୬୧ ଜୀବିତ, ହାରାହାରି ୮୪.୭୦% ବଞ୍ଚିଛି ବୋଲି କୁହାଯାଇଛି। ସମସ୍ତ ଶ୍ରମିକଙ୍କୁ ବ୍ୟାଙ୍କ ଆକାଉଣ୍ଟରେ ଟଙ୍କା ଦିଆଯାଇଛି ବୋଲି ଡିଏଫଓ କହିଛନ୍ତି।କିନ୍ତୁ ଅଭିଯୋଗ ଥିଲା କାମ ନ କରି ଶ୍ରମିକ ଙ୍କ ଆକାଉଣ୍ଟକୁ ଟଙ୍କା ଦେଇ କର୍ମଚାରୀ ଅର୍ଥହେର ଫେର କରିଥିଲେ, ତାହାର ରିପୋର୍ଟ ସ୍ପଷ୍ଟ ହୋଇନାହିଁ। କିନ୍ତୁ ରିପୋର୍ଟ ନିଜେ ଦୁର୍ନୀତି ଧରାଇ ଦେଉଛି। ୮ଟି ପ୍ଲଟ ମଧ୍ୟରୁ ୬ଟିରେ ୯୦% ରୁ ଅଧିକ ବଞ୍ଚିଥିବା ବେଳେ ପ୍ଲଟ ୭ରେ ୬୬.୬୦% ଏବଂ ପ୍ଲଟ ୮ରେ ମାତ୍ର ୬୦.୮୫%। ପ୍ଲଟ ୧ରେ ୧୦,୦୬୭ରୁ ୯,୬୧୭, ପ୍ଲଟ ୨ରେ ୧୧,୦୪୦ରୁ ୧୦,୫୬୫, ପ୍ଲଟ ୮ରେ ୯,୧୨୩ରୁ ୫,୫୫୧ ବଞ୍ଚିଛି। ଏହି ଦୁଇ ପ୍ଲଟ ପାଇଁ ବନଖଣ୍ଡ ମେମୋ ନଂ ୫୪୧୮ରେ ରେଞ୍ଜ ଅଫିସର ମୋନାଲିସା ମହାପାତ୍ରଙ୍କୁ ନୋଟିସ ଦେଇ ୭ ଦିନରେ କାରଣ ମାଗିଛନ୍ତି। ରିପୋର୍ଟ କହୁଛି ୧୧ ହେକ୍ଟର ୨ରୁ ୬ ଫୁଟ ପାଣିରେ ଜୁନ ଶେଷରୁ ବୁଡିଛି, ସ୍ଥାନୀୟ ଲୋକ ବାଲି ବନ୍ଧ କରି ଦେଇଛନ୍ତି। ଏଠି ପ୍ରଶ୍ନ ଉଠୁଛି, ଜୁନରେ ବନ୍ୟା ହେଲେ ଅଗଷ୍ଟରେ ଡ୍ରୋନ ଯାଞ୍ଚ କାହିଁକି ? ସ୍ଥାନୀୟ ପରିବେଶବିତ୍ ସୌମ୍ୟ ରଞ୍ଜନ ବିଶ୍ୱାଳ କହିଛନ୍ତି, ପୁରୀ ବନଖଣ୍ଡ ଅଧିକାରୀ ଓ ଅଷ୍ଟରଙ୍ଗ ରେଞ୍ଜର ନିଜେ ଏକପାର୍ଶ୍ୱ ତଦନ୍ତ କରି ରିପୋର୍ଟକୁ ନିଜ ପକ୍ଷରେ ନେଉଛନ୍ତି। ସରକାର ଦୁର୍ନୀତି ଖୋର ଅଫିସରଙ୍କୁ ପ୍ରୋତ୍ସାହନ ଦେଉଛନ୍ତି। ସବୁଜ ମହାନଦୀ ପ୍ରକଳ୍ପରେ ବର୍ଷ ତମାମ ଦୁର୍ନୀତି କରି ପ୍ଲାଣ୍ଟେସନ କରି ଘୋଡାଇ ଦିଆଯାଉଛି। ଏଥିରେ ଜଙ୍ଗଲ ମନ୍ତ୍ରୀଙ୍କ ହାତ ଅଛି, ତେଣୁ ସଠିକ ତଦନ୍ତ ନିର୍ଦ୍ଦେଶ ଦେଉ ନାହାନ୍ତି। ମନ୍ତ୍ରୀ ଇସ୍ତଫା ଦିଅନ୍ତୁ। ସ୍ଥାନୀୟ ଫିଲ୍ମ ବେହେରା କହିଛନ୍ତି, ଅଭିଯୋଗ ପରେ ଖବର ପ୍ରକାଶିତ ହେବାରୁ ଅଗଷ୍ଟ ୪ ପରେ ବଡ ଚାରା ଆଣି ପୋତି ଦୁର୍ନୀତି ଘୋଡାଇବାକୁ ଚେଷ୍ଟା ହୋଇଛି। ତା ପରେ ସର୍ଭେ ଟିମ୍ ଡ୍ରୋନ ଉଡାଇଲା। ଏହା କେଉଁ ତଦନ୍ତ ? ବନ ବିଭାଗ ନ ଲେଖି ଲୁଟ ବିଭାଗ ଲେଖିବା ଦରକାର। ଭିଜିଲାନ୍ସ ତଦନ୍ତ ହେଲେ ଜଣା ପଡିବ କେଉଁ ଗଛ ୨୦୨୪ରେ ଲାଗିଛି, କେଉଁଟା ଅଗଷ୍ଟ ୪ ପରେ ଲାଗିଛି। ସତ ସାମ୍ନାକୁ ଆସିବ।ଅଷ୍ଟରଙ୍ଗ ବନ ବିଭାଗ କୋଟି କୋଟି ଟଙ୍କା ଦୀର୍ଘ ୨ବର୍ଷ ମଧ୍ୟରେ ବିଭିନ୍ନ ଯୋଜନା ରେ ହରିଲୁଟ ହୋଇଛି ଭିଜିଲାନ୍ସ ତଦନ୍ତ ହେଲେ ସତ୍ୟାସତ୍ୟ ସାମ୍ନାକୁ ଆସିବ

ବିଭିନ୍ନ ସମସ୍ୟାକୁ ନେଇ ରେଡ୍‌କ୍ରସ୍ ପୁରୀର ଆଜୀବନ ସଦସ୍ୟମାନଙ୍କ ବୈଠକ

ପୁରୀ (ବ୍ୟୁରୋ): ସମୁଦ୍ରକୂଳ ସ୍ଥିତ ଗାନ୍ଧୀ ପାର୍କରେ ପୁରୀ ରେଡକ୍ରସ୍ ର ସମସ୍ତ ଆଜୀବନ ସଦସ୍ୟ ଓ ସଦସ୍ୟା ମାନଙ୍କ ର ଏକ ମିଳିତ ବୈଠକ ଅନୁଷ୍ଠିତ ହୋଇଯାଇଅଛି । ଶହେ ରୁ ଅଧିକ ପୁରୀ ରେଡକ୍ରସ୍ ର ସଦସ୍ୟ ଓ ସଦସ୍ୟା ଅନେକ ବରିଷ୍ଠ ପୁରୁଣା ସଦସ୍ୟ ,ଆଇନଜୀବୀ ଓ ସାମ୍ବାଦିକ ଏହି ବୈଠକରେ ଯୋଗଦାନ କରିଥିଲେ । ଏହି କାର୍ଯ୍ୟକ୍ରମକୁ ଆଜୀବନ ସଦସ୍ୟ ନୀଳାଚଳ ଦାସ ,ଦୀପକ ପାତ୍ର ,ମନୋରଞ୍ଜନ ଜେନା ,ନାରାୟଣ ଦାଶ ପ୍ରସନ୍ନ କୁମାର ଲେଙ୍କା ବିଜୟ ପଟ୍ଟନାୟକ, ସନ୍ଦୀପ କର୍ମକାର ପ୍ରମୁଖ କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ । ସଭାରେ ମୁଖ୍ୟତଃ ପୁରୀ ରେଡକ୍ରସ୍ ରେ ଥିବା ସମସ୍ତ ଆଜୀବନ ସଦସ୍ୟ ବିଭିନ୍ନ ଅସୁବିଧାର ସମ୍ମୁଖୀନ ହେଉଥିବାରୁ ଏ ନେଇ ଆଗାମୀ ଦିନରେ ଜିଲ୍ଲାପାଳ ଙ୍କୁ ଭେଟି ଏକ ଦାବିପତ୍ର ପ୍ରଦାନ କରିବା ପାଇଁ ନିଷ୍ପତି ହୋଇଥିଲା ।ରାଜ୍ୟ ଓ ଜିଲ୍ଲା ମୁଖ୍ୟ ରେଡକ୍ରସ୍ ସହ ସମନ୍ୱୟ ନରହିବା ପୁରୀ ଭଳି ଏକ ଅନ୍ତର୍ଜାତୀୟ ପର୍ଯ୍ୟଟନ ସ୍ଥଳୀରେ ନିଜସ୍ୱ ଏକ କାର୍ଯ୍ୟାଳୟ ପ୍ରତିଷ୍ଠା ରେଡକ୍ରସ୍ ର ସମସ୍ତ ପ୍ରାଥମିକ ତାଲିମ ପ୍ରାପ୍ତ ଆଜୀବନ ସଦସ୍ୟ ମାନଙ୍କୁ ଜିଲ୍ଲା ପ୍ରଶାସନ ଦ୍ୱାରା ନିଜସ୍ୱ ପରିଚୟ ପତ୍ର ପ୍ରଦାନ ଓ ସବୁଠାରୁ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ଯାହାକି ପ୍ରତି ତିନି ବର୍ଷରେ ଏକଜିକ୍ୟୁଟିଭ ବଡି ଗଠନ ନ କରି ଦୀର୍ଘ ବାର ବର୍ଷ ରୁ ଅଧିକ ହେଲାଣି ଏହାର କାର୍ଯ୍ୟକାଳ ପୂରଣ ହୋଇଥିବା ସତ୍ୱେ ଏହାକୁ କାର୍ଯ୍ୟକାରୀ ନହେବା ରୁ ପୁରୀ ରେଡ୍‌କ୍ରସ୍ ରେ ଅନେକ ସମସ୍ୟା ଦିନକୁ ଦିନ ବଢ଼ି ଚାଲିଛି ଅନେକ ଏକଜିକ୍ୟୁଟିଭ ବଡି ମେମ୍ବର ଏବେ ଦେହାନ୍ତ ଓ ଅନେକଙ୍କୁ କେବେ ଦେଖିବାକୁ ମିଳିନାହିଁ କି କୌଣସି କାର୍ଯ୍ୟକ୍ରମରେ ଦେଖିବାକୁ ମିଳେନାହିଁ ଏବେ ବାରବର୍ଷ ରୁ ଯୋଉ ୩/୪ ଜଣ ଅଛନ୍ତି ସେମାନଙ୍କ ବୟସ ର ସୀମା ଟପିଲାଣି ସେମାନଙ୍କ ନିଜ ନିଜ ଭିତରେ କୌଣସି ତାରତମ୍ୟ ନରହିବା ଯୋଗୁଁ ସମସ୍ତ ସଦସ୍ୟ ଓ ସଦସ୍ୟା ମାନଙ୍କ ଭିତରେ ଅନେକ ସମସ୍ୟା ଉପୁଜୁଛି ଅନେକ ସେମାନଙ୍କ ଆକ୍ରୋଶର ଶିକାର ମଧ୍ୟ ହେଉଛନ୍ତି ବୟସାଧିକ୍ୟ କାରଣରୁ ଅନେକ ଙ୍କୁ ଗାଳିଗୁଲଜ କରିବା ସହ ସଦସ୍ୟା ଙ୍କୁ ମାଡ଼ ବି ମାରିବାକୁ ପଛାଉନାହାନ୍ତି ବିଗତ ଦିନରେ ନ୍ୟାୟଳୟ ରେ ମାଡ ମାରକୁ କେନ୍ଦ୍ର କରି କେସ ବି ହୋଇଛି । ଏଭଳି କରିବା ଦ୍ୱାରା ଆମ ପୁରୀ ରେଡକ୍ରସ୍ ର ନାମ ମଧ୍ୟ ବଦନାମ ହେବାରେ ଲାଗିଛି ।ଏହି ସବୁ ସମସ୍ୟା କୁ ନେଇ ଜିଲ୍ଲାପାଳଙ୍କୁ ଭେଟି ଏକଜିକ୍ୟୁଟିଭ ବଡି ପରିବର୍ତ୍ତନ ଖୁବ୍ ଶୀଘ୍ର କରାଯାଉ ବୋଲି ସମସ୍ତ ଆଜୀବନ ସଦସ୍ୟଙ୍କ ମତକୁ ନେଇ ଆଜି ନିଷ୍ପତି କରାଯାଇଥିଲା ଓ ଯଦି ଏହା କୁ କାର୍ଯ୍ୟକାରୀ କରାନଯାଏ ସମସ୍ତ ଆଜୀବନ ସଦସ୍ୟ ଆଗାମୀ ଦିନରେ ଜିଲ୍ଲାପାଳଙ୍କ ଅଫିସ ଆଗରେ ଧାରଣା ଦେବେ ବୋଲି ମଧ୍ୟ ନିଷ୍ପତ୍ତି ନିଆଯାଇଥିଲା ।

ସତ୍ୟସାଇ ଷ୍ଟଡୀ ସର୍କଲରେ ଗୁରୁଦିବସ ପାଳିତ

କୋଣାର୍କ(ଅମୃତ ମିଡିଆ): କୋଣାର୍କ ଅଞ୍ଚଳର ଅଗ୍ରଣୀ କୋଚିଂ ଅନୁଷ୍ଠାନ ସତ୍ୟସାଇ ଷ୍ଟଡି ସର୍କଲ, ମାଧ୍ୟପୁର ପକ୍ଷରୁ ପବିତ୍ର ଗୁରୁଦିବସ ଅବସରରେ ଗୁରୁ ପୂଜନ ଓ ଗୁରୁ ସମ୍ବର୍ଦ୍ଧନା ଉତ୍ସବ ଆନନ୍ଦ ଉଲ୍ଲାସର ସହ ପାଳିତ ହୋଇଯାଇଛି। ଶନିବାର ଅପରାହ୍ନରେ ସତ୍ୟସାଇ ଷ୍ଟଡି ସର୍କଲ ପରିସରରେ ଅନୁଷ୍ଠାନର ଅଧକ୍ଷ ଦୀପ୍ତି ରଞ୍ଜନ ବାରିକଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଆୟୋଜିତ ଗୁରୁ ପୂଜନ କାର୍ଯ୍ୟକ୍ରମରେ ପ୍ରଥମେ ଭାରତର ପୂର୍ବତନ ରାଷ୍ଟ୍ରପତି ତଥା ମହାନ ଶିକ୍ଷାବିତ୍ ସର୍ବପଲ୍ଲୀ ରାଧାକୃଷ୍ଣନଙ୍କ ଫଟୋଚିତ୍ରରେ ମାଲ୍ୟାର୍ପଣ କରାଯାଇଥିଲା। ପରେ ଛାତ୍ରଛାତ୍ରୀମାନେ ଗୁରୁ ପୂଜନ କରି ନିଜ ଗୁରୁଜନଙ୍କ ପ୍ରତି ଶ୍ରଦ୍ଧା ଓ ସମ୍ମାନ ଜ୍ଞାପନ କରିଥିଲେ।ଏହି ଅବସରରେ ମୁଖ୍ୟ ଅତିଥି ଭାବେ ମହୋଦଧି ଏକୁକେଶନାଲ ଏକାଡେମୀର ଅଧକ୍ଷ ଶୁଭ୍ରଜିତ ମହାପାତ୍ର, ମୁଖ୍ୟବକ୍ତା ଭାବେ ଶିକ୍ଷାବିତ୍ ଦିଲ୍ଲୀପ କୁମାର ଦାସ ଏବଂ ସମ୍ମାନିତ ଅତିଥି ଭାବେ ଅରୁଣା

ମହାପାତ୍ର, ରମେଶ ଚନ୍ଦ୍ର ବେହେରା, ସାମ୍ବାଦିକ ବିଚିତ୍ର ଓଝା ଓ ପ୍ରମୋଦ ଗୋଟ୍ଟାୟତ ପ୍ରମୁଖ ଯୋଗ ଦେଇଥିଲେ। ଅତିଥିମାନେ ଗୁରୁଦିବସ ପାଳନର ତାତ୍ପର୍ଯ୍ୟ, ଛାତ୍ରଛାତ୍ରୀଙ୍କ ଜୀବନ ଗଠନରେ ଗୁରୁଙ୍କ ଭୂମିକା ଏବଂ ଗୁରୁ-ଶିଷ୍ୟ ପରମ୍ପରାର ମହତ୍ତ୍ୱ ସମ୍ପର୍କରେ ଆଲୋକପାତ କରିଥିଲେ। କାର୍ଯ୍ୟକ୍ରମକୁ ଅନୁଷ୍ଠାନର ଆକାଶ ସ୍ୱାଇଁ, କିଷାନ ସ୍ୱାଇଁ ଓ ରଶ୍ମିତା ସ୍ୱାଇଁ ପ୍ରମୁଖ ପରିଚାଳନା କରିଥିବାବେଳେ ଅନୁଷ୍ଠାନର ଛାତ୍ରଛାତ୍ରୀ, ଶିକ୍ଷକ-ଶିକ୍ଷୟିତ୍ରୀ ଓ ଅଭିଭାବକମାନେ ଉପସ୍ଥିତ ରହି ଗୁରୁଦିବସ ପାଳନରେ ସାମିଲ ହୋଇଥିଲେ।

ଦେବୀ ମୁହାଣ ମୃତ, ନୂଆଗଡ଼ ଜେଟୀ ନାମକୁ ମାତ୍ର

୪୨ ବର୍ଷର ପ୍ରତୀକ୍ଷା ପରେ ବି ଫାଇଲରେ ଫସିଛି ଫିସିଂ ହାର୍ବର

କାକଟପୁର/ଅଷ୍ଟରଙ୍ଗ (ଅମୃତ ମିଡିଆ): ପୁରୀ ଜିଲ୍ଲା ଅଷ୍ଟରଙ୍ଗ ବ୍ଲକ ୧୫ଗୋଟି ପଂଚାୟତ ଅଞ୍ଚଳବାସୀ ଧାନ, ପାନ ଆଉ ମୀନ ହିଁ ମୁଖ୍ୟ ଜୀବିକା। ହେଲେ ମୀନ ଉପରେ ନିର୍ଭର କରୁଥିବା ପାଖାପାଖି ୨୦ ହଜାର ପରିବାରର ରୋଜଗାର ଆଜି ସମୁଦ୍ର ଗର୍ଭରେ ହଜିବାକୁ ବସିଛି। କାରଣ ଦେବୀ ନଦୀର ଦକ୍ଷିଣ ମୁହାଣ ସମ୍ପୂର୍ଣ୍ଣ ପୋତି ହୋଇ ମରୁଭୂମି ପାଲଟିଛି। ନଦୀ ଅଛି, ସମୁଦ୍ର ଅଛି, ହେଲେ ସମୁଦ୍ରକୁ ଯିବାକୁ ବାଟ ନାହିଁ। ଏହା କୌଣସି ସିନେମାର ଡାଇଲଗ ନୁହେଁ, ଏହା ହେଉଛି ଅଷ୍ଟରଙ୍ଗ ଦେବୀ ମୁହାଣର କରୁଣ ବାସ୍ତବତା। ଏହି ସମସ୍ୟାକୁ ନେଇ ରବିବାର ପୂର୍ବାହ୍ନରେ ଅଷ୍ଟରଙ୍ଗ ନଗର ଗ୍ରାମପଞ୍ଚାୟତ କାଳିଆକଣ ରେଡକ୍ରସ ଭବନ ନିକଟରେ ଏକ ବଡ ବୈଠକ ବସିଥିଲା। ଦେବୀ ମୁହାଣରୁ କେଳୁଣୀ ମୁହାଣ ପର୍ଯ୍ୟନ୍ତ ୨୦ କିଲୋମିଟର ଉପକୂଳର ୪ ଖଟିର ପାଖାପାଖି ୧୦ଟି ସାମୁଦ୍ରିକ ସମବାୟ ସମିତି ଓ ଟ୍ରଲର ଆସୋସିଏସନ ଏକାଠି ହୋଇ ନିଜର କ୍ଷୋଭ ଜାହିର କରିଥିଲେ। ବୈଠକର ନାରା ଥିଲା - ମୁହାଣ ପୋତି, ପେଟ ପୋତି, ରାସ୍ତାକୁ ଓହ୍ଲାଇବେ ମତ୍ସ୍ୟଜୀବୀ। ବୈଠକରେ ଓଡ଼ିଶା ପାରମ୍ପରିକ ମତ୍ସ୍ୟଜୀବୀ ସଙ୍ଘ ରାଜ୍ୟ ସଭାପତି ଶ୍ରୀଯୁକ୍ତ ପ୍ରସନ୍ନ ବେହେରା, ମା ବାସୁଳେଇ ଟ୍ରଲର ସଂଘ ସଭାପତି ସାମନ୍ତ ଚନ୍ଦ୍ର ମହାନ୍ତି, ମା ତାରିଣୀ ସମବାୟ ସମିତି ସମ୍ପାଦକ ମାୟାଧର ବେହେରା, ନୂଆଗଡ ଟ୍ରଲର ମାଲିକ ସଂଘ ଏବଂ ସମାଜସେବୀ ଲକ୍ଷ୍ମୀଧର ବିଶ୍ୱାଳ, ବିଜୟ ମହାନ୍ତି ପ୍ରମୁଖ ଉପସ୍ଥିତ ଥିଲେ। ପ୍ରସନ୍ନ ବେହେରା କହିଛନ୍ତି ଯେ ଦୀର୍ଘ ବର୍ଷ ହେଲା ଦେବୀ ମୁହାଣ ପୋତି ହୋଇ ରହିଛି। ଏହି

ମୁହାଣ ଦେଇ ଯିବା ବେଳେ ୧୦ରୁ ଉର୍ଦ୍ଧ୍ୱ ଟ୍ରଲର ଭାଙ୍ଗି ଅନେକ ମତ୍ସ୍ୟଜୀବୀ ପ୍ରାଣ ହରାଇ ସାରିଲେଣି। ବାରମ୍ବାର ରାଜ୍ୟ ଓ କେନ୍ଦ୍ର ସରକାରଙ୍କୁ ଜଣାଇଲୁ

ନାଟ୍ୟ ନିର୍ଦ୍ଦେଶକ ସଂଘ ପକ୍ଷରୁ ପରିଚୟପତ୍ର ବଣ୍ଟନ, ଗୁରୁପୂଜନ କାର୍ଯ୍ୟକ୍ରମ

ବ୍ରହ୍ମପୁର (ଅମୃତ ମିଡିଆ): ଓଡିଶା ନାଟ୍ୟ ନିର୍ଦ୍ଦେଶକ ସଂଘ ଗଞ୍ଜାମ ଶାଖା ତରଫରୁ ଶନିବାର 'ପରିଚୟପତ୍ର ବଣ୍ଟନ ଉତ୍ସବ' ସହିତ ଗୁରୁପୂଜନ କାର୍ଯ୍ୟକ୍ରମ ମହା ଆଡମ୍ବରର ସହକାରେ ଅନୁଷ୍ଠିତ ହୋଇଯାଇଛି । ସଂଘ ସଭାପତି ରାଜଗୋପାଳ ପାଢ଼ୀଙ୍କ ଅଧ୍ୟକ୍ଷତା ଓ ବଳିଷ୍ଠ ନେତୃତ୍ୱରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଉପସ୍ଥିତଗଞ୍ଜାମ ଜିଲ୍ଲାର ଶତାଧିକ ନାଟ୍ୟ ଗୁରୁଙ୍କୁ ସମ୍ମାନ ସହ ଗୁରୁପୂଜା କରାଯାଇ ସମ୍ବର୍ଦ୍ଧିତ କରାଯାଇଥିଲା । ଏହି ସମ୍ବର୍ଦ୍ଧନା ଉତ୍ସବରେ ବରିଷ୍ଠ ସମାଜସେବୀ ପୂର୍ଣ୍ଣଚନ୍ଦ୍ର ପାଣିଗ୍ରାହୀ,ବାଲାଜି ବିଷୋୟୀ , ଟି.ଉମାପତି ପ୍ରମୁଖ ଭାରତୀୟ ଜୀବନ ବିମାର ଅଭିକର୍ତ୍ତା, ଖୋର୍ଦ୍ଧା ସଂଗଠନର ସଭାପତି ବିଭୁପ୍ରସାଦ ମହାପାତ୍ର,ପ୍ରସନ୍ନ ମିଶ୍ର, ବାବୁଲା ମହାପାତ୍ର

ଗଞ୍ଜାମ ଜିଲ୍ଲା

ପ୍ରମୁଖ ଅତିଥି ଭାବେ ଉପସ୍ଥିତ ରହି ନାଟ୍ୟଗୁରୁ ମାନଙ୍କୁପିନ୍ଧୁର ଚନ୍ଦନ ଲେପ ସହ ଅଙ୍ଗବସ୍ତ୍ର ଦେଇ ସମ୍ବର୍ଦ୍ଧନା ଦେବାପରେ ଗଞ୍ଜାମ ଜିଲ୍ଲା ନାଟ୍ୟ ନିର୍ଦ୍ଦେଶକ ସଂଘର ସଦସ୍ୟତା ନେଇଥିବା ସମସ୍ତ ନାଟ୍ୟଗୁରୁ ମାନଙ୍କୁ ସଂଘର ପରିଚୟ ପତ୍ର ନିଶୁଳ୍କ ବଣ୍ଟନ କରାଯାଇଥିଲା। ଆୟୋଜିତ ଏହି କାର୍ଯ୍ୟକ୍ରମରେ ରବୀନ୍ଦ୍ର ନାଥ ଗୌଡ଼ ସ୍ୱାଗତ ଭାଷଣ ପ୍ରଦାନ କରିଥିବା ବେଳେ ସଂଘ କୋଷାଧ୍ୟକ୍ଷ ଭବାନୀ ଶଙ୍କର ମଲ୍ଲିକ ଧନ୍ୟବାଦ ଅର୍ପଣ କରିଥିଲେ । କାର୍ଯ୍ୟକ୍ରମରେ ସଂଘର ରାଜ୍ୟ ଉପଦେଷ୍ଟା ମଦନ ମିଶ୍ର,ଉପସଭାପତି ଟୁଟୁପାଢ଼ୀ,ସହ-ସମ୍ପାଦକ କୃଷ୍ଣଚନ୍ଦ୍ର ପଣ୍ଡା,ଜିଲ୍ଲା ଉପଦେଷ୍ଟା ରମେଶ ମହାରଣା, ସମ୍ପାଦକ ଭାସ୍କର ସେନାପତି, କୋଷାଧ୍ୟକ୍ଷ ଗୌତମ ବାଡ଼ତ୍ୟା, ସହ-ସମ୍ପାଦକ ନବୀନ ହୋତା ପ୍ରମୁଖଙ୍କ ସହ ଗଞ୍ଜାମ ଜିଲ୍ଲାର ଶତାଧିକ ନାଟ୍ୟ ନିର୍ଦ୍ଦେଶକ ଉପସ୍ଥିତ ରହି ସଂଘ ପ୍ରତି ନିଷ୍ଠା ଓ ଆନୁଗତ୍ୟ ରଖି କାର୍ଯ୍ୟ କରିବୁ ଘୋଷଣାନାମା ଦେଇଥିଲେ। କାର୍ଯ୍ୟକ୍ରମରେ ସସ୍ମିତା ରାଣୀ ରାଉତ, ସ୍ମିତି ମହାନ୍ତି ଓ ନିବେଦିତା ପ୍ରଧାନ ପ୍ରମୁଖ ଗୁରୁପୂଜନ କାର୍ଯ୍ୟକ୍ରମରେ ବିଶେଷ ସହଯୋଗ କରିଥିଲେ। କାର୍ଯ୍ୟକ୍ରମ ରେ ଗଞ୍ଜାମ ଜିଲ୍ଲାର ଶତାଧିକ ନାଟ୍ୟ ନିର୍ଦ୍ଦେଶକ ଯୋଗଦେଇଥିଲେ ।

ଚିକିଟି ଜଗନ୍ନାଥ ଉଚ୍ଚପ୍ରାଥମିକ ସ୍କୁଲରେ ଗୁରୁଦିବସ

ଚିକିଟି (ଅମୃତ ମିଡିଆ): ଚିକିଟି ବ୍ଲକ ରାମଚନ୍ଦ୍ର ପୁର ଗାଁ ଥିବା ଜଗନ୍ନାଥ ଉଚ୍ଚ ପ୍ରାଥମିକ ସ୍କୁଲ (କସ୍ତୁରବା ଗାନ୍ଧୀ ଆବାସିକସ୍କୁଲ) ରସମସ୍ତ ଶିକ୍ଷକ, ଶିକ୍ଷୟତ୍ରୀ ଏବଂ ସମସ୍ତ ଛାତ୍ର, ଛାତ୍ରୀ ଙ୍କୁ ନେଇ ଆଜି ଗୁରୁଦିବସ ବହୁ ଧୁମ ଧାମରେ ପାଳନ କରାଯାଇଛି । ବିଦ୍ୟାଳୟ ର ପ୍ରଧାନ ଶିକ୍ଷୟତ୍ରୀ ପ୍ରମିତା ପାତ୍ର ଙ୍କ ସଂଯୋଜନା ରେ ଅନୁଷ୍ଠିତ ସଭାରେ ବିଦ୍ୟାଳୟ ର ପୂର୍ବତନ ଛାତ୍ର, ଶିକ୍ଷକ,ଏବଂ ଅବସର ପ୍ରାପ୍ତ ସହ ଗୋଷ୍ଠୀ ଶିକ୍ଷାଧିକାରୀ ନିଗମାନନ୍ଦ ପଣ୍ଡା ଓ ଦାମୋଦର ପଣ୍ଡା ଙ୍କୁ ଅତିଥି ରୂପେ ନିମନ୍ତ୍ରଣ କରି ସମସ୍ତ ଗୁରୁ କୁଳଙ୍କୁ ନେଇ ଗୁରୁ ଓ ଛାତ୍ର ଛାତ୍ରୀଙ୍କ ସ୍ନେହ -ଭକ୍ତି ଭରା ପରମ୍ପରା ସୃଷ୍ଟି ହୋଇ ଥିଲା, ପ୍ରଥମେ ସ୍କୁଲ ର ପିଲାମାନେ ପୁଷ୍ପ ଦୀପ, ଚନ୍ଦନ ଦେବା ସହ ସମସ୍ତ ଗୁରୁ, ଗୁରୁମା ମାନଙ୍କୁ ବନ୍ଦାପନା କରି ଆଶିଷ ଭିକ୍ଷା କରିଥିଲେ । ଭାରତରତ୍ନ, ପୂର୍ବତନ ରାଷ୍ଟ୍ରପତି ଡ଼ଃ. ସର୍ବପଲ୍ଲୀ ରାଧାକୃଷ୍ଣଙ୍କ ସ୍ମୃତି ଉଦ୍ଦେଶ୍ୟରେ ପୁରପଲ୍ଲୀରେ ଅନୁଷ୍ଠିତ ହେଉଥିବା ଏହି ପବିତ୍ର ସ୍ନେହ, ମମତା

ଭରା ଉତ୍ସବରେ ଶତାଧିକ ଛାତ୍ର ଛାତ୍ରୀ ଙ୍କୁ ନେଇ ଗୁରୁ ଦିବସ ପାଳନ କରାଯାଇ ଥିଲା। ଗତ କଲି ମଧ୍ୟ କସ୍ତୁରବା ଗାନ୍ଧୀ ଆବାସିକ ବିଦ୍ୟାଳୟ ର ଛାତ୍ରୀ ମାନେ ରାଧା, କୃଷ୍ଣ, ବସୁଦେବ,ନନ୍ଦ ଭୂମିକାରେ ଅଭିନୟ କରିବା ଫଳରେ ଜନ୍ମାଷ୍ଟମୀ ଭଳି ପରିବେଶ ସୃଷ୍ଟି ହୋଇଥିଲା, ଏହିଅବସରରେ ପରିଚାଳନା କମିଟି ଏବଂ ଗୁରୁକୁଳଙ୍କଦ୍ୱାରା ଦୁଇଜଣ ଅତିଥି ନିଗମାନନ୍ଦ ପଣ୍ଡା, ଦାମୋଦର ପଣ୍ଡାଙ୍କୁ ଉତ୍ତରୀୟ ଓ ଫୁଲ ତୋଡ଼ାଦେଇ ସମ୍ବର୍ଦ୍ଧିତ କରାଯାଇଥିଲା, ଏହାପରେ ପିଲାଙ୍କ ଦ୍ୱାରା ବହୁ ରଙ୍ଗାରଙ୍ଗ କାର୍ଯ୍ୟକ୍ରମ କରାଯାଇଥିଲା, ଏହିକାର୍ଯ୍ୟ କ୍ରମ ଦେଖିବାକୁ ଅଭିଭାବକ, ଛାତ୍ର ଛାତ୍ରୀ ମାନେ,ଜନସାଧାରଣ ଉପସ୍ଥିତ ରହି ପିଲାମାନଙ୍କୁ ଉତ୍ସାହିତ କରିଥିଲେ, ଶେଷରେ କାର୍ଯ୍ୟକ୍ରମର ସଫଳତା ନିମନ୍ତେବରିଷ୍ଠ ଶିକ୍ଷକ ଅରୁଣ କୁମାର ପଣ୍ଡା, ହୃଷିକେଶ ପଣ୍ଡା ଗୋବିନ୍ଦ ପାଢ଼ୀ ରାଜଲକ୍ଷ୍ମୀ ଦିଦି, ସଂଗୀତା ଦିଦି, ସମସ୍ତ ଶିକ୍ଷକ, ଶିକ୍ଷୟତ୍ରୀ ଉପସ୍ଥିତ ଥିବା ସମସ୍ତଙ୍କୁ ଧନ୍ୟବାଦ ପ୍ରଦାନ କରିଥିଲେ। ଶିକ୍ଷକ ବାଲ୍ମୀକି ସେଠି,ହେମନ୍ତ ମହାରଣା ମଞ୍ଚ ପରିଚାଳନା କରିଥିଲେ ସମସ୍ତଙ୍କୁ ତିଥି ଭୋଜନ ପ୍ରସାଦରେ ଆପ୍ୟାୟିତ କରାଯାଇଥିଲା ।

ମହାଡମ୍ବରରେ ନନ୍ଦ ମହୋତ୍ସବ ପାଳିତ

ବ୍ରହ୍ମପୁର (ଅମୃତ ମିଡିଆ): ଗଞ୍ଜାମ ଜିଲ୍ଲାର ଅଗ୍ରଣୀ ସାମାଜିକ ଅନୁଷ୍ଠାନ ଖୋହଳ ଖଣ୍ଡ ଗୋପାଳ ସମାଜ, ବ୍ରହ୍ମପୁର ମହାନଗର ତାଲୁକା ପକ୍ଷରୁ ପ୍ରତିବର୍ଷ ପରି ଚଳିତ ବର୍ଷ ମଧ୍ୟ ନନ୍ଦ ମହୋତ୍ସବ ମହାଆଡମ୍ବରରେ ପାଳିତ ହୋଇଯାଇଛି । ଏହି କାର୍ଯ୍ୟକ୍ରମ ଶ୍ରୀ ନାରାୟଣ ମହାଙ୍କୁଡ଼ଙ୍କ ପୌରୋହିତ୍ୟରେ ଏବଂ ଶ୍ରୀ ଗଣେଶ ମହାଙ୍କୁଡ଼ଙ୍କ ସଂଯୋଜନାରେ ଅନୁଷ୍ଠିତ ହୋଇଥିଲା। ସ୍ଥାନୀୟ ଗିରି ରୋଡ଼ ସ୍ଥିତ ଶହୀଦ ଲକ୍ଷ୍ମଣ ନାୟକ କମ୍ୟୁନିଟି ହଲ ଠାରେ ଅନୁଷ୍ଠିତ ଏହି ମହୋତ୍ସବରେ ଶହ ଶହ ଗୋପାଳ ପରିବାର ଓ କର୍ମକର୍ତ୍ତାମାନେ ଯୋଗ ଦେଇଥିଲେ। ବିଗତ ଅନେକ ବର୍ଷ ଧରି ଏହି ସମାଜ ଏହି ପରମ୍ପରାକୁ ବଜାୟ ରଖିଥିବା ବେଳେ ଏହା ପୂର୍ବରୁ ବହୁ ଗଣମାଧ୍ୟମରେ ପ୍ରକାଶ ପାଇ ସମାଜ ପାଇଁ ଏକ ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିଛି। କାର୍ଯ୍ୟକ୍ରମର ପ୍ରାରମ୍ଭରେ ପ୍ରଭୁ ଗୋପାଳ କୃଷ୍ଣଙ୍କ ବିଗ୍ରହ ପୂଜା, ବିଭୁ ବନ୍ଦନା ଓ ଘୃତ ଯଜ୍ଞ ଅନୁଷ୍ଠିତ ହୋଇଥିଲା। ପରେ ସୁସଜ୍ଜିତ ଦହିହାଣ୍ଡି ଶୋଭାଯାତ୍ରା। ରାଧା-କୃଷ୍ଣ ବେଶଧାରୀ ବାଳକ ବାଳିକାମାନଙ୍କୁ ନେଇ ଘଣ୍ଟ, ମୃଦଙ୍ଗ, ଶଙ୍ଖ, ରଣପା, ଲହୁଡି ଖେଳ ମଧ୍ୟରେ ଅତିଥି ଓ କର୍ମକର୍ତ୍ତାମାନଙ୍କ ଦ୍ୱାରା ଦହିହାଣ୍ଡି ଭଞ୍ଜନ କରାଯାଇଥିଲା। ଏହି ଅବସରରେ ସ୍ୱର୍ଗତ ଦମ୍ଭରି ଶ୍ରୀ ଚୌଧୁରୀ ଗୌଡ଼ ଓ ଶ୍ରୀମତୀ କମଳା ଗୌଡ଼ଙ୍କ ସ୍ମୃତି ସମ୍ମାନରେ ମେଧାବୀ ଓ ପ୍ରତିଭାଧାରୀ ଛାତ୍ର ଛାତ୍ରୀମାନଙ୍କୁ ସମ୍ମାନିତ କରାଯାଇଥିଲା। ଏଥିସହ ସମାଜର ମୁଖପତ୍ର 'ଗୋପାଳ ବୃତ୍ତାମଣି' ପତ୍ରିକା ଉନ୍ମୋଚିତ ହୋଇଥିଲା। ଏହି ଉତ୍ସବରେ

ସଭାପତି ଶ୍ରୀ ଧୋବା ଗୌଡ଼ଙ୍କ ସଭାପତିତ୍ୱରେ ଏକ ସାଧାରଣ ବୈଠକ ଅନୁଷ୍ଠିତ ହୋଇଥିଲା। ଏଥିରେ ମୁଖ୍ୟ ଅତିଥି ଭାବେ ବ୍ରହ୍ମପୁର ବିଧାୟକ ଶ୍ରୀ କେ. ଅନିଲ କୁମାର, ସମ୍ମାନିତ ଅତିଥି ଭାବେ ବ୍ରହ୍ମପୁର ମେୟର ଶ୍ରୀମତୀ ସଂଘମିତ୍ରା ଦଳେଇ ଯୋଗଦେଇ ନନ୍ଦ ଉତ୍ସବର ମହତ୍ତ୍ୱ ସମ୍ପର୍କରେ ଆଲୋକପାତ କରିଥିଲେ। ସେ କହିଥିଲେ, ନନ୍ଦ ଉତ୍ସବ ଆମ ଗୋପାଳ ସଂସ୍କୃତିର ମୂଳ ଉତ୍ସ। ସର୍ବ ଭାରତୀୟ ସ୍ତରରେ ଯାଦବ ସମାଜ ମଥୁରା, ଗୋପ, ବୃନ୍ଦାବନ, ବର୍ଷାନା, ଗୋବର୍ଦ୍ଧନରେ ଏହି ମହୋତ୍ସବକୁ ବଡ଼ ଧୁମଧାମରେ ପାଳନ କରୁଛି । ଗଞ୍ଜାମ ଜିଲ୍ଲାର ବିଭିନ୍ନ ତାଲୁକାରେ ମଧ୍ୟ ଏହା ପାଳନ କରାଯାଉଛି । ଆମର ମୁଖ୍ୟ ଲକ୍ଷ୍ୟ ହେଉଛି ଶିକ୍ଷା, ସ୍ୱାସ୍ଥ୍ୟ, ଆର୍ଥିକ ଓ ରାଜନୈତିକ କ୍ଷେତ୍ରରେ ସମାଜକୁ ସ୍ୱାବଲମ୍ବୀ କରାଇବା ଏବଂ ଏହି ପରମ୍ପରାକୁ ଆଗାମୀ ପିଢ଼ି ପର୍ଯ୍ୟନ୍ତ ପହଞ୍ଚାଇବା। ଶେଷରେ ଗୋପାଳ ଭାଇ ଭଉଣୀମାନଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା। ପ୍ରତିବର୍ଷ ଏହି ଉତ୍ସବ ମାଧ୍ୟମରେ ସମାଜର ମହିଳାମାନେ ବହୁ ସଂଖ୍ୟାରେ ଏକତ୍ରିତ ହୋଇ ଭାଗ ନେଉଛନ୍ତି।

ବ୍ରହ୍ମପୁରରେ ନନ୍ଦ ମହୋତ୍ସବରେ ମୁଖ୍ୟ ଉପଦେଷ୍ଟା ନନ୍ଦ କିଶୋର ମହାଙ୍କୁଡ, ଜିଲ୍ଲା ସଭାପତି ଅରୁଣ କୁମାର ଗୌଡ଼ କାର୍ଯ୍ୟକାରୀ ସଭାପତି ନାରାୟଣ ମହାଙ୍କୁଡ଼ ଜିଲ୍ଲା ସମ୍ପାଦକ ପର୍ଶୁରାମ ଗୌଡ଼, କୋଷାଧ୍ୟକ ବିଜୟ କୁମାର ଗୌଡ଼, ଉପଦେଷ୍ଟା ନରସିଂହ ଗୌଡ଼, ଆଇନ ସେଲ ଅଧକ୍ଷ ଗଣେଶ ମହାଙ୍କୁଡ଼ ଯୋଗ ଦେଇଥିଲେ।ମହାନଗର ତାଲୁକା ର ଉପଦେଷ୍ଟା ରାମ ଚନ୍ଦ୍ର ଗୌଡ଼,କାର୍ଯ୍ୟକରି ସଭାପତି ମୁକୁନ୍ଦ ଗୌଡ଼,ଉପସଭାପତି ଦେବରାଜ ମହାଙ୍କୁଡ଼, ସମ୍ପାଦକ କବିରାଜ ଗୌଡ଼, କୋଷାଧ୍ୟକ ବିନୋଦ ଗୌଡ଼, ସହ ସମ୍ପାଦକ ରମେଶ ଗୌଡ଼, ମହେଶ୍ୱର ଗୌଡ଼ ଅତିଥିବୃନ୍ଦ। ଅନ୍ୟ ମାନଙ୍କର ମଧ୍ୟରେ ସୁଯ୍ୟ ନାରାୟଣ ପାତ୍ର, ମାନସ ଦାସ, ଗୋପାଳ ପଟନାଇକ, ଅନିଲ ପାତ୍ର, ନାଗେଶ୍ୱର ପୃଷ୍ଟି, ସୁଧୀର ସାହୁ ସହଯୋଗ କରିଥିଲେ।

କ୍ଲଷ୍ଟରସ୍ତରୀୟ ଗୁରୁ ଦିବସ ପାଳିତ

ଧରାକୋଟ (ଅମୃତ ମିଡିଆ): ଧରାକୋଟ ବ୍ଲକ ଅନ୍ତର୍ଗତ କଳାସୁତା କ୍ଲଷ୍ଟର ରେ କ୍ଲଷ୍ଟର ସ୍ତରୀୟ ଗୁରୁ ଦିବସ ମହା ସମାରୋହ ରେ ଆୟୋଜିତ ହୋଇଯାଇଛି । ଏହାକୁ କ୍ଲଷ୍ଟର ସି ଆରସିସି ଶ୍ରୀ ଶ୍ରୀକାନ୍ତ ନାୟକ ପରିଚାଳନା କରିଥିଲେ । ଉକ୍ତ କାର୍ଯ୍ୟକ୍ରମ ରେ କ୍ଲଷ୍ଟର ଅନ୍ତର୍ଗତ ୯ ଟି ବିଦ୍ୟାଳୟ ର ପ୍ରାୟ ୬୦ ଜଣ ଶିକ୍ଷକଙ୍କୁ ସମ୍ମାନିତ କରିବା ସହ ପ୍ରତ୍ୟେକ ବିଦ୍ୟାଳୟକୁ ଉତ୍ତମ ଗୁଣବତ୍ତା ଓ ଶିକ୍ଷାଦାନ ନିମନ୍ତେ ସି ଆର ସି ସି ପୁରସ୍କୃତ କରିଥିଲେ । ତତ ସହିତ ସ୍ଥାନୀୟ ଅଂଚଳ ର ପ୍ରାୟ ୧୦ ଜଣ ଶିକ୍ଷକଙ୍କୁ ମଧ୍ୟ ସମ୍ବର୍ଦ୍ଧନା ଦିଆଯାଇଥିଲା । ଏହି କାର୍ଯ୍ୟକ୍ରମ ମାଧ୍ୟମରେ ଜଣେ ଉତ୍ତମ ଗୁରୁ ଙ୍କ ସମାଜକୁ ଆବଶ୍ୟକତା ଉପରେ ସି ଆର ସି ସି ଆଲୋକପାତ କରିଥିଲେ । ଶେଷରେ କୁନି କୁନି ଛାତ୍ରଛାତ୍ରୀଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ ହୋଇଥିଲା ।

ଆନନ୍ଦପୁର ବିଇଓ କାର୍ଯ୍ୟାଳୟରେ ଗୁରୁଦିବସ ପାଳିତ

ଶିକ୍ଷା ଓ ସଂସ୍କାରର ପ୍ରକୃତ କାରିଗର ଶିକ୍ଷକ

ଆନନ୍ଦପୁର (ଅମୃତ ମିଡିଆ): ପବିତ୍ର ଗୁରୁଦିବସ ଅବସରରେ ଆନନ୍ଦପୁର ବ୍ଲକ ଶିକ୍ଷାଧିକାରୀଙ୍କ କାର୍ଯ୍ୟାଳୟ ପରିସରରେ ଏକ ବେଶ୍ ଆକର୍ଷଣୀୟ ଓ ସ୍ମରଣୀୟ ସମାରୋହ ଅନୁଷ୍ଠିତ ହୋଇଯାଇଛି । ବ୍ଲକ ଶିକ୍ଷା ଅଧିକାରୀ ହରିହର ଦଳେଇଙ୍କ ଅଧକ୍ଷତାରେ ଅନୁଷ୍ଠିତ ଏହି ଉତ୍ସବରେ ଆନନ୍ଦପୁର ଉପଜିଲ୍ଲାପାଳ ନୀଳମାଧବ ସୁନା ମୁଖ୍ୟ ଅତିଥି ଭାବେ ଯୋଗଦେଇ ନିଜ ବକ୍ତବ୍ୟରେ ଶିକ୍ଷକମାନେ ମାନବ ସମାଜର ପ୍ରକୃତ କାରିଗର ଏବଂ ସେମାନେ ଛାତ୍ରଛାତ୍ରୀଙ୍କୁ କେବଳ ପୁସ୍ତକୀୟ ଜ୍ଞାନ ନୁହେଁ ବରଂ ଜୀବନର ସଠିକ୍ ପଥ ପ୍ରଦର୍ଶନ କରିଥାନ୍ତି ବୋଲି ମତ ରଖିଥିଲେ। ସମ୍ମାନିତ ଅତିଥି ଭାବେ ଆନନ୍ଦପୁର ବିଡିଓ ମନୋଜ ମହାନ୍ତ ଓ ତହସିଲଦାର ପଲ୍ଲବୀ ପ୍ରିୟଦର୍ଶିନୀ ଯୋଗଦେଇ ଶିକ୍ଷକଙ୍କ ନିଃସ୍ୱାର୍ଥପର ତ୍ୟାଗ, ଅଥକ ପରିଶ୍ରମ ଓ ସେବା ମନୋଭାବକୁ

ଗଭୀର ଭାବରେ ପ୍ରଶଂସା କରିଥିଲେ। ସେହିପରି ମୁଖ୍ୟବକ୍ତା ସ୍ୱାଧୀ ଶାନ୍ତି ମାତା ଏବଂ ବରେଣ୍ୟ ବକ୍ତା ଦୀପାଳୀ ପ୍ରିୟଦର୍ଶିନୀ ନାୟକ ନିଜର ଓଜସ୍ୱିନୀ ଭାଷଣରେ ଭାରତୀୟ ଗୁରୁ-ଶିଷ୍ୟ ପରମ୍ପରାର ମହାନତା ଏବଂ ଛାତ୍ର ଗଠନରେ ଜଣେ ଆଦର୍ଶ ଶିକ୍ଷକଙ୍କ ଅନୁପମ ଭୂମିକା ଉପରେ ପର୍ଯ୍ୟାଲୋଚନା କରିଥିଲେ। ଶିକ୍ଷାଦାନ କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ପାଇଁ ଏହି ଅବସରରେ ବ୍ଲକର ବହୁ ଶିକ୍ଷକ-ଶିକ୍ଷୟତ୍ରୀଙ୍କ ସମେତ ଅବସରପ୍ରାପ୍ତ ଶିକ୍ଷକମାନଙ୍କୁ ସମ୍ମାନିତ କରାଯାଇଥିଲା। ସଭା କାର୍ଯ୍ୟ ପରେ ଛାତ୍ରଛାତ୍ରୀଙ୍କ ଦ୍ୱାରା ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା।

ଧରାକୋଟ ବ୍ଲକ ଲେଙ୍ଗମା ଗ୍ରାମରେ ଧୂମ୍‌ଧାମ୍ ସହ ନନ୍ଦ ଉତ୍ସବ ପାଳିତ

ଧରାକୋଟ (ଅମୃତ ମିଡିଆ): ଗଂଜାମ ଜିଲ୍ଲା ଧରାକୋଟ ବ୍ଲକ ଅନ୍ତର୍ଗତ ଲେଙ୍ଗମା ଗ୍ରାମର ଗୌଡ଼ ସମାଜ ଓ ଗ୍ରାମବାସୀଙ୍କ ମିଳିତ ପ୍ରୟାସରେ ପାରମ୍ପରିକ ନନ୍ଦ ଉତ୍ସବ ଆନନ୍ଦ ଓ ଉଲ୍ଲାସର ସହ ପାଳିତ ହୋଇଯାଇଛି। ଏହି ଅବସରରେ ଗ୍ରାମରେ ଭକ୍ତିମୟ ପରିବେଶ ସୃଷ୍ଟି ହେବା ସହ ସମସ୍ତଙ୍କ ମଧ୍ୟରେ ଭାଇଚାରା ଓ ସାମାଜିକ ଏକତାର ନିଆରା ଦୃଶ୍ୟ ଦେଖିବାକୁ ମିଳିଥିଲା। ଉତ୍ସବରେ ଗ୍ରାମର ବହୁ ସଂଖ୍ୟକ ମହିଳା, ପୁରୁଷ ଓ ଯୁବକ-ଯୁବତୀ ଯୋଗଦେଇ ସକାଳ ୧୦ ଘଣ୍ଟା ସମୟରେ ଢ଼ୋଲ ଟମକ

ପଟୁଆର ସହ କଳସ ଯାତ୍ରାରେ ବାହାରି ଜଉପଦା ନଦୀରୁ ଜଳ ସଂଗ୍ରହ କରିଥିଲେ । ଉକ୍ତ କଳସ ଯାତ୍ରାର ଆକର୍ଷଣୀୟ ଥିଲା ରାଧା କୃଷ୍ଣ ବେଶ ଧରି ଦୁଇ କୁନି ବାଳିକାଙ୍କ କଳା କୃତି । ଗୌଡ଼ ସମାଜର ସଦସ୍ୟମାନଙ୍କ ସହ ଗ୍ରାମବାସୀଙ୍କ ସହଯୋଗ ଓ ସମନ୍ୱୟ ଯୋଗୁଁ କାର୍ଯ୍ୟକ୍ରମଟି ଅତ୍ୟନ୍ତ ସୁନ୍ଦର ଭାବେ ସମ୍ପନ୍ନ ହୋଇଥିଲା।ପ୍ରଥମେ କଳସ ଯାତ୍ରା,ବୈଦିକ ପଣ୍ଡିତଙ୍କ ଦ୍ୱାରା ପୂଜା ଓ ହୋମ,ବଧ୍ ହାଣ୍ଡି ଭଗ୍ନ,ବିସର୍ଜନ ଓ ପ୍ରସାଦ ସେବନ କାର୍ଯ୍ୟକ୍ରମ ରହିଥିଲା । ଏହି ଅବସରରେ ସରପଞ୍ଚ ପ୍ରତିନିଧି ଶାନ୍ତନୁ କୁମାର ବିଷୋୟୀ ଓ ସରପଞ୍ଚ ପ୍ରାର୍ଥିନୀ ଉର୍ବଶୀ ବିଷୋୟୀ ଉପସ୍ଥିତ ରହି ଉତ୍ସବର ଆନନ୍ଦ ନେବା ସହ ଆୟୋଜକ ଓ ଗ୍ରାମବାସୀଙ୍କୁ ଶୁଭେଚ୍ଛା ଜଣାଇଥିଲେ। ଗ୍ରାମର ଐତିହ୍ୟ, ପରମ୍ପରା ଓ ସାମାଜିକ ଏକତାକୁ ଆଗକୁ ବଢ଼ାଇବାରେ ଏଭଳି ଆୟୋଜନର ଗୁରୁତ୍ୱ ରହିଛି ବୋଲି ଉପସ୍ଥିତ ଅତିଥିମାନେ ମତପ୍ରକାଶ କରିଥିଲେ। ଗ୍ରାମବାସୀଙ୍କ ମିଳିତ ପ୍ରୟାସ ଓ ଭାଇଚାରାର ଏହି ଉତ୍ସବ ଲେଙ୍ଗମା ଗ୍ରାମର ସାମାଜିକ ଏକତାର ଏକ ସୁନ୍ଦର ଉଦାହରଣ ପାଲଟିଛି।

ଅସହାୟଙ୍କ ପ୍ରିୟମଣିଷ ସାଜିଛନ୍ତି ଦେବାଶିଷ

ସମାଜସେବା ପାଲଟିଛି ବ୍ରତ

ଛତ୍ରପୁର (ଅମୃତ ମିଡିଆ): ନିଜ ପାଇଁ ବଞ୍ଚିବା ତ ସହଜ, ହେଲେ ଅନ୍ୟର ଦୁଃଖକୁ ନିଜର ଦୁଃଖ ଭାବି ତାଙ୍କ ପାଖରେ ଠିଆ ହେବା ହିଁ ପ୍ରକୃତ ମାନବିକତା। ଏହି ମାନବିକତା ଓ ସେବାର ମନୋଭାବକୁ ଜୀବନର ମୂଳମନ୍ତ୍ର କରି ଆଗକୁ ବଢୁଥିବା ଜଣେ ପରିଚିତ ନାମ ହେଉଛନ୍ତି ଗଞ୍ଜାମ ଜିଲ୍ଲା ଛତ୍ରପୁରର ଦେବାଶିଷ ମିଶ୍ର ଓରଫ 'ବୁନୁ'। ସମାଜସେବାକୁ କେବଳ ଏକ କାର୍ଯ୍ୟ ଭାବେ ନୁହେଁ, ବରଂ ଏକ ଦାୟିତ୍ୱ ଭାବେ ଗ୍ରହଣ କରିଥିବା ଦେବାଶିଷ ଆଜି ଲୋକଙ୍କ ସୁଖ-ଦୁଃଖର ସାଥୀ ହେବାକୁ ନିଜକୁ ସମର୍ପିତ କରିଛନ୍ତି। ତାଙ୍କର ଏହି ସେବା ମନୋଭାବକୁ ଆହୁରି ସୁଦୃଢ଼ କରିଛି ତାଙ୍କ ଦ୍ୱାରା ପ୍ରତିଷ୍ଠା କରାଯାଇଥିବା 'ରାଧେଶ୍ୟାମ ଫାଉଣ୍ଡେସନ ଆଣ୍ଡ ଚାରିଟେବୁଲ ଟ୍ରଷ୍ଟ'। ଏହି ଟ୍ରଷ୍ଟର ପ୍ରତିଷ୍ଠାତା ଭାବେ ସେ ସମାଜର ଆବଶ୍ୟକତାରେ ଥିବା ଲୋକଙ୍କ ପାଇଁ ବିଭିନ୍ନ ସେବାମୂଳକ କାର୍ଯ୍ୟକୁ ଆଗେଇ ନେବାର ପ୍ରୟାସ କରୁଛନ୍ତି। ସେହିପରି ଛତ୍ରପୁର ପୌର ପରିଷଦର କାଉନ ସିଲର ଭାବେ ନିର୍ବାଚିତ ହୋଇ ନିଜ ଦାୟିତ୍ୱ ସୁଚାରୁ ରୂପେ ସମ୍ପାଦନ କରୁଛନ୍ତି ସେ । ଆଉ ସେଇଥିପାଇଁ ତ

ସଭିଙ୍କ ହୃଦୟରେ ବେଶ ସ୍ୱତନ୍ତ୍ର ସ୍ଥାନ ଅଧିକାର କରି ପାରିଛନ୍ତି। ସମାଜସେବାରେ ସକ୍ରିୟ ରହିବା ସହିତ ଦେବାଶିଷ ଜନପ୍ରତିନିଧି ଭାବେ ମଧ୍ୟ ଲୋକଙ୍କ ସେବା କରିବାର ସୁଯୋଗ ପାଇଛନ୍ତି। କାଉନସିଲର ଭାବେ ନିର୍ବାଚିତ ହେବା ପରେ ତାଙ୍କ ଉପରେ ଲୋକଙ୍କ ପ୍ରତି ଦାୟିତ୍ୱ ଆହୁରି ବଢ଼ିଛି। ଲୋକଙ୍କ ସମସ୍ୟା ଶୁଣିବା, ଆବଶ୍ୟକତା ସମୟରେ ସହଯୋଗର ହାତ ବଢ଼ାଇବା ଏବଂ ନିଜ ଅଞ୍ଚଳର ବିକାଶ ପାଇଁ ପ୍ରୟାସ କରିବା କୁ ଜନପ୍ରତିନିଧି ଭାବେ ଏହି ଦାୟିତ୍ୱକୁ ସେ ଗୁରୁତ୍ୱ ଦେଉଛନ୍ତି। ତାଙ୍କ ପାଇଁ ରାଜନୀତି କିମ୍ବା ଜନପ୍ରତିନିଧିତ୍ୱ କେବଳ ପଦ ନୁହେଁ; ବରଂ ଏହା ଲୋକଙ୍କ ନିକଟରେ ରହି ସେମାନଙ୍କ ସମସ୍ୟା ସ

ଡକାୟତି ମାମଲାରେ ୫ ଅଭିଯୁକ୍ତ ଗିରଫ

ଜୟପୁର (ଅମୃତ ମିଡିଆ) : ଜୟପୁର ସଦର ଥାନା ଅନ୍ତର୍ଗତ ଦାମାପୁଟ ପରଜାଗୁଡ଼ା ଫାର୍ମହାଉସ୍‌ରେ ଡ଼କାୟତି ମାମଲାରେ ୫ ଅଭିଯୁକ୍ତକୁ ସଦର ପୋଲିସ ଗିରଫ କରିଛି। ଗିରଫ ୫ ଅଭିଯୁକ୍ତ ହେଲେ ଦାମାପୁଟ ପରଜାଗୁଡା ଗ୍ରାମର ହରି ବନ୍ଦୁ ନାଗ (୬୬), ସୌରାଗୁଡା ଧନପତି ନାଗ (୩୫), ଇରିଗେସନ କୋଲନିର ଅନିତ କୁଜଦିପ (୩୦) ଓ ପପୁ ସୁନା (୨୦) କୁନ୍ଦୁରା ଥାନା ମୁଣ୍ଡଲିଯବା ଗ୍ରାମର ସୁବାସ ହରିଜନ (୨୧)। ବିଲମ୍ବିତ ରାତିରେ ୫ ଜଣ ମୁଖାପିନ୍ଧା ଦୁର୍ବୃତ୍ତ ଘରେ ପଶି ପରିବାର ସଦସ୍ୟଙ୍କୁ ମାଡ଼ ମାରିବା ସହ ବନ୍ଧକ ରଖି ଲୁଟ୍‌ପାଟ୍ କରିଥିଲେ। ଏପରିକି ଶିଶୁଙ୍କ ବେକରେ ଛୁରି ଲଗାଇ ହତ୍ୟା ଧମକ ଦେବା ଏବଂ ମହିଳାଙ୍କ ସହ ଅସଦାଚରଣ କରିଥିବା ନେଇ ଗତ ୧୩ ତାରିଖ ରେ ଅଭିଯୋଗ ହୋଇଥିଲା। ଅଭିଯୋଗ ଅନୁଯାୟୀ, ରାତି ପ୍ରାୟ ୧୨ଟା ସମୟରେ ଫାର୍ମହାଉସ୍ ?ରେ ରହୁଥିବା ମନୁ ଯାନି (୪୧) ଘର ବାହାରକୁ ଆସିଥିଲେ। ଏହି ସମୟରେ ମୁହଁରେ ମାସ୍କ ପିନ୍ଧିଥିବା ୫ ଜଣ ଅଜଣା ଯୁବକ ତାଙ୍କୁ ପଛପଟୁ ଆକ୍ରମଣ କରିଥିଲେ। ତାଙ୍କୁ ମାଡ଼ ମାରି ଘର ଭିତରକୁ ନେବା ପରେ ବାନ୍ଧି ଦେଇଥିଲେ। ପରେ ତାଙ୍କ ସ୍ତ୍ରୀଙ୍କୁ ମାଡ଼ ମାରିବା ସହ ଲୁଗାପଟା ଟଣାଓଟରା କରି ଅସଦାଚରଣ କରିଥିବା ଅଭିଯୋଗ ହୋଇଛି। ତାଙ୍କ କାନ ଓ ନାକରୁ ସୁନା ଅଳଙ୍କାର ଛଡ଼ାଇ ନେବା ସହ ଘରୁ ନଗଦ ୮ ହଜାର ଟଙ୍କା ଓ ଗୋଟିଏ ମୋବାଇଲ ଫୋନ୍ ? ଲୁଟ କରିବା ସହ ମନୁ ଯାନିଙ୍କୁ ଭୟଭୀତ କରି ପଡ଼ୋଶୀ ତିଲି ସାନ୍ତା (୩୪)ଙ୍କ ପରିବାରକୁ ଡକାଇଥିଲେ। ତିଲି ସାନ୍ତା, ତାଙ୍କ ସ୍ତ୍ରୀ ଓ ପିଲାମାନେ ବାହାରକୁ ଆସିବା ପରେ ସେମାନଙ୍କୁ ମଧ୍ୟ ମାଡ଼ ମାରିବା ସହ ଅସଦାଚରଣ କରିଥିବା ଅଭିଯୋଗ ହୋଇଛି। ତିଲି ସାନ୍ତାଙ୍କ ପରିବାରର ସଦସ୍ୟଙ୍କ କାନ ଓ ନାକରୁ ଅଳଙ୍କାର ଛଡ଼ାଇ ନେଇଥିଲେ। ଏପରିକି ତାଙ୍କ ଛୋଟ ପିଲାମାନଙ୍କ ବେକରେ ଛୁରି ଲଗାଇ ଜୀବନରୁ ମାରିଦେବାକୁ ଧମକ ଦେଇଥିବା ଅଭିଯୋଗ ହୋଇଥିଲା। ତିଲି ସାନ୍ତାଙ୍କ ଘରୁ ନଗଦ ୫ ହଜାର ଟଙ୍କା ଓ ଗୋଟିଏ ମୋବାଇଲ ଫୋନ୍ ଲୁଟ୍ କରିଥିଲେ। ଲୁଟେରାମାନେ ନଗଦ ଟଙ୍କା ଓ ଅଳଙ୍କାର ସହ । ଫାର୍ମହାଉସ୍‌ରୁ ୪ଟି କୁକୁଡ଼ା, ୨ଟି କୁଡ଼ିକି, ଗୋଟିଏ ଶାବଳ, ଗୋଟିଏ ଗାଗଡ଼ା ଓ ଗୋଟିଏ ଟାଙ୍ଗିଆ ମଧ୍ୟ ନେଇ ପଳାଇଥିବା ଅଭିଯୋଗ ହୋଇଛି। ଘଟଣା ସମ୍ପର୍କରେ ପୋଲିସ କୁ ଜଣାଇଲେ ଜୀବନରୁ ମାରିଦେବାକୁ ଧମକ ଦେଇ ଦୁର୍ବୃତ୍ତମାନେ ଘଟଣାସ୍ଥଳରୁ ଚମ୍ପଟ ମାରିଥିଲେ। ଘଟଣାକୁ ନେଇ ମନୁ ଯାନି ଜୟପୁର ସଦର ଥାନାରେ ଲିଖିତ ଅଭିଯୋଗ କରିଥିଲେ। ଅଭିଯୋଗ ଆଧାରରେ ଜୟପୁର ସଦର ଥାନା ପୋଲିସ ମାମଲା ୨୬୩ ରେ ମାମଲା ରୁଜୁ କରିତଦନ୍ତ ଆରମ୍ଭ କରିଥିଲା। ତଦନ୍ତରେ ୫ ଅଭିଯୁକ୍ତକୁ ଗିରଫ କରି ଲୁଟ ସାମଗ୍ରୀ ଜବତ କରିଛି। ଗିରଫ ୫ ଅଭିଯୁକ୍ତକୁ କୋର୍ଟ ଚାଲାଣ କରିଥିବା ବିଷୟ ଜୟପୁର ସଦର ଥାନା ଅଧିକାରୀ ସଚନ୍ଦ୍ର ପ୍ରଧାନ ସୂଚନା ଦେଇଛନ୍ତି।

ବିପଦଜ୍ଜନକ ଅବସ୍ଥାରେ ଗୁଡିଆକାଟେଣୀ ବାଲିମୀ ରାସ୍ତା

ହିଞ୍ଜୋଳ (ଅମୃତ ମିଡିଆ) : ଗୁଡିଆକାଟେଣୀ ବାଲିମୀ ରାସ୍ତା ଅତ୍ୟନ୍ତ ବିପଦଜ୍ଜନକ ଅବସ୍ଥାରେ। ତାର ମରାମତି ଦାବିରେ ଜିଲ୍ଲା କଂଗ୍ରେସ କମିଟି ଢ଼େଙ୍କାନାଳ ପକ୍ଷରୁ ଆଜି ଗୁଡିଆକାଟେଣୀ ଛକଠାରେ ରାସ୍ତାରୋକ୍ କରାଯାଇଥିଲା। ସୂଚନା ଅନୁଯାୟୀ ହିଞ୍ଜୋଳ ନିର୍ବାଚନମଣ୍ଡଳୀ ଅର୍ନ୍ତଗତ ଗୁଡିଆକାଟେଣୀ ଠାରୁ ବାଲିମୀ ପର୍ଯ୍ୟନ୍ତ ରାସ୍ତା ଅତ୍ୟନ୍ତ ବିପଦଜ୍ଜନକ ଅବସ୍ଥାରେ ରହିଛି। ଫଳରେ ବହୁ ସମୟରେ ଦୁର୍ଘଟଣାମାନ ଘଟି ଲୋକମାନେ ମୃତାହତ ହେଉଛନ୍ତି। ଅଥଚ ସବୁକିଛି ଜାଣି ପ୍ରଶାସନ ଆଖି ବୁଜିଦେଇଛି। ଫଳରେ ଏହାକୁ ନେଇ ଜିଲ୍ଲା କଂଗ୍ରେସ କମିଟି ପକ୍ଷରୁ ଗୁଡିଆକାଟେଣୀ ଛକଠାରେ ରାସ୍ତାରୋକ୍ କରାଯାଇଥିଲା। ଯଥାଶୀଘ୍ର ରାସ୍ତାର ମରାମତି କରିବାକୁ କଂଗ୍ରେସ ପକ୍ଷରୁ ଦାବି କରାଯାଇଥିଲା। ଏଥିରେ କଂଗ୍ରେସ ଜିଲ୍ଲା ସଭାପତିଙ୍କ ସମେତ ବହୁ କଂଗ୍ରେସ ନେତା ସାମିଲ୍ ହୋଇଥିଲେ। ରାସ୍ତାରୋକ୍ ହେବାଫଳରେ ଶହ ଶହ ଗାଡ଼ି ଅଟକି ରହିଥିବା ଦେଖିବାକୁ ମିଳିଥିଲା।

ପ୍ରଥମପୃଷ୍ଠାର ଅବଶିଷ୍ଟାଂଶ...

ଭିତ୍ତିପ୍ରସ୍ତର...

ଓ ଅଫିସର ଦିଲ୍ଲୀକୁ ସରକାରୀ କାମରେ ଆସିବା ଭିତରେ ଘରୋଇ ହୋଟେଲରେ କୋଟି କୋଟି ଟଙ୍କା ବିଲ୍ ଗଣିବାକୁ ପଡୁଛି। ତେଣୁ ସାଧାରଣ ଲୋକଙ୍କ ଟିକସ ପଇସା କାହିଁକି ପାଣିରେ ପଡୁଛି ବୋଲି ପ୍ରଶ୍ନ ଉଠିଛି। ଏପଟେ ଆଇନ୍ ମନ୍ତ୍ରୀ କହିଛନ୍ତି, ବିଲଡିଂର ପ୍ଲାନ୍ ଆପ୍ରୁଭାଲ୍ ପରେ ଖୁବଶୀଘ୍ର ଆରମ୍ଭ ହେବ ନିର୍ମାଣ କାମ। ଆଉ ଏ ପ୍ରକଳ୍ପ ୨ ବର୍ଷର ଧାର୍ଯ୍ୟ ସମୟ ଆଗରୁ ଶେଷ ହେବ।

ଧାଡ଼ିର...

ସାମଲଙ୍କ ସହ ୪୦୦ରୁ ଅଧିକ ଅଧିକ କାର୍ଯ୍ୟକର୍ତ୍ତା ଯୋଗ ଦେଇଥିଲେ। ଦେଖିବା କଥା କାର୍ଯ୍ୟକାରିଣୀରେ ରାଷ୍ଟ୍ରୀୟ ସାଧାରଣ ସମ୍ପାଦକ ସୁନୀଲ ବଂଶଲ ଏବଂ ରାଷ୍ଟ୍ରୀୟ ସଂଗଠନ ମହମନ୍ତ୍ରୀ ଦେଇଥିବା ମେଡିସିନ କେତେ କାମ କରୁଛି। ଅନ୍ୟପଟରେ ଆଗାମୀ ପଞ୍ଚାୟତ ଓ ପୌର ନିର୍ବାଚନରେ ବିଜେପି ବିଜୟୀ ହେବ । ରାଜ୍ୟ ବିଜେପି କାର୍ଯ୍ୟକାରିଣୀ ବୈଠକର ଦ୍ୱିତୀୟ ଦିନରେ ଦୃଢ଼ୋକ୍ତି ପ୍ରକାଶ କରିଛି ଦଳ। ଲୋକଙ୍କୁ ଶେଷ ପର୍ଯ୍ୟନ୍ତ ସେବା ଯୋଗାଇବାକୁ ପ୍ରତିଶ୍ରୁତିବଦ୍ଧ ରହିବା ପାଇଁ ସଂଗଠନ ମହାମନ୍ତ୍ରୀ ଦଳୀୟ ନେତା ଓ କର୍ମୀଙ୍କୁ ପରାମର୍ଶ ଦେଇଥିବା କହିଛନ୍ତି ପୁରୀ ସାଂସଦ ତଥା ବିଜେପିର ରାଷ୍ଟ୍ରୀୟ ପ୍ରବକ୍ତା ସମ୍ବିତ ପାତ୍ର।ବୈଠକ ପରେ ସାମ୍ବାଦିକ ସମ୍ମିଳନୀରେ ସମ୍ବିତ କହିଛନ୍ତି ଯେ ଅନ୍ୟ ରାଜ୍ୟରେ ମଧ୍ୟ ବିଜେପି ଏହି ଆଭିମୁଖ୍ୟ ନେଇ ଲୋକଙ୍କ ପାଖରେ ପହଞ୍ଚୁଛି। ଏବଂ ବାରମ୍ବାର ବିଜୟୀ ହେଉଛି। ଓଡ଼ିଶାରେ ମଧ୍ୟ ଦଳୀୟ ନେତୃବୃନ୍ଦ ଲୋକଙ୍କ ସେବାକୁ ପ୍ରାଥମିକତା ଦେଇ ସେହି ଆଭିମୁଖ୍ୟରେ ଆଗକୁ ବଢ଼ିବେ। ଏହି କାରଣରୁ ଆଗାମୀ ପଞ୍ଚାୟତ ହେଉ କି ପୌର ନିର୍ବାଚନ, ବିଜେପି ବିଜୟୀ ହେବ ବୋଲି ସେ ଦୃଢ଼ୋକ୍ତି ପ୍ରକାଶ କରିଛନ୍ତି।

ପଞ୍ଚାୟତ...

ବଂଶଲ ଦୁଇଦିନ ଧରି ୧୦ଟି ପ୍ରସଙ୍ଗ ଉପରେ ଫୋକସ କରି ଦଳୀୟ ନେତାଙ୍କୁ ନିଷ୍ଠା ଓ ସଂଗଠିତ ହୋଇ କାମ କରିବାକୁ ପରାମର୍ଶ ଦେଇଛନ୍ତି। ବୈଠକରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ, ପ୍ରଦେଶ ବିଜେପି ଅଧ୍ୟକ୍ଷ ମନମୋହନ ସାମଲଙ୍କ ସହ ଉପମୁଖ୍ୟମନ୍ତ୍ରୀ କନକ ବର୍ଦ୍ଧନ ସିଂହଦେଓ, ପ୍ରଭାତୀ ପରିଡ଼ା, ମନ୍ତ୍ରିମଣ୍ଡଳର ସମସ୍ତ ସଦସ୍ୟ, ସାଂସଦ, ବିଧାୟକ, ଜିଲ୍ଲାସ୍ତରୀୟ କର୍ମକର୍ତ୍ତା ଉପସ୍ଥିତ ଥିଲେ। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ନେତୃତ୍ୱରେ ଏନ୍‌ଡିଏ ସରକାରର ୧୨ ବର୍ଷ ପୂର୍ତ୍ତି ଓ ମୁଖ୍ୟମନ୍ତ୍ରୀ ମୋହନ ମାଝୀଙ୍କ ନେତୃତ୍ୱରେ ୨ବର୍ଷ ପୂରଣ ସହ ବିଜେପିର ସଫଳତାକୁ ନେଇ ଦଳ ପଞ୍ଚାୟତ ନିର୍ବାଚନ ଲଢିବ ବୋଲି କୁହାଯାଇଛି। ଏଥିଲାଗି ୨ମାସର ରୋଡ୍‌ମ୍ୟାପ୍ ପ୍ରସ୍ତୁତ କରାଯିବ ବୋଲି କୁହାଯାଉଛି। ଗାଁ ଗହଳିରେ ବିଜେଡିର ସଂଗଠନ ମଜଭୁତ ରହିଥିବା ବେଳେ ଶାସକ ବିଜେପି ପାଇଁ ଅଗ୍ନି ପରୀକ୍ଷା ସଦୃଶ ହେବ। ସେପଟେ କଂଗ୍ରେସ ବି ତୃଣମୂଳ ସ୍ତରରେ ସଂଗଠନ ସଜାଡିବା ଲାଗି ପ୍ରୟାସ ଜାରି ରଖିଛି। ନିର୍ବାଚନ କେବେ ହେବ ଓ ଭୋଟ ଫଳାଫଳ କାହା ସପକ୍ଷରେ ଯିବ, ତାହା ସମୟ ହିଁ କହିବ।

ଭାରତୀୟ ଦୌଡ଼କୁଦ ଦଳରେ ଧାବିକା ଶ୍ରାବଣୀ

କଟକ (ବ୍ୟୁରୋ) : ଜାପାନର ଆଇଚି-ନୋଗୋୟାରେ ସେପ୍ଟେମ୍ବର ୧୯ରୁ ଅକ୍ଟୋବର ୪ ପର୍ଯ୍ୟନ୍ତ ଏସୀୟ କ୍ରୀଡ଼ା ଅନୁଷ୍ଠିତ ହେବ। ଏହି କ୍ରୀଡ଼ାରେ ଦୌଡ଼କୁଦରେ ଭାରତରୁ ୭୭ ଜଣ ପ୍ରତିଯୋଗୀ ଅଂଶଗ୍ରହଣ କରିବେ। ଏକମାତ୍ର ଓଡ଼ିଆ ଭାବେ ଧାବିକା ଶ୍ରାବଣୀ ନନ୍ଦ ଭାରତୀୟ ଦୌଡ଼କୁଦ ଦଳରେ ସ୍ଥାନ ପାଇଛନ୍ତି। ଶ୍ରାବଣୀ ମହିଳା ୪ଗୁଣା ୧୦୦ ମିଟର ରିଲେ ଦଳରେ ସ୍ଥାନ ପାଇଛନ୍ତି। ଦଳରେ ଶ୍ରାବଣୀଙ୍କ ସହ ତମନ୍ନା,ନିତ୍ୟା ଗାନ୍ଧୀ, ଅଭିନୟା ରାଜରଞ୍ଜନା, ସୁଦେସ୍ନା ସାନୁଭାଲ୍ଲି ରହିଛନ୍ତି। ଓଡ଼ିଶାରୁ ପ୍ରତିନିଧିତ୍ୱ କରୁଥିବା ଝାଡଖଣ୍ଡର ଅନିମେଶ କୁଜୁର ୧୦୦ ଓ ୨୦୦ ମିଟର ଦୌଡ଼ ସହ ୪ଗୁଣା ୧୦୦ ମିଟର ରିଲେରେ ଅଂଶଗ୍ରହଣ କରିବେ। ଶ୍ରାବଣୀ ୨୦୧୦ ଦିଲ୍ଲୀ ରାଜ୍ୟଗୋଷ୍ଠୀ କ୍ରୀଡ଼ାରେ ୪ଗୁଣା ୧୦୦ ମିଟର ରିଲେରେ କାଂସ୍ୟ ପଦକ ଜିତିଥିଲେ। ଏହାଛଡ଼ା ୨୦୧୫ ଉହାନ ଏସୀୟ ଦୌଡ଼କୁଦ ଚମ୍ପିଆନସିପରେ ୨୦୦ ମିଟର ଦୌଡ଼ରେ କା.ସ୍ୟ, ୨୦୧୭ରେ ଭୁବନେଶ୍ୱରରେ ଆୟୋଜିତ ଏସୀୟ ଦୌଡ଼କୁଦ ଚମ୍ପିଆନସିପର ୪ଗୁଣା ୧୦୦ମିଟର ରିଲେରେ କା.ସ୍ୟ, ୨୦୨୫ରେ ଗୁମିରେ ଆୟୋଜିତ ଏସୀୟ ଦୌଡ଼କୁଦ ଚମ୍ପିଆନସିପର ୪ଗୁଣା ୧୦୦ମିଟର ରିଲେରେ ରୌପ୍ୟ ପଦକ ଜିତିଥିଲେ। ଏହାଛଡ଼ା ୨୦୧୬ରେ ଦକ୍ଷିଣ ଏସୀୟ କ୍ରୀଡ଼ାର ୨୦୦ ମିଟର ଦୌଡ଼ରେ ସ୍ୱର୍ଣ୍ଣ ଓ ୧୦୦ ମିଟର ଦୌଡ଼ରେ ରୌପ୍ୟ ପଦକ ଜିତିଥିଲେ। ରିଲେରେ ଶ୍ରାବଣୀଙ୍କ ନିକଟରେ ଏସୀୟ ଦୌଡ଼କୁଦ ଓ ରାଜ୍ୟଗୋଷ୍ଠୀ କ୍ରୀଡ଼ାରେ ପଦକ ଜିତିବାର ଅଭିଜ୍ଞତା ରହିଛି। ଏସୀୟ କ୍ରୀଡ଼ା-୨୦୨୬ରେ ଶ୍ରାବଣୀ ଭାରତୀୟ ରିଲେ ଦଳ ପକ୍ଷରୁ ପ୍ରତିନିଧିତ୍ୱ କରି ପଦକ ଜିତିବାକୁ ଦୃଢ଼ ଆଶାବାଦୀ ରହିଛନ୍ତି।

ରାଜ୍ୟସ୍ତରୀୟ ଆଖୁଚାଷୀଙ୍କ ବିଶାଳ ସମାବେଶ

ରଘୁନାଥପୁର (ଅମୃତ ମିଡିଆ) : ରାଜ୍ୟସ୍ତରୀୟ ଆଖୁଚାଷୀ ମହାସଂଘ ଆନୁକୂଲ୍ୟରେ ବିରିଡି ବ୍ଲକ ପାଣ୍ଡିଆଠାରେ ଏକ ଆଖୁଚାଷୀ ସମିଳନୀ ଅନୁଷ୍ଠିତ ହୋଇଯାଇଛି। ଏହି ପରିପ୍ରେକ୍ଷୀରେ ଆୟୋଜିତ ସଭାରେ ବରିଷ୍ଠ ଚାଷୀ ହରିହର ସାହୁ ସଭାପତିତ୍ୱ କରିଥିଲେ। ଏହି ସମାବେଶରେ ରାଜ୍ୟର କୋଣ ଅନୁକୋଣରୁ ଶହଶହ ଚାଷୀ ଯୋଗଦେଇଥିଲେ। ରାଜ୍ୟ ସରକାର ଆଖୁର ସହାୟକ ମୂଲ୍ୟରେ କୌଣସି ବୃଦ୍ଧି କରୁନାହାନ୍ତି ଫଳରେ ଚାଷୀ ବ୍ୟାପକ ମାତ୍ରାରେ କ୍ଷତି ସହୁଛନ୍ତି। ବର୍ତମାନ ରାଜ୍ୟରେ ମଜୁରୀ ବୃଦ୍ଧି ସାଙ୍ଗକୁ, ତେଲଦର ବୃଦ୍ଧି ପାଇଥିବାରୁ ହଲକରୁଥିବା ଟ୍ରାକ୍ଟର ଏକର ପିଛା ବହୁ ଅଧିକ ଅର୍ଥ ଦେବାକୁ ପଡୁଛି। ଏଥିସହିତ ସାର, କୀଟନାଶକ ମୂଲ୍ୟରେ ଅହେତୁକ ବୃଦ୍ଧି, ଖରାଦିନେ ପାଣି ମଡ଼ାଇବା ପାଇଁ ବିଦ୍ୟୁତ ବିଲ ଆଦି ଖର୍ଚକରି ଚାଷୀ ନୟାନ୍ତ ହେଉଥିବା ବେଳେ ରାଜ୍ୟ ସରକାର କେବେଭି ଆଖୁଚାଷୀଙ୍କ ଦୁଃଖ ବୁଝିଲେ ନାହିଁ। ତେଣୁ ଧାନ ଚାଷୀଙ୍କ ପାଇଁ ଯେପରି ସରକାର ପ୍ରୋତ୍ସାହନ ରାଶି ଯୋଗାଇଦେଉଛନ୍ତି ସେହିପରି ରାଜ୍ୟରେ ଥିବା ସମସ୍ତ ଆଖୁଚାଷୀଙ୍କ ପାଇଁ ମୂଲ୍ୟ ଧର୍ଯ୍ୟ କରିବାକୁ ମହାସଙ୍ଘ ଦାବି ରଖିଥିଲା। ଯଦି ସରକାର ଆଖୁଚାଷୀଙ୍କୁ ଅଣ ଦେଖାକରନ୍ତି ତେବେ ଆଗାମୀ ଦିନରେ ଆନ୍ଦୋଳନ କରାଯିବବୋଲି ଚେତାବନୀ ଦିଆଯାଇଥିଲା। ଏହି ସମାବେଶରେ ସୁବାସ ନାୟକ, ଲିଙ୍ଗରାଜ ମିଶ୍ର, ମିର୍ଜା ଆନୱାର ଉଲ, ସୁବ୍ରତ ପାଣିଗ୍ରାହୀ, ଗୁରୁଚରଣ ବାରିକ, ଜନ୍ମେଜୟ ଜେନା, ଅକ୍ଷୟ ଜେନା, ବିଦ୍ୟାଧର ସାହୁ, ଶରତ କୁମାର ଦାସ, ସୁଶାନ୍ତ ପାତ୍ର, ଚକ୍ରଧର ବେହେରା, ନୃସିଂହ ସାହୁ, କିଶୋର ମିଶ୍ରଙ୍କ ସମେତ ରାଜ୍ୟର କୋଣ ଅନୁକୋଣରୁ ଶହଶହ ଚାଷୀ ଯୋଗଦେଇଥିଲେ।

ସହକାରୀ ନିର୍ବାହୀ ଯନ୍ତ୍ରୀ ଅନୁପମା ସାହୁ ଗିରଫ

କେନ୍ଦ୍ରାପଡ଼ା(ଅମୃତ ମିଡ଼ିଆ) ୩ ଲକ୍ଷ ୧୫ ହଜାର ଟଙ୍କା ସହ ଗତକାଲି ସନ୍ଧ୍ୟାରେ ଧରାପଡ଼ିଥିବା କେନ୍ଦ୍ରାପଡ଼ା ଡ୍ରେନେଜ ଡିଭିଜନର ସହକାରୀ ନିର୍ବାହୀ ଯନ୍ତ୍ରୀ ଅନୁପମା ସାହୁଙ୍କୁ ଆଜି ଗିରଫ କରି କୋର୍ଟ ଚାଲାଣ କରିଛି ଭିଜିଲାନ୍ସ। ଚଢ଼ାଉ ବେଳେ ତାଙ୍କର ପୁଲା ପୁଲା ସଂପତ୍ତି ଠାବ କରିଛି ଭିଜିଲାନ୍ସ। ଅନୁପମା ସାହୁ ଗତକାଲି ତାଙ୍କ ଅଫିସ ଗାଡ଼ିରେ କେନ୍ଦ୍ରାପଡ଼ାର ନୟନ ବିହାର ସ୍ଥିତ ତାଙ୍କ ବାସଭବନକୁ ଫେରୁଥିବା ବେଳେ ମାର୍ଶାଘାଇ କ୍ରସିଂ ନିକଟରେ ଜାତୀୟ ରାଜପଥ ୫୩-ଏ'ରେ ଭିଜିଲାନ୍ସ ଟିମ୍ ତାଙ୍କୁ ଅଟକାଇଥିଲା। ଯାଞ୍ଚ ବେଳେ ତାଙ୍କଠାରୁ ନଗଦ ୩ ଲକ୍ଷ ୧୫ ହଜାର ଟଙ୍କା ମିଳିଥିଲା। ସେ ଏତେ ଟଙ୍କା କେଉଁଠାରୁ ଆଣିଲେ, କେଉଁ ଉଦ୍ଦେଶ୍ୟରେ ସେ ଏହି ଟଙ୍କା ପାଖରେ ରଖିଛନ୍ତି- ଆଦି ପ୍ରଶ୍ନର ସନ୍ତୋଷଜନକ ଉତ୍ତର ଦେଇପାରିନଥିଲେ ଅନୁପମା ସାହୁ। ଭିଜିଲାନ୍ସ ପକ୍ଷରୁ ଉକ୍ତ ଟଙ୍କା ସହିତ ତାଙ୍କ ସରକାରୀ ଗାଡ଼ିକୁ ଜବତ କରିଥିଲା ଭିଜିଲାନ୍ସ।ଏହା ପରେ କେନ୍ଦ୍ରାପଡ଼ାର ନୟନ ବିହାର ସ୍ଥିତ ଅନୁପମା ସାହୁଙ୍କ ବାସଭବନରେ ଚଢ଼ାଉ କରିଥିଲା ଭିଜିଲାନ୍ସ। ସେଠାରୁ ଭିଜିଲାନ୍ସ ନଗଦ ୪ ଲକ୍ଷ ଟଙ୍କା ପାଇଥିଲା। ମୋଟ ଉପରେ ତାଙ୍କଠାରୁ ନଗଦ ୭ ଲକ୍ଷ ୧୫ ହଜାର ଟଙ୍କା ଜବତ କରାଯାଇଛି। ବିଭିନ୍ନ ଡିପୋଜିଟ୍ ବାବଦକୁ ସେ ୬୩ ଲକ୍ଷ ଟଙ୍କା ରଖିଛନ୍ତି। ଭୁବନେଶ୍ୱରରେ ତାଙ୍କର ଗୋଟିଏ ଫ୍ଲାଟ ଅଛି। ଢେଙ୍କାନାଳର କାମାକ୍ଷାନଗରରେ ଏକ ମାର୍କେଟ କମ୍ପ୍ଲେକ୍ସରେ ତାଙ୍କର ଗୋଟିଏ ଲୁହା ରଡ୍ ଓ ସିମେଣ୍ଟ ଗୋଦାମ ଅଛି। ବଲାଙ୍ଗିରରେ ତାଙ୍କର ଗୋଟିଏ ଦୋକାନ ଅଛି। ତାଙ୍କର ୫ଟି ପ୍ଲଟ୍ ଅଛି। ସେଥିରୁ ଭୁବନେଶ୍ୱର ଓ ଢେଙ୍କାନାଳରେ ଗୋଟିଏ ଲେଖାଏ ଥିବା ବେଳେ ଅନୁଗୋଳରେ ୩ଟି ଅଛି।ଗତକାଲି ତାଙ୍କଠାରୁ ଯେଉଁ ୩ ଲକ୍ଷ ୧୫ ହଜାର ଟଙ୍କା ଜବତ କରାଯାଇଛି, ତାହା ଲାଞ୍ଚ ଅର୍ଥ ବୋଲି ଭିଜିଲାନ୍ସ ଆଶଙ୍କା କରୁଛି। ଘଟଣାର ତଦନ୍ତ ଜାରି ରହିଛି।

ଏମ୍‌ପି-ଏମ୍‌ଏଲ୍‌ଏଙ୍କ ଲ୍ୟାଡ ହିସାବ ସାର୍ବଜନୀନ ଦାବିକଲା ଆପ୍

କଟକ (ବ୍ୟୁରୋ) : ମୁଖ୍ୟମନ୍ତ୍ରୀଙ୍କ କଟକ ଗସ୍ତ ସମୟରେ ଆମ୍ ଆଦମୀ ପାର୍ଟି, କଟକ ପକ୍ଷରୁ "MP/MLA LAD Fund ଖର୍ଚ୍ଚର ହିସାବ ସାର୍ବଜନୀନ କର" ଦାବିରେ ଜନସଚେତନତା କାର୍ଯ୍ୟକ୍ରମ ହୋଇଛି। ଦଳ ପକ୍ଷରୁ କୁହାଯାଇଛି ଯେ MP/MLA LAD Fund ହେଉଛି ଜନସାଧାରଣଙ୍କ ଟଙ୍କା। ଏହି ଅର୍ଥ କେଉଁ ପ୍ରକଳ୍ପରେ, କେତେ ଖର୍ଚ୍ଚ ହୋଇଛି ଓ ପ୍ରକଳ୍ପର ବର୍ତ୍ତମାନ ସ୍ଥିତି କ'ଣ, ତାହା ସାର୍ବଜନୀନ କରାଯାଉ। ଦୟା ନୁହେଁ, ଏହା ଆମର ଅଧିକାର ସ୍ଲୋଗାନ ସହ ଆପ୍ ଏହି ଦାବି ଉଠାଇଛି। କାର୍ଯ୍ୟକ୍ରମରେ ଆପ୍ କଟକ ଜିଲ୍ଲା ସଭାପତି ସବ୍ୟସାଚୀ ମହାନ୍ତି, ମହାନଗର ସଭାପତି ପ୍ରକାଶ ଭୂୟାଁ, ଜିଲ୍ଲା ସମ୍ପାଦକ ଗଉ ସାନଉଲ୍ଲା, ଉମାଶଙ୍କର କୁଁଅର, ଅଭିଜିତ ଦାସ, ମନୋଜ ରାଉତ, ଗୀତା ନାୟକ, କେ. ସବିତା, କେ. ଦିପ୍ତାରେଖା, ଏସ. କ୍ରିଷ୍ଣା ଏବଂ କଟକ ସଦର ପ୍ରଭାରୀ ଦିଲ୍ଲୀପ କରଙ୍କ ସମେତ ବହୁ କର୍ମକର୍ତ୍ତା ଓ କର୍ମୀ ଉପସ୍ଥିତ ଥିଲେ। ଜବାବ ମାଗୁଛି କଟକ, ତୁମେ ହିସାବ ଦିଅ ଅଭିଯାନ ଆଗାମୀ ଦିନରେ ମଧ୍ୟ ଜାରି ରହିବ ବୋଲି ଆପ୍ ପକ୍ଷରୁ କୁହାଯାଇଛି।

ବୋର୍ଡ ହାଇସ୍କୁଲରେ ଆୟୋଜିତ ଗୁରୁଦିବସ ସମାରୋହରେ ମୁଖ୍ୟମନ୍ତ୍ରୀ

କଟକ (ବ୍ୟୁରୋ) : ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଗୁରୁଦିବସରେ ଛାତ୍ରଛାତ୍ରୀଙ୍କ ସହ ବେଶ୍ କିଛି ସମୟ ବିତାଇଛନ୍ତି। ଆଜି କଟକ ବୋର୍ଡ ହାଇସ୍କୁଲରେ ଆୟୋଜିତ ଗୁରୁଦିବସ ସମାରୋହ-୨୦୨୬ରେ ଯୋଗଦେଇ ଛାତ୍ରଛାତ୍ରୀଙ୍କ ସହ ବେଶ୍ କିଛି ସମୟ ଆଲୋଚନା କରିଛନ୍ତି ମୁଖ୍ୟମନ୍ତ୍ରୀ। ଶିକ୍ଷକଙ୍କୁ ସମ୍ମାନ ଦେବାର ଏହି ବିଶେଷ ଦିନରେ ଛାତ୍ରଛାତ୍ରୀଙ୍କ ଗହଣରେ ସାମିଲ ହୋଇଛନ୍ତି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ। କାର୍ଯ୍ୟକ୍ରମରେ ମୁଖ୍ୟମନ୍ତ୍ରୀ କେବଳ ମଞ୍ଚରୁ ଭାଷଣ ଦେଇ ନଥିଲେ, ବରଂ ସିଧାସଳଖ ଛାତ୍ରଛାତ୍ରୀଙ୍କ ସହ କଥା ହୋଇ ସେମାନଙ୍କ ମତାମତ ଜାଣିଥିଲେ। ଛାତ୍ରଛାତ୍ରୀଙ୍କୁ ବିଭିନ୍ନ ପ୍ରଶ୍ନ ପଚାରିବା ସହ ପାଠପଢ଼ା, ଶିକ୍ଷା ଏବଂ ସେମାନଙ୍କ ଅନୁଭୂତି ସମ୍ପର୍କରେ ଆଲୋଚନା କରିଥିଲେ। ମୁଖ୍ୟମନ୍ତ୍ରୀଙ୍କୁ ଏତେ ନିକଟରୁ ଦେଖିବା ଏବଂ ତାଙ୍କ ସହ ସିଧାସଳଖ କଥା ହେବାର ସୁଯୋଗ ପାଇ ଛାତ୍ରଛାତ୍ରୀମାନେ ମଧ୍ୟ ବେଶ୍ ଉତ୍ସାହିତ ହୋଇଥିଲେ। ଗୁରୁଦିବସ ଅବସରରେ ଆୟୋଜିତ ଏହି ସମାରୋହର ମୁଖ୍ୟ ଆକର୍ଷଣପାଲଟିଥିଲା ମୁଖ୍ୟମନ୍ତ୍ରୀ ଓ ଛାତ୍ରଛାତ୍ରୀଙ୍କ ମଧ୍ୟରେ ହୋଇଥିବା ଏହି ଆଲୋଚନା। ପ୍ରଶ୍ନପଚାରିବା ସହ ଛାତ୍ରଛାତ୍ରୀଙ୍କ ଉତ୍ତର ଶୁଣିଥିଲେ ମୁଖ୍ୟମନ୍ତ୍ରୀ। ଫଳରେ ପୂରା

କନିଷ୍ଠ ଏସିଆ କପ୍: ଭାରତୀୟ ମହିଳାଙ୍କ ବିଜୟ ଜାରି

ନୂଆଦିଲ୍ଲୀ : ଭାରତୀୟ କନିଷ୍ଠ ମହିଳା ଦଳ ଏଠାରେ ଚାଲିଥିବା ଏଏଚ୍ଏଫ୍ କନିଷ୍ଠ ଏସିଆ କପ୍‌ରେ ବିଜୟ ଜାରି ରଖିଛି। ପ୍ରଥମ ମ୍ୟାଚ୍‌ରେ ଦକ୍ଷିଣ କୋରିଆକୁ ୪-୧ରେ ହରାଇଥିବା ଦୁଇ ଥରର ବିଜେତା ଭାରତ ରବିବାର ମାଲେସିଆକୁ ୧୧-୧ରେ ପରାସ୍ତ କରିଥିଲା। ବିଜେତା ଭାରତ ପକ୍ଷରୁ ଏହି ମ୍ୟାଚ୍‌ରେ ୭ଜଣ ଖେଳାଳି ଗୋଲ୍ ଦେଇଥିଲେ। ଏହା ମଧ୍ୟରେ ଥିଲା ୪ ଫିଲ୍ଡ, ୫ ପେନାଲ୍ଟି କର୍ଣ୍ଣର ଓ ୨ ପେନାଲ୍ଟି ଷ୍ଟ୍ରୋକ୍ସ ଗୋଲ୍। ପ୍ରଥମ ମିନିଟ୍‌ରେ ଓଡ଼ିଆ ଝିଅ ପୂଜା ସାହୁଙ୍କ ପେନାଲ୍ଟି ଷ୍ଟ୍ରୋକ୍ ଗୋଲ୍‌ରୁ ଭାରତ ଅଭିଯାନ ଆରମ୍ଭ କରିଥିଲା। ଚତୁର୍ଥ ମିନିଟ୍‌ରେ ପୂର୍ଣ୍ଣିମା ଯାଦବ ଦ୍ୱିତୀୟ ଗୋଲ୍ କରିଥିଲେ। ବିନିମା ଧାନ୍ (୮ ମିନିଟ୍)ଙ୍କ ପେନାଲ୍ଟି ଗୋଲ୍ ପରେ କ୍ରିଷ୍ଣା ଶର୍ମା (୧୪ ମିନିଟ୍)ଙ୍କ ଗୋଲ୍ ବଳରେ ଭାରତ ପ୍ରଥମ କ୍ୱାର୍ଟରରେ ୪-୦ରେ ଆଗରେ ରହିଥିଲା। ଦ୍ୱିତୀୟ କ୍ୱାର୍ଟରରେ ପୂର୍ଣ୍ଣିମା (୧୭ ମିନିଟ୍) ପେନାଲ୍ଟି ଗୋଲ୍ ଦେଇ ଯୁଗଳ ସଫଳତା ପାଇଥିଲେ। ପ୍ରଥମାର୍ଦ୍ଧ ଶେଷ ପୂର୍ବରୁ ସୁଖବୀର କୌର (୨୧ ମିନିଟ୍) ଓ ଗୀତା ଯାଦବ (୨୮ ମିନିଟ୍) ଗୋଟିଏ ଲେଖାଏଁ ଦେଇ ଦଳକୁ ୭-୦ରେ ଅଗ୍ରଣୀ ଦେଇଥିଲେ। ତେବେ ୩୮ତମ ମିନିଟ୍‌ରେ ମାଲେସିଆର ନୁର ମହଦ ଗୋଟିଏ ପେନାଲ୍ଟି ଗୋଲ୍ ଦେଇ ବ୍ୟବଧାନ କମାଇଥିଲେ। ତେବେ ଏହାପରେ ପୂଜା (୪୨ ମିନିଟ୍) ପେନାଲ୍ଟି ଗୋଲ୍ ଦେଇ ଯୁଗଳ ସଫଳତା ପାଇଥିଲେ। ବେଳେ ସନିକା ଚନ୍ଦ୍ରକାନ୍ତ ମାନେ (୪୩ ମିନିଟ୍)ଙ୍କ ଗୋଲ୍ ଦଳରେ ଶେଷ କ୍ୱାର୍ଟର ପୂର୍ବରୁ ୯-୧ରେ ଆଗୁଆ ରହିଥିଲା। ଚତୁର୍ଥ କ୍ୱାର୍ଟରରେ ଗୀତା (୫୩ ମିନିଟ୍) ଓ ସନିକା (୫୮ ମିନିଟ୍) ଆଉ ଗୋଟିଏ ଲେଖାଏଁ ଗୋଲ୍ ଦେଇ ଦଳକୁ ୧୧-୧ରେ ବିଜୟ ଦେଇଥିଲେ। ଗୀତା ଯାଦବଙ୍କୁ ମ୍ୟାଚ୍‌ର ଶ୍ରେଷ୍ଠ ଖେଳାଳି ପୁରସ୍କାର ମିଳିଥିଲା। ଭାରତ ପରବର୍ତ୍ତୀ ମ୍ୟାଚ୍ ମଙ୍ଗଳବାର ଜାପାନ ବିପକ୍ଷରେ ଖେଳିବ। ଅନ୍ୟପକ୍ଷରେ ଭାରତୀୟ ପୁରୁଷ ଦଳ ରବିବାର ଜାପାନ ସହ ପଏଣ୍ଟ ବାଣ୍ଟିଛି। ପ୍ରଥମ ମ୍ୟାଚ୍‌ରେ ଇଣ୍ଡୋନେସିଆକୁ ୧୪-୦ରେ ହରାଇଥିବା ଭାରତ ରବିବାର ଜାପାନ ବିପକ୍ଷ ଦ୍ୱିତୀୟ ମ୍ୟାଚ୍‌କୁ ୩-୩ରେ ଅମୀମାଂସିତ ରଖିଛି। ଚତୁର୍ଥ ମିନିଟ୍‌ରେ ଭାରତକୁ ମିଳିଥିବା ପେନାଲ୍ଟି ଷ୍ଟ୍ରୋକ୍‌କୁ ଅଧିନାୟକ ତଥା ଓଡ଼ିଆ ପୁଅ ଅନମୋଲ ଏକ୍କା ଗୋଲ୍‌ରେ ପରିଣତ କରି ପ୍ରାରମ୍ଭିକ ଅଗ୍ରଣୀ ଦେଇଥିଲେ।

ଧୀରାଜ ଓ ଅନିଲଙ୍କୁ ସରୋଜ ମହାସୁଆର କ୍ରିକେଟ୍ ସମ୍ମାନ ପ୍ରଦାନ

ଭୁବନେଶ୍ୱର(ବ୍ୟୁରୋ) : କଠିନ ପରିଶ୍ରମର ବିକଳ୍ପ ନାହିଁ, ଲକ୍ଷ୍ୟ ସ୍ଥଳରେ ପହଞ୍ଚିବାକୁ କୌଣସି କାଣ୍ଟଛାଣ୍ଟ ବାଟ ବି ନାହିଁ। ଏଣୁ ନିଷ୍ଠା, ଶୃଙ୍ଖଳା ଓ ଧୈର୍ଯ୍ୟର ସହ ଖେଳିଲେ କ୍ରିକେଟ୍ ର ଉଚ୍ଚ ସ୍ତରରେ ପହଞ୍ଚି ହେବ ବୋଲି ମତପ୍ରକାଶ କରିଛନ୍ତି କ୍ରିକେଟ୍, ପ୍ରଶିକ୍ଷକ ତଥା ପୂର୍ବତନ ବିଧାୟକ ଲଳିତେନ୍ଦୁ ବିଦ୍ୟାଧର ମହାପାତ୍ର। ଦୀର୍ଘ ୫ ବର୍ଷ ପରେ ଫେରିଥିବା ସରୋଜ ମହାସୁଆର କ୍ରିକେଟ୍ ପୁରସ୍କାର ପ୍ରଦାନ ଉତ୍ସବରେ ଯୁବ ଖେଳାଳିମାନଙ୍କୁ ଏଭଳି ମନ୍ତ୍ର ଦେଇଛନ୍ତି ଶ୍ରୀ ମହାପାତ୍ର। ଏଥି ସହିତ ପ୍ରତିଭାସମ୍ପନ୍ନ ବ୍ୟାଟର୍ ଅନିଲ ପରିଡ଼ାଙ୍କୁ ଶ୍ରେଷ୍ଠ ଯୁବ କ୍ରିକେଟର୍ ଏବଂ ରଣଜୀ ଟ୍ରଫି ଖେଳାଳିରୁ ବିସିସିଆଇ ପ୍ୟାନେଲ୍ ଅମ୍ପାୟାର ହୋଇଥିବା ଧୀରାଜ ସିଂହଙ୍କୁ ଶ୍ରେଷ୍ଠ ଅମ୍ପାୟାର ସମ୍ମାନ ପ୍ରଦାନ କରାଯାଇଛି। ଦୀର୍ଘ ୨୧ ବର୍ଷ ଧରି ପ୍ରଦାନ କରାଯାଉଥିବା ଏହି ପୁରସ୍କାର ପ୍ରଦାନ ଉତ୍ସବରେ ଓଡ଼ିଶା ଅଲିମ୍ପିକ୍ସ ସଂଘ ସଭାପତି ସମୀର ମହାନ୍ତି, ଟାଉନ୍ କ୍ଲବ୍ର ସଭାପତି ତଥା ପୂର୍ବତନ କ୍ରୀଡ଼ାମନ୍ତ୍ରୀ ସୁରେଶ କୁମାର ରାଉତରାୟ, କ୍ରିକେଟ୍ ଦ୍ରୋଣାଚାର୍ଯ୍ୟ କିଶୋର ମାଣିଆ, ଓଡ଼ିଶା ରଣଜୀ ଦଳର ପୂର୍ବତନ ଅଧିନାୟକ ପି ଜୟଚନ୍ଦ୍ର, ଟାଉନ୍ କ୍ଲବ୍ ସମ୍ପାଦକ ପୃଥ୍ୱୀକାନ୍ତ ମହାପାତ୍ର, କର୍ପୋରେଟର୍ ଚନ୍ଦ୍ରଶେଖର ମଲିଆ ପ୍ରମୁଖ ଅତିଥି ଥିଲେ। ସରୋଜ ମହାସୁଆର ସ୍ମୃତି କମିଟି ଆବାହକ ମନୋଜ ମହାପାତ୍ରଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ଏହି ଉତ୍ସବକୁ କ୍ରୀଡ଼ା ସାମ୍ବାଦିକ ବିମଳ ରାଉଳ ସଂଚାଳନ କରିଥିଲେ। ସୂଚନାଯୋଗ୍ୟ, ୨୦୨୫ରେ ସର୍ଭିସେସ୍ ବିପକ୍ଷ ରଣଜୀ ଟ୍ରଫି ପଦାର୍ପଣ ମ୍ୟାଚ୍‌ରେ ୯୯ ରନ୍ ପାଳି ଖେଳି ଆଗମନ କରିଥିବା ଅନିଲ ୪ଟି ପ୍ରଥମ ଶ୍ରେଣୀ ମ୍ୟାଚ୍‌ରେ ପ୍ରଭାବୀ ଢଙ୍ଗରେ ୮୪.୪୦ ହାରରେ ୪୨୨ ରନ୍ ସଂଗ୍ରହ କରିଛନ୍ତି। ୩ଟି ଅର୍ଦ୍ଧଶତକ ଏବଂ ନାଗାଲାଣ୍ଡ ବିପକ୍ଷରେ ୧୧୮ ରନ୍ ଶତକୀୟ ପାଳି ବି ଖେଳିଛନ୍ତି। ଜୁଭେନାଇଲ୍ କ୍ରୁ କ୍ରିକେଟ୍ ଜୀବନ ଆରମ୍ଭ କରି ଏହି ଡାହାଣହାତୀ ମଧ୍ୟକ୍ରମ ବ୍ୟାଟର୍ ବିନୁ ମଙ୍କଡ଼ ଟ୍ରଫି, କୁଚ ବିହାର ଟ୍ରଫି, ସିକେ ନାୟୁଡୁ ଟ୍ରଫି, ଷ୍ଟେଟ୍-ଏ ଟ୍ରଫି ଆଦି ବିଭିନ୍ନ ବୟସ ବର୍ଗ ଦଳର ନେତୃତ୍ୱ ନେଇ ଆଗକୁ ବଢ଼ିଥିଲେ। ସେହିଭଳି ଓଡ଼ିଶା ବରିଷ୍ଠ ଦଳ ପାଇଁ ଗୋଟିଏ ଦଶନ୍ଧି (୨୦୦୮-୨୦୧୮) ଖେଳିବା ସହ ୫୧ ପ୍ରଥମ ଶ୍ରେଣୀ ମ୍ୟାଚ୍ରୁ ୧୧୯ ୱିକେଟ୍ ନେଇଥିଲେ ବାମହାତୀ ସ୍ପିନର୍ ଧୀରାଜ ସିଂହ। ଖେଳାଳି ଜୀବନ ପରେ ଧୀରାଜ ୨୦୨୩-୨୪ରୁ ବିସିସିଆଇ ପ୍ୟାନେଲ୍ ଅମ୍ପାୟାର ଭାବେ କାର୍ଯ୍ୟ କରି ଆସୁଛନ୍ତି। ସୁବ୍ରତ ଦାସ, ଅରୁଣ ବସା, ଦୁର୍ଗାଦତ୍ତ ଦାସଙ୍କ ପରେ ଚତୁର୍ଥ ଓଡ଼ିଆ ଭାବେ ବିସିସିଆଇ ପ୍ୟାନେଲ୍ ଅମ୍ପାୟାର ହୋଇ ବିରଳ କ୍ଲବ୍‌ରେ ରହିଛନ୍ତି। ଖେଳ ଜୀବନରେ ମଧ୍ୟ ଧୀରାଜ ବିଜୟ ହଜାରେ ଟ୍ରଫି, ସୟଦ ମୁସ୍ତାକ ଅଲୀ ଟ୍ରଫି ସହିତ ପୂର୍ବାଞ୍ଚଳ ପାଇଁ ଦଲିପ ଟ୍ରଫି ଦଳରୁ ଖେଳିବାର ଗୌରବ ରଖିଛନ୍ତି। ସୂଚନାଯୋଗ୍ୟ, ଅମ୍ପାୟାର ସରୋଜ ମହାସୁଆର ୨୦୦୨ ମସିହାରେ କଟକରେ ଅନ୍ତଃଜିଲା ପ୍ରତିଯୋଗିତାର ଏକ ମ୍ୟାଚ୍ ପରିଚାଳନା କରି ଭୁବନେଶ୍ୱର ଫେରୁଥିବାବେଳେ ସଡ଼କ ଦୁର୍ଘଟଣାରେ ପ୍ରାଣ ହରାଇଥିଲେ। ତାଙ୍କ ସ୍ମୃତିରେ ୨୦୦୪ରୁ ଯୁବ କ୍ରିକେଟର୍ ଏବଂ ୨୦୦୯ରୁ ଶ୍ରେଷ୍ଠ ଅମ୍ପାୟାର ସମ୍ମାନ ପ୍ରଦାନ କରାଯାଇ ଆସୁଛି।

ପ୍ରଥମ ବଲ୍‌ରେ ଛକାମାର ଇତହାସ ରଚଲେ ଶେଫାଳି ବର୍ମା

ନୂଆଦିଲ୍ଲୀ ; ମହିଳା କ୍ରିକେଟରେ ଶେଫାଳି ମହଜ । ପାକିସ୍ତାନ ବିପକ୍ଷରେ ଛକା ମାରି ଆରମ୍ଭ କଲେ ଇନିଂସ । ସର୍ବକନିଷ୍ଠ ମହିଳା କ୍ରିକେଟର ଭାବେ ଟି-୨୦ ଅନ୍ତର୍ଜାତୀୟ କ୍ରିକେଟରେ ୩ ହଜାର ରନ୍ କରିଛନ୍ତି ଟିମ୍ ଇଣ୍ଡିଆ ଷ୍ଟାର୍ ଶେଫାଳି ବର୍ମା । ୨୨ ବର୍ଷ ୨୨୦ ଦିନ ବୟସରେ ଏହି ସଫଳତା ହାସଲ କରିଛନ୍ତି ଶେଫାଳି । ଏହା ସହିତ ସେ ଆୟର୍ଲାଣ୍ଡର ଗାବି ଲୁଇସ୍ (୨୪ ବର୍ଷ ୩୪୭ ଦିନ)ଙ୍କ ରେକର୍ଡ ଭାଙ୍ଗିଛନ୍ତି । ଏହି ତାଲିକାରେ ୟୁଏଇର ଇଶା ଓଝା (୨୭ ବର୍ଷ ୧୩୯ ଦିନ) ତୃତୀୟ ସ୍ଥାନରେ ଥିବାବେଳେ ଭାରତର ଓପନର ସ୍ମୃତି ମନ୍ଧାନା (୨୭ ବର୍ଷ ୧୭୧ ଦିନ) ଚତୁର୍ଥ ଏବଂ ୱେଷ୍ଟଇଣ୍ଡିଜ୍ କିମ୍ବଦନ୍ତୀ ହେଲି ମାଥ୍ୟୁସ୍ (୨୭ ବର୍ଷ ୩୪୭ ଦିନ) ପଞ୍ଚମ ସ୍ଥାନରେ ରହିଛନ୍ତି । ଗତକାଲି (ଶନିବାର) ଦୁବାଇ ଇଣ୍ଟରନ୍ୟାସନାଲ କ୍ରିକେଟ୍ ଷ୍ଟାଡିୟମରେ ଖେଳାଯାଇଥିବା ମହିଳା ଏସିଆ କପ୍ ୨୦୨୬ର ନବମ ମ୍ୟାଚ ଖେଳାଯାଇଥିଲା । ଦୁଇ ପାରମ୍ପରିକ ପ୍ରତିଦ୍ୱନ୍ଦ୍ୱୀ ଭାରତ ବନାମ ପାକିସ୍ତାନ ମୁହାଁମୁହିଁ

ହୋଇଥିଲେ । ଶେଫାଳି ପାକିସ୍ତାନ ବିପକ୍ଷରେ ୬ ବଲରେ ୧ ଛକା ଓ ୧ ଚୌକା ସହ ୧୨ ରନ୍ କରିଥିଲେ । ଏହା ସହିତ ୩ ହଜାର ରନ୍ ଅତିକ୍ରମ କରିଛନ୍ତି । ମହିଳା ଟି-୨୦ ଅନ୍ତର୍ଜାତୀୟ କ୍ରିକେଟରେ ୩ ହଜାର ରନ୍ କରିବାରେ ଶେଫାଳି ହେଉଛନ୍ତି ୧୬ତମ ଖେଳାଳି । ସ୍ମୃତି ମନ୍ଧାନା ଏବଂ ହରମନପ୍ରୀତ କୌରଙ୍କ ପରେ ସେ ଏହି ତାଲିକାରେ ତୃତୀୟ ଭାରତୀୟ ଖେଳାଳି ହୋଇଛନ୍ତି ଶେଫାଳି । 'ଲେଡି ସେହୱାଗ' ନାମରେ ଜଣାଶୁଣା ଶେଫାଳି ବର୍ମା ଇନିଂସର ପ୍ରଥମ ବଲରେ ସାଦିଆ ଇକବାଲଙ୍କୁ ଛକା ମାରି ଇନିଂସ ଆରମ୍ଭ କରିଥିଲେ । କୌତୂହଳର ବିଷୟ ହେଉଛି, ପ୍ରଥମ ଛକା ମଧ୍ୟ ପାକିସ୍ତାନ ବିପକ୍ଷରେ ମାରିଥିଲା, ଏବଂ ତାହା ମଧ୍ୟ ଏଜବାଷ୍ଟନରେ ଦୁଇ ଦଳ ମଧ୍ୟରେ ୨୦୨୬ ମହିଳା ଟି -୨୦ ବିଶ୍ୱକପ୍ ମ୍ୟାଚ୍ ସମୟରେ ଇକବାଲଙ୍କ ବଲରେ ଥିଲା । ଏହା କରି ଶେଫାଳି ମହିଳା ଟି-୨୦ରେ ଇନିଂସର ପ୍ରଥମ ବଲରେ ଅନେକ ଥର ଛକା ମାରିବାରେ ବିଶ୍ୱର ପ୍ରଥମ ବ୍ୟାଟ୍‌ର ହୋଇଛନ୍ତି । ମ୍ୟାଚ୍ ବାବଦରେ କହିବାକୁ ଗଲେ ଏସିଆ କପରେ ପ୍ରଥମ ଦଳ ଭାବେ ସେମି ଫାଇନାଲେର ପ୍ରବେଶ କରି ସାରିଛି ଭାରତ । ଗ୍ରୁପ ପର୍ଯ୍ୟାୟର ୯ମ ମ୍ୟାଚରେ ପାରମ୍ପରିକ ପ୍ରତିଦ୍ୱନ୍ଦ୍ୱୀ ପାକିସ୍ତାନକୁ ହାରାଇଛି । ଏସିଆ କପରେ ହ୍ୟାଟ୍ରିକ୍ ବିଜୟ ହାସଲ କରିଛି ଟିମ୍ ଇଣ୍ଡିଆ । ପ୍ରଥମ ବ୍ୟାଟିଂ ପାକିସ୍ତାନ ୫୫ ରନରେ ଆଲଆଉଟ୍ ହୋଇଥିଲା । ଭାରୀତୟ ବୋଲର ଚରଣୀ, ପ୍ରେମା, ଦୀପ୍ତିଙ୍କ ଘାତକ ବୋଲିଂ ଦେଖିବାକୁ ମିଳିଥିଲା । ୫୨ ବଲରେ ମ୍ୟାଚ୍ ଜିତିଥିଲା ଭାରତ । ଲଗାତାର ପଞ୍ଚମ ଥର ପାକିସ୍ତାନ ଉପରେ ଭାରତର ପ୍ରହାର କରିଛି । ହର୍ମପ୍ରୀତବାହିନୀ କ୍ରମାନ୍ୱୟରେ ତୃତୀୟ ବିଜୟ ସହ ପଏଣ୍ଟ ତାଲିକାରେ ଶୀର୍ଷ ସ୍ଥାନ ବଜାୟ ରଖିଛି । ଦଳ ୩ଟି ଯାକ ମ୍ୟାଚ୍ରେ ପ୍ରତିପକ୍ଷ ଦଳଙ୍କୁ ୭୦ରନ୍ ମଧ୍ୟରେ ଅଲଆଉଟ୍ କରିଛି । ଥାଇଲାଣ୍ଡକୁ ୬୫, ହଂକଂକୁ ୫୬ ଏବଂ ପାକିସ୍ତାନକୁ ୫୫ରନ୍ରେ ଅଟକାଇବାରେ ସଫଳ ହୋଇଥିଲା । ଅନ୍ୟ ପଟରେ ଭାରତ ହାରିବା ପରେ ପାକିସ୍ତାନର ସେମି ଫାଇନାଲ୍ ପଥ କଣ୍ଟକର ହୋଇଯାଇଛି । ଦଳ ଆସନ୍ତା ୭ ତାରିଖରେ ହଂକଂକୁ ଭେଟିବ । ସେମିରେ ପହଞ୍ଚିବାକୁ ହେଲେ ପାକିସ୍ତାନକୁ ଏହି ମ୍ୟାଚ୍ ଜିତିବାକୁ ପଡ଼ିବ ।

ଦୁଲୀପ ଟ୍ରଫି ଫାଇନାଲରେ ବଷଲା ଇଶାନଙ୍କ ବ୍ୟାଟ୍

କ୍ୟାରିୟରରେ କଲେ ୨୦ତମ ଅର୍ଦ୍ଧଶତକ

ନୂଆଦିଲ୍ଲୀ : ଚେନ୍ନାଇର ଏମ ଏ ଚିଦାମ୍ବରମ ଷ୍ଟାଡିୟମରେ ଖେଳାଯାଉଥିବା ଦୁଲୀପ ଟ୍ରଫି ଫାଇନାଲ ମ୍ୟାଚରେ ଇଷ୍ଟ ଜୋନର ଅଧିନାୟକ ଇଶାନ କିଶନ ଅଧିନାୟକ ପାଳି ଖେଳି ସାଉଥ ଜୋନର ବୋଲରଙ୍କୁ ପାଣି ପିଆଇଛନ୍ତି । ସେ ଏହି ସମୟରେ ଏକ ଖାସ୍ ଉପଲବ୍ଧି ହାସଲ କରିଛନ୍ତି । ତାଜ୍ ମୁକାବିଲାର ପ୍ରଥମ ମ୍ୟାଚରେ ଇଷ୍ଟ ଜୋନର ବ୍ୟାଟର ନିଜ ଦବଦବା ସାବ୍ୟସ୍ତ କରି ବୋର୍ଡ଼ରେ ୩୦୦ରୁ ଅଧିକ ରନ୍ ଦେଇଛନ୍ତି । ଏହି ଶାନଦାର୍ ବ୍ୟାଟିଂ ପ୍ରଦର୍ଶନରେ ଇଶାନ କିଶନଙ୍କର ବି ବଡ଼ ହାତ ରହିଛି । ଯିଏ ୬ ନମ୍ବରରେ ଖେଳି ଏକ ଅଧିନାୟକ ପାଳି ଖେଳିଛନ୍ତି । ଇଶାନ କେବଳ ୭୧ବଲରେ ନିଜ ଅର୍ଦ୍ଧଶତକ ପୂରା କରିଛନ୍ତି । ସେ ତାଙ୍କ ଫାଷ୍ଟ କ୍ଲାସ

କ୍ୟାରିୟରର ୨୦ତମ ଅର୍ଦ୍ଧଶକ ହାସଲ କରିଛନ୍ତି । ଏହି ପାଳି ସମୟରେ ସେ ନିଜ ଫାଷ୍ଟ- କ୍ଲାସ କ୍ୟାରିୟରରେ ୪୦୦୦ରନ୍ ବି ପାର କରିନେଇଛନ୍ତି । ଇଶାନ କିଶନ ରେଡ ବଲ କ୍ରିକେଟରେ ନିଜ ସ୍ଥାୟୀତ୍ୱ ସାବ୍ୟସ୍ତ କରି ଏହି ସଫଳତା ନିଜର ୬୭ତମ ଫାଷ୍ଟ-କ୍ଲାସ ମ୍ୟାଚରେ ହାସଲ କରିଛନ୍ତି । ୬୭ ମ୍ୟାଚର ଫାଷ୍ଟ-କ୍ଲାସ କ୍ୟାରିୟରରେ ଇଶାନ ଏବେ ପର୍ଯ୍ୟନ୍ତ ୯ ଶତକ ଏବଂ ୨୦ ଅର୍ଦ୍ଧଶତକ ହାସଲ କରିଛନ୍ତି । ଅଧ୍ୟାୟକ ଭାବେ ଫାଷ୍ଟ କ୍ଲାସ କ୍ରିକେଟରେ ଇଶାନ କିଶନ ଏବେ ପର୍ଯ୍ୟନ୍ତ ବି ମ୍ୟାଚ୍ ହାରି ନାହାନ୍ତି । ଇଶାନ ଏବେ ପର୍ଯ୍ୟନ୍ତ ୧୫ ଫାଷ୍ଟ କ୍ଲାସ ମ୍ୟାଚରେ ଅଧିନାୟକ ରହିଛନ୍ତି । ଯେଉଁଥିରେ ତାଙ୍କ ଟିମ୍ ୮ ମ୍ୟାଚ୍ ଜିତିଛି ଏବଂ ୭ ମ୍ୟାଚ୍ ଡ୍ର ରହିଛି । ଏଭଳି ସ୍ଥଳେ ଏହି ରେକର୍ଡ଼ ଜାରି ରୁହେ ତ ଇଷ୍ଟ ଜୋନ ଦୁଲୀପ ଟ୍ରଫିର ତାଜ୍ ନିଜ ନାମରେ କରିପାରେ ।

ପାକ୍ ଖେଳାଳିଙ୍କ ଫୋନ୍ ଜବତ କଲା ପିସିବି

ଲଣ୍ଡନ : ପାକିସ୍ତାନର ସମସ୍ୟାପୂର୍ଣ୍ଣ ଇଂଲଣ୍ଡ ଟୁର ଏକ ଅପ୍ରତ୍ୟାଶିତ ମୋଡ଼ ନେଇଛି। ଏଜବାଷ୍ଟନଠାରେ ଇଂଲଣ୍ଡ ବିପକ୍ଷ ଅନ୍ତିମ ତଥା ତୃତୀୟ ଟେଷ୍ଟ ପୂର୍ବରୁ ଜାତୀୟ ଦଳର କିଛି ଖେଳାଳିଙ୍କ ଫୋନ ପାକିସ୍ତାନ କ୍ରିକେଟ ବୋର୍ଡ (ପିସିବି) ପକ୍ଷରୁ ଜବତ କରାଯାଇଥିବା ଏକ ରିପୋର୍ଟ ପ୍ରକାଶ ପାଇଛି। ପାକିସ୍ତାନୀ ଚ୍ୟାନେଲ ତଥ୍ୟ ମୁତାବକ, ଖେଳାଳିଙ୍କ ଫୋନକୁ ବୋର୍ଡକୁ ହସ୍ତାନ୍ତର କରାଯାଇଛି ଏବଂ ମ୍ୟାଚ୍ ଶେଷ ପର୍ଯ୍ୟନ୍ତ ଫୋନ ବୋର୍ଡ ନିକଟରେ ରହିବ। କିନ୍ତୁ କେଉଁ ଖେଳାଳିଙ୍କ ଫୋନକୁ ପିସିବିକୁ ହସ୍ତାନ୍ତର କରାଯାଇଛି, ତାହା ରିପୋର୍ଟରେ ପ୍ରକାଶ କରାଯାଇ ନାହିଁ କିମ୍ବା ପିସିବି ପକ୍ଷରୁ ଏ ସଂକ୍ରାନ୍ତ ଆନୁଷ୍ଠାନିକ ଭାବେ କିଛି କୁହାଯାଇନାହିଁ। ତେବେ ଏହି ଘଟଣା ଖେଳାଳିଙ୍କ ବ୍ୟକ୍ତିଗତ ଉପକରଣ ଉପରେ କର୍ତ୍ତୃପକ୍ଷଙ୍କ କ୍ଷମତାର ସୀମାକୁ ନେଇ ପ୍ରଶ୍ନବାଚୀ ସୃଷ୍ଟି କରିଛି। କିନ୍ତୁ ଇଂଲଣ୍ଡରେ ପିସିବିର ଏଭଳି କାର୍ଯ୍ୟ ପଛରେ କୌଣସି ମ୍ୟାଚ୍-ଫିକ୍ସିଂ କିମ୍ବା ବେଟିଂ ସହ ଜଡ଼ିତ କାରଣ ଥିବା ନେଇ ସ୍ୱୀକରଣ ମିଳି ନାହିଁ।

ଗୋଟିଏ ଟିମ୍‌ରେ ଖେଳିବେ ମେସି ଓ ରୋନାଲ୍ଡୋ

ନୂଆଦିଲ୍ଲୀ : ବିଶ୍ୱ ଫୁଟବଲର ଦୁଇ ମହାନ ତାରକା ପର୍ତ୍ତୁଗାଲର କ୍ରିଷ୍ଟିଆନୋ ରୋନାଲଡୋ ଓ ଆର୍ଜେଣ୍ଟିନାର ଲିଓନେଲ୍ ମେସି। ପ୍ରାୟ ୧୫ ବର୍ଷ ଧରି ଦୁହିଁଙ୍କ ମଧ୍ୟରେ ଚାଲିଥିବା ପ୍ରତିଦ୍ୱନ୍ଦ୍ୱିତା ବିଶ୍ୱ ଫୁଟବଲର ଏକ ସ୍ୱର୍ଣ୍ଣିମ ଯୁଗକୁ ପରିଭାଷିତ କରିଛି। ବିଶେଷକରି ଲା ଲିଗାରେ ରୋନାଲଡୋ ରିଅଲ୍ ମାଡ୍ରିଡ୍ ଓ ମେସି ବାର୍ସେଲୋନା ପାଇଁ ଖେଳୁଥିବା ସମୟରେ ଦୁହିଁଙ୍କ ଲଢ଼େଇ ଫୁଟବଲ୍ ପ୍ରଶଂସକଙ୍କୁ ବେଶ୍ ରୋମାଞ୍ଚିତ କରିଥିଲା। କିନ୍ତୁ ଏବେ ଏହି ଦୁଇ ବର୍ଷିଆନଙ୍କୁ ପ୍ରଥମ ଥର ପାଇଁ ଗୋଟିଏ ଟିମ୍ରେ ଏକାଠି ଖେଳୁଥିବା ଦେଖିବାର ସମ୍ଭାବନା ସୃଷ୍ଟି ହୋଇଛି। ରିପୋର୍ଟ ଅନୁଯାୟୀ, ରୋନାଲଡୋ ଓ ମେସିଙ୍କ ପୂର୍ବତନ ଟିମମେଟ୍ କାର୍ଲୋସ୍ ଟେଭେଜ୍ ଏକ ବିଶେଷ ଫେୟାରୱେଲ୍ ମ୍ୟାଚର ଯୋଜନା କରୁଛନ୍ତି। ଟେଭେଜ୍ ନିଜର ବିଦାୟୀ ମ୍ୟାଚକୁ ଆର୍ଜେଣ୍ଟିନାର ପ୍ରସିଦ୍ଧ ଷ୍ଟାଡିୟମ୍ 'ଲା ବୋମ୍ବୋନେରା'ରେ ଆୟୋଜନ କରିବା ନେଇ ବୋକା ଜୁନିଅର୍ସର ଅଧ୍ୟକ୍ଷ ଜୁଆନ୍ ରୋମାନ୍ ରିକେଲମେଙ୍କ ସହ ଆଲୋଚନା କରିଛନ୍ତି। ରିକେଲମେ ମଧ୍ୟ ଏଥିପାଇଁ ସବୁଜ ସଙ୍କେତ ଦେଇଥିବା ରିପୋର୍ଟରେ କୁହାଯାଇଛି। ଏହି ମ୍ୟାଚରେ ମେସି ଓ ରୋନାଲଡୋଙ୍କୁ ଆମନ୍ତ୍ରଣ କରିବାର ଯୋଜନା ରହିଛି। କାର୍ଲୋସ୍ ଟେଭେଜ୍ ବୋକା ଜୁନିଅର୍ସରୁ ନିଜ ପେସାଦାର ଫୁଟବଲ୍ କ୍ୟାରିୟରର ଆରମ୍ଭ କରିଥିଲେ। ୨୦୨୧ରେ ସେ ଫୁଟବଲରୁ ସନ୍ନ୍ୟାସ ନେଇଥିଲେ। ଏବେ ପ୍ରାୟ ୫ ବର୍ଷ ପରେ ସେ ନିଜର ଫେୟାରୱେଲ୍ ମ୍ୟାଚ୍ ପାଇଁ ପ୍ରସ୍ତୁତି କରୁଛନ୍ତି। ରିକେଲମେଙ୍କ ଅନୁମତି ମିଳିବା ପରେ ମ୍ୟାଚର ତାରିଖ ନିର୍ଦ୍ଧାରଣ ନେଇ ଆଲୋଚନା ଚାଲିଛି। ବୋକା ଜୁନିଅର୍ସର ନିୟମିତ କାର୍ଯ୍ୟସୂଚୀ ଯେପରି ପ୍ରଭାବିତ ନହୁଏ, ସେଥିପାଇଁ ଡିସେମ୍ବରରେ ଏହି ବିଶେଷ ମ୍ୟାଚ୍ ଆୟୋଜନ ହୋଇପାରେ। ମେସି ଓ ରୋନାଲଡୋ ବିଶ୍ୱ ଫୁଟବଲର ଦୁଇ ସର୍ବଶ୍ରେଷ୍ଠ ଖେଳାଳି ଭାବେ ପରିଚିତ। କିଏ ସର୍ବଶ୍ରେଷ୍ଠ—ଏହି ପ୍ରଶ୍ନକୁ ନେଇ ବର୍ଷ ବର୍ଷ ଧରି ଫୁଟବଲ୍ ପ୍ରଶଂସକଙ୍କ ମଧ୍ୟରେ ଚର୍ଚ୍ଚା ଚାଲିଆସିଛି। କ୍ଲବ୍ ଓ ଜାତୀୟ ଦଳ ସ୍ତରରେ ଉଭୟ ପରସ୍ପର ବିପକ୍ଷରେ ୩୭ ଥର ଖେଳିଛନ୍ତି। ଉଭୟ ମିଶି ୧୩ଟି ବାଲନ୍ ଡି'ଅର୍ ଜିତିଛନ୍ତି। ତେବେ ଏପର୍ଯ୍ୟନ୍ତ ଦୁହେଁ କେବେ ଗୋଟିଏ ଟିମରେ ଏକାଠି ଖେଳିନାହାନ୍ତି। ଯଦି ଟେଭେଜ୍ ତାଙ୍କ ଯୋଜନାରେ ସଫଳ ହୁଅନ୍ତି, ତେବେ ମେସି-ରୋନାଲଡୋଙ୍କୁ ପ୍ରଥମ ଥର ପାଇଁ ଗୋଟିଏ ଟିମରେ ଖେଳୁବାର ଦେଖିବା ବିଶ୍ୱ ଫୁଟବଲର ଏକ ସ୍ମରଣୀୟ ମୁହୂର୍ତ୍ତ ହୋଇପାରେ।

ଜୁନିୟର ପୁରୁଷ ଏସିଆ କପ୍ ହକି

ଇଣ୍ଡୋନେସିଆକୁ ୧୪-୦ ଗୋଲ୍‌ରେ ହରାଇଲା ଭାରତ

କାମ କରୁନି ମୋବାଇଲ ନେଟୱର୍କ

ବାଲିଚନ୍ଦ୍ରପୁର (ଅମୃତ ମିଡିଆ) : ବଡ଼ଚଣା ବ୍ଲକ ତଥା ଗୋପାଳପୁର ପଞ୍ଚାୟତ ଅନ୍ତର୍ଗତ ଖଡ଼ଗପୁର ହାଟ ଅଞ୍ଚଳ ସହିତ ଏହାର ଆଖପାଖ ଅଞ୍ଚଳରେ କୌଣସି ମୋବାଇଲ ନେଟୱାର୍କ ସଠିକ ଭାବେ କାମ କରୁନାହିଁ । ଫଳରେ ଦୀର୍ଘ ଦିନ ହେବ ହିତାଧିକାରୀ ମାନେ ଏଥିପାଇଁ ନାହିଁ ନଥିବା ସମସ୍ୟାର ସମ୍ମୁଖୀନ ହେଉଛନ୍ତି । ସୂଚନା ମୁତାବକ ଖଡ଼ଗପୁର ଅଞ୍ଚଳରେ ଜିଓ, ଏୟାରଟେଲ ଓ ବିଏସଏନଏଲର ସହଶ୍ରାଧିକ ସଂଖ୍ୟକ ହିତାଧିକାରୀ ରହିଛନ୍ତି। ହେଲେ ଏହିସବୁ ମୋବାଇଲର ହିତାଧିକାରୀ ମାନେ ଦୀର୍ଘ ବର୍ଷ ହେବ ଏହାର ସଠିକ ସୁଫଳ ପାଇପାରୁନାହାନ୍ତି। ସୂଚନା ମୁତାବକ ଏହି ଖଡ଼ଗପୁର ଠାରୁ କିଛି ଦୂରରେ ଯଥା-ରଇପୁର,ବାଲିପଡ଼ିଆ ଓ କଳାଶ୍ରୀ ଠାରେ ଉପରୋକ୍ତ ମୋବାଇଲ କମ୍ପାନୀର ଟାୱାର ଥିବା ବେଳେ ଖଡ଼ଗପୁର ଠାରେ କୌଣସି ମୋବାଇଲର ଟାୱାର ବସାଯାଇନାହିଁ। ଫଳରେ ଏହି ଅଞ୍ଚଳବାସିନ୍ଦା ମୋବାଇଲ ସୁବିଧାରୁ ବଞ୍ଚିତ ରହୁଛନ୍ତି। ସେହିପରି ମୋବାଇଲ ସୁବିଧା ନଥିବାରୁ ଖଡ଼ଗପୁର ସରକାରୀ ଡାକ୍ତରଖାନା,ଗ୍ରାମ୍ୟ ବ୍ୟାଙ୍କ ଓ ରାଜସ୍ୱ ନିରୀକ୍ଷକ କାର୍ଯ୍ୟାଳୟର ଅଧିକାରୀ ମାନେ ମଧ୍ୟ ବିଭିନ୍ନ ସମୟରେ ଅସୁବିଧାର ସମ୍ମୁଖୀନ ହୋଇ ଆସୁଛନ୍ତି। ବିଶେଷକରି ଧାନ ଅମଳ ସମୟରେ ଚାଷୀ ମାନେ ଧାନ ପଞ୍ଜିକରଣ ପାଇଁ ଅସୁବିଧା ଭୋଗ କରୁଛନ୍ତି ବୋଲି ଅଭିଯୋଗ ହୋଇଛି। ତୁରନ୍ତ ଉପରୋକ୍ତ ମୋବାଇଲ କମ୍ପାନୀ ମାନଙ୍କ ପକ୍ଷରୁ ଖଡ଼ଗପୁର ଅଞ୍ଚଳରେ ମୋବାଇଲ ଟାୱାର ବସାଇବାକୁ ଅଞ୍ଜନ କୁମାର ସାହୁଙ୍କ ସମେତ ଅଞ୍ଚଳବାସୀ ଦାବି କରିଛନ୍ତି।

ସ୍ୱାମୀଜୀଙ୍କୁ ହତ୍ୟା ଏକ ସୁଚିନ୍ତିତ ଷଡ଼ଯନ୍ତ୍ର ଥିଲା

ଖୋର୍ଦ୍ଧା (ଅମୃତ ମିଡିଆ) : ଓଡ଼ିଶା ସର୍ଭିସ ସେଂଟର ଫର ଦି ଦିବ୍ୟାଙ୍ଗ ପିପୁଲସ୍, ପୁରୀ ଆନୁକୂଲ୍ୟରେ ବିଶ୍ୱ ହିନ୍ଦୁ ପରିଷଦ(ଭିଏଚପି) ସହଯୋଗରେ ସ୍ଥାନୀୟ ହାବେଳି ପଡିଆରେ ଚାଲିଥିବା ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ୩୨ବେଶ ମହୋତ୍ସବ ଓ ଶ୍ରୀଜଗନ୍ନାଥଙ୍କ କଥାମୃତ ଓ ଭଜନ ସମାରୋହ ଶୁକ୍ରବାର ୪ର୍ଥ ସନ୍ଧ୍ୟା ବିତିଛି। ଏହି ଅବସରେ ମଂଚରେ ପବିତ୍ର ଜନ୍ମାଷ୍ଟମୀ ସହ ବିଶ୍ୱହିନ୍ଦୁ ପରିଷଦର ପ୍ରତିଷ୍ଠାଦିବସ, ବେଦାନ୍ତକେଶରୀ ପୂଜ୍ୟ ଲକ୍ଷ୍ମଣାନନ୍ଦ ସରସ୍ୱତୀଙ୍କ ବଳିଦାନ ଦିବସ ପାଳିତ ହୋଇଥିଲା। ଭିଏଚପିର ଉପସଭାପତି ସୁଦର୍ଶନ ରଥଙ୍କ ସଭାପତିତ୍ୱରେ ଆୟୋଜିତ ଉତ୍ସବରେ ଅନୁଷ୍ଠାନର ସଭାପତି ଭବାନୀ ଚରଣ ପାଢୀ ଲକ୍ଷ୍ମଣାନନ୍ଦ ସରସ୍ୱତୀଙ୍କ ତ୍ୟାଗ, ବଳିଦାନ ସମ୍ପର୍କରେ କହିଥିଲେ। ଅଧିବକ୍ତା ପରିଷଦ ରାଜ୍ୟ ସଭାପତି ଅଜିତ ପଟ୍ଟନାୟକ ସ୍ୱାମୀଜୀଙ୍କ ଜୀବନୀ ବୃତାନ୍ତ, କନ୍ଧମାଳରେ ସଂଘର୍ଷପୂର୍ଣ୍ଣ କାହାଣୀ, ଜଳେଶପଟ୍ଟା ଆଶ୍ରମରେ ଗୁରୁକୁଳ ଶିକ୍ଷା, ଆଦିବାସୀଙ୍କୁ ସାଧାରଣ ଜୀବନଶୈଳୀ, କୃଷି କାର୍ଯ୍ୟ, ସନାତନ ସଂସ୍କୃତି ସହ ଜଡିତ ହୋଇ ରହିବାକୁ ପରାମର୍ଶ ଦେଇଥିଲେ, ସେ ସମ୍ପର୍କରେ ବିସ୍ତୃତ ତଥ୍ୟ ଦେଇଥିଲେ। ସ୍ୱାମୀଜୀଙ୍କ ତ୍ୟାଗ, ବଳିଦାନ, ସଂସ୍କୃତି ସୁରକ୍ଷା ଦିଗରେ ଅବଦାନ ଅତୁଳନୀୟ ବୋଲି କହିଥିଲେ। ଧର୍ମାନ୍ତରଣ ଏବଂ ଗୋହତ୍ୟା ବନ୍ଦ ହେଲେ ସ୍ୱାମୀ ଲକ୍ଷ୍ମଣାନନ୍ଦଙ୍କ ପ୍ରତି ପ୍ରକୃତ ଶ୍ରଦ୍ଧାଞ୍ଜଳି ହେବ ବୋଲି କହିଥିଲେ। ତାଙ୍କୁ ନିର୍ମମ ଭାବେ ହତ୍ୟା କରାଯାଇଥିବା ବେଳେ ଆଜି ପର୍ଯ୍ୟନ୍ତ ହତ୍ୟାକାରୀଙ୍କୁ ଗିରଫ କରାଗଲା ନାହିଁ। ସେ ଆହୁରି କହିଲେ ଯେ, ଲକ୍ଷ୍ମଣାନନ୍ଦ ସ୍ୱରସ୍ୱତୀଙ୍କୁ ଥରେ କି ଦୁଇ ଥର ନୁହଁ ବରଂ ୧୬ଥର ହତ୍ୟା ଷଡଯନ୍ତ୍ର କରାଯାଇଥିବା ବେଳେ ୨୦୦୮ ଜନ୍ମାଷ୍ଟମୀ ସନ୍ଧ୍ୟାରେ ଅତି ଅମାନୁଷିକ ଭାବେ ତାଙ୍କୁ ହତ୍ୟା କରାଯାଇଥିଲା। ଏହି ହତ୍ୟା ପଛରେ ବିଦେଶୀ ତତ୍ତ୍ୱଙ୍କ ଷଡଯନ୍ତ୍ର ରହିଥିଲା ବୋଲି ସେ କହିଛନ୍ତି। ସ୍ୱାଗତ ଭାଷଣରେ ପ୍ରଭାତ ପାଣିଗ୍ରାହୀ କହିଲେ ଯେ, ସ୍ୱାମୀଜୀ ଜଣେ ଯୋଦ୍ଧା ସନ୍ୟାସୀ ଥିଲେ। ବେଦାନ୍ତ କେଶରୀ, ପାଣିନି ବ୍ୟାକରଣରେ ଅଗାଢ ଜ୍ଞାନ ସତ୍ତ୍ୱେ ଏକ ନିଘଂଚ ଘଂଚ ଜଙ୍ଗଲ ଘେରା ଆଦିବାସୀ ମାନଙ୍କୁ ସଂସ୍କୃତି, ପରମ୍ପରା ସହ ଯୋଡିବା, ସେମାନଙ୍କୁ କୃଷି ଶାସ୍ତ୍ର, ଧର୍ମଶାସ୍ତ୍ର ଆଲୋଚନା, ପର୍ବପର୍ବାଣୀ ଉତ୍ସବ ପାଳନ ପ୍ରଭୃତି ଜୀବନଶୈଳୀ ପରିବର୍ତ୍ତନ ପାଇଁ କଠୋର ସାଧାନ କରିଥିଲେ। ଯେଉଁ ସମୟରେ ମିଶନାରୀ ମାନଙ୍କ ସେଠାରେ ଅଖଣ୍ଡ କ୍ଷମତା ରହିଥିଲା, ସେହି ଭଳି ଏକ ଘଡିସନ୍ଧି ମୂହୁର୍ତ୍ତରେ ସ୍ୱାମୀଜୀ ଦେବଦୂତ ଭାବେ କନ୍ଧମାଳରେ ପହଂଚି ଆଦିବାସୀଙ୍କ ବ୍ୟାପକ ପରିବର୍ତ୍ତନ ଆଣିଥିଲେ। ୧୯୬୮ରେ ଚକାପାଦକୁ ନିଜ କର୍ମଭୂମି ଭାବେ ବାଛି ସେଠାରେ ପିଲାଙ୍କ ପାଇଁ ସଂସ୍କୃତ ବିଦ୍ୟାଳୟ, ମହାବିଦ୍ୟାଳୟ ଏବଂ ଜଲେଶପଟାରେ କନ୍ୟାଶ୍ରମ ଗଢିଥିଲେ। ତାଙ୍କ ଉପରେ ପ୍ରଥମେ ୧୯୭୯ ଜାନୁଆରୀ ୨୬ ତାରିଖରେ ବିଧର୍ମୀ ମିଶନାରୀ ମାନଙ୍କ ଦ୍ୱାରା ପ୍ରଥମ ଆକ୍ରମଣ କରିଥିଲେ। ମିଶନାରୀଙ୍କ ଲକ୍ଷ୍ୟ ଥିଲା କନ୍ଧମାଳଙ୍କ ଆଦିବାସୀ ସଂସ୍କୃତିକୁ ନଷ୍ଟ କରିବା। ସେହି ସମୟରେ କନ୍ଧମାଳ ଜିଲାର ଉପାନ୍ତ ଅଂଚଳରେ ସ୍ୱାମୀଜୀ ପାଦରେ ଚାଳି ଚାଳି ପ୍ରାୟ ୧୭ଶହରୁ ଉର୍ଦ୍ଧ୍ୱ ଗାଁ କୁ ବୁଲି ଲୋକଙ୍କୁ ସନାତନ ସଂସ୍କୃତି ସମ୍ପର୍କରେ ବୁଝାଇଛନ୍ତି। ସ୍ୱାମୀଜୀଙ୍କୁ ରାସ୍ତାରୁ ନହଟାଇଲେ, ଧର୍ମାନ୍ତରଣ କରାଯାଇପାରିବ ନାହିଁ, ଏଣୁ ବିଧର୍ମୀ ମାନଙ୍କ ସ୍ୱାମୀଜୀ ଏକ ପ୍ରକାର କଂଟା ପାଲଟି ଯାଇଥିଲେ। ଅନ୍ୟ ମାନଙ୍କ ମଧ୍ୟରେ ଧର୍ମଜାଗରଣ ବିଭାଗର ନବକୃଷ୍ଣ ମହାପାତ୍ର, ଭିଏଚପି ଜିଲା ସଂପାଦକ ଗୋପବନ୍ଧୁ ସାହୁ, ପ୍ରଖଣ୍ଡ ସଂପାଦକ ଜିତେନ୍ଦ୍ର ବେହେରା ପ୍ରମୁଖ ମଂଚାସୀନ ରହିଥିବା ବେଳେ ବହୁ ସଂଖ୍ୟାରେ ଶ୍ରଦ୍ଧାଳୁ ଭକ୍ତ, ବୁଦ୍ଧିଜିବୀ, ଶିକ୍ଷାବିତ ଉପସ୍ଥିତ ଥିଲେ।

ଲୋକସେବା ଫାଉଣ୍ଡେସନ୍ ପକ୍ଷରୁ ଗୁରୁଦିବସ ପାଳିତ

ଟାଙ୍ଗୀ-ଚୌଦ୍ୱାର (ଅମୃତ ମିଡ଼ିଆ) : ଟାଙ୍ଗୀ-ଚୌଦ୍ୱାର ବ୍ଲକ୍ ଅନ୍ତର୍ଗତ କହ୍ନେଇପୁର କଲ୍ୟାଣ ମଣ୍ଡପ ପରିସରରେ ଲୋକସେବା ଫାଉଣ୍ଡେସନ୍ ପକ୍ଷରୁ ଗୁରୁଦିବସ ପାଳିତ ହୋଇଯାଇଛି । ଆଇନ୍‌ଜୀବୀ ରାଜୀବ ଷଡ଼ଙ୍ଗୀଙ୍କ ପୌରୋହିତ୍ୟରେ ଆୟୋଜିତ କାର୍ଯ୍ୟକ୍ରମରେ ଲୋକସେବା ଫାଉଣ୍ଡେସନ୍‌ର ଅଧ୍ୟକ୍ଷ ହିମାଂଶୁ ମହାନ୍ତି ମୁଖ୍ୟଅତିଥି ଭାବେ ଯୋଗ ଦେଇ ଶିକ୍ଷା ଓ ସମାଜ ଗଠନରେ ଗୁରୁମାନଙ୍କ ଅବଦାନ ଅବିସ୍ମରଣୀୟ ବୋଲି କହିଥିଲେ। ସିଦ୍ଧଗିରି ମଠର ମହନ୍ତାଧିସ ବାବା ବିଶ୍ୱନାଥ ଦାସ ମୁଖ୍ୟବକ୍ତା ଭାବେ ଯୋଗ ଦେଇଥିବା ବେଳେ ବ୍ଲକ୍ ଶିକ୍ଷା ଅଧିକାରୀ ପ୍ରଭାତ କୁମାର ନାୟକ, ପୂର୍ବତନ ବ୍ଲକ୍ ଶିକ୍ଷା ଅଧିକାରୀ ଚନ୍ଦ୍ରଶେଖର ଦାସ, ନରେନ୍ଦ୍ର କୁମାର ବେହେରା, ସରୋଜିନୀ ସାହୁ, ମହାନ୍ତ ନୋଡ଼ାଲ ବିଦ୍ୟାପୀଠର ପ୍ରଧାନଶିକ୍ଷୟିତ୍ରୀ ସବିତା ଦାସ, ଡ. ଦୁର୍ଗାଚରଣ ନାୟକ, ପୂର୍ବତନ ସହକାରୀ ବ୍ଲକ୍ ଶିକ୍ଷା ଅଧିକାରୀ ବ୍ରଜମୋହନ ଦାସ, ଏକାଦଶୀ ବେହେରା, କଳ୍ପନା ନାୟକ ଓ ସୁଷମା ଦେଇ, ପୂର୍ବତନ ସହାୟକ ନିରୀକ୍ଷକ ବସନ୍ତ ବେହେରା, ଆକାଶବାଣୀର ନିର୍ଦ୍ଦେଶକ ସୁରେନ୍ଦ୍ର କୁମାର ସାମଲ, ପୂର୍ବତନ ସିଆରସିସି ସମରେନ୍ଦ୍ର ଷଡ଼ଙ୍ଗୀ, ରଞ୍ଜନ ମହାନ୍ତ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ଉପସ୍ଥିତ ଶିକ୍ଷକ ଶିକ୍ଷୟିତ୍ରୀମାନଙ୍କୁ ଅତିଥିମାନଙ୍କ ଦ୍ୱାରା ପୁଷ୍ପଗୁଚ୍ଛ ଓ ଉତ୍ତରୀୟ ଦେଇ ସମ୍ବର୍ଦ୍ଧିତ କରାଯାଇଥିଲା। ରବିନ୍ଦ୍ର ମହାପାତ୍ର କାର୍ଯ୍ୟକ୍ରମ ପରିଚାଳନା କରିଥିବା ବେଳେ ଅନନ୍ତ ପାତ୍ର, ଆଶିର୍ବାଦ କାନୁନ୍‌ଗୋ, ରାଜକିଶୋର ନାୟକ, ଦେବାଶିଷ ମଲିକ, ଜେମା ସର୍ଦ୍ଦାର, ଲକ୍ଷ୍ମୀପ୍ରିୟା ସ୍ୱାଇଁ, ଅମିତ୍ ସିଙ୍କୁ, କମଲେସ ସାହୁ, ବେଣୁଧର ଦାସ, ବଂଶୀଧର ସ୍ୱାଇଁ, ଇନ୍ଦ୍ରମଣି ସ୍ୱାଇଁ, ସୁଧାଂଶୁ ଶେଖର ସାହୁ, ଶାନ୍ତନୁ ମହାନ୍ତି, ଅଶ୍ୱିନୀ ଷଡ଼ଙ୍ଗୀ ପ୍ରମୁଖ ସହଯୋଗ କରିଥିଲେ। ଶେଷରେ ପୂର୍ବତନ ସମିତି ସଭ୍ୟ ଦେବାଶିଷ ମଲିକ ଧନ୍ୟବାଦ ଅର୍ପଣ କରିଥିଲେ।

ଖାଦ୍ୟ ସୁରକ୍ଷା ଯାଞ୍ଚ ଦାବି

ରାଇଘର (ଅମୃତ ମିଡିଆ) : ନବରଙ୍ଗପୁର ଜିଲ୍ଲା ରାଇଘର ବ୍ଲକ ସମେତ ଜିଲ୍ଲାର ସମସ୍ତ ସହର, ଆଖ ପାଖ ଅଞ୍ଚଳରେ ଉଠାଦୋକାନୀ ସକାଳ ଜଳଖିଆ ଶହ ସନ୍ଧ୍ୟା ସମୟରେ ଫାଷ୍ଟ ଫୁଡ୍, ଗୁପ୍‌ଚୁପ୍ କରି ନିଜ ନିଜର ବ୍ୟବସାୟ ଚଳାଇଛନ୍ତି। ଏବଂ କିଛି ଦୋକାନୀଙ୍କ ଫୁଡ୍ ଲାଇସେନ୍ସ ଥିବା ବେଳେ ବହୁ ଉଠା ଦୋକାନୀଙ୍କ ଫୁଡ୍ ଲାଇସେନ୍ସ ନାହିଁ। ସାଧାରଣ ଜନତା ସକାଳ ହଉ ବା ସନ୍ଧ୍ୟା ସମୟରେ ହଉ ସମସ୍ତ ଦୋକାନରେ ଭିଡ ଜମିବା ଦେଖିବାକୁ ମିଳୁଛି। ଖାଦ୍ୟ ସୁରକ୍ଷା ବିଭାଗ ନମୁନା ସଂଗ୍ରହ କରି ଖାଦ୍ୟର ମାନ ଯାଞ୍ଚ କରିବା କଥା।କିନ୍ତୁ ରାଇଘର ବ୍ଲକରେ କେବେ ଖାଦ୍ୟ ସୁରକ୍ଷା ବିଭାଗ ଆସି ଯାଞ୍ଚ କରିବା ଦେଖିବାକୁ ମିଳୁନାହିଁ। ସେହି ପରି ସନ୍ଧ୍ୟା ସମୟରେ ରାଇଘର ବ୍ଲକ ସଦର ମହକୁମା ଠାରେ ବହୁ ଗୁପ ଚୁପ୍ ଦୋକାନ ମଧ୍ୟ ଖୋଲା ହଉଛି। ଗୁପ୍ ଚୁପ୍ ଖଟା ପାଣିର ନମୁନା ବି ଯାଞ୍ଚ କରିବା ଆବଶ୍ୟକ ରହିଛି। କାହିଁକି ନା ଖଟା ପାଣି ସାଧାରଣ ତ ତେନ୍ତୁଳି କିମ୍ବା ଲେମ୍ବୁରେ ବନାଯାଏ। କିନ୍ତୁ ତେନ୍ତୁଳି ନା ଲେମ୍ବୁ ବଦଳରେ ସିଟ୍ରିକ ଏସିଡରେ ବନାଯାଉଛି। କିଏ ଜାଣିଲା। ତାସହ ଅସ୍ୱଚ୍ଛ ପରିବେଶ ଅନୁପଯୁକ୍ତ ଉତ୍ପାଦନରେ ଖାଦ୍ୟ ପ୍ରସ୍ତୁତି ଖାଦ୍ୟ ଖାଇବା ଦ୍ୱାର ବିଭିନ୍ନ ପ୍ରକାର ପେଟ ସମସ୍ୟା ଦେଖା ଦେଇପାରେ। ତେଣୁ ଖାଦ୍ୟ ସୁରକ୍ଷା ବିଭାଗ ଜନ ଖାଦ୍ୟ ନମୁନା ସଂଗ୍ରହ କରି ଯାଞ୍ଚ କରିବାକୁ ସାଧାରଣରେ ଦାବି ହେଉଛି।

ଉଦ୍ୟୋଗୀ ବିକାଶ ତାଲିମ କାର୍ଯ୍ୟକ୍ରମ

କଟକ (ବ୍ୟୁରୋ) : ଓଡ଼ିଶା ପ୍ରୋଜେକ୍ଟ ଆଣ୍ଡ ମାର୍କେଟିଂ ଡେଭଲପମେଣ୍ଟ ସେଣ୍ଟର ପକ୍ଷରୁ ଖପୁରିଆ ଶିଳ୍ପାଞ୍ଚଳସ୍ଥିତ ଟେକ୍ଟିଂ ଲାବୋରେଟୋରୀ ପରିସରରେ ୧୨ଦିନିଆ ଉଦ୍ୟୋଗୀ ବିକାଶ ତାଲିମ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଅଗଷ୍ଟ ୧୮ତାରିଖରୁ ଆରମ୍ଭ ହୋଇଥିବା ଏହି ତାଲିମ କାର୍ଯ୍ୟକ୍ରମରେ କଟକ ଜିଲ୍ଲାର ବହୁ ଯୁବକ ଓ ଶିକ୍ଷିତ ମହିଳା ଅଂଶଗ୍ରହଣ କରିଥିଲେ। ତାଲିମ କାର୍ଯ୍ୟକ୍ରମରେ ଉଦ୍ୟୋଗ ପ୍ରତିଷ୍ଠା, ଉତ୍ପାଦନ ପ୍ରକ୍ରିୟା, ଉତ୍ପାଦର ଗୁଣବତ୍ତା ବୃଦ୍ଧି, ବଜାର ସୃଷ୍ଟି ଓ ବିପଣନ ଆଦି ବିଷୟରେ ଅଂଶଗ୍ରହଣକାରୀଙ୍କୁ ତଥ୍ୟଭିତ୍ତିକ ତାଲିମ ପ୍ରଦାନ କରାଯାଇଥିଲା। ନିଜସ୍ୱ ଉଦ୍ୟୋଗ ପ୍ରତିଷ୍ଠା କରି ଆତ୍ମନିର୍ଭର ହେବା ସହିତ ଉତ୍ପାଦିତ ସାମଗ୍ରୀକୁ ଉପଯୁକ୍ତ ବଜାର ଯୋଗାଇ ଏହାର ମୂଲ୍ୟ ବୃଦ୍ଧି କରିବା ଉପରେ ତାଲିମରେ ଗୁରୁତ୍ୱ ଦିଆଯାଇଥିଲା। କାର୍ଯ୍ୟକ୍ରମ ପରିଚାଳନାରେ କଟକ ଜିଲ୍ଲା ଶିଳ୍ପ ଅଧିକାରୀ ତଥା ଓପିଏମ୍‌ଡିସି ନିର୍ଦ୍ଦେଶକ ରବୀନ୍ଦ୍ର କୁମାର ସାହୁଙ୍କ ସହଯୋଗ ରହିଥିଲା। ଯୁବକ ଓ ମହିଳାମାନଙ୍କ ମଧ୍ୟରେ ଉଦ୍ୟୋଗୀ ମନୋଭାବ ସୃଷ୍ଟି କରିବା, ନୂତନ ଶିଳ୍ପ ପ୍ରତିଷ୍ଠା ପାଇଁ ଉତ୍ସାହିତ କରିବା ଏବଂ ଉତ୍ପାଦିତ ସାମଗ୍ରୀକୁ ବଜାରରେ ଉପଯୁକ୍ତ ମୂଲ୍ୟ ଦେବା ଏହି କାର୍ଯ୍ୟକ୍ରମର ମୁଖ୍ୟ ଲକ୍ଷ୍ୟ ଥିଲା।ଏହି ତାଲିମ କାର୍ଯ୍ୟକ୍ରମରେ ଏସ୍‌ବିଆଇ ମ୍ୟାନେଜର ନିବେଦିତା ଦାସ, ଶିଳ୍ପ ବିଭାଗର କଟକର ଅବସରପ୍ରାପ୍ତ ଯୁଗ୍ମ ନିର୍ଦ୍ଦେଶକ ଭୁବନାନନ୍ଦ ମହାନ୍ତି, ଭଦ୍ରକର ପୂର୍ବତନ ଜିଏମ୍ ଇଞ୍ଜିନିୟର ପିତାୟର ପରିଡ଼ା ଏବଂ ଡିଆଇସି, କଟକର ଜିଏମ୍ ମନୋଜ କୁମାର ମହାପାତ୍ର ପ୍ରମୁଖ ତାଲିମ ପ୍ରଦାନରେ ସହଯୋଗ କରିଥିଲେ।

ଭକ୍ତି ବେଦାନ୍ତ ଆଶ୍ରମରେ ଶ୍ରୀକୃଷ୍ଣ ଜନ୍ମାଷ୍ଟମୀ

କୋଣ ଅନୁକୋଣରୁ ଶତାଧିକ ଶ୍ରଦ୍ଧାଳୁ ଭକ୍ତଙ୍କ ସମାବେଶ

କୁଜଙ୍ଗ (ଅମୃତ ମିଡିଆ) : କୁଜଙ୍ଗ ବ୍ଲକ ଅନ୍ତର୍ଗତ ବଣିତ ପଞ୍ଚାୟତସ୍ଥିତ ଡଗରପଡା ଗ୍ରାମରେ ଗଢି ଉଠିଥିବା ଆଧ୍ୟାତ୍ମିକ ପରିବେଶ ମଣ୍ଡିତ ହୋଇଥିବା ଭକ୍ତି ବେଦାନ୍ତ ଆଶ୍ରମ ପରିସରରେ ମହାଆଡମ୍ବରରେ ଜନ୍ମାଷ୍ଟମୀ ଉତ୍ସବ ପାଳିତ ହୋଇଯାଇଛି। ଏହି ଭବ୍ୟ ଦିବ୍ୟ ଶ୍ରୀକୃଷ୍ଣଙ୍କ ଜନ୍ମଦିନ ଉପଲକ୍ଷେ ଶହ ଶହ ଶ୍ରଦ୍ଧାଳୁ ଭକ୍ତ ମାନେ ଉପସ୍ଥିତ ହୋଇ ପ୍ରଭୁଙ୍କ ଦର୍ଶନ ସହ ଆଶିଷ ଭିକ୍ଷା କରିଥିଲେ,ସନ୍ଧ୍ୟା ସମୟରେ ବିଭିନ୍ନ କୋଣ ଅନୁକୋଣରୁ ଆଶ୍ରମ ପରିବେଶରେ ସାଂସ୍କୃତିକ କାର୍ଯ୍ୟକ୍ରମ ପାଳିତ ହୋଇଯାଇଛି। ଏହି ଅବସରରେ ଭକ୍ତି ବେଦାନ୍ତ ଆଶ୍ରମ ବାବାଜୀ ବନମାଳୀ ଦାସ ମହାରାଜ ସଭାପତିତ୍ୱରେ ସମସ୍ତ କାର୍ଯ୍ୟକ୍ରମ ଅନୁଷ୍ଠିତ ହେବା ସହିତ ବିଶ୍ୱହିନ୍ଦୁ ପରିଷଦ ପ୍ରାନ୍ତ ଧର୍ମାଚାର୍ଯ୍ୟ ଓ ଜଗନ୍ନାଥ ସଂସ୍କୃତି ପ୍ରଚାରକ ଡଃ ସୁନାକର ବେହେରା ସଂଯୋଜନା କରିଥିଲେ ମୁଖ୍ୟ ସେବକ ରସିକ ରାଜ, ପରମ ସେବିକା ରସପ୍ରିୟା ଦେବୀ, କମଳ ପ୍ରଭୁଜି, ମୁଖ୍ୟ ଅତିଥି ଭାବେ ଭୁବନେଶ୍ୱର ଇସ୍କନ ପରିଚାଳକ ରାମାନୁଜ କ୍ରିଷ୍ଣା ଚୈତ୍ୟାନ ସ୍ୱାମୀ ଓ ଅନେକ ସାଧୁ ମହାତ୍ମା ଉପସ୍ଥିତ ରହି ଶ୍ରଦ୍ଧାଳୁମାନଙ୍କୁ ପ୍ରଭୁଙ୍କ ବିଷୟରେ ପ୍ରବଚନ ଦେଇଥିଲେ। ପରେ ଭଗବାନ ଲିଳାଖେଳା ଭକ୍ତି ମାର୍ଗ ସମାରୋହରେ ମାନ୍ୟବର ଶିଳ୍ପ ଦକ୍ଷତା, ବିକାଶ ଓ ବୈଷୟକ ଶିକ୍ଷା ମନ୍ତ୍ରୀ ସମ୍ପଦ ଚନ୍ଦ୍ର ସ୍ୱାଇଁ ଯୋଗ ଦେଇ ପ୍ରଭୁଙ୍କ ଆଶିଷ ଭିକ୍ଷା କରିଥିଲେ। ଏଥିରେ ଯୁବ ନେତା ସମାଜସେବି ପ୍ରତାପ ଚନ୍ଦ୍ର ଦାସ, ଆର୍କିଟେକ ଅରବିନ୍ଦ ପ୍ରସାଦ ଦାସ, ଜ୍ୟୋତିର୍ବିତ ଅରୁଣ କୁମାର ପାଣି, କାର୍ତ୍ତିକ ଚନ୍ଦ୍ର ସାହୁ, ପ୍ରତ୍ୟୁଷ ଦାସ, ବାବା ସନ୍ତୋଷ ଗଦାଧର ଦାସ, ଶ୍ରଦ୍ଧାଳୁ ଭକ୍ତ ମାନଙ୍କ ମଧ୍ୟରେ ତ୍ରିଭୁବନ ବେହେରା, କୁମୁଦ ନନ୍ଦୀ ଦେବି ଦାସ, ଜଗନ୍ନାଥ ଖଣ୍ଟୁଆଳ, ଆଡ଼ଭୋକେଟ କିଶୋର ଶତପଥୀ, ଜିଲ୍ଲା ପରିଷଦ ସଭ୍ୟ ରବିନାରାୟଣ ସାହୁ, ବଜାର କମିଟି ରାହାମା ସଭାପତି ଶିଶିର କୁମାର ଦାସ,ବିନୋଦ ବରାଳ, ଶରତ ଚନ୍ଦ୍ର ସାହୁ, ମନୋହର ସ୍ୱାଇଁ ଦୁର୍ଯ୍ୟୋଧନ ପାତ୍ର, ପ୍ରେସ କ୍ଲବ ସଭାପତି ଡ଼ ମାନସ ମହାନ୍ତି, ସମ୍ବାଦ ପ୍ରତିନିଧି ଦେବାଶିଷ ଅକ୍ଷୟ କୁମାର ମହାନ୍ତି ପ୍ରମୁଖ ଯୋଗଦେଇ ଆଜିର ଏହି ଭବ୍ୟ ଜନ୍ମାଷ୍ଟମୀ ଉତ୍ସବ ସୃଷ୍ଟିର ନିୟନ୍ତା ପ୍ରଭୁଙ୍କ ଆଶିଷ ଭିକ୍ଷା ଲାଭ କରିଥିଲେ। ସ୍ଥାନୀୟ ଅଞ୍ଚଳ ଶ୍ରଦ୍ଧାଳୁ ଭକ୍ତ ଓ ଗ୍ରାମ ବାସୀ ପୂର୍ଣ୍ଣ ସହଯୋଗ କରିଥିଲେ ରାତ୍ର ୧୨ ଘଟିକା ଶ୍ରୀକୃଷ୍ଣଙ୍କ ଜନ୍ମ ଉତ୍ସବ। ଶ୍ରୀକ୍ଷେତ୍ର ଭଜନ ସନ୍ଧ୍ୟା ଭୁବନେଶ୍ୱର ତରଫରୁ ଭଜନ ପରିବେଷଣ କରାଯାଇଥିଲା କଣ୍ଠଶିଳ୍ପୀ ଶରତ ଚନ୍ଦ୍ର ବାରିକ, ପ୍ରଶାନ୍ତ ପାଢ଼ୀ, ସୁନାମ ଧନ୍ୟ କଣ୍ଠଶିଳ୍ପୀ ମାନସୀ ପାତ୍ର, ସୁଭଦ୍ରା ସୁଭଦର୍ଶିନୀ, ପବିତ୍ର କୁମାର ସୁବର୍ଣ୍ଣ କୁମାର ଯୋଗ ଦେଇଥିଲେ ଆସନ୍ତାକାଲି ଇସ୍କନ ପ୍ରତିଷ୍ଠାତା ଭକ୍ତି ବେଦାନ୍ତ ଶ୍ରୀଲ ପ୍ରଭୁପାଦଙ୍କ ଜନ୍ମଦିନ ଓ ଶ୍ରୀକୃଷ୍ଣ ନନ୍ଦ ମହୋତ୍ସବ ମହାସମାହାରରେ ପାଳିତ ହେବ ବୋଲି ଅନୁଷ୍ଠାନ ତରଫରୁ ସୂଚନା ମିଳିଛି।

ଚୌଦ୍ୱାର କଲେଜରେ ଗୁରୁ ଦିବସକୁ କଳା ଦିବସ ପାଳନ

ଟାଙ୍ଗୀ ଚୌଦ୍ୱାର (ଅମୃତ ମିଡ଼ିଆ) : ଚୌଦ୍ୱାର ମହାବିଦ୍ୟାଳୟ ର ଅଧ୍ୟାପକ ଓ କର୍ମଚାରୀ ମାନେ ଗୁରୁଦିବସ କୁ କଳାଦିବସ ଭାବେ ପାଳନ କରିଛନ୍ତି। ସୂଚନା ଅନୁଯାୟୀ ପରିଚାଳନା କମିଟି ଦ୍ୱାରା ୨୦୦୮ରୁ ୨୦୧୮ ମସିହା ମଧ୍ୟରେ ନିଯୁକ୍ତ ଅଧ୍ୟାପକ ଓ କର୍ମଚାରୀ ମାନଙ୍କୁ ସରକାରୀ ଅନୁଦାନ ପ୍ରଦାନ କରିବାକୁ ସରକାର ଅହେତୁକ ବିଳମ୍ବ କରିବାରୁ ଆଜି କଳାଦିବସ ପାଳନ କରି ପ୍ରତିବାଦ କରାଯାଇଛି। ବାରମ୍ବାର କମିଟି କରି ତାର ରିପୋର୍ଟ ଦାଖଲ ହୋଇ ସାରିଥିଲେ ମଧ୍ୟ ସରକାର ନିଦାବିଷ୍ଟୁ ସାଜିଛନ୍ତି। ସରକାର ର ପ୍ରତିଶୃତି ପ୍ରତାରଣା ପାଲଟିଛି। ଆ

୩୪ଗ୍ରାମ୍ ବ୍ରାଉନସୁଗର ଚୋରାମଦ ଜବତ, ୯ଗିରଫ

କେନ୍ଦ୍ରାପଡ଼ା (ଅମୃତ ମିଡିଆ) : କେନ୍ଦ୍ରାପଡ଼ା ଜିଲ୍ଲାପାଳ ରଘୁରାମ ଆର. ଆୟରଙ୍କ ନିର୍ଦ୍ଦେଶକ୍ରମେ ଏବଂ ଅବକାରୀ ଅଧୀକ୍ଷକ ବିପ୍ର ଚରଣ ମଣ୍ଡଳଙ୍କ ପ୍ରତ୍ୟେକ୍ଷ ତତ୍ତ୍ୱାବଧାନରେ ବିଭିନ୍ନ ଥାନା ଅଞ୍ଚଳରେ ଚଢ଼ାଉ କରାଯାଇ ବିପୁଳ ପରିମାଣର ନିଶା ଦ୍ରବ୍ୟ ଜବତ କରାଯାଇଛି । ପଟାମୁଣ୍ଡାଇ ଟାଉନ ଥାନା ଅଧିନ ମାଟିଆ ଗ୍ରାମର ସାଗର ମଲ୍ଲିକ(୨୫)ଙ୍କ ଠାରୁ ୩୪ ଗ୍ରାମ ବ୍ରାଉନ ସୁଗାର ଓ ଗୋଟିଏ ଦୁଇ ଚକିଆ ଯାନ ଜବତ କରାଯାଇଥିବା ବେଳେ ପଟ୍ଟାମୁଣ୍ଡାଇ ଗ୍ରାମାଞ୍ଚଳ ଥାନା ଅଧିନ ମାଟିଆ ଗ୍ରାମର ସନ୍ତୋଷ ମଲ୍ଲିକ(୨୫), ଗଙ୍ଗାରାମପୁର ଗ୍ରାମର ବିଦ୍ୟାଧର ନାୟକ, ଗୁଣୁପୁର ଗ୍ରାମର ନକୁଳ ଜେନା, ନିଗନପୁର ଗ୍ରାମର ସମୀର ସେଠୀ, ବଡମୋହନପୁର ଗ୍ରାମର ମନୋରଞ୍ଜନ ମଲ୍ଲିକଙ୍କ ଠାରୁ ମୋଟ ୪୦ ଲିଟର ଚୋରା ବିଦେଶୀ ମଦ ଜବତ କରାଯାଇଛି । ନିକିରେଇ ଥାନା ଅଧିନ ତନାର ଗ୍ରାମର ପ୍ରଫୁଲ୍ଲ ପାତ୍ରଙ୍କ ଠାରୁ ୨୦ ଲିଟର ଚୋରା ବିଦେଶୀ ମଦ ଓ ଗୋଟିଏ ଦୁଇ ଚକିଆ ଯାନ ଜବତ କରାଯାଇଥିବା ବେଳେ ମାର୍ଶାଘାଇ ଥାନା ଅଧିନ ପ୍ରବକପୁର ଗ୍ରାମର ଟାକା ଗୋବିନ୍ଦ ଚନ୍ଦ୍ର ଖିଲାରଙ୍କ ଠାରୁ ୨୦ ଲିଟର ଓ ୫ରଣା ରାଉତଙ୍କ ଠାରୁ ୧୮ ଲିଟର ଚୋରା ରନ୍ଧା ମଦ ଜବତ କରାଯାଇଛି । ଏହି ମାମଲାରେ ସମସ୍ତ ୯ ଜଣ ଅଭିଯୁକ୍ତଙ୍କୁ ଗିରଫ କରି କୋର୍ଟ ଚାଲାଣ କରାଯାଇଛି । ଏହି ଚଢ଼ାଉରେ ଅବକାରୀ ଉପ-ନିରୀକ୍ଷକ ପ୍ରିୟଦର୍ଶୀ ମାନସରଞ୍ଜନ ମିଶ୍ର, ଦୀପକ କୁମାର ଜେନା, ରଞ୍ଜନ କୁଆଁର ପାତ୍ର ଏବଂ ଅବକାରୀ ନିରୀକ୍ଷକ ସନ୍ଧ୍ୟାରାଣୀ ଦାସଙ୍କ ସମେତ ବିଭାଗର ଅନ୍ୟ କର୍ମଚାରୀମାନେ ସାମିଲ ଥିଲେ ।

ଗୁରୁପୂଜନ ଉତ୍ସବ ଓ ପୂର୍ବତନ ବାଚସ୍ପତି ଶରତ କରଙ୍କ ଜୟନ୍ତୀ ପାଳିତ

ମାହାଙ୍ଗା (ଅମୃତ ମିଡ଼ିଆ) : ପୂର୍ବତନ ରାଷ୍ଟ୍ରପତି ଡକ୍ଟର ସର୍ବପଲ୍ଲୀ ରାଧାକୃଷ୍ଣନ ଙ୍କ ଜୟନ୍ତୀ ତଥା ଗୁରୁଦିବସ ପାଳନ ଅବସରରେ ମାହାଙ୍ଗା ନିର୍ବାଚନ ମଣ୍ଡଳୀ ସ୍ତରୀୟ ଏକ ଗୁରୁ ପୂଜନ କାର୍ଯ୍ୟକ୍ରମ ଓ ପୂର୍ବତନ ସାଂସଦ, ମନ୍ତ୍ରୀ, ବାଚସ୍ପତି ତଥା ବିଶିଷ୍ଟ ବାଗ୍ମୀ ଶରତ କରଙ୍କ ଜୟନ୍ତୀ ମହା ସମାରୋହ ରେ ପାଳିତ ହୋଇଯାଇଛି । ଗୋକନ ଭଞ୍ଜ ମଣ୍ଡପ ସନ୍ନିକଟ କଲ୍ୟାଣ ମଣ୍ଡପ ଠାରେ କବି ଗୌତମ ଜେନାଙ୍କ ସଭାପତିତ୍ୱରେ ଆୟୋଜିତ ଏହି ଉତ୍ସବରେ ପ୍ରଥମେ ସୁନାମଧନ୍ୟ କଣ୍ଠଶିଳ୍ପୀମାନଙ୍କ ଦ୍ୱାରା ଗୁରୁବନ୍ଦନା ଗାନ ଓ ଗୁରୁ ପୂଜନ ସମିତିର ମହିଳା କର୍ମକର୍ତ୍ତାମାନଙ୍କ ଦ୍ୱାରା ଉପସ୍ଥିତ ସମସ୍ତ ଗୁରୁମାନଙ୍କୁ ଫୁଲ ଚନ୍ଦନ ଦେଇ ବନ୍ଦାପନା ପୂର୍ବକ ସ୍ୱାଗତ କରା ଯାଇଥିଲା । ମୁଖ୍ୟ ଅତିଥି ଭାବେ ଓଡିଶାର ସୁନାମ ଧନ୍ୟ ଶିଶୁ ସାହିତ୍ୟିକ, ଅବସରପ୍ରାପ୍ତ ଶିକ୍ଷା ପ୍ରଶାସକ ତଥା ଶିକ୍ଷାବିତ୍ ଦାଶ ବେନହୁର ଯୋଗଦେଇ ଗୁରୁ ଛାତ୍ର ସମ୍ପର୍କ ବିଷୟରେ ଅନେକ ମୂଲ୍ୟବାନ କଥା କହିଥିଲେ । ସେ ପୁରାଣ ପୃଷ୍ଠାରୁ ରାଜା ବଳି ଓ ଦୈତ୍ୟ ଗୁରୁ ଶୁକ୍ରାଚାର୍ଯ୍ୟଙ୍କ ଉଦାହରଣ ଦେଇ ଗୁରୁ କେବଳ ଶିକ୍ଷା ଦାତା, ମାର୍ଗ ଦର୍ଶକ ନୁହଁନ୍ତି ସେ ମଧ୍ୟ ଛାତ୍ର ବା ଶିଷ୍ୟର ରକ୍ଷା କର୍ତ୍ତା ବୋଲି ଉଲ୍ଲେଖ କରିଥିଲେ । ସେହିପରି ମାହାଙ୍ଗା ଅଧିନ ମୂଳବସନ୍ତ ଗ୍ରାମର ଗୁରୁମାନେ ଏକଦା ଓଡ଼ିଶାର ବିଭିନ୍ନ ଅଞ୍ଚଳକୁ ଯାଇ ଶିକ୍ଷା ଦାନ କରିବା ସହ ଓଡ଼ିଆ ଭାଷା ସାହିତ୍ୟ ଓ ସଂସ୍କୃତିକୁ ରୁଦ୍ଧିମନ୍ତ କରିଥିବାର ଐତିହାସିକ ପ୍ରମାଣ ମାନ ରହିଛି ବୋଲି ସେ ପ୍ରକାଶ କରିଥିଲେ । ସ୍ୱର୍ଗତ ଶରତ କରଙ୍କ ପ୍ରତି ନିଜର ଶ୍ରଦ୍ଧା ସୁମନ ଅର୍ପଣ କରିବା ଅବସରରେ ସେ ଏକାଧାରରେ ଜଣେ ବିଦ୍ୱାନ ପଣ୍ଡିତ ପ୍ରବଚକ, କବି, ସଫଳ ରାଜନେତା ଥିଲେ ବୋଲି ବର୍ଣ୍ଣନା କରିଥିଲେ । ମୁଖ୍ୟବକ୍ତା ଭାବେ ଗୁରୁ ପୂଜନ ସମିତିର ସଭାପତି ତଥା ପୂର୍ବତନ ମନ୍ତ୍ରୀ ପ୍ରତାପ ଜେନା ସାରସ୍ୱତ ମାଟି, ମାହାଙ୍ଗା ମାଟିର ପରିଚୟ ଉପସ୍ଥିତ ସମସ୍ତ ଗୁରୁ ମାନଙ୍କୁ ଉତ୍ତରୀୟ ପିନ୍ଧାଇ ସମ୍ବର୍ଦ୍ଧିତ କରିଥିଲେ । ସମ୍ମାନିତ ଅତିଥି ଭାବରେ ବରିଷ୍ଠ ଶିକ୍ଷାବିତ୍ ଡକ୍ଟର ଭୁବନାନନ୍ଦ ସାହୁ ନିଖିନ୍ତକୋଇଲି ବ୍ଲକ୍ ଅଧ୍ୟକ୍ଷ ରୋଜି ସେଠୀ, ମାହାଙ୍ଗା ବ୍ଲକ୍ ଅଧ୍ୟକ୍ଷ ଦୀପା ମଲିକ୍, ଉପାଧ୍ୟକ୍ଷ ସତ୍ୟନାରାୟଣ ମହାନ୍ତି ପ୍ରମୁଖ ଯୋଗଦାନ କର ଗୁରୁପୂଜନ ଭଳି ଅନନ୍ୟ ପରମ୍ପରାର ଭୂୟସୀ ପ୍ରଂଶସା କରିଥିଲେ । ପୂର୍ବତନ ବ୍ଲକ୍ ଅଧ୍ୟକ୍ଷ ରାଜକିଶୋର ଜେନା ଅତିଥି ମାନଙ୍କ ପରିଚୟ ପ୍ରଦାନ କରିଥିବାବେଳେ ଗୁରୁ ପୂଜନ କମିଟି ମାହାଙ୍ଗା ନିଖିନ୍ତ କୋଇଲିର ସମ୍ପାଦକ ହୃଷିକେଶ ସ୍ୱାଇଁ ଧନ୍ୟବାଦ ଅର୍ପଣ କରିଥିଲେ ।

ଗୁରୁ ଦିବସରେ ଅବସରପ୍ରାପ୍ତ ପ୍ରଧାନଶିକ୍ଷକଙ୍କୁ ସମ୍ବର୍ଦ୍ଧନା

ରାଇଘର (ଅମୃତ ମିଡିଆ) : ସରକାରଙ୍କ ଚିଠି ଅନୁଯାୟୀ ରାଇଘର ବ୍ଲକର ସମସ୍ତ ଶିକ୍ଷାନୁଷ୍ଠାନରେ ୫ ସେପ୍ଟମ୍ବେର ପବିତ୍ର ଗୁରୁ ଦିବସ ଅବସରରେ ଅବସରପ୍ରାପ୍ତ ଶିକ୍ଷକଶିକ୍ଷୟତ୍ରୀଙ୍କୁ ସମ୍ବର୍ଦ୍ଧନା ଜ୍ଞାପନ କରାଯାଇଛି । ଏହି ଅବସରରେ ହାଣ୍ଡି କଦରା, ଏବଂ ଗଞ୍ଜା ପାରା ଉନ୍ନୀତ ବିଦ୍ୟାଳୟ ତରଫରୁ ଅବସରପ୍ରାପ୍ତ ପ୍ରଧାନଶିକ୍ଷକ ଶ୍ରୀହର୍ଷ ମହାପାତ୍ରଓ ସୁରେନ୍ଦ୍ର ନାଥ ଓଝାଙ୍କୁ ସମ୍ବର୍ଦ୍ଧନା ଜଣାଇଥିବା ବେଳେ ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ବଜୟ କୁମାର ପାଢ଼ୀଙ୍କୁ ବୋବେଇ ଉନ୍ନୀତ ଉଚ୍ଚ ବିଦ୍ୟାଳୟରେ ସମ୍ବର୍ଧନା ଜ୍ଞାପନ କରିଥିଲେ । ରାଇଘର ସଦର ମହକୁମା ସ୍ଥିତ ପୂର୍ବତନ ବୋର୍ଡ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ପକ୍ଷରୁ ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ବୁଲୁ ସିଂ ରାଜପୁତଙ୍କୁ ସମ୍ବର୍ଦ୍ଧନା ଜ୍ଞାପନ କରିଥିଲେ ସେହି ଭଳି ବ୍ଲକର ସମସ୍ତ ଶିକ୍ଷାନୁଷ୍ଠାନ ଗୁଡିକରେ ଅବସରପ୍ରାପ୍ତ ଶିକ୍ଷକ ଶିକ୍ଷୟତ୍ରୀଙ୍କୁ ଭବ୍ୟ ସମ୍ବର୍ଦ୍ଧନା ପ୍ରଦାନ କରାଯାଇଥିବା ଦେଖିବାକୁ ମିଳିଥିଲା । ସମ୍ବର୍ଧନା ଜ୍ଞାପନ ସମୟରେ ସମସ୍ତ ବିଦ୍ୟାଳୟର ପ୍ରଧାନ ଶିକ୍ଷକଙ୍କ ସମେତ ସମସ୍ତ ଶିକ୍ଷକ ଶିକ୍ଷୟତ୍ରୀ, ବିଦ୍ୟାଳୟ ପରିଚାଳନା କମିଟି ଛାତ୍ରଛାତ୍ରୀ ଉପସ୍ଥିତ ରହି ପୁଷ୍ପଗୁଚ୍ଛ ଦେଇ ସମ୍ବର୍ଦ୍ଧନା ପତ୍ର ପ୍ରଦାନ କରି ସମ୍ମାନିତ କରିଥିଲେ । ଏହି ଅବସରରେ ତାଙ୍କର ଦୀର୍ଘ ଶିକ୍ଷକତା ଜୀବନ, ଶିକ୍ଷାଦାନ ପ୍ରତି ନିଷ୍ଠା ଏବଂ ବିଦ୍ୟାଳୟର ଶିକ୍ଷା ଓ ଶୃଙ୍ଖଳା କ୍ଷେତ୍ରରେ ଅବଦାନକୁ ସ୍ମରଣ କରାଯାଇଥିଲା । ଶିକ୍ଷକମାନେ ତାଙ୍କ ସୁସ୍ଥ, ଦୀର୍ଘ ଓ ଆନନ୍ଦମୟ ଅବସର ଜୀବନ କାମନା କରିଥିଲେ । 'ଗୁରୁଙ୍କ ଜ୍ଞାନ ଓ ଆଦର୍ଶ ପିଢ଼ି ପରେ ପିଢ଼ିକୁ ଆଲୋକିତ କରେ' ଏହି ଭାବନା ସହ ଗୁରୁ ଦିବସ କାର୍ଯ୍ୟକ୍ରମଟି ସମ୍ପନ୍ନ ଓ ଶ୍ରଦ୍ଧାର ପରିବେଶରେ ସମାପ୍ତ ହୋଇଥିଲା ।

ଗେଙ୍ଗୁଟି ନଦୀରେ କୁମ୍ଭୀର ସତର୍କ କଲା ବନବିଭାଗ

ବାଲିଚନ୍ଦ୍ରପୁର (ଅମୃତ ମିଡିଆ) : ବଡ଼ଚଣା ବ୍ଲକ ଅନ୍ତର୍ଗତ ସାଉଡିଆ ପଞ୍ଚାୟତ ଡାଳୁଆ ବାଲିକୁଦା ଗେଙ୍ଗୁଟି ନଦୀ ବ୍ରିଜ ନିକଟରେ ଏକ କୁମ୍ଭୀର ପହରୁ ଥିବା ସ୍ଥାନୀୟ ଲୋକମାନେ ଦେଖିବା ପରେ ତାହାର ଭିଡିଓ ଉତ୍ତୋଳନ କରି ସାମାଜିକ ଗଣମାଧ୍ୟମରେ ଭାଇରାଲ୍ କରିଥିଲେ । ଘଟଣାଟି ପ୍ରଘଟ ହେବାପରେ ବ୍ରିଜ ଉପରେ କୁମ୍ଭୀରକୁ ଦେଖିବା ପାଇଁ ଶହଶହ ସଂଖ୍ୟକ ଲୋକ ବ୍ରିଜ ଉପରେ ରୁଣ୍ଡ ହୋଇଥିଲେ । ଦୀର୍ଘ ସମୟ ଧରି ପାଣିରେ ବୁଡ଼ି ପୁଣି ଉପରକୁ ଉଠୁଥିବା ସ୍ଥାନୀୟ ଲୋକେ ଦେଖିବାକୁ ପାଇଥିବା କହିଛନ୍ତି । ଏହି ସ୍ଥାନଟି କେଲୁଅ ଓ ଗେଙ୍ଗୁଟି ନଦୀର ମିଶ୍ରଣ ସ୍ଥଳ ୨କି.ମି. ପରେ ଏହି ନଦୀରେ ବିରୂପା ମିଶିଛି ବଡ଼ଚଣା ବ୍ଲକ୍‌ର କେଲୁଅ, ଗେଙ୍ଗୁଟି ଓ ବିରୂପା ନଦୀକୂଳରେ ଅବସ୍ଥିତ ଜନକଠାରୁ ହଳଧରପୁର ଓ ଗେଙ୍ଗୁଟି ନଦୀକୂଳରେ ଚଣ୍ଡିଆ, ବନମାଳୀପୁର, ଅଚ୍ୟୁତବସନ୍ତ, ଗୋପାଳପୁର, ଚାରିନଙ୍ଗଳ ପଞ୍ଚାୟତର ଜନସାଧାରଣ ନଦୀ ଉପରେ ବିଭିନ୍ନ କାର୍ଯ୍ୟ ପାଇଁ ନିର୍ଭର କରିଥାନ୍ତି । କୁମ୍ଭୀର ଦେଖାଯିବା ପରେ ଲୋକମାନେ ଭୟଭୀତ ଅବସ୍ଥାରେ ଅଛନ୍ତି । ଏନେଇ ବେରୀ ରେଞ୍ଜର ସଚ୍ଚିଦାନନ୍ଦ ସୁବୁଦ୍ଧିଙ୍କୁ ଅବଗତ କରାଇବା ପରେ ସେ ବନ କର୍ମଚାରୀଙ୍କୁ ପଠାଇ ମାଇକ୍ ଯୋଗେ ନଦୀକୁ ନଯିବା ପାଇଁ ସତର୍କ କରାଇଛନ୍ତି । ତେବେ ବନବିଭାଗ କର୍ମଚାରୀ ମାନେ ଦୁଇଦିନ ହବ ଘଟଣା ଉପରେ ନଜର ଥିଲେ ମଧ୍ୟ କୁମ୍ଭୀରଟିଏ ପର୍ଯ୍ୟନ୍ତ ସେମାନଙ୍କର ଦୃଷ୍ଟିଗୋଚର ହୋଇନଥିବା ଡାଳିଯୋଡା ବନପାଳ କୃଷ୍ଣଚନ୍ଦ୍ର ଟୁଡୁ ପ୍ରକାଶ କରିଛନ୍ତି ।

ଏକବିଂଶତମ ଗୁରୁଦିବସ ପାଳନ

ବେତନଟୀ (ଅମୃତ ମିଡିଆ) : ସ୍ଥାନୀୟ ଧର୍ମଶାଳା ମଣ୍ଡପରେ ପୂର୍ବତନ ମନ୍ତ୍ରୀ ସ୍ୱର୍ଗତ ଗୋଲକ ବିହାରୀ ନାଏକଙ୍କ ସ୍ମୃତି କମିଟି ତରଫରୁ ୨୧ତମ ଗୁରୁଦିବସ ପାଳନ କରାଯାଇଅଛି । ତାଙ୍କ ଦ୍ୱାରା ପ୍ରତିଷ୍ଠିତ ଗୁରୁପୂଜନ ଅନୁଷ୍ଠାନ ତରଫରୁ ବଡସାହି ଓ ବେତନଟୀ ବ୍ଲକର ୧୧୭ ଜଣ ଅବସରପ୍ରାପ୍ତ ଶିକ୍ଷକ, ଶିକ୍ଷୟିତ୍ରୀଙ୍କ ଉପସ୍ଥିତିରେ ଉକ୍ତ ଦିବସଟିକୁ ମହା ସମାରୋହରେ ପାଳନ କରାଯାଇଥିଲା । ଏଥିରେ ସ୍ୱର୍ଗତ ନାଏକଙ୍କ ଧର୍ମପତ୍ନୀ ସୁବାସିନୀ ନାଏକ ଅଧ୍ୟକ୍ଷତା କରିଥିଲେ । ମଞ୍ଚ ।ସୀନ ଗୁରୁପୂଜନ କମିଟିର ସଭାପତି ପ୍ରକାଶ ବେହେରା, ମୁଖ୍ୟବକ୍ତା । ଶ୍ରୀମା ମହାବିଦ୍ୟାଳୟର ପୂର୍ବତନ ଅଧ୍ୟକ୍ଷ ଡଃ ଶ୍ୟାମସୁନ୍ଦର ଦାସ, ମୁଖ୍ୟ ଅତିଥି ଭାବେ ମୟୂରଭଞ୍ଜ ଶିକ୍ଷାମଣ୍ଡଳାଧୀଶ ପୂର୍ଣ୍ଣଚନ୍ଦ୍ର ସେଠୀ ଓ ପୂର୍ବତନ ବିଧାୟକ ଗଣେଶ୍ୱର ପାତ୍ର ପ୍ରମୁଖ ସ୍ୱର୍ଗତ ନାଏକ ଙ୍କ ସ୍ମୃତିଚାରଣ ସହ ଗୁରୁଦିବସର ତାପର୍ଯ୍ୟ ସମ୍ବନ୍ଧରେ ମୂଲ୍ୟବାନ ବ୍ୟକ୍ତବ୍ୟ ରଖିଥିଲେ । ଦୀର୍ଘ ୨୧ ବର୍ଷ ଧରି ଚାଲିଥିବା ଏଭଳି ଉଦ୍ୟମକୁ ସଂପର୍କିତ ନିଜସ୍ୱ ମତ ରଖିଥିଲେ । ଉପସ୍ଥିତ ସମସ୍ତ ଅବସରପ୍ରାପ୍ତଙ୍କ ନିମନ୍ତେ ଉତ୍ତରୀୟ ଓ ମଧ୍ୟାହ୍ନ ଭୋଜନର ବ୍ୟବସ୍ଥା କରାଯାଇଥିଲା । କାର୍ଯ୍ୟକ୍ରମ ପରିଚାଳନା ରେ ସନ୍ତୋଷ କୁମାର ଖଣ୍ଡା ଓ କମଳ ଲୋଚନ କର ସହଯୋଗ କରିଥିଲେ । ଶେଷରେ କମିଟିର ଅନ୍ୟତମ ସଦସ୍ୟ ରବିନ୍ଦ୍ର ନାଥ ମିଶ୍ର ଧନ୍ୟବାଦ ଅର୍ପଣ କରିଥିଲେ ।

ଗୋବିନ୍ଦ ଗୋ-ସ୍ୱାମୀ ଇଣ୍ଡେନ ଗ୍ରାମୀଣ ବିତରକଙ୍କ ମାନମାନୀ ଗ୍ରାହକଙ୍କୁ ଡାକି ଗ୍ୟାସ ନ ଦେବାରୁ ରାସ୍ତାରୋକ ଲୋକେ

ରାଜନଗର (ଅମୃତ ମିଡିଆ) : ରାଜନଗର ବ୍ଲକରେ ଇଣ୍ଡେନ ଗ୍ୟାସର ସଙ୍କଟ ଲାଗି ରହିଛି । ଆଜି ବ୍ଲକ ମହୁସ୍ଥିତ ଗୋବିନ୍ଦ ଗୋ-ସ୍ୱାମୀ ଇଣ୍ଡେନ ଗ୍ରାମୀଣ ବିତରକର ଅବହେଳା ଯୋଗୁଁ ଗ୍ରାହକମାନେ ତ୍ରାହି ତ୍ରାହି ଡାକିଲେଣି । ଏହି ବିତରକ ସଂସ୍ଥା ନିକଟରେ ଥିବା ଗ୍ରାହକଙ୍କ ଗ୍ୟାସକୁ ସଂସ୍ଥାର କର୍ମଚାରୀଙ୍କୁ ଲଗାଇ ଚୋରାରେ ବିକି ଦେଇ ଲୋକମାନଙ୍କୁ ବାରମ୍ବାର ଶୁଣ୍ଢି ପିଣ୍ଡା କରୁଥିବା ଅଭିଯୋଗ ହୋଇଛି । ଯାହାର ପ୍ରତିବାଦରେ ଗ୍ରାହକମାନେ ସାନବଡଗୋପାଳପୁରସ୍ଥିତ ତିଳକ ରାଇସମିଲ ନିକଟରେ ଥିବା ଇଣ୍ଡେନ କାର୍ଯ୍ୟାଳୟ ସମ୍ମୁଖ ରାଜନଗର-ପଟ୍ଟାମୁଣ୍ଡାଇ ରାସ୍ତା ଉପରେ ଗ୍ୟାସ ଟାଙ୍କି ରଖି ରାସ୍ତାରୋକ କରି ପ୍ରତିବାଦ କରିଥିଲେ । ରାସ୍ତା ଅବରୋଧ ଯୋଗୁଁ ଗାଡି ଚଳାଚଳ କିଛି ସମୟ ଧରି ବନ୍ଦ ରହିଥିଲା । ଏହି ବ୍ଲକର ମୁଖ୍ୟ ପ୍ରବେଶ ପଥରେ ରାସ୍ତାରୋକ ହୋଇଥିବା ଯୋଗୁଁ ବହୁ ସଂଖ୍ୟାରେ ଯାନ ବାହାନ ଅଟକି ରହିଥିଲା । ସ୍ଥାନୀୟ ସରପଂଚ ଗୋଲେଖ ସ୍ୱାଇଁ ପହଂଚି ରାସ୍ତାରୋକ କରିଥିବା ଲୋକମାନଙ୍କ ସହିତ ଆଲୋଚନା କରିଥିଲେ । ଏହାପରେ ବିତରକ ସଂସ୍ଥାର କର୍ମକର୍ତାଙ୍କ ସହିତ ଫୋନ ଯୋଗେ ଆଲୋଚନା କରି ରବିବାର ଦିନ ସମସ୍ତ ଗ୍ରାହକଙ୍କୁ ଗ୍ୟାସ ଯୋଗାଇ ଦିଆଯିବ ବୋଲି ପ୍ରତିଶୃତି ଦେବା ପରେ ରାସ୍ତାରୋକ ହଟିଥିଲା । ସବୁଠାରୁ ବଡକଥା ହେଉଛି, କେନ୍ଦ୍ରାପଡା ଜିଲ୍ଲାର ଅନ୍ୟ ବ୍ଲକଗୁଡିକରେ ଗ୍ୟାସ ସଙ୍କଟ ଦେଖା ଦେଉନଥିବା ବେଳେ ରାଜନଗର ବ୍ଲକରେ ଇଣ୍ଡେନ ଗ୍ୟାସ ସଙ୍କଟ ସୃଷ୍ଟି ହେବା ଘଟଣା ସାଧାରଣରେ ସନ୍ଦେହ ସୃଷ୍ଟି କରିଛି । ଏସଂପର୍କରେ କେନ୍ଦ୍ରାପଡା ଜିଲ୍ଲାପାଳ ରଘୁରାମ ଆର ଆୟାରଙ୍କ ଦୃଷ୍ଟି ଆକର୍ଷଣ କରିବାରୁ ଅନୁଧ୍ୟାନ କରି ପଦକ୍ଷେପ ଗ୍ରହଣ କରାଯିବ ବୋଲି କହିଛନ୍ତି ।

ପିଏମଶ୍ରୀ ମହାରାଜା ପ୍ରତାପ ଚନ୍ଦ୍ର ଉଚ୍ଚବିଦ୍ୟାଳୟରେ 'ସଂସ୍କୃତ ଦିବସ'

ବେତନଟୀ (ଅମୃତ ମିଡିଆ) : ପିଏମ୍‌ଶ୍ରୀ ମହାରାଜା ପ୍ରତାପ ଚନ୍ଦ୍ର ଉଚ୍ଚ ବିଦ୍ୟାଳୟରେ ସଂସ୍କୃତ ଦିବସ ପ୍ରଧାନ ଶିକ୍ଷକ ଅର୍ଜୁନ ସିଂଙ୍କ ଅଧ୍ୟକ୍ଷତା ରେ ପାଳିତ ହୋଇଯାଇଛି । ଉକ୍ତ ଦିବସରେ ପଦ୍ମୋଲୋଚନ ଉଚ୍ଚ ବିଦ୍ୟାଳୟର ଅବସରପ୍ରାପ୍ତ ସଂସ୍କୃତ ଶିକ୍ଷକ ଶ୍ରୀଯୁକ୍ତ ମନୋରଞ୍ଜନ ଦାସ ମୁଖ୍ୟ ଅତିଥି ଭାବେ ଯୋଗଦାନ ଦେଇଥିଲେ । ବିଦ୍ୟାଳୟର ସଂସ୍କୃତ ଶିକ୍ଷକ ରାଜକମଲ ସତୁଆ ସଭା ପରିଚାଳନା କରିବା ସହିତ ବେଦ ମନ୍ତ୍ର ପାଠ କରିଥିଲେ । ଶ୍ରୀଯୁକ୍ତ ଦାସ ସଂସ୍କୃତ ଭାଷା ର ମାହାତ୍ମ୍ୟକୁ ବିଶ୍ଳେଷଣ କରିବା ସହିତ ଗୀତା ଠାରୁ ସଂସ୍କୃତ ବ୍ୟାକରଣ ପର୍ଯ୍ୟନ୍ତ ବିସ୍ତାରିତ ଭାବରେ ଆଲୋକପାତ କରିଥିଲେ । ସଂସ୍କୃତ ଭାଷାକୁ ଭାରତୀୟ ସଂସ୍କୃତି ଓ ଜ୍ଞାନର ଏକ ଅମୂଲ୍ୟ ଭଣ୍ଡାର ଭାବେ ବର୍ଣ୍ଣନା କରାଯାଇଥିଲା । ଏହି ଦିବସରେ ପୂର୍ବରୁ ସଂସ୍କୃତ ଦିବସ ଉପଲକ୍ଷେ ଅନୁଷ୍ଠିତ ହୋଇଥିବା ବିଭିନ୍ନ ପ୍ରତିଯୋଗିତାରେ କୃତିତ୍ୱ ହାସଲ କରିଥିବା ଛାତ୍ରଛାତ୍ରୀ ଙ୍କୁ ସାର୍ଟିଫିକେଟ ଏବଂ ମେଡାଲ ପ୍ରଦାନ କରାଯାଇଥିଲା । ପରିଶେଷରେ ସଭାପତି ଅର୍ଜୁନ ସିଂଙ୍କ ଦ୍ୱାରା ସଭା କାର୍ଯ୍ୟ ଶେଷ ହୋଇଥିଲା । ଏହି ଅବସରରେ ଆୟୋଜିତ ସଂସ୍କୃତ ଦିବସରେ ଶିକ୍ଷୟିତ୍ରୀ ଇତିଶୀ ମନ୍ତ୍ରୀ, ଶିକ୍ଷକ ପ୍ରକାଶ କୁମାର ଗିରି, ହେମନ୍ତ କୁମାର ଦାସ, ଅମରଜ୍ୟୋତି ସ୍ୱାଇଁ, ରାଜକମଲ ସାତୁଆ, ଅଜୟ କୁମାର ବାରିକ୍, ସୌରଭ କୁମାର ନନ୍ଦ, ସୁନିଲ୍ କୁମାର ସାହୁ, ଶିକ୍ଷୟିତ୍ରୀ ମନସ୍ୱୀନୀ ପଟ୍ଟନାୟକ, କାପୁରା ସୋରେନ, ଯାଜ୍ଞସେନି ବେହେରା, ମୌସୁମୀ ମଣ୍ଡଳ, ଗାୟତ୍ରୀ ରାଉତ ଓ ଖଗେନ୍ ଚନ୍ଦ୍ର ମହାନ୍ତ, ହୃଷିକେଶ ମହାପାତ୍ର, ହିତେଶ ଗନ୍ତାୟତ ଅଣ ଶିକ୍ଷା କର୍ମଚାରୀ ପ୍ରମୁଖ ଅଂଶଗ୍ରହଣ କରିଥିଲେ ।

କେନ୍ଦ୍ରାପଡାରୁ ହଳଧର ପିସିସି ସାଧାରଣ ସମ୍ପାଦକ ନିଯୁକ୍ତ

କେନ୍ଦ୍ରାପଡ଼ା (ଅମୃତ ମିଡିଆ) : ଦୀଘଦିନର ରାଜନୈତିକ ଅଭିଜ୍ଞତା ହାସଲ କରିଥିବା କେନ୍ଦ୍ରାପଡାର ବରିଷ୍ଠ କଂଗ୍ରେସ ନେତା ହଳଧର ସେଠୀ ଭକ୍ତଚରଣ ଦାସଙ୍କର ନୂତନ କାର୍ଯ୍ୟକର୍ତ୍ତା କମିଟିରେ ସାଧାରଣ ସମ୍ପାଦକ ଭାବେ ଅଖିଳ ଭାରତ କଂଗ୍ରେସ କମିଟି ପକ୍ଷରୁ ନିଯୁକ୍ତି ପାଇଛନ୍ତି । ଛାତ୍ର ଜୀବନରୁ କଂଗ୍ରେସ ପ୍ରତି ନିଜର ସାଂଗଠାନିକ ଦୁର୍ବଳତା ଏବଂ ନିଜ ପରିବାରର କଂଗ୍ରେସ ଦଳ ପ୍ରତି ଆତ୍ମୀୟତା ପ୍ରକାଶ କରିଆସିଥିବା ଶ୍ରୀ ସେଠୀ ଭୁବନେଶ୍ୱରସ୍ଥିତ ବକ୍ସିଜଗବନ୍ଧୁ ମହାବିଦ୍ୟାଳୟରୁ ପ୍ରଥମେ ସ୍ନାତକ ପରେ ଉତ୍କଳ ବିଶ୍ୱବିଦ୍ୟାଳୟ ରାଜନୀତି ବିଜ୍ଞାନ ବିଭାଗରୁ ସ୍ନାତକୋତ୍ତର ଏବଂ ଉତ୍କଳ ୟୁନିଭରସିଟି ଆଇନ ମହାବିଦ୍ୟାଳୟରୁ ଏଲଏଲବି ପାସ କରି ମଧ୍ୟ କଂଗ୍ରେସ ଦଳ ପ୍ରତି ଛାତ୍ର ଜୀବନରୁ ରହିଥିବା ତାଙ୍କର ଅଦମ୍ୟ ସମର୍ଥନ ପାଇଁ ଶେଷରେ କଂଗ୍ରେସ ରାଜନୀତିକୁ ସେ ନିଜର ସମାଜ ସେବାର ମାଧ୍ୟମ ଭାବେ ଗ୍ରହଣ କରିନେଇଛନ୍ତି । ଛାତ୍ର କଂଗ୍ରେସ ପ୍ରାର୍ଥୀ ଭାବେ ପ୍ରଥମେ ସେ ବିଜେବି ମହାବିଦ୍ୟାଳୟର ଛାତ୍ର ସଂସଦ ସମ୍ପାଦକରୁ ନିଜର କ୍ୟାରିୟର ଆରମ୍ଭ କରି ପରବର୍ତ୍ତି ଅବସ୍ଥାରେ ପ୍ରଦେଶ ଯୁବ କଂଗ୍ରେସର ସାଧାରଣ ସମ୍ପାଦକ, ପ୍ରଦେଶ କଂଗ୍ରେସ ଅନୁସୂଚିତ ଜାତି ଓ ଜନଜାତି ବିଭାଗ ଆବାହାକ, ଉପାଧ୍ୟକ୍ଷ ଏବଂ ପ୍ରଦେଶ ମତ୍ସ୍ୟଜୀବି କଂଗ୍ରେସ ଅଧ୍ୟକ୍ଷ, କେନ୍ଦ୍ରାପଡାରୁ ଅଖିଳ ଭାରତ

୩୨ତମ ଗୁରୁ କେଳୁଚରଣ ମହାପାତ୍ର ପୁରସ୍କାର ଉତ୍ସବ ଉଦ୍‌ଘାଟିତ

ଭୁବନେଶ୍ୱର (ବ୍ୟୁରୋ) : ସୃଜନ - ଗୁରୁ କେଳୁଚରଣ ମହାପାତ୍ର ଓଡ଼ିଶୀ ନୃତ୍ୟବାସ ଦ୍ୱାରା ଶ୍ରୀ ଶ୍ରୀ ବିଶ୍ୱବିଦ୍ୟାଳୟ, କଟକର ସହଯୋଗରେ ଆୟୋଜିତ ୩୨ତମ ଗୁରୁ କେଳୁଚରଣ ମହାପାତ୍ର ପୁରସ୍କାର ଉତ୍ସବ ସେପ୍ଟେମ୍ବର ୫ରେ ରବୀନ୍ଦ୍ର ମଣ୍ଡପରେ ବହୁ ଜାକଜମକରେ ଆରମ୍ଭ ହୋଇଛି। ସେପ୍ଟେମ୍ବର ୫-୯ ପର୍ଯ୍ୟନ୍ତ ପ୍ରତିଦିନ ସନ୍ଧ୍ୟା ୭ଟାରେ ଆୟୋଜିତ ଏହି ପାଞ୍ଚଦିନିଆ ସାଂସ୍କୃତିକ ମହାକୁମ୍ଭରେ ଶାସ୍ତ୍ରୀୟ ସଙ୍ଗୀତ, ନୃତ୍ୟ ଓ ନାଟକର ଅନନ୍ୟ ପ୍ରଦର୍ଶନୀର ଏକ ଚମତ୍କାର ସମାହାର ରହିଛି। ଓଡ଼ିଶାର ସାଂସ୍କୃତିକ କ୍ୟାଲେଣ୍ଡରରେ ଏହି ପ୍ରମୁଖ ଶାସ୍ତ୍ରୀୟ ଆୟୋଜନର ଚଳିତ ବର୍ଷର ସଂସ୍କରଣ ପୂଜ୍ୟ ଗୁରୁ କେଳୁଚରଣ ମହାପାତ୍ରଙ୍କ ଜନ୍ମ ଶତବାର୍ଷିକୀ ବର୍ଷ ପାଳନ ସହ ସମକାଳୀନ ହୋଇଛି। ଉଦ୍‌ଘାଟନୀ ସନ୍ଧ୍ୟାରେ ପ୍ରସିଦ୍ଧ ହିନ୍ଦୁସ୍ତାନୀ କଣ୍ଠଶିଳ୍ପୀ ଓ ସଙ୍ଗୀତ ଜଗତର ବିଶିଷ୍ଟ ବ୍ୟକ୍ତିତ୍ୱ ବିଦୁଷୀ ଶୁଭା ମୁଦଗଲ ନିଜର ସୁରମୟ ସଙ୍ଗୀତ ଯାତ୍ରାରେ ଭୁବନେଶ୍ୱରର ଦର୍ଶକମାନଙ୍କୁ ମନ୍ତ୍ରମୁଗ୍ଧ କରି ଏକ ଯଥାର୍ଥ ଶୁଭାରମ୍ଭ କରିଥିଲେ। କାର୍ଯ୍ୟକ୍ରମଟି ସନ୍ଧ୍ୟା ୭ଟାରେ ଆରମ୍ଭ ହୋଇଥିଲା, ଯେଉଁଥିରେ ସ୍ୱାଗତ ଅଭିଭାଷଣ ଏବଂ ସନ୍ଧ୍ୟାର ସମ୍ମାନନୀୟ ଅତିଥିମାନଙ୍କ ଦ୍ୱାରା ପ୍ରଦୀପ ପ୍ରଜ୍ୱଳନ କରାଯାଇଥିଲା, ସେମାନେ ହେଲେ ବରିଷ୍ଠ ଗାୟକ ଓ ବିଶିଷ୍ଟ ସଙ୍ଗୀତ ବିଶାରଦ ପଣ୍ଡିତ ଅନୁପ ଜଲୋଟା, ଓଡ଼ିଶା ସରକାରଙ୍କ ରାଜସ୍ୱ ପରିଷଦର ପୂର୍ବତନ ସଦସ୍ୟ ଶ୍ରୀ ଅଶୋକ କୁମାର ତ୍ରିପାଠୀ, ଏମ୍.ଜି.ଏମ୍ ମିନେରାଲ୍ସ ଲିମିଟେଡର ମୁଖ୍ୟ ପରିଚାଳନା ନିର୍ଦ୍ଦେଶକ ଶ୍ରୀ ପଙ୍କଜ ଲୋଚନ ମହାନ୍ତି, ଶ୍ରୀ ଶ୍ରୀ ବିଶ୍ୱବିଦ୍ୟାଳୟର ମାନ୍ୟବର କୁଳପତି ପ୍ରଫେସର ତେଜ ପ୍ରତାପ ଓ ସୃଜନର ନିର୍ଦ୍ଦେଶକ ତଥା ଶ୍ରୀ ଶ୍ରୀ ବିଶ୍ୱବିଦ୍ୟାଳୟର କଳା, ଯୋଗାଯୋଗ ଓ ଇଣ୍ଡିକ୍ ଷ୍ଟଡିଜ୍ ବିଭାଗର ଡିନ୍ ଗୁରୁ ରତିକାନ୍ତ ମହାପାତ୍ର। ଉଦ୍‌ଘାଟନୀ ସନ୍ଧ୍ୟାରେ ଶୁଭା ମୁଦଗଲ ସୁନ୍ଦର ଏବଂ ସୁମଧୁର ରାଗ ବାଗେଶ୍ରୀରେ ଦୁଇଟି ରଚନା ସହିତ ତାଙ୍କର ଉପସ୍ଥାପନା ଆରମ୍ଭ କରିଥିଲେ। ପ୍ରଥମଟି ଥିଲା ବିଲମ୍ବିତରେ ଭଗବାନ ଶ୍ରୀକୃଷ୍ଣଙ୍କ ଜନ୍ମ ଉପରେ କେନ୍ଦ୍ରିତ ଏକ ରଚନା ଯାହା ରୂପକ ତାଲରେ ସଂରକ୍ଷିତ ଥିଲା। ତା'ପରେ ସେ ମଧ୍ୟଲୟରେ ତିନ ତାଲରେ ଏକ ରଚନା ଉପସ୍ଥାପନ କରିଥିଲେ ଯାହା ମଙ୍ଗତ ଚାନ୍ଦ କନହୟୀଙ୍କ ରଚନା କୃଷ୍ଣ ଜନ୍ମାଷ୍ଟମୀର ଭକ୍ତିଭାବ ଏବଂ ରାଗ ବାଗେଶ୍ରୀର ଜଟିଳତାର ଆଭାକୁ ପ୍ରତିଧ୍ୱନିତ କରିଥିଲା । ଭାରତର ଜଣେ ପ୍ରମୁଖ ଶାସ୍ତ୍ରୀୟ କଣ୍ଠଶିଳ୍ପୀ ଭାବରେ ବହୁଳ ଭାବରେ ସ୍ୱୀକୃତିପ୍ରାପ୍ତ, ସେ ତା'ପରେ ରାଗ ଗୌର ମଲହାରରେ ଏକ ସୁନ୍ଦର ଏବଂ ଆତ୍ମାପୂର୍ଣ୍ଣ ରଚନା ପରିବେଷଣ କରିଥିଲେ, ପରେ ପରେ ସେ ଖୟାଲ, ଥୁମରୀ ଏବଂ ଦାଦରା ପରିବେଷଣ କରି ଦର୍ଶକମାନଙ୍କୁ ମୁଗ୍ଧ କରିଥିଲେ। ତାଙ୍କୁ ତବଲାରେ ଡ. ଅନୀଶ ପ୍ରଧାନ, ହାର୍ମୋନିୟମରେ ସୁଧୀର ନାୟକ ଏବଂ ତନପୁରାରେ ସୁଶ୍ରୀ ନୀଲିମା ପ୍ରଧାନ ସହଯୋଗ କରିଥିଲେ। ସନ୍ଧ୍ୟାର ସମସ୍ତ କାର୍ଯ୍ୟକ୍ରମକୁ ସୁବକ୍ତା ଡ. ମୃତ୍ୟୁଞ୍ଜୟ ରଥ ସୁଚାରୁ ଭାବେ ପରିଚାଳନା କରିଥିଲେ। ଆସନ୍ତା କାଲିର ପ୍ରସ୍ତୁତିରେ ରହିଛି ପଣ୍ଡିତ ତେଜେନ୍ଦ୍ର ନାରାୟଣ ମଜୁମଦାରଙ୍କ ସରୋଦ ବାଦନ ସହ ସତ୍ୟଜିତ ତାଲୱାଲକରଙ୍କ ତବଲା ବାଦନ ଏବଂ ଶେଷରେ ଲିସା ଶତପଥୀଙ୍କ ଏକକ ଓଡ଼ିଶୀ ନୃତ୍ୟ ପରିବେଷଣ। ଗୁରୁ ରତିକାନ୍ତ ମହାପାତ୍ରଙ୍କ ଦୂରଦୃଷ୍ଟି ଓ ସୂକ୍ଷ୍ମ ନିର୍ଦ୍ଦେଶନାରେ ପରିକଳ୍ପିତ ଏହି ଉତ୍ସବକୁ ପ୍ରତିବର୍ଷ ପରି ଏ ବର୍ଷ ମଧ୍ୟ ଶ୍ରୀ ଦେବୀପ୍ରସାଦ ମିଶ୍ର ଅତି ସୁନ୍ଦର ଭାବରେ ପରିଚାଳନା କରିଛନ୍ତି। ୩୨ତମ ଗୁରୁ କେଳୁଚରଣ ମହାପାତ୍ର ପୁରସ୍କାର ଉତ୍ସବ ୨୦୨୬କୁ ଭାରତ ସରକାରଙ୍କ ସଂସ୍କୃତି ମନ୍ତ୍ରଣାଳୟ ଏବଂ ଓଡ଼ିଶା ସରକାରଙ୍କ ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ସମର୍ଥନ କରୁଛନ୍ତି ଏବଂ ଏମ୍.ଜି.ଏମ୍ ମିନେରାଲ୍ସ ଲିମିଟେଡ୍, ଏବଂ ଶାଲିମାର କେମିକାଲ୍ ୱାର୍କ୍ସ ପ୍ରାଇଭେଟ୍ ଲିମିଟେଡ୍ ଅନୁଦାନ ପ୍ରଦାନ କରିଛନ୍ତି। ଓଡ଼ିଶା ଖଣି ନିଗମ ଲିମିଟେଡ୍ ଏବଂ ଓଡ଼ିଶା ପର୍ଯ୍ୟଟନ ଗୋଲ୍ଡ ପ୍ରାୟୋଜକ ଥିଲାବେଳେ ଷ୍ଟିଲ୍ ଅଥରିଟି ଅଫ୍ ଇଣ୍ଡିଆ ଲିମିଟେଡ୍ ଏବଂ ହିନ୍ଦୁସ୍ତାନ ଏରୋନଟିକ୍ସ ଲିମିଟେଡ୍ ସିଲଭର ପ୍ରାୟୋଜକ ଅଛନ୍ତି। ଉତ୍ସବର ପ୍ରାୟୋଜକମାନଙ୍କ ମଧ୍ୟରେ ନାଲକୋ, ଏମ.ସି.ଏଲ୍, ଇମ୍ପା, ଏବଂ ପ୍ରିୟଦର୍ଶିନୀ ମୋକଙ୍କ ନେତୃତ୍ୱରେ ରାଜରାସ୍ତାକୁ ଓହ୍ଲାଇବା ପାଇଁ ନିଷ୍ପତ୍ତି ନେଇଛି ଓଜେସି। ଆଜି ଏକ ସାମ୍ବାଦିକ ସମ୍ମିଳନୀରେ ମିଡ଼ିଆ ସେଲ ଅଧ୍ୟକ୍ଷ ପ୍ରଶାନ୍ତ ଶତପଥୀ ଏ ସମ୍ପର୍କରେ ସବିଶେଷ ସୂଚନା ଦେଇ କହିଥିଲେ ଯେ, ଏଭଳି ଏକ ରାଜ୍ୟ ସ୍ୱାର୍ଥ ପରିପନ୍ଥୀ କଳା କାନୁନ୍ ଯୋଗୁଁ ଓଡ଼ିଶା ଭଳି ଖଣିଜ ସମ୍ପଦରେ ସମୃଦ୍ଧ ରାଜ୍ୟ ଲକ୍ଷ ଲକ୍ଷ କୋଟି ଟଙ୍କାର ରାଜସ୍ୱ ହରାଇ କେନ୍ଦ୍ର ପାଖରେ ହାତ ପତାଇବାକୁ ଆଦୌ ଗ୍ରହଣ କରାଯିବନାହିଁ। ନୂଆ ଆଇନରେ ଯୋଗକରାଯାଇଥିବା ଧାରା ୯ ଡ଼ି ଦ୍ୱାରା ଓଡ଼ିଶା ତାର ପୁରୁଣା ବକେୟା ରାଶି ଯାହା ଏକ ଲକ୍ଷ କୋଟିରୁ ଅଧିକା ତାକୁ ହରାଇବା ସହିତ କୌଣସି ପ୍ରକାର ଟ୍ୟାକ୍ସ, ସେସ୍, ରୟାଲଟି ଆଦି ଆଦାୟ କରିପାରିବ ନାହିଁ। ଖଣିଜ ସମ୍ପଦ ଥିବା ଜମି ଉପରେ ରାଜ୍ୟର ଆଜି ପର୍ଯ୍ୟନ୍ତ ଥିବା ବିଶେଷ ଅଧିକାର ଏହି ଆଇନ ବଳରେ ଗୋଟିଏ ଝଟକାରେ ଶେଷ କରିଦିଆଗଲା। ସୁପ୍ରିମକୋର୍ଟଙ୍କର ୨୦୨୪ ମସିହାରେ ଆସିଥିବା ରାୟ ପରିପ୍ରେକ୍ଷୀରେ ଓଡ଼ିଶା ଭଳି ରାଜ୍ୟ ଗୁଡିକ ସ୍ୱତନ୍ତ୍ର ଭାବରେ ଟ୍ୟାକ୍ସ ଆଦାୟ କରିବାର ଅଧିକାର ପାଇବା ସହିତ ପୁରୁଣା ବକେୟା ରାଶିକୁ ୧୨ ବର୍ଷ ଭିତରେ କିସ୍ତି ଆକାରରେ ୧ -୪-୨୦୨୬ ମସିହା ଠାରୁ ପାଇଥାନ୍ତେ। କିନ୍ତୁ ପରିତାପର ବିଷୟ ଏଭଳି କଳା ଆଇନ ଦ୍ୱାରା ଏ ସମସ୍ତ ଟ୍ୟାକ୍ସ ଆଦାୟ କରିବାର ଅଧିକାର ରାଜ୍ୟ ଠାରୁ ଛଡାଇ ନିଆଗଲା। ଗୋଟିଏ ଆଇନ ରାଜ୍ୟର ସମସ୍ତ ଅର୍ଥନୈତିକ ଅଧିକାର ଯଥା, ୧– ପୁରୁଣା ବକୟା ଟିକସ ଆଦାୟ କରିବା, ୨-ନୂଆ ଟିକସ ବସାଇବା, ୩-ନିଜର ଖଣିଜ ସମ୍ପଦ ଉପରେ ସ୍ୱତନ୍ତ୍ର ଭାବରେ ନିଷ୍ପତ୍ତି ନେବା ଇତ୍ୟାଦି କୁ ଛଡାଇ ନେଇଗଲା କିନ୍ତୁ ରାଜ୍ୟର ୨୦ଜଣ ବିଜେପି ସାଂସଦ ଲୋକସଭାରେ ଏହା ବିରୁଦ୍ଧରେ ପାଟି ଖୋଲିଲେ ନାହିଁ। ଆଗ ମାଟ, ପଛେ ପାଟିର ନାରା ଦେଉଥିବା ବିଜେପି ଆଜି ମା, ମାଟିର କ୍ଷତି ହେଉଥିବା କଳା କାନୁନ୍ ବିରୁଦ୍ଧରେ ପ୍ରତିବାଦ କଲାନାହିଁ। ଅତ୍ୟନ୍ତ ଆଶ୍ଚର୍ଯ୍ୟଜନକ କଥା ଯେ, ଖୋଦ ମୁଖ୍ୟମନ୍ତ୍ରୀ ମୋହନ ମାଝୀ ଏବଂ ବିଜେପିର ତମାମ ନେତାଗଣ ୨୦୦୪ ମସିହାରେ ବିଜେପି-ବିଜେଡ଼ି ମିଳିତ ସରକାରରେ ଓରିସେଡ୍ ଆଇନ୍ ର ସମର୍ଥନରେ ବିଧାନସଭାରେ ନିଜର ମତବ୍ୟକ୍ତ କରିବା ସହିତ ଆଇନକୁ ପାରିତ କରାଇଥିଲେ। ମହାମହିମ ରାଷ୍ଟ୍ରପତି ମହୋଦୟା ସେ ସମୟରେ ବିଧାନସଭାରେ ବିଧାୟିକା ଥିବା ବେଳେ ଓଡ଼ିଶାର ଖଣିଜ ସମ୍ପଦ ଉପରେ ଟିକସ ବସାଇବାର ସ୍ୱତନ୍ତ୍ର ଅଧିକାର ସପକ୍ଷରେ ମତ ରଖିଥିଲେ ଏବଂ ସମର୍ଥନ କରିଥିଲେ। କିନ୍ତୁ ଆଜି ଉଭୟ ଦେଶର ଓ ରାଜ୍ୟର ସର୍ବୋଚ୍ଚ ସାମ୍ବିଧାନିକ ପଦବୀ ଅଳଙ୍କୃତ କରିଥିବା ବେଳେ ରାଜ୍ୟର ସାର୍ଥ ପାଇଁ ମୁହଁ ନଖୋଲିବା ଅତ୍ୟନ୍ତ କଷ୍ଟ ଦାୟକ। ଏହି ସମ୍ବାଦିକ ସମ୍ମିଳନୀରେ ଅନ୍ୟମାନଙ୍କ ମଧ୍ୟରେ ଉପସଭାପତି ନିକୁଂଜ ପଶାୟତ, ନଜିବୁର ରହମାନ୍ ଖାନ୍, ଓଜେସି ସେବା ସଙ୍ଗଠନ ଅଧ୍ୟକ୍ଷ ମନୋଜ ଜେନା ଓ କୃଷକ ମୋର୍ଚ୍ଚା ଅଧ୍ୟକ୍ଷ ସଂଗ୍ରାମ ମାଝୀ ଉପସ୍ଥିତ ଥିଲେ।

ଏମଏମଡିଆର୍ ଆଇନକୁ ବିରୋଧ

୮ରେ ଓଜେସିର ବିଶାଳ ପ୍ରତିବାଦ ଓ ଅର୍ଥନୈତିକ ଅବରୋଧ

ଭୁବନେଶ୍ୱର (ବ୍ୟୁରୋ) : ନିକଟରେ ସଂସଦରେ ପାରିତ ହୋଇଥିବା ଏମଏମଡିଆର ଆକ୍ଟ ୨୦୧୬ ଏବଂ ଏହି ଆଇନର ବିଭିନ୍ନ ପ୍ରାବଧାନ ଯୋଗୁଁ ଓଡ଼ିଶାର ଲକ୍ଷଲକ୍ଷ କୋଟିର ରାଜସ୍ୱ କ୍ଷତିକୁ ନେଇ ରହସ୍ୟମୟ ନିରବତା ଅବଲମ୍ବନ କରୁଥିବା ଡବଲ ଇଂଜିନ ସରକାରର ନିଷ୍ପତି ବିରୁଦ୍ଧରେ ଆସନ୍ତା ୮ ତାରିଖ ମଙ୍ଗଳବାର ଦିନ ଯାଜପୁର ଜିଲ୍ଲା ଚଣ୍ଡିଖୋଲ ଠାରେ ଏକ ବିଶାଳ ପ୍ରତିବାଦ ସଭା ଏବଂ ଅର୍ଥନୈତିକ ଅବରୋଧ ପାଇଁ ସଭାପତି ମହମ୍ମଦ ମୋଟ, ପଛେ ପାଟିର ନାରା ଦେଉଥିବା ବିଜେପି ଆଜି ମା, ମାଟିର କ୍ଷତି ହେଉଥିବା କଳା କାନୁନ୍ ବିରୁଦ୍ଧରେ ପ୍ରତିବାଦ କଲାନାହିଁ। ଅତ୍ୟନ୍ତ ଆଶ୍ଚର୍ଯ୍ୟଜନକ କଥା ଯେ, ଖୋଦ ମୁଖ୍ୟମନ୍ତ୍ରୀ ମୋହନ ମାଝୀ ଏବଂ ବିଜେପିର ତମାମ ନେତାଗଣ ୨୦୦୪ ମସିହାରେ ବିଜେପି-ବିଜେଡ଼ି ମିଳିତ ସରକାରରେ ଓରିସେଡ୍ ଆଇନ୍ ର ସମର୍ଥନରେ ବିଧାନସଭାରେ ନିଜର ମତବ୍ୟକ୍ତ କରିବା ସହିତ ଆଇନକୁ ପାରିତ କରାଇଥିଲେ। ମହାମହିମ ରାଷ୍ଟ୍ରପତି ମହୋଦୟା ସେ ସମୟରେ ବିଧାନସଭାରେ ବିଧାୟିକା ଥିବା ବେଳେ ଓଡ଼ିଶାର ଖଣିଜ ସମ୍ପଦ ଉପରେ ଟିକସ ବସାଇବାର ସ୍ୱତନ୍ତ୍ର ଅଧିକାର ସପକ୍ଷରେ ମତ ରଖିଥିଲେ ଏବଂ ସମର୍ଥନ କରିଥିଲେ। କିନ୍ତୁ ଆଜି ଉଭୟ ଦେଶର ଓ ରାଜ୍ୟର ସର୍ବୋଚ୍ଚ ସାମ୍ବିଧାନିକ ପଦବୀ ଅଳଙ୍କୃତ କରିଥିବା ବେଳେ ରାଜ୍ୟର ସାର୍ଥ ପାଇଁ ମୁହଁ ନଖୋଲିବା ଅତ୍ୟନ୍ତ କଷ୍ଟ ଦାୟକ। ଏହି ସମ୍ବାଦିକ ସମ୍ମିଳନୀରେ ଅନ୍ୟମାନଙ୍କ ମଧ୍ୟରେ ଉପସଭାପତି ନିକୁଂଜ ପଶାୟତ, ନଜିବୁର ରହମାନ୍ ଖାନ୍, ଓଜେସି ସେବା ସଙ୍ଗଠନ ଅଧ୍ୟକ୍ଷ ମନୋଜ ଜେନା ଓ କୃଷକ ମୋର୍ଚ୍ଚା ଅଧ୍ୟକ୍ଷ ସଂଗ୍ରାମ ମାଝୀ ଉପସ୍ଥିତ ଥିଲେ।

କିଆ ଇଣ୍ଡିଆର ଅଗଷ୍ଟରେ ସର୍ବାଧିକ ପାଇକାରୀ ବିକ୍ରି ରେକର୍ଡ

ଭୁବନେଶ୍ୱର (ବ୍ୟୁରୋ) : ଦେଶର ପ୍ରମୁଖ ମାସ୍-ପ୍ରିମିୟମ୍ ଅଟୋମେକର୍ ମଧ୍ୟରୁ ଗୋଟିଏ କିଆ ଇଣ୍ଡିଆ ଆଜି ଅଗଷ୍ଟ ୨୦୨୬ ପାଇଁ ଏହାର ପାଇକାରୀ ସଂଖ୍ୟା ଘୋଷଣା କରିଛି, ଯାହା ଗତ ବର୍ଷର ସମାନ ମାସ ତୁଳନାରେ ୪୮.୧% ଅଭିବୃଦ୍ଧି ରେକର୍ଡ କରିଛି। କମ୍ପାନୀ ଅଗଷ୍ଟ ୨୦୨୬ରେ ୨୯,୦୪୨ ୟୁନିଟ୍ ପଠାଇଥିଲା, ଯାହା ଅଗଷ୍ଟ ୨୦୨୫ରେ ୧୯,୬୦୮ ୟୁନିଟ୍ ଥିଲା, ଯାହା ବ୍ରାଣ୍ଡର ବଡି ଷ୍ଟାଇଲ୍ ଏବଂ ପାୱାରଟ୍ରେନ୍ ମଧ୍ୟରେ ବିସ୍ତାରିତ ଯାନବାହାନ ପାଇଁ ନିରନ୍ତର ଗ୍ରାହକ ପସନ୍ଦକୁ ପ୍ରତିଫଳିତ କରେ। ଏହା କିଆ ଇଣ୍ଡିଆର ଆରମ୍ଭରୁ ଅଗଷ୍ଟ ମାସର ସର୍ବୋତ୍ତମ ହୋଲସେଲ୍ ପ୍ରଦର୍ଶନକୁ ଚିହ୍ନିତ କରେ। ବର୍ଷସାରା ଏହି ଗତି ବଜାୟ ରହିଲା, କିଆ ଇଣ୍ଡିଆର ୨୦୨୬ ପାଇଁ ବର୍ଷସାରା ହୋଲସେଲ୍ ବିକ୍ରି ୨୨୦,୯୯୧ ୟୁନିଟ୍ ହୋଇଛି, ଯାହା ୨୦୨୫ ର ସମାନ ଅବଧିରେ ୧୮୩,୮୮୨ ୟୁନିଟ୍ ଥିଲା, ଯାହା ୨୦.୧% ରୁ ଅଧିକ ବୃଦ୍ଧି। କମ୍ପାନୀ ଏହି ସ୍ଥିର ପ୍ରଦର୍ଶନକୁ ପ୍ରଥମ ଥର ୫ଟଠ କ୍ରେତାଙ୍କଠାରୁ ଆରମ୍ଭ କରି ପ୍ରିମିୟମ୍, ବୈଶିଷ୍ଟ୍ୟ-ସମୃଦ୍ଧ ଏବଂ ବର୍ଦ୍ଧିତ ବିଦ୍ୟୁତୀକରଣ ବିକଳ୍ପ ଖୋଜୁଥିବା ଭାରତୀୟ ଗ୍ରାହକଙ୍କ ବିକଶିତ ଗତିଶୀଳତା ଆବଶ୍ୟକତାକୁ ବୁଝିବା ଏବଂ ପ୍ରତିକ୍ରିୟା ଦେବା ଉପରେ ନିରନ୍ତର ଧ୍ୟାନକୁ ଶ୍ରେୟ ଦିଏ। ବର୍ଷସାରା ବିକ୍ରୟ ସେଲଟୋସ୍ ଦ୍ୱାରା ଜାରି ରହିଛି, ଯାହା ଜାନୁଆରୀରେ ଲଞ୍ଚ ହେବା ପରଠାରୁ ପ୍ରତି ମାସରେ ହାରାହାରି ୧୦,୦୦୦-ୟୁନିଟ୍ ବିକ୍ରି କରୁଛି; ଏବଂ ସୋନେଟ୍ - ଯାହା କିଆ ଇଣ୍ଡିଆର ମାସ୍-ପ୍ରିମିୟମ୍ ପୋର୍ଟଫୋଲିଓ ମଧ୍ୟରେ ଗ୍ରାହକଙ୍କ ପ୍ରିୟ ରହିଛି। ଉଭୟ ମଡେଲ୍ କମ୍ପାକ୍ଟ ଏବଂ ସବ୍-କମ୍ପ୍ୟାକ୍ଟ ୫ଟଠ ସେଗମେଣ୍ଟରେ ଗ୍ରାହକମାନଙ୍କୁ ଡିଜାଇନ୍, ପ୍ରଯୁକ୍ତିବିଦ୍ୟା ଏବଂ ମୂଲ୍ୟର ମିଶ୍ରଣ ପ୍ରଦାନ କରି ସେମାନଙ୍କର ଆକର୍ଷଣ ସୃଷ୍ଟି କରିଛନ୍ତି ଏବଂ ଭାରତରେ ବ୍ରାଣ୍ଡର ପରିମାଣର ପ୍ରାଥମିକ ଚାଳକ ହୋଇ ରହିଛନ୍ତି। କମ୍ପାନୀ ଏହାର ବୈଦ୍ୟୁତିକ ଯାନବାହନ ଲାଇନ-ଅପ୍ ରୁ ଉତ୍ସାହଜନକ ପ୍ରତିକ୍ରିୟା ମଧ୍ୟ ପାଇଛି, ଯାହାର ନେତୃତ୍ୱ ନେଇଛି ସଦ୍ୟତମ ଲଞ୍ଚ ହୋଇଥିବା ସାଇରୋସ୍ ୫ଠ। ଭାରତୀୟ ଗ୍ରାହକମାନେ ବର୍ଦ୍ଧିତ ଭାବରେ ବିଦ୍ୟୁତୀକରଣ ଗତିଶୀଳତା ଅନୁସନ୍ଧାନ କରୁଥିବାରୁ, ସାଇରୋସ୍ ୫ଠ ପାୱାରଟ୍ରେନ୍ ମଧ୍ୟରେ ବିକଳ୍ପ ପ୍ରଦାନ କରିବା ପାଇଁ କିଆର ପ୍ରତିବଦ୍ଧତାକୁ ବିସ୍ତାର କରେ, ଯାହା ଗ୍ରାହକମାନଙ୍କୁ ସେମାନଙ୍କ ଜୀବନଶୈଳୀ, ବ୍ୟବହାର ଢାଞ୍ଚା ଏବଂ ସ୍ଥାୟୀତ୍ୱ ଲକ୍ଷ୍ୟ ସହିତ ସର୍ବୋତ୍ତମ ଫିଟ୍ କରୁଥିବା ଯାନ ଚୟନ କରିବାକୁ ଅନୁମତି ଦିଏ। ବିଦ୍ୟୁତୀକରଣ ଦିଗରେ ଏହି ପରିବର୍ତ୍ତନକୁ ସମର୍ଥନ କରି, କିଆ ଇଣ୍ଡିଆର ବର୍ଦ୍ଧିତ ୫ଠ ଲାଇନ-ଅପ୍ ଶିଳ୍ପର ସବୁଠାରୁ ଶକ୍ତିଶାଳୀ ମାଲିକାନା ପ୍ରସ୍ତାବଗୁଡ଼ିକ ମଧ୍ୟରୁ ଗୋଟିଏ ଦ୍ୱାରା ସମର୍ଥିତ - ଯାହା ୫ଠ ଗ୍ରହଣ ବିଷୟରେ ତିନୋଟି ମୁଖ୍ୟ ଚିନ୍ତାକୁ ସମାଧାନ କରେ - ମୂଲ୍ୟ, ଦୀର୍ଘକାଳୀନ ବ୍ୟାଟେରୀ ମନର ଶାନ୍ତି ଏବଂ ପୁନଃବିକ୍ରୟ ମୂଲ୍ୟ। ଆମର ଶିଳ୍ପ-ସର୍ବୋତ୍ତମ ନିଶ୍ଚିତ ବାଇବ୍ୟାକ୍ କାର୍ଯ୍ୟକ୍ରମ, ବ୍ୟାଟେରୀ-ଆଜ୍-ଏ-ସର୍ଭିସ୍ (ଇବବଏ), ଏବଂ ଲାଇଫଟାଇମ୍ ହାଇ ଭୋଲଟେଜ୍ ବ୍ୟାଟେରୀ ୱାରେଣ୍ଟି, ଭାରତୀୟ ଗ୍ରାହକମାନଙ୍କ ପାଇଁ ବୈଦ୍ୟୁତିକ ଗତିଶୀଳତାକୁ ଅଧିକ ସୁଗମ, ସୁବିଧାଜନକ ଏବଂ ଆତ୍ମବିଶ୍ୱାସ-ପ୍ରେରଣାଦାୟକ କରିବା ପାଇଁ ଡିଜାଇନ୍ କରାଯାଇଛି। କାର୍ଯ୍ୟଦକ୍ଷତା ଉପରେ ମତଦେଇ ଅତୁଲ ସୂଦ, ବରିଷ୍ଠ ଉପାଧକ୍ଷ, ବିକ୍ରୟ ଏବଂ ମାର୍କେଟିଂ, କିଆ ଇଣ୍ଡିଆ କହିଛନ୍ତି, 'ଅଗଷ୍ଟ ମାସରେ ଆମର ଦୃଢ଼ ପ୍ରଦର୍ଶନ ଆମର ଗ୍ରାହକଙ୍କ ନିରନ୍ତର ବିଶ୍ୱାସ ଏବଂ ଆମର ବିକଶିତ ଉତ୍ପାଦ ପୋର୍ଟଫୋଲିଓର ପ୍ରାସଙ୍ଗିକତାକୁ ପ୍ରତିଫଳିତ କରେ। ସେଲଟୋସ୍ ଏବଂ ସୋନେଟ୍ ନିରନ୍ତର ଚାହିଦାକୁ ଆଗକୁ ବଢ଼ାଇ ଚାଲିଥିବାବେଳେ, ନୂତନ ଭାବରେ ଲଞ୍ଚ ହୋଇଥିବା ସାଇରୋସ୍ ୫ଠ ର ଉତ୍ସାହଜନକ ଅବଦାନ ବୈଦ୍ୟୁତିକ ଗତିଶୀଳତା ପ୍ରତି ଗ୍ରାହକଙ୍କ ଗ୍ରହଣୀୟତାକୁ ସୂଚିତ କରେ। ଶିଳ୍ପର ସବୁଠାରୁ ଶକ୍ତିଶାଳୀ ମାଲିକାନା ପ୍ରସ୍ତାବଗୁଡ଼ିକ ମଧ୍ୟରୁ ଗୋଟିଏ ହେଉଛି ନିଶ୍ଚିତ ବାଇବ୍ୟାକ୍, ବ୍ୟାଟେରୀ-ଆଜ୍-ଏ-ସର୍ଭିସ୍ ଏବଂ ଲାଇଫଟାଇମ୍ ବ୍ୟାଟେରୀ ୱାରେଣ୍ଟି ଏବଂ ଆମର ବିସ୍ତାରିତ ୫ଠ ଇକୋସିଷ୍ଟମ ମାଧ୍ୟମରେ, ଆମେ ମୁଖ୍ୟ ମାଲିକାନା ବିଚାରକୁ ସମ୍ବୋଧିତ କରୁଛୁ ଏବଂ ବୈଦ୍ୟୁତିକ ଗତିଶୀଳତାକୁ ଅଧିକ ସୁଗମ ଏବଂ ଆଶ୍ୱସ୍ତିକର କରୁଛୁ। ଗ୍ରାହକଙ୍କ ଆଶା ବିକଶିତ ହେବା ସହିତ, ଆମେ ଭବିଷ୍ୟତ ପାଇଁ ପ୍ରସ୍ତୁତ ଗତିଶୀଳତା ସମାଧାନ ପ୍ରଦାନ କରିବାକୁ ପ୍ରତିବଦ୍ଧ ଅଟୁ ଯାହା ଅର୍ଥପୂର୍ଣ୍ଣ ମୂଲ୍ୟ, ଅଧିକ ପସନ୍ଦ ଏବଂ ଏକ ଭିନ୍ନ ମାଲିକାନା ଅଭିଜ୍ଞତା ପ୍ରଦାନ କରେ। ସୋରେଣ୍ଟୋର ଆଗାମୀ ଲଞ୍ଚ ଏହି ରଣନୀତିକୁ ଆହୁରି ଆଗକୁ ବଢାଇବ ଏବଂ ଭାରତରେ କିଆର ପ୍ରିମିୟମ୍ ଗତିଶୀଳତା ପ୍ରସ୍ତାବକୁ ମଜବୁତ କରିବ।

ପରିବର୍ଦ୍ଧିତ ରାଜ୍ୟ କାର୍ଯ୍ୟକାରିଣୀ ବୈଠକ

ସାଙ୍ଗଠନିକ ଦୃଷ୍ଟିରୁ ଓଡିଶାକୁ ଏକନମ୍ବର ଭାବେ ଗଢି ତୋଳିବା : ସୁନୀଲ ବଂଶଲ

କଟକ/ଭୁବନେଶ୍ୱର (ବ୍ୟୁରୋ) : କାର୍ଯ୍ୟକର୍ତ୍ତାଙ୍କ କଠିନ ଓ ଅକ୍ଲାନ୍ତ ପରିଶ୍ରମ କାରଣରୁ ରାଜ୍ୟରେ ବିଜେପି ଏକାଠି ସରକାର ଗଠନ କରିଛି। ବିଜେପି କାର୍ଯ୍ୟରେ ବିଶ୍ୱାସ କରେ, ପ୍ରତିଶ୍ରୁତିର ମୂଲ୍ୟକୁ ସମ୍ମାନ ଦିଏ। ଗତ ସାଧାରଣ ନିର୍ବାଚନ ରେ ଯାହା ସବୁ ପ୍ରତିଶ୍ରୁତି ଦେଇଥିଲୁ, ତାହା ପୂରଣ କରୁଛୁ। ଓଡିଶାବାସୀ ଆମ ଉପରେ ଆସ୍ଥା ପ୍ରକଟ କରିଛନ୍ତି, ସେହି କାରଣରୁ ଆମ ଭିତରେ ନେତୃତ୍ୱ ନେବା ର ଭାର ବୃଦ୍ଧି କରିବାର ଆବଶ୍ୟକତା ରହିଛି। ଆମେ ଆମ ନିଜର ଆଚରଣ

ବୁଲିଲା ଜେସିବି, ମାଟିରେ ମିଶିଲା ପାଶୱାନଙ୍କ ଅଫିସ୍

ରାଉରକେଲା (ଅମୃତ ମିଡିଆ): ପାନପୋଷ ସର୍କିଟ୍ ହାଉସ୍‌ରୁ ପେସାଦାର ଅପରାଧୀ ଗିରଫ ଓ ବନ୍ଧୁକଗୁଳି ଜବତ ଘଟଣାରେ ପ୍ରଶାସନ ତରଫରୁ ତନାଘନା ଜାରି ରହିଛି। ପୁଲିସ ମୁଖ୍ୟ ଅଭିଯୁକ୍ତ ପ୍ରକାଶ ପାଶୱାନ ପକ୍ଷ ଛେଦନ କରିବା ପରେ ଏବେ ବନବିଭାଗ ତରଫରୁ ବଡ଼ କାର୍ଯ୍ୟାନୁଷ୍ଠାନ ନିଆଯାଇଛି। ଦୁର୍ଗାପୁର ସଂରକ୍ଷିତ ଜଙ୍ଗଲ ଜମିରେ ପ୍ରକାଶ ଗଢ଼ିଥିବା ବେଆଇନ ଅଫିସ ତଥା ରାଜନୈତିକ ଆଡ୍ଡାକୁ ବନବିଭାଗ ମାଟିରେ ମିଶାଇ ଦେଇଛି। ଶନିବାର ଦିନ ପ୍ରାୟ ୧୧ଟାବେଳେ ଅତିରିକ୍ତ ତହସିଲ୍‌ଦାର ସେବକ ଚନ୍ଦ୍ର ପ୍ରଧାନ, ରାଉରକେଲା ଏସିଏଫ୍ ଗଜେନ୍ଦ୍ର ପାଲ୍ ସିଂ ମାଥୁର ଓ ପାନପୋଷ ରେଞ୍ଜର ସୁଚିସ୍ମିତାଙ୍କ ଉପସ୍ଥିତିରେ ପ୍ରଥମେ ଅଫିସ୍‌ରୁ ସମସ୍ତ ସାମଗ୍ରୀ ଯଥା, ଟେବୁଲ, ୫ଟି ଦାମୀ ଚେୟାର, ସୋଫା, ରାକ୍, ଗୋଟିଏ ଟ୍ରଲି ବ୍ୟାଗ, ୱାଇଫାଇ ମଡେମ୍, ସାର୍ଟିଫିକେଟ୍ ଆଦି ବାହାର କରାଯାଇଥିଲା। ଏମିତ କି ବନବିଭାଗ ନିଜ ହେପାଜତକୁ ନେଇଥିବାବେଳେ କାଗଜପତ୍ରକୁ ରଘୁନାଥପାଲି ପୁଲିସ ଜବତ କରିଥିବା ଜଣାପଡ଼ିଛି। ବନବିଭାଗ ଟିମ୍ ସହ ପାନପୋଷ ଏସ୍‌ଡିପିଓ ସୁଶାନ୍ତ ଦାଶ, ଡିଏସ୍‌ପି ଯତୀନ୍ଦ୍ରନାଥ ସେଠୀ, ରଘୁନାଥପାଲି ଥାନାଧିକାରୀ ସୁରଜ ଝାଙ୍କର, ପ୍ଲାଣ୍ଟସାଇଟ୍ ଥାନାଧିକାରୀ ବିବସ୍ୱ ପ୍ରଧାନ, ଏସ୍‌ଆଇ ସୌମ୍ୟରଞ୍ଜନ ଗିରି, ସିଦ୍ଧାର୍ଥ ପ୍ରଧାନ, ସିନ୍ଧୁୟ ବଳ, ବିଭୁତି ଭୂଷଣ ଖଟେଇ ମଧ୍ୟ ଉଚ୍ଛେଦ ସମୟରେ ଉପସ୍ଥିତ ଥିଲେ। ସୂଚନାଯୋଗ୍ୟ, ଗତ ୨୦୨୨ ମସିହାରେ ପ୍ରକାଶକୁ ଏକ କମ୍ୟୁନିଟି ସେଣ୍ଟର ନିର୍ମାଣ ପାଇଁ ବନବିଭାଗ ପକ୍ଷରୁ ୨.୪୭ ଡିସିମିଲ୍ ଜମି ଦିଆଯାଇଥିଲା। ତେବେ ପ୍ରକାଶ ୨୦୨୪ରେ ସାଂସଦଙ୍କ ପ୍ରତିନିଧି ହେବାପରେ ପରେ ସେଠାରେ ନିଜର କାର୍ଯ୍ୟାଳୟ ନିର୍ମାଣ କରିଥିଲେ। ସେ ସରକାରୀ ନିୟମକୁ ଅବମାନନା କରି ବନବିଭାଗ ଅଧୀନରେ ଥିବା ସଂରକ୍ଷିତ ଜଙ୍ଗଲ ଜମିକୁ ବେଆଇନ ଭାବେ ଜବରଦଖଲ କରିନେଇଥିଲେ। ଜଙ୍ଗଲ ଜମିର ସୁରକ୍ଷା ତଥା ବେଆଇନ ନିର୍ମାଣକୁ ରୋକିବା ପାଇଁ ବନବିଭାଗର ଏକ ସ୍ୱତନ୍ତ୍ର ଟିମ୍ ଚଢ଼ଉ କରି ଏହାକୁ ଅଗଷ୍ଟ ୨୮ ତାରିଖରେ ସିଲ୍ କରାଯାଇଥିଲା। ଏହାସହ ବିଭାଗ ପକ୍ଷରୁ ପ୍ରକାଶଙ୍କୁ ଏକ କାରଣ ଦର୍ଶାଅ ନୋଟିସ୍ ଜାରି କରାଯାଇଛି। ଆସନ୍ତା ୩୧ ଅଗଷ୍ଟ ସୁଦ୍ଧା ହାଜର ହୋଇ ଏହି ଜବରଦଖଲ ସମ୍ପର୍କରେ ନିଜର ପକ୍ଷ ରଖିବାକୁ ନିର୍ଦ୍ଦେଶ ଦିଆଯାଇଥିଲା। ପ୍ରକାଶଙ୍କ ତରଫରୁ କୌଣସି ଉତ୍ତର ନମିଳିବାରୁ ଏହାକୁ ଆଜି ଭାଙ୍ଗି ଦିଆଯାଇଛି। ସେପଟେ ସର୍କିଟ୍ ହାଉସ୍ ମାମଲାରେ ପ୍ରକାଶ ପାଶୱାନ ଗତ ୨୬ ତାରିଖରୁ ଗିରଫ ହୋଇ ଜେଲ୍‌ରେ ଅଛନ୍ତି।

କାର୍-ଅଟୋ ମୁହାଁମୁହିଁ ଧକ୍କା: ୨ ଗୁରୁତର

ଧାମନଗର(ଅମୃତ ମିଡିଆ): ଧାମନଗର ଥାନା ଅଧୀନ ୧୬ ନମ୍ବର ଜାତୀୟ ରାଜପଥର ଧାମନଗର ଛକ ଫ୍ଲାଏଓଭର ବ୍ରିଜ୍ ନିକଟରେ ରବିବାର ସକାଳ ପ୍ରାୟ ୯ଟା ସମୟରେ ଏକ ମର୍ମନ୍ତୁଦ ସଡ଼କ ଦୁର୍ଘଟଣା ଘଟିଛି। ଭୁବନେଶ୍ୱରରୁ ବାଲେଶ୍ୱର ଅଭିମୁଖେ ଯାଉଥିବା ଏକ ସାଣ୍ଟ୍ରୋ କାର ବିପରୀତ ଦିଗରୁ ଆସୁଥିବା ଏକ ଅଟୋ ସହ ମୁହାଁମୁହିଁ ଧକ୍କା ହୋଇଥିଲା। ଏଥିରେ କାରରେ ଥିବା ୪ ଜଣ ଏବଂ ଅଟୋରେ ଥିବା ୨ ଜଣ ଆହତ ହୋଇଥିଲେ।ଆହତଙ୍କ ମଧ୍ୟରୁ ୨ ଜଣଙ୍କ ଅବସ୍ଥା ଗୁରୁତର ଥିବାରୁ ସ୍ଥାନୀୟ ଲୋକଙ୍କ ସହଯୋଗରେ ସେମାନଙ୍କୁ ଭଦ୍ରକ ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତର କରାଯାଇଛି।ଅଟୋ ଚାଳକ ଭୁଲ୍ ରାସ୍ତାରେ ଆସୁଥିବାରୁ ଏହି ଦୁର୍ଘଟଣା ଘଟିଥିବା ସ୍ଥାନୀୟ ଲୋକେ କହିଛନ୍ତି। ତେବେ ଦୁର୍ଘଟଣାର ପ୍ରକୃତ କାରଣ ନେଇ ପୋଲିସ ପକ୍ଷରୁ ତଦନ୍ତ ଜାରି ରହିଛି।

କାଶୀପୁର ବ୍ଲକରେ ବ୍ୟାପୁଛି ଜ୍ୱର

କାଶୀପୁର(ଅମୃତ ମିଡିଆ): ରାୟଗଡ଼ା ଜିଲ୍ଲାର ସ୍ୱାସ୍ଥ୍ୟ ସମସ୍ୟା ବହୁଳ କାଶୀପୁର ବ୍ଲକରେ ଜ୍ୱରବ୍ୟାପୁଥିବାର ଜଣାଯାଇଛି। ମାଇକଞ୍ଚ ପଞ୍ଚାୟତ ଅନ୍ତର୍ଗତ କଞ୍ଚଗୁମା ଗ୍ରାମରେ ପ୍ରାୟ ଏକ ସପ୍ତାହ ହେଲା ଲୋକଙ୍କୁ ଜ୍ୱର ହେଉଛି। ବ୍ଲକର ଗୋରଖପୁର ଏବଂ ଯୁବାପଦର ଗ୍ରାମ ପରେ ଏବେ କଞ୍ଚଗୁମା ଗ୍ରାମରେ ଜ୍ୱରପ୍ରାଦୁର୍ଭାବ ଦେଖିବାକୁ ମିଳିଛି । ଗ୍ରାମର ପାଞ୍ଚ ଜ୍ୱର ପାଡ଼ିତଙ୍କୁ କାଶୀପୁର ସିଏଚସି ଭର୍ତ୍ତି କରାଯାଇଥିଲା। ଚିକିତ୍ସା ପରେ ସେମାନଙ୍କୁ ଘରକୁ ପଠାଇ ଦିଆଯାଇଛି । ହେଲେ ସୁରେନ୍ଦ୍ର ନାଏକ ପୁଅ ଦେବାଶିଷ ନାଏକ ସିଏଚସିରେ ଚିକିତ୍ସିତ ହେଉଥିବା ବେଳେ ପୁଅର ସ୍ୱାସ୍ଥ୍ୟବସ୍ଥା ଗମ୍ଭୀର ଥିବାର ପିତା ସୁରେନ୍ଦ୍ର କହିଛନ୍ତି।ଗ୍ରାମର ବହୁ ଜଣ ଜ୍ୱର ଝାଡା ଭଳି ରୋଗରେ ପୀଡିତ ଥିବା ବେଳେ ଚିକିତ୍ସା ପାଇଁ ହେଲଥ ଟିମ ପହଞ୍ଚି ନ ଥିବାର ଅଭିଯୋଗ । ବିଭିନ୍ନ ପିଏଚସି ଏବଂସିଏଚସି ଆବଶ୍ୟକ ସଂଖ୍ୟକ ଡାକ୍ତର ନ ଥିବାରୁ ଚିକିତ୍ସାରେ ସମସ୍ୟା ଦେଖା ଦେଇଛି। ସୂଚନାଯୋଗ୍ୟ,ଗତ କିଛିଦିନ ତଳେ ଜ୍ୱରରେ ପୀଡ଼ିତ ଯୁବାପଦର ଗ୍ରାମର ଦୁଇ ଶିଶୁଙ୍କ ମୃତ୍ୟୁ ହୋଇ ଥିବାବେଳେ ବହୁଜଣ ଟାଇଫଏଡ଼ ଆକ୍ରାନ୍ତ ଥିବାର ରକ୍ତ ନମୁନା ଜଣା ପଡିଥିଲା। ପ୍ରଭାବିତ ଗ୍ରାମକୁ ତୁରନ୍ତ ହେଲଥ ଟିମ୍ ଯାଇ ଲୋକଙ୍କ ଉପଯୁକ୍ତ ଚିକିତ୍ସା କରାଯିବାରେ ଗ୍ରାମବାସୀଙ୍କ ଦାବୀ ହେଉଛି।

ଭୟଙ୍କର ସଡ଼କ ଦୁର୍ଘଟଣା, ୪ ଗୁରୁତର ଆହତ

ଭଦ୍ରକ(ଅମୃତ ମିଡିଆ): ୧୬ ନମ୍ବର ଜାତୀୟ ରାଜପଥରେ ଭୟାବହ ଦୁର୍ଘଟଣା । ଧାମନଗର ଛକ ନିକଟ ରେ ଅଟୋକୁ ଧକ୍କା ଦେଇ ଡିଭାଇଡରରେ ପିଟି ହେଲା କାର। ୪ ଜଣ ଗୁରୁତର ଆହତ ହୋଇ ଭଦ୍ରକ ଡାକ୍ତରଖାନାରେ ଭର୍ତ୍ତି। ଭୁବନେଶ୍ୱରରୁ ଉଦଳା ଅଭିମୁଖେ ଯାଉଥିଲା କାର। ଭାରସାମ୍ୟ ହରାଇ ଅଟୋକୁ କାର ଧକ୍କା ଦେଇଥିଲା । ଖବରପାଇ ଦମକଳ ବାହିନୀ ପହଞ୍ଚି ସମସ୍ତ ଗୁରୁତର ଆହତଙ୍କୁ ଭଦ୍ରକ ଜିଲ୍ଲା ହସ୍ପିଟାଲରେ ଭର୍ତ୍ତି କରିଥିଲା । ଦୁଇ ଜଣଙ୍କ ଅବସ୍ଥା ଗୁରୁତର ରହିଛି । ସୂଚନା ଅନୁସାରେ, କାରଟି ଭୁବନେଶ୍ୱରରୁ ଉଦଳା ଅଭିମୁଖେ ଯାଉଥିଲା । ଧାମନଗର ଛକ ନିକଟରେ କୌଣସି କାରଣରୁ କାରଟି ଭାରସାମ୍ୟ ହରାଇଥିଲା। ଫଳରେ ରାସ୍ତାରେ ଯାଉଥିବା ଏକ ଅଟୋକୁ କାରଟି ଧକ୍କା ଦେଇଥିଲା। ଏହାପରେ କାରଟି ନିୟନ୍ତ୍ରଣ ହରାଇ ରାସ୍ତାର ଡିଭାଇଡରରେ ଜୋରଦାର ଧକ୍କା ହୋଇଥିଲା। ଦୁର୍ଘଟଣା ପରେ ଜାତୀୟ ରାଜପଥରେ କିଛି ସମୟ ପାଇଁ ଗାଡ଼ି ଚଳାଚଳ ପ୍ରଭାବିତ ହୋଇଥିଲା। ପରେ ଗାଡ଼ିଗୁଡ଼ିକୁ ରାସ୍ତାରୁ ହଟାଯାଇ ଯାତାୟାତ ସ୍ୱାଭାବିକ କରାଯାଇଥିଲା। ଘଟଣା ସମ୍ପର୍କରେ ପୋଲିସ ତଦନ୍ତ ଆରମ୍ଭ କରିବା ସହ ଦୁର୍ଘଟଣାର ପ୍ରକୃତ କାରଣ ଖୋଜୁଛି ।

ଦୁଇ ଗୋ-ଚାଲାଣକାରୀଙ୍କୁ ଆଜୀବନ କାରାଦଣ୍ଡ

ଆଠଗଡ଼(ଅମୃତ ମିଡିଆ): ଆଠଗଡ଼ ଅତିରିକ୍ତ ଜିଲ୍ଲା ଦୌରାଜଜ୍ ରାଜ କୁମାର ଦାସ ଏକ ବେଆଇନ ଗୋ ଚାଲାଣ ମାମଲାର ବିଚାର କରି ଦୁଇ ଜଣ ଗୋ ଚାଲାଣକାରୀଙ୍କୁ ଆଜୀବନ କାରାଦଣ୍ଡରେ ଦଣ୍ଡିତ କରିଛନ୍ତି । ଏହା ସହିତ ଉଭୟଙ୍କୁ ୫ ଲକ୍ଷ ଟଙ୍କା ଲେଖାଏଁ ଜରିମାନା ଦେବାକୁ ଅଦାଲତ ନିର୍ଦ୍ଦେଶ ଦେଇଛନ୍ତି । ଅଦାଲତଙ୍କ ଦ୍ୱାରା ଦଣ୍ଡିତ ଦୁଇ ଆସାମୀ ହେଲେ ତିଗିରିଆ ଥାନା ଅଧୀନ କରଡ଼ାପଲ୍ଲୀର ସକିଲ୍ ଖାନ୍ ଓ ବଡ଼ମ୍ବା ଥାନା ଅଞ୍ଚଳର ତଜୁଦ୍ଦିନ୍ ଖାନ୍ । ପୂର୍ବରୁ ସକିଲ ବିରୋଧରେ ଏନଏସଏ ଜାରି ହୋଇଛି । ସୂଚନା ମୁତାବକ, ତିଗିରିଆ ପୁଲିସ ରାତ୍ରକାଳୀନ ପାଟ୍ରୋଲିଂ କରୁଥିବା ବେଳେ ୨୦୨୫ ମେ ୨୫ ତାରିଖରେ ଏହି ଘଟଣା ଘଟିଥିଲା । ଖୁଣ୍ଟଣୀ-ନରସିଂହପୁର ୬୫ ନଂ ରାଜ୍ୟ ରାଜପଥ ତିଗିରିଆ ଶାସନ ଛକରେ ଏକ ନମ୍ବର ବିହୀନ ବୋଲେରୋ ଗାଡ଼ିକୁ ପାଟ୍ରୋଲିଂ ଟିମ୍ ସନ୍ଦେହରେ ଅଟକାଇଥିଲା । ହେଲେ ବୋଲେରୋ ଗାଡ଼ି କି ଉକ୍ତ ଗାଡ଼ିକୁ ସୁରକ୍ଷା ଦେଉଥିବା ଦୁଇଟି ବାଇକ୍ ଏହି ଘଟଣାରେ ପୁଲିସ ସକିଲ ଖାନ ଓ ତାଜୁଦ୍ଦିନ ଖାନ ସମେତ ଅନ୍ୟ ତିନିଜଣଙ୍କ ବିରୋଧରେ ତିଗିରିଆ ଥାନାରେ ୯୨/୨୦୨୫ରେ ଏକ ମାମଲା ତଜୁଦ୍ଦିନ୍ ସକିଲ୍ ଅଟକି ନ ଥିଲେ । ପରେ ପୁଲିସ ଟିମ୍ ଗାଡ଼ି ଓ ଦୁଇ ବାଇକ୍‌କୁ ଅଟକାଇବାରୁ ପୁଲିସ ଓ ଅଭିଯୁକ୍ତ ଯୁବକଙ୍କ ମଧ୍ୟରେ ଧସ୍ତାଧସ୍ତି ହୋଇଥିଲା । ଏଥିରେ ଜଣେ ପୁଲିସ କର୍ମଚାରୀ ଆହତ ହୋଇଥିଲେ । ରୁଜୁ କରିଥିଲା । ପରେ ଅଭିଯୁକ୍ତ ମାନଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଥିଲା । ଅଭିଯୁକ୍ତଙ୍କ ବିରୋଧରେ ଅନୁରୂପ ଭାବେ କଟକ ଜିଲ୍ଲାର ବିଭିନ୍ନ ଥାନାରେ ମାମଲା ରୁଜୁ ହୋଇଥିବା ଜଣାପଡ଼ିଥିଲା । ଶନିବାର ଏହି ମାମଲାର ବିଚାର କରି ଅଦାଲତ ଭାରତୀୟ ନ୍ୟାୟ ସଂହିତାର ଧାରା ୧୦୯ରେ ଉଭୟଙ୍କୁ ୧୦ ବର୍ଷ କାରାଦଣ୍ଡ ସହ ୫୦ ହଜାର ଟଙ୍କା ଜରିମାନା ଏବଂ ଧାରା ୧୧୧(୨)ବି ଅନୁସାରେ ଆଜୀବନ କାରାଦଣ୍ଡ ସହ ୫ ଲକ୍ଷ ଟଙ୍କା ଜରିମାନା ଆଦେଶ ଦେଇଛନ୍ତି । ସରକାରଙ୍କ ତରଫରୁ ଆଇନଜୀବୀ ଦେବାଶିଷ ସିଟ୍ ଓ ସୁଶାନ୍ତ କୁମାର ମିଶ୍ର ମାମଲା ପରିଚାଳନା କରିଥିଲେ ।

ନବରଙ୍ଗପୁରକୁ ପ୍ରଥମ ଶ୍ରେଷ୍ଠ ଜିଲ୍ଲା ଏବଂ ଶ୍ରେଷ୍ଠ ଡିଇଓ ଭାବେ ଚୟନ

ନବରଙ୍ଗପୁର (ଅମୃତ ମିଡିଆ): ମୁଖ୍ୟମନ୍ତ୍ରୀ ଶିକ୍ଷା ପୁରସ୍କାର ଅଧୀନରେ ନବରଙ୍ଗପୁରକୁ ପ୍ରଥମ ଶ୍ରେଷ୍ଠ ଜିଲ୍ଲା ଏବଂ ଶ୍ରେଷ୍ଠ ଜିଲ୍ଲାଶିକ୍ଷାଧିକାରୀ (ଡିଇଓ) ଭାବରେ ଛତ୍ରପତି ସାହୁଙ୍କୁ ପୁରସ୍କୃତ କରାଯିବ। ଏହା ଆସନ୍ତା ୫ତାରିଖ ସେପ୍ଟେମ୍ବରରେ ଲୋକସେବା ଭବନସ୍ଥିତ ରାଜ୍ୟ ସମ୍ମିଳନୀରେ ମୁଖ୍ୟମନ୍ତ୍ରୀ ତାଙ୍କୁ ସମ୍ମାନିତ କରିବେ। ଦୁଇଟି ପୁରସ୍କାର ଜିଲ୍ଲାକୁ ମିଳୁଥିବାରୁ ବୁଦ୍ଧିଜୀବୀ ମହଲରେ ପ୍ରଶଂସା କରାଯାଇଛି। ଜିଲ୍ଲାପାଳଙ୍କ ଦୂରଦୃଷ୍ଟିସମ୍ପନ୍ନ ନେତୃତ୍ୱ, ସକ୍ଷମ ମାର୍ଗଦର୍ଶନ ଏବଂ ଅଟଳ ସମର୍ଥନ ପାଇଁ ଏହି ପୁରସ୍କାର ମିଳିଛି ବୋଲି ଜିଲ୍ଲା ଶିକ୍ଷା ଅଧିକାରୀ ଶ୍ରୀ ସାହୁ କହିଛନ୍ତି। ଜିଲ୍ଲାପାଳ ମଧ୍ୟ ଡିଇଓ, ଏଡିଇଓ, ବିଇଓ, ଏବିଇଓ, ସିଆରସିସି ଓ ସମସ୍ତ ପ୍ରଧାନଶିକ୍ଷକ, ଶିକ୍ଷକ ମାନଙ୍କୁ ଶୁଭେଚ୍ଛା ଜ୍ଞାପନ କରିଛନ୍ତି।

ବଢ଼ିଚାଲିଛି ସାଇବର କ୍ରାଇମ୍; ଫେସବୁକ୍, ସ୍ନାପଚାର୍ଟରେ ବ୍ଲାକମେଲ୍

ସମ୍ବଲପୁର(ଅମୃତ ମିଡିଆ): ସମ୍ବଲପୁର ପୁଲିସକୁ ବଡ଼ ସଫଳତା । ୨ ସାଇବର ଅପରାଧୀ ଗିରଫ । ଦିନକୁ ଦିନ ବଢ଼ି ଚାଲିଛି ସାଇବର ଅପରାଧ । ସ୍ନାପଚାର୍ଟରେ ନ୍ୟୁଡ୍ କଲ କରି ବ୍ଲାକମେଲ କରୁଛନ୍ତି ଓ ପରେ ଟଙ୍କା ଲୁଟି ନେଉଛନ୍ତି ଦୁର୍ବୃତ୍ତ । ଫେସବୁକରେ ମଧ୍ୟ ବିଭିନ୍ନ ଲିଙ୍କ ପଠାଇ ଟଙ୍କା ଲୁଟୁଛନ୍ତି ସାଇବର ଲୁଟେରା । ଏଭଳି ୨ଟି ମାମଲାରେ ୨ ଅଭିଯୁକ୍ତଙ୍କୁ ଗିରଫ କରିଛି ସମ୍ବଲପୁର ପୁଲିସ । ସୂଚନା ଅନୁସାରେ, ସମ୍ବଲପୁର ଗୋବିନ୍ଦତୋଲା ଅଞ୍ଚଳର ସୁନୀଲ ସାହୁଙ୍କୁ ଫେସବୁକରେ ପେନସନ୍ ସମ୍ବନ୍ଧୀୟ ଏକ ଲିଙ୍କ ଆସିଥିଲା । ଯାହାକୁ କ୍ଲିକ୍ କରିବା ପରେ ତାଙ୍କ ଆକାଉଣ୍ଟରୁ ୭ ଲକ୍ଷ ଟଙ୍କା ଗାଏବ ହୋଇଯାଇଥିଲା । ଆକାଉଣ୍ଟରୁ କଟିଥିବା ଟଙ୍କା ମାଲେସିଆରେ ରହୁଥିବା ଜଣେ ବ୍ୟକ୍ତିଙ୍କ ଆକାଉଣ୍ଟକୁ ଯାଇଥିଲା । ମାଲେସିଆରେ ବସିଥିବା ଠକର ସହଯୋଗୀ ଉତ୍ତରଖଣ୍ଡରେ ଇଞ୍ଜଗରୁ ଟଙ୍କା ଉଠାଇଥିଲେ । ଉତ୍ତରଖଣ୍ଡ ପୋଲିସ ସହାୟତାରେ ଅଭିଯୁକ୍ତ ଅବାସ ଅଲ୍ଲୀକୁ ଗିରଫ କରିଛି ସମ୍ବଲପୁର ପୋଲିସ । ତା ନିକଟରୁ ୨ ଲକ୍ଷ ଟଙ୍କା ଜବତ କରାଯାଇଛି । ଏହାସହ ଅଭିଯୁକ୍ତର ବ୍ୟାଙ୍କ ଆକାଉଣ୍ଟକୁ ଫ୍ରିଜ୍ କରିଛି ପୋଲିସ । ଏହି ଆକାଉଣ୍ଟରେ ୫ ଲକ୍ଷ ୫୬ ହଜାର ୧୦୫ ଟଙ୍କା ରହିଛି । ମାଲେସିଆରେ ଥିବା ମୁଖ୍ୟ ଅଭିଯୁକ୍ତ ଫରିଦକୁ ଗିରଫ କରିବାକୁ ସମ୍ବଲପୁର ପୋଲିସ ତଦନ୍ତ ଚଳାଇଛି । ସେହିପରି ସ୍ନାପଚାର୍ଟରେ ଯୁବକ ଯୁବତୀଙ୍କୁ ପ୍ରେମ ଜାଲରେ ଫସାଇବା ନ୍ୟୁଡ କଲ କରି ବ୍ଲାକମେଲ କରୁଥିଲା ହରିଦ୍ୱାରର ଆୟୁଷ ସାଇନି। ଉତ୍ତରଖଣ୍ଡ ପୋଲିସର ସହାୟତାରେ ଆୟୁଷକୁ ମଧ୍ୟ ଗିରଫ କରିଛି ସମ୍ବଲପୁର ପୋଲିସ । ତେବେ ଉତ୍ତରାଖଣ୍ଡରୁ ଧରାପଡ଼ିଛନ୍ତି ୨ ଅଭିଯୁକ୍ତ ।

ଗୁଗୁଲ୍ ମ୍ୟାପ୍' ଦେଖି ଫସିଲା ଟ୍ରକ୍

ଦାରିଙ୍ଗବାଡ଼ି(ଅମୃତ ମିଡିଆ): କନ୍ଧମାଳ-ଗଞ୍ଜାମ ସୀମାରେ ରହିଥିବା ଗାଜଲବାଡ଼ି ଘାଟିରେ ଏକ ୧୬ ଚକିଆ ଟ୍ରକ୍ ଦୁର୍ଘଟଣାଗ୍ରସ୍ତ ହୋଇଛି । ଫଳରେ ଗୋପାଳପୁରଠାରୁ ରାଇପୁରକୁ ସଂଯୋଗ କରୁଥିବା ଜାତୀୟ ରାଜପଥର ଉକ୍ତ ଘାଟିରେ ଶହ ଶହ ଗାଡ଼ି ଅଟକି ରହିଛି । ପ୍ରକାଶ ଯେ, ଛତିଶଗଡ଼ରୁ ଏକ ଲୁହା ବୋଝେଇ ଟ୍ରକ୍ ଉକ୍ତ ଘାଟି ରାସ୍ତା ଦେଇ ବ୍ରହ୍ମପୁର ଅଭିମୁଖେ ଯାଉଥିଲା । ଚାଳକ ଗୁଗୁଲ୍ ମ୍ୟାପ୍ ଦେଖି ଉକ୍ତ ରାସ୍ତା ଦେଇ ଯାଉଥିବା ବେଳେ ଗାଜଲବାଡ଼ି ଘାଟିର ପ୍ରଥମ ବୁଲାଣି ପରେ ଦ୍ୱିତୀୟ ବୁଲାଣିରେ ଗାଡ଼ିଟିକୁ ଠିକ୍ ଭାବେ ମୋଡ଼ି ପାରିନଥିଲେ। ଫଳରେ ଟ୍ରକ୍‌ଟି ସିଧା ଯାଇ ରାସ୍ତା ପାର୍ଶ୍ୱରେ ଥିବା ଗାର୍ଡରେ ପିଟି ହୋଇଥିଲା। ଏହି ଦୁର୍ଘଟଣା ଯୋଗୁ ଗାଜଲବାଡ଼ି ଘାଟି ରାସ୍ତାରେ ଯାତାୟାତ ବାଧାପ୍ରାପ୍ତ ହୋଇଛି। ବାଲିଗୁଡ଼ା ଓ ଦାରିଙ୍ଗବାଡ଼ି ଦେଇ ବ୍ରହ୍ମପୁର, ସୋରଡ଼ା, ଭଞ୍ଜନଗର ଆଦି ଅଞ୍ଚଳକୁ ଯାତାୟାତ କରୁଥିବା ଗାଡ଼ିଗୁଡ଼ିକ ଅଟକି ରହିଥିବା ଜଣାପଡ଼ିଛି। ସୂଚନାଯୋଗ୍ୟ ଯେ, ଉକ୍ତ ଘାଟି ରାସ୍ତାର ସମ୍ପ୍ରସାରଣ ପାଇଁ ଜାତୀୟ ରାଜପଥ ବିଭାଗ ପକ୍ଷରୁ ମୋଟ ୭୪୨ କୋଟି ଟଙ୍କାର ଅନୁଦାନ ରହିଛି। କିନ୍ତୁ କୌଣସି କାରଣରୁ ଘାଟି ରାସ୍ତାର ସମ୍ପ୍ରସାରଣ କାର୍ଯ୍ୟରେ ବିଳମ୍ବ ଘଟୁଥିବା ଅଭିଯୋଗ ହେଉଛି। ସେପଟେ, ବିଭାଗ ପକ୍ଷରୁ ଉକ୍ତ ଘାଟି ରାସ୍ତାରେ ଭାରୀଯାନ ଚଳାଚଳ ପାଇଁ ବାରଣ କରାଯାଇଛି। ଏଥିପାଇଁ ଘାଟିର ପ୍ରଥମ ଓ ଶେଷ ମୁଣ୍ଡରେ ଦୁଇଟି ବଡ଼ ବଡ଼ ହୋର୍ଡିଂ ଲଗାଇ ସୂଚନା ମଧ୍ୟ ପ୍ରଦାନ କରାଯାଇଛି। ତଥାପି ଅନେକ ଭାରୀଯାନ ଉକ୍ତ ରାସ୍ତାରେ ଯାତାୟାତ କରି ଦୁର୍ଘଟଣାର ଶିକାର ହେଉଛନ୍ତି । ଏନେଇ ବିଭାଗ ପକ୍ଷରୁ ହୋର୍ଡିଂ ଲଗାଯାଇଥିଲେ ମଧ୍ୟ ଏହାର ତଦାରଖ କରାଯାଉନଥିବା ଅଭିଯୋଗ ହେଉଛି । ଫଳରେ ବାରମ୍ବାର ଉକ୍ତ ଘାଟିରେ ଭାରୀଯାନ ଦୁର୍ଘଟଣା ଘଟିବା ସହ ବିଭିନ୍ନ ସମସ୍ୟା ଦେଖାଦେଉଛି ।

ପାରିବାରିକ କଳହରୁ ମରଣାନ୍ତକ ଆକ୍ରମଣ
ଶ୍ୱଶୁରର କଟୁରୀ ଚୋଟରେ ଜ୍ୱାଇଁ ଗୁରୁତର

ଢେଙ୍କାନାଳ(ଅମୃତ ମିଡିଆ): ପାରିବାରିକ କଳହରୁ ମରଣାନ୍ତକ ଆକ୍ରମଣ । ଶାଶୂକୁ ମାଡ଼ ମାରିବାରୁ ଉତ୍ତେଜିତ ହେଲା ଶ୍ୱଶୁର । କଟୁରୀରେ ଜ୍ୱାଇଁକୁ କଲା ଆକ୍ରମଣ। ଶ୍ୱଶୁରର କଟୁରୀ ଚୋଟରେ ଜ୍ୱାଇଁର ଅବସ୍ଥା ଅତ୍ୟନ୍ତ ସଙ୍କଟାପନ୍ନ ହୋଇଛି। ଢେଙ୍କାନାଳ ଜିଲ୍ଲା କାମାକ୍ଷାନଗର ଥାନା ଅନ୍ତର୍ଗତ ଯନ୍ତାରିବୋଲ ଗ୍ରାମରେ ଘଟିଛି ଏଭଳି ଅଭାବନୀୟ ଘଟଣା । କଟୁରୀ ଚୋଟରେ ଗୁରୁତର ଯୁବକ ଜଣଙ୍କ ହେଲେ ଅଜୁ ବାଆଁରା । କଟୁରୀ ଚୋଟରେ ଅଜୁର ବେକ ଓ ହାତରେ ଗଭୀର କ୍ଷତ ହୋଇଛି। ଫଳରେ ତାଙ୍କ ଅବସ୍ଥା ଅତ୍ୟନ୍ତ ସଙ୍କଟାପନ୍ନ ହୋଇପଡିଛି। ଚିକିତ୍ସା ପାଇଁ ପ୍ରଥମେ ଅଜୁକୁ ଢେଙ୍କାନାଳ ଜିଲ୍ଲା ମୁଖ୍ୟ ଡାକ୍ତରଖାନାରେ ଭର୍ତ୍ତି କରାଯାଇଥିଲା । ମାତ୍ର ତାଙ୍କ ଅବସ୍ଥା ଅତି ଗୁରୁତର ଥିବା ଯୋଗୁଁ କଟକ ଏସସିବିକୁ ସ୍ଥାନାନ୍ତରିତ କରାଯାଇଛି । ସୂଚନା ମୁତାବକ ଅଜୁ ତାଙ୍କ ଶ୍ୱଶୁର ଘରେ ରୁହନ୍ତି । ତେବେ ପ୍ରଥମ ପତ୍ନୀ ଥାଇ ମଧ୍ୟ ଅନ୍ୟ ଜଣଙ୍କୁ ବିବାହ କରିବା ନେଇ ଅଜୁଙ୍କର ନିଜ ପ୍ରଥମ ପତ୍ନୀ ସହିତ ପାଟିତୁଣ୍ଡ ଲାଗି ରହିଥିଲା। ରବିବାର ମଧ୍ୟାହ୍ନରେ ପତ୍ନୀ ସହିତ ପାଟିତୁଣ୍ଡ ବେଳେ ତାଙ୍କ ଶାଶୂ ହସ୍ତକ୍ଷେପ କରିଥିଲେ। ଫଳରେ ଅଜୁ ଉତକ୍ଷିପ୍ତ ହୋଇ ଶାଶୁକୁ ମାଡ଼ ମାରିଥିଲେ । ଏହା ଦେଖି ଘରେ ଥିବା ତାଙ୍କ ଶ୍ୱଶୁର ଉପେନ୍ଦ୍ର ମୁଣ୍ଡା ଘରେ

୧୫୯ ଦିନରେ ପୁରୀବାସୀଙ୍କ ଅଟଳ ସଚେତନତା ପଦଯାତ୍ରା

ରାଜ୍ୟସ୍ତରୀୟ ହସ୍ତଶିଳ୍ପ ଓ ହସ୍ତତନ୍ତ ଶିଳ୍ପୀ ସମ୍ବର୍ଦ୍ଧନା ଉତ୍ସବ

ପୁରୀର ବିଭିନ୍ନ ଶିକ୍ଷାନୁଷ୍ଠାନରେ ଗୁରୁଦିବସ ପାଳିତ

ଅମୃତ ଦୁନିଆ

The Amruta Dunia

▶ RNI No. ODIODI / 2014 / 56157 ▶ www.amrutadunia.org

■ Vol.13, Issue.139, Monday, 7 September 2026, Puri, Pages - 24, Rs. 9/- ■ ତ୍ରୟୋଦଶ ବର୍ଷ, ସଂଖ୍ୟା-୧୩୯, ସୋମବାର, ୭ ସେପ୍ଟେମ୍ବର ୨୦୨୬, ପୁରୀ, ୨୪ ପୃଷ୍ଠା, ମୂଲ୍ୟ - ୯ ଟଙ୍କା